# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୧/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, September 21/2022 Page 16 ₹ 7.00 | ★★★★★★

୪୮ଶ ଭାଗ ୨୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 297 | ମୂଲ୍ୟ ₹୭/-



KT GLOBAL SCHOOL

Leading Residential & Dayboarding School

Situated in the foothills of the reversed Barunei Hills, a Heritage site

ADMISSIONS OPEN

ACADEMIC BATCH 2023-24 (CBSE PATTERN)

KT GLOBAL SCHOOL — VISION • COURAGE • INNOVATION — TRANSFORMING MINDS

Torchbearer of Experiential & Innovative Learning



Barunei Temple Road, Khordha, Odisha - 752057

ktglobalschool.org 9090 1111 66 9090 1111 77


୨୨ରୁ ଯୁକ୍ତ୨ ପାଠପଢ଼ା ଆରମ୍ଭ: ପୃଷ୍ଠା-୩

**ଆଜିର ସମ୍ପାଦକୀୟ** ଲୋଭ ଛାଡ଼ିବା ଅସମ୍ଭବ

# ୨୯ରୁ ଲାଗୁ ହେବ ଏଲ୍ଆର୍‌ପି

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

କରୋନା ଯୋଗୁ ଗତ ଦୁଇବର୍ଷ ପାଠପଢ଼ା ବ୍ୟାପକ କ୍ଷତି ହୋଇଥିଲା। ଏହି କ୍ଷତିକୁ ଭରଣା କରିବା ପାଇଁ ଗଣଶିକ୍ଷା ବିଭାଗ ଚେଷ୍ଟା ଜାରି ରଖିଛି। ପିଲା କିପରି ପୂର୍ବପରି ପାଠପଢ଼ାରେ ଧ୍ୟାନ ଦେବେ, ଦୁଇବର୍ଷ ପଢ଼ି ନ ଥିବା ପୁରୁଣା ପାଠ କିପରି ଶିଖିପାରିବେ, ସେଥିପାଇଁ ବିଭାଗ ପ୍ରସ୍ତୁତି ଚଳାଇଛି। ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ପ୍ରଥମେ ଲର୍ନିଂ ଏନ୍‌ହାନ୍ସମେଣ୍ଟ ପ୍ରୋଗ୍ରାମ କରାଗଲା। ଆଉ ଏବେ ଗଣଶିକ୍ଷା ବିଭାଗ ଲର୍ନିଂ ରିକଭରି ପ୍ରୋଗ୍ରାମ (ଏଲ୍ଆର୍‌ପି) ଆସନ୍ତା ୨୯ ତାରିଖରେ ଲାଗୁ କରିବାକୁ ଯାଉଛି। ସ୍କୁଲ ପିଲାଙ୍କ ନିମନ୍ତେ ଆରମ୍ଭ ହେବାକୁ ଥିବା ଏହି ଏଲ୍ଆର୍‌ପି ଲାଗି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି। ଦଶହରା ଛୁଟି ପରେ ପିଲାମାନେ ପୁରୁଣା ପାଠ ପଢ଼ିବେ। କରୋନା ସକାଶେ ଦୁଇବର୍ଷର ଶିକ୍ଷାରେ ଯେଉଁ କ୍ଷତି ହୋଇଥିଲା, ତାକୁ ଭରଣା କରିବାକୁ ଏଲ୍ଆର୍‌ପି ଜରିଆରେ ଛାତ୍ରୀଛାତ୍ରମାନେ

## ସ୍କୁଲ ପିଲା ପଢ଼ିବେ ପୁରୁଣା ପାଠ

- ସ୍ୱତନ୍ତ୍ର ପୁସ୍ତିକା ପ୍ରସ୍ତୁତ କରିଛି ଗଣଶିକ୍ଷା ବିଭାଗ
- ଅତିରିକ୍ତ କ୍ଲାସ୍‌ର ଦାୟିତ୍ୱ ନେବେ ୨ ଘରୋଇ ସଂସ୍ଥା

ଏକ୍ସଟ୍ରା (ଅତିରିକ୍ତ) କ୍ଲାସରେ ପାଠ ପଢ଼ିବେ। ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପୁସ୍ତିକା ପ୍ରସ୍ତୁତ କରିଛନ୍ତି। ଦୁଇଟି ଘରୋଇ ସଂସ୍ଥା ଦ୍ୱାରା ଶିକ୍ଷାଦାନ କରାଯିବ। ପ୍ରତିଦିନ ଦୁଇଟି ଅତିରିକ୍ତ କ୍ଲାସ ହେବ। କରୋନା ସମୟରେ ଛାତ୍ରୀଛାତ୍ରମାନେ ପୁରୁଣା ପାଠ କେତେ ପଢ଼ିଛନ୍ତି, ତାହା ଜାଣିବା ପାଇଁ ବେସ୍ ଲାଇନ ଟେଷ୍ଟ ହେବ। ଯେଉଁ ଛାତ୍ରୀଛାତ୍ର ଏଥିରେ ବିଫଳ ହେବେ, ସେମାନଙ୍କୁ ଅତିରିକ୍ତ କ୍ଲାସ ଜରିଆରେ ୨ଟି ସଂସ୍ଥା ପାଠ ପଢ଼ାଇବାକୁ ନିଷ୍ପତ୍ତି ହୋଇଛି। ସେହି ୨ ସଂସ୍ଥା ହେଲେ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ ଏବଂ ଶୁଭଦ୍ରା ଚ୍ୟାରିଟେବଲ୍ ଟ୍ରଷ୍ଟ। ଏହି କାର୍ଯ୍ୟକ୍ରମ ପାଇଁ ୭୨କୋଟି ଟଙ୍କାର ବଜେଟ ପ୍ରସ୍ତୁତ ହୋଇଛି।

ସୂଚନାନୁଯାୟୀ, ରାଜ୍ୟର ୫୫,୭୪୫ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଏଲ୍ଆର୍‌ପି ହେବ। ଶିକ୍ଷାଦାନ ପାଇଁ ଦୁଇଟି ଘରୋଇ ସଂସ୍ଥା ମଧ୍ୟରେ ସମାନ ଭାବେ ଜିଲାଗୁଡ଼ିକ ବଣ୍ଟାଯାଇଛି। ତିନି ମାସ ଭିତରେ ଏହି ପ୍ରୋଗ୍ରାମ ସରିବ। ଏ ସମ୍ପର୍କରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହ କହିଛନ୍ତି, ଏହି କାର୍ଯ୍ୟକ୍ରମ ପାଇଁ ସବୁ ପୁସ୍ତକ ପ୍ରିଣ୍ଟ ହୋଇସାରିଛି। ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଲାଗି ଓଡ଼ିଆ, ଗଣିତ ଓ ପରିବେଶ ବିଜ୍ଞାନ କ୍ଲାସ୍ ହେବ। ସେହିପରି ଚତୁର୍ଥରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଗଣିତ, ଇଂଲିଶ ଓ ବିଜ୍ଞାନ ପାଠ ପଢ଼ାଯିବ। ଏଥିଲାଗି ଆସନ୍ତା ୨୨ ତାରିଖରୁ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ☞ପୃଷ୍ଠା-୪

## 'ପରୀକ୍ଷା ଆସୁଛି: ପିଲାଙ୍କ ଉପରେ ଚାପ ବଢ଼ିବ'

ଆଗକୁ ଷାଣ୍ମାସିକ ପରୀକ୍ଷା ଆସୁଛି। ଏହି ସମୟରେ ପୁରୁଣା ପାଠ ପଢ଼ାଇବାକୁ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ କରାଯାଇଥିବା ନିଷ୍ପତ୍ତିକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରୀକ୍ଷା ଆଗକୁ ଥିବାରୁ ଏଲ୍ଆର୍‌ପି ଆରମ୍ଭ କଲେ ପିଲାଙ୍କ ଉପରେ ଚାପ ପଡ଼ିବ ବୋଲି ଭୁବନେଶ୍ୱରର ଅଭିଭାବିକା ଶାନ୍ତିଲତା ପାତ୍ର କହିଛନ୍ତି। ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ସମ୍ପ୍ରତି ଏଲ୍ଆର୍‌ପି ଆରମ୍ଭ କରାଗଲେ ପିଲା ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ ନା ପୁରୁଣା ପାଠ ପଢ଼ିବେ। ତେଣୁ ପିଲାଙ୍କ ଉପରେ ପାଠପଢ଼ାର ଚାପ ବଢ଼ିଯିବ ବୋଲି ଶାନ୍ତିଲତା କହିଛନ୍ତି। ସେହିପରି ପୁରୀର ଅଭିଭାବକ ରାମକୃଷ୍ଣ ମିଶ୍ରଙ୍କ କହିବା ହେଲା ପୂର୍ବରୁ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଗଣଶିକ୍ଷା ବିଭାଗ କହିଥିଲା। ଏହା ଆଉ ଟିକେ ପୂର୍ବରୁ ଆରମ୍ଭ କରାଯାଇଥିଲେ ଭଲ ହୋଇଥାନ୍ତା।








INSTITUTE OF ENTREPRENEURSHIP DEVELOPMENT, ODISHA
*An Institute of*
MSME Department, Govt. of Odisha

ADMISSION NOTICE 2022-23

**IMBA**

INTEGRATED MASTER OF BUSINESS ADMINISTRATION
*(Affiliated to Utkal University)*

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into **IMBA 5 years programme** for the session **2022-23.** Interested candidates can collect the Application Form personally from IED Odisha on payment of ₹ **500/-** (₹ **200/- for SC/ST/PH Candidates)** in shape of cash or DD in favour of **IED ODISHA IMBA, payable at Bhubaneswar. Details of Forms and prospectus can be downloaded from our website.**

***Hostel Facility is available in Institute's Campus.**

| | |
|---|---|
| Last date for submission of IMBA Application Form with all relevant documents and fees: | 26.09.2022 |
| Commencement of Admission into IMBA 1st Semester and 7th Semester at IED Odisha | 28.09.2022 |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 7978120939, 9437163828, 9437491548
Website : www.iedodisha.org.in, Email : iedodisha87@gmail.com



**୩୬ ୱାନ୍‌ୱେବ୍ ସାଟେଲାଇଟ୍ ଛାଡ଼ିବ ଇସ୍ରୋ**

ବ୍ୟବସାୟିକ ଉପଗ୍ରହ ଲଞ୍ଚ କରିବା ପୂର୍ବରୁ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ୱାନ୍‌ୱେବ୍ କନ୍‌ଷ୍ଟେଲେଶନର ୩୬ ସାଟେଲାଇଟ୍ ଛାଡ଼ିବାକୁ ଯାଉଛି। ଏଥିପାଇଁ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ରରେ ୱାନ୍‌ୱେବ୍ ସାଟେଲାଇଟଗୁଡ଼ିକ ପହଞ୍ଚିଛି। ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ ଭେହିକିଲ୍ ମାର୍କ୍‌-୩ (ଜିଏସ୍‌ଏଲ୍‌ଭି-ଏମ୍‌କେ୩)ରେ ଉକ୍ତ ଉପଗ୍ରହଗୁଡ଼ିକୁ ପୃଥିବୀର ନିମ୍ନ କକ୍ଷକୁ ପ୍ରେରଣ କରାଯିବ। ଏଥିପାଇଁ ବ୍ରିଟେନର ଏକ ସଂସ୍ଥା ସହ ନ୍ୟୁସ୍ପେସ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ଏସ୍‌ଆଇଏଲ୍)ର ଚୁକ୍ତି ସ୍ୱାକ୍ଷର ହୋଇଛି।

# ମ୍ୟାନ୍‌ମାରରେ ୩୦୦ ଭାରତୀୟ ପଣବନ୍ଦୀ

## ■ଥାଇଲାଣ୍ଡରେ ଚାକିରି ଦେବା ନାଁରେ ଅଟକ ରଖିଛି ଅନ୍ତର୍ଜାତୀୟ ରାକେଟ ■ଦିନକୁ ୧୫ରୁ ଊର୍ଦ୍ଧ୍ୱ ଘଣ୍ଟା କାମ, ପ୍ରତିବାଦ କଲେ ଇଲେକ୍ଟ୍ରିକ୍ ଶକ୍

**ନୂଆ ବାଟରେ କିଡ୍‌ନାପ୍, ତାହା ପୁଣି ଆଇଟି ପିଲାଙ୍କୁ। ପ୍ରଯୁକ୍ତିବିଦ୍ୟା ପୃଷ୍ଠଭୂମିର ୩୦୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଚାକିରି ଦେବା ନାଁରେ ଥାଇଲାଣ୍ଡକୁ ଡକାଗଲା। କିନ୍ତୁ ଥାଇଲାଣ୍ଡ ବଦଳରେ ସେମାନଙ୍କୁ ମ୍ୟାନ୍‌ମାର ସୀମାନ୍ତ ମ୍ୟାୱାଡ୍ଡିକୁ ନେଇ ପଣବନ୍ଦୀ ରଖାଗଲା। ମ୍ୟାୱାଡ୍ଡି ହେଉଛି ଏପରି ଏକ ଅଞ୍ଚଳ, ଯେଉଁଠି ମ୍ୟାନ୍‌ମାର ସରକାରଙ୍କ ନିୟନ୍ତ୍ରଣ ନାହିଁ। କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସଶସ୍ତ୍ର ଗୋଷ୍ଠୀ ଦଖଲରେ ଥିବା ଉକ୍ତ ଅଞ୍ଚଳରେ ଏକ ଅନ୍ତର୍ଜାତୀୟ ସାଇବର କ୍ରାଇମ୍ ରାକେଟ ଏହି ନିଯୁକ୍ତି ଆଶାୟୀମାନଙ୍କୁ ସୋସିଆଲ ମିଡିଆ ଜରିଆରେ ଭାରତୀୟଙ୍କୁ ଟାର୍ଗେଟ କରି ବେଆଇନ ଅର୍ଥ ଉପାର୍ଜନ କାର୍ଯ୍ୟରେ ନିୟୋଜିତ କରିଛି।**



**ଚେନ୍ନାଇ,୨୦।୯**

ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ଚାକିରି ଲୋଭରେ ୬୦ ତାମିଲଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଥାଇଲାଣ୍ଡ ଯିବାବେଳେ ମ୍ୟାନ୍‌ମାରରେ ଫସିଯାଇଛନ୍ତି। ନିଯୁକ୍ତି ଆଶାୟୀ ଭାରତୀୟଙ୍କୁ ସାଙ୍ଗରେ ନେଇ ଯାଉଥିବା ଏକ ଅନ୍ତର୍ଜାତୀୟ ରାକେଟ ସେମାନଙ୍କୁ ପଣବନ୍ଦୀ ରଖି ସାଇବାର ଅପରାଧ ଘଟାଇବା ପାଇଁ ବାଧ କରିଛି। ଦକ୍ଷିଣପୂର୍ବ ମ୍ୟାନ୍‌ମାରର ରାଜ୍ୟ କୟିନସ୍ଥିତ ମ୍ୟାୱାଡ୍ଡିରେ ଫସିଥିବା ଭାରତୀୟମାନଙ୍କୁ ଉଦ୍ଧାର କରିବା ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଆରମ୍ଭ ହୋଇଛି।

ଘଟଣା ସମ୍ପର୍କରେ ଅବଗତ ଥିବା ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ଭାରତୀୟ ନାଗରିକମାନଙ୍କୁ ଅନ୍ତର୍ଜାତୀୟ ଗ୍ୟାଙ୍ଗ୍ ଥାଇଲାଣ୍ଡରେ ନିଯୁକ୍ତିପ୍ରଦାନ ପ୍ରତିଶ୍ରୁତି ଦେଇ ନିଜ ଜାଲରେ ଫସାଇଥିଲା। ସେମାନଙ୍କୁ ଥାଇଲାଣ୍ଡ ନେବା ପରିବର୍ତ୍ତେ ବେଆଇନ ଭାବେ ମ୍ୟାନ୍‌ମାରକୁ ନେଇଯାଇଥିଲା। ଫସିଥିବା ଭାରତୀୟଙ୍କ ମଧ୍ୟରୁ କେତେଜଣ ତାମିଲ ସହାୟତା ଆଶାରେ ଶନିବାର ତାମିଲନାଡୁ ସରକାରଙ୍କ ନିକଟକୁ ଏକ ଭିଡିଓ ପଠାଇବା ପରେ ଏହି ବିଷୟ ସାମ୍ନାକୁ ଆସିଥିଲା। ସେମାନଙ୍କୁ ଦିନକୁ ୧୫ ଘଣ୍ଟାରୁ ଅଧିକ ସମୟ ଖଟିବାକୁ ବାଧ କରାଯାଉଛି। କଥା ନ ଶୁଣିଲେ ନିଯୁକ୍ତିଦାତା ସେମାନଙ୍କୁ ମାଡ଼ ମାରୁଛନ୍ତି। ଏପରି କି ଇଲେକ୍ଟ୍ରିକ୍ ଶକ୍ (ଝଟ୍‌କା) ମଧ୍ୟ ଦେଉଛନ୍ତି। ତେଣୁ ରାଜ୍ୟ ସରକାର ସେମାନଙ୍କୁ ତୁରନ୍ତ ଉଦ୍ଧାର କରନ୍ତୁ ବୋଲି ଉକ୍ତ ଭିଡିଓରେ ତାମିଲମାନେ ଅନୁରୋଧ କରିଛନ୍ତି। ଇତିମଧ୍ୟରେ ୟାଙ୍ଗୁନ୍‌ସ୍ଥିତ ଭାରତୀୟ ଦୂତାବାସ ସେମାନଙ୍କୁ ଉଦ୍ଧାର କରିବା ଲାଗି ମ୍ୟାନ୍‌ମାର ସରକାରଙ୍କ ସହ ଉଦ୍ୟମ ଚଳାଇଛି। ବର୍ତ୍ତମାନ ସୁଦ୍ଧା ୩୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅବଶିଷ୍ଟ ନାଗରିକଙ୍କୁ ଯଥାଶୀଘ୍ର ସମ୍ଭବ ଉଦ୍ଧାର କରିବା ପାଇଁ ଭିନ୍ନ ଉପାୟ ଆପଣାଯାଉଛି।



" ମୋତେ ସୋସିଆଲ ମିଡିଆ ଜରିଆରେ କଷ୍ଟମର୍ସଙ୍କୁ ପ୍ରଲୋଭନ ଦେଖାଇବାକୁ କୁହାଯାଇଥିଲା। ଅନ୍‌ଲାଇନ୍‌ରେ ହୋଟେଲ ବୁକ୍ କିମ୍ବା ନିବେଶ କରି ବିପୁଳ ଅର୍ଥ ଉପାର୍ଜନ କରିହେବ ବୋଲି ସେମାନଙ୍କୁ କହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନେ ସାଇବର ଫ୍ରଡ୍ ବୋଲି ମୁଁ ଜାଣିବା ପରେ କୌଶଳ କ୍ରମେ ଖସିଆସିବାରେ ସକ୍ଷମ ହୋଇଛି।

**-ଗ୍ୟାଙ୍ଗ୍ କବଳରୁ ଖସିଆସିଥିବା ଜଣେ ଭାରତୀୟ**

କାରଣ ମ୍ୟାୱାଡ୍ଡି ଅଞ୍ଚଳ ମ୍ୟାନ୍‌ମାର ସରକାରଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ନାହିଁ। ଏହି ସୀମାନ୍ତ ଅଞ୍ଚଳ କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସଶସ୍ତ୍ର ଗୋଷ୍ଠୀ ଦଖଲରେ ରହିଥିବା ମ୍ୟାନ୍‌ମାର ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ କେବଳ ଭାରତୀୟ ନୁହନ୍ତି, ଅନ୍ୟ ଦେଶର ନାଗରିକମାନେ ମଧ୍ୟ ଏହି ଗ୍ୟାଙ୍ଗ୍ ଜାଲରେ ଫସି ବର୍ତ୍ତମାନ ମୁକୁଳିବା ପାଇଁ ସହାୟତା ଲୋଡ଼ିଛନ୍ତି। ସେମାନେ ନିଜ ପରିବାରକୁ ପଠାଇଥିବା ମେସେଜ୍‌ରେ ଅପହର୍ତ୍ତାଙ୍କୁ 'ମାଲେସିଆନ୍ ଚାଇନିଜ୍' ବୋଲି ଅଭିହିତ କରିଛନ୍ତି। ଭାରତୀୟମାନଙ୍କୁ ମ୍ୟାନ୍‌ମାରରୁ ଉଦ୍ଧାର କରି ଆଣିବା ଲାଗି ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦକ ଟିଟିଭି ଦିନାକରନ ଏବଂ ତାମିଲନାଡୁର ସିପିଆଇ ସମ୍ପାଦକ ଆର୍. ମୁଥରାସନ କେନ୍ଦ୍ର ତଥା ତାମିଲନାଡୁ ସରକାରଙ୍କୁ ଅନୁରୋଧ କରିଛନ୍ତି।

### ଜଣକ ମୁଣ୍ଡରେ ୫ ଷ୍ଟିଚ୍

କରାଇକାଲମେଡୁର ୬୦ ବର୍ଷୀୟ ମତ୍ସ୍ୟଜୀବୀ ରାଜା ସୁବ୍ରମଣ୍ୟନ୍ ସୋମବାର ପୁଡୁଚେରୀର କରାଇକାଲ ଜିଲାପାଳଙ୍କୁ ମ୍ୟାନ୍‌ମାରରେ ଫସିଥିବା ତାଙ୍କ ପୁଅଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ। ସୁବ୍ରମନ୍ୟନ୍‌ଙ୍କ ବଡ଼ପୁଅ ସୁଧାକର ପୂର୍ବରୁ ଦୁବାଇରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ନିଜ ସାନଭାଇଙ୍କ ଦୁଃଖର କାହାଣୀ ଶୁଣାଇଛନ୍ତି। ସେ କହିଛନ୍ତି, କିଛି ମାସ ତଳେ ସାନଭାଇଙ୍କ ମ୍ୟାନେଜର ତାଙ୍କୁ ପଦୋନ୍ନତି ମିଳିଥିବା କହି ଥାଇଲାଣ୍ଡ ଅଫିସକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଥାଇଲାଣ୍ଡରୁ ତାଙ୍କ ସହ ଅନ୍ୟ କେତେଜଣଙ୍କୁ ବେଆଇନ ଭାବେ ସଡ଼କ ପଥରେ ମ୍ୟାନ୍‌ମାରକୁ ନିଆଯାଇଥିଲା। କିଛି ଦିନ ହେଲା ନିଯୁକ୍ତିଦାତାମାନେ ତାଙ୍କ ଭାଇ ଓ ଅନ୍ୟମାନଙ୍କୁ ବେଆଇନ କାର୍ଯ୍ୟ କରିବାକୁ ବାଧ କରୁଛନ୍ତି। ମନା କଲେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର କରୁଛନ୍ତି। ନିର୍ଯାତନାର ଶିକାର ହୋଇ ତାଙ୍କ ମୁଣ୍ଡରେ ୫ଟି ଷ୍ଟିଚ୍ ପଡ଼ିଛି।

### ସତର୍କ କରାଇଥିଲା ଭାରତୀୟ ମିଶନ

କୌଣସି ପ୍ରକାର ଚାକିରି ପ୍ରଲୋଭନରେ ନ ପଡ଼ିବା ପାଇଁ ଗତ ଜୁଲାଇ ୫ରେ ଭାରତୀୟ ମିଶନ ପକ୍ଷରୁ ଏକ ସତର୍କତା ଜାରି କରାଯାଇଥିଲା। ମ୍ୟାନ୍‌ମାର ସୀମାନ୍ତରେ ଡିଜିଟାଲ ଦୁର୍ନୀତି/କ୍ରିପ୍ଟୋ ଜାଲିଆତି ଭଳି କାର୍ଯ୍ୟରେ ନିୟୋଜିତ କେତେକ ଆଇଟି କମ୍ପାନୀ ନିକଟ ଅତୀତରେ ଏଜେଣ୍ଟମାନଙ୍କ ଜରିଆରେ ଭାରତୀୟମାନଙ୍କୁ ନିଯୁକ୍ତି ପ୍ରଦାନର ପ୍ରଲୋଭନ ଦେଖାଇବା ନେଇ ମଧ୍ୟ ମିଶନ ଜାଣିବାକୁ ପାଇଥିଲା। ପ୍ରାରମ୍ଭିକ ନିଯୁକ୍ତି ପରେ ମିଶନ ପକ୍ଷରୁ କୁହାଯାଇଥିଲା ଯେ, ଭାରତୀୟ ଶ୍ରମିକମାନଙ୍କୁ ମ୍ୟାନ୍‌ମାରକୁ ବେଆଇନ ଭାବେ ନିଆଯାଉଛି। ଦସ୍ତାବିଜ ଯାଞ୍ଚ ନ କରି ସେମାନଙ୍କୁ ନିଆଯାଉଥିବାରୁ ଭାରତୀୟମାନେ ଜାଲରେ ଫସିପାରନ୍ତି ବୋଲି ସେତେବେଳେ ସତର୍କ କରାଯାଇଥିଲା। ଅଫର୍ ଗ୍ରହଣ କରିବା ପୂର୍ବରୁ ଆବଶ୍ୟକ ସମସ୍ତ ସୂଚନା (କେଉଁ ପଦରେ ନିଯୁକ୍ତି ଦିଆଯିବ, କମ୍ପାନୀ ବିବରଣୀ, ସ୍ଥାନ, ଚାକିରି ଦେଉଥିବା ସଂସ୍ଥାର ଠିକଣା ଓ ଫୋନ୍ ନମ୍ବର ଆଦି) ନିଜ ପାଖରେ ରଖିବାକୁ କୁହାଯାଇଥିଲା।

**ସଂକ୍ଷେପରେ**

### ତାମିଲ ଅଭିନେତ୍ରୀ ଜେସିକାଙ୍କ ଆତ୍ମହତ୍ୟା



**ଚେନ୍ନାଇ,୨୦।୯:** ତାମିଲ ଅଭିନେତ୍ରୀ ପୌଲିନ୍ ଜେସିକାଙ୍କ ମୃତଦେହ ଚେନ୍ନାଇର ବିରୁଗାମ୍ବାକମ୍ ମଲ୍ଲିକା ଆଭେନ୍ୟୁ ଫ୍ଲାଟ୍‌ରୁ ରବିବାର ମିଳିଛି। ସେଠାରୁ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଜବତ ହୋଇଛି। ବିଫଳ ସମ୍ପର୍କ ତାଙ୍କ ମୃତ୍ୟୁର କାରଣ ବୋଲି ସେଥିରେ ଉଲ୍ଲେଖ ଅଛି। ଦୀପା ନାମରେ ଲୋକପ୍ରିୟ ଜେସିକାଙ୍କ ଘର ଆନ୍ଧ୍ରପ୍ରଦେଶରେ। ନିକଟରେ ମୁକ୍ତିଲାଭ କରିଥିବା ତାମିଲ ସିନେମା 'ବୈଧେ'ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

### ପାଚେରି ଭୁଶୁଡ଼ି ୪ ମୃତ

**ନୋଏଡା,୨୦।୯:** ନୋଏଡା ହାଉସିଂ ସୋସାଇଟି ପାଚେରିର କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ୪ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୮ ଜଣ ଆହତ ହୋଇଛନ୍ତି। ସେକ୍ଟର ୨୧ରେ ଥିବା ଜଳବାୟୁ ବିହାର ନିକଟରେ ପାଚେରିକୁ ଲାଗି ରହିଥିବା ଡ୍ରେନ୍ ମରାମତି କାର୍ଯ୍ୟରେ ୧୨ ଜଣ ଶ୍ରମିକ ନିୟୋଜିତ ଥିଲେ। ମଙ୍ଗଳବାର ସକାଳେ ପାଚେରି ଭୁଶୁଡ଼ି ପଡ଼ିବାରୁ ସେମାନେ ଭଗ୍ନାବଶେଷ ତଳେ ପୋତିହୋଇ ପଡ଼ିଥିଲେ। ଡ୍ରେନ୍ ମରାମତି ଲାଗି ଶ୍ରମିକ ଯୋଗାଇଥିବା ଠିକାଦାର ଗୁଲ୍ ମହମ୍ମଦଙ୍କୁ ଗିରଫ କରାଯାଇଛି।

### ହିନ୍ଦୁ ଦେବତାଙ୍କ ମୂର୍ତ୍ତି ଛୁଇଁବାରୁ ଦଳିତ ପରିବାରକୁ ୬୦ ହଜାର ଜରିମାନା

**କୋଲାର,୨୦।୯(ଆଇଏଏନ୍‌ଏସ୍):** ଜଣେ ଦଳିତ ନାବାଳକ ହିନ୍ଦୁ ମନ୍ଦିରରେ ପ୍ରବେଶ କରି ମୂର୍ତ୍ତି ଛୁଇଁଦେବାରୁ ତାଙ୍କ ପରିବାରକୁ ୬୦,୦୦୦ ଟଙ୍କା ଜରିମାନା କରାଯାଇଛି। କର୍ଣ୍ଣାଟକର କୋପ୍ପାଲ ଜିଲାରେ ଏଭଳି ଘଟଣା ଘଟିଛି। ଜିଲାର ହୁଲ୍ଲେରାହଲି ଗ୍ରାମରେ ନୂଆ ମନ୍ଦିର ନିର୍ମାଣ ହୋଇଥିବାରୁ ଗ୍ରାମବାସୀ ଉତ୍ସବର ଆୟୋଜନ କରିଥିଲେ। ମନ୍ଦିରରେ ସ୍ଥାପନ ହେବାକୁ ଥିବା ମୂର୍ତ୍ତିକୁ ଶୋଭାଯାତ୍ରାରେ ନେବା ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଦଳିତ ପିଲାଟି ଛୁଇଁଦେଇଥିଲା। ଗ୍ରାମବାସୀ ଉକ୍ତ ପିଲାକୁ ସେଠାରୁ ତଡ଼ିଦେବା ସହ ତାଙ୍କ ପରିବାରକୁ ୬୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ପୈଠ ନ କରିବା ପର୍ଯ୍ୟନ୍ତ ପିଲାଟିର ମାଆବାପାଙ୍କୁ ଗ୍ରାମରେ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ଗାଁ ମୁଖିଆ କହିଛନ୍ତି।

**ବାଇଡେନ୍‌ଙ୍କୁ ଟ୍ରମ୍ପ୍‌ଙ୍କ କଟାକ୍ଷ**

### ସ୍ଥାନ ହିଁ ସବୁକିଛି



**ୱାଶିଂଟନ୍, ୨୦।୯:** ବ୍ରିଟେନ୍ ସମ୍ରାଜ୍ଞୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଶେଷକୃତ୍ୟରେ ଯୋଗଦେବା ସମୟରେ ସୋମବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ୧୪ ନମ୍ବର ଧାଡ଼ିରେ ବସିବା ନେଇ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କୁ କଟାକ୍ଷ କରିଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ କହିଛନ୍ତି, ଆମେରିକାରେ ଦୁଇବର୍ଷ ଭିତରେ ଏମିତି କ'ଣ ହୋଇଗଲା ଯେ, ଦେଶକୁ ସମ୍ମାନ ମିଳୁନାହିଁ।

## ଭାରତ-ଇଜିପ୍ଟ ପ୍ରତିରକ୍ଷା ଏମ୍‌ଓୟୁ

**କାଇରୋ,୨୦।୯**

ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଇଜିପ୍ଟ ଗସ୍ତ ଅବସରରେ ମଙ୍ଗଳବାର ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବୃଦ୍ଧି ଲାଗି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ୩ ଦିନିଆ ଗସ୍ତରେ ଯାଇଥିବା ରାଜନାଥ ତାଙ୍କ ଇଜିପ୍ଟ ପ୍ରତିପକ୍ଷ ମହମ୍ମଦ ଜକିଙ୍କ ସହ ପ୍ରତିରକ୍ଷା ସହଯୋଗ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ମିଳିତ ସମରାଭ୍ୟାସ, ଆତଙ୍କବାଦ ନିରୋଧୀ ଅଭିଯାନ ଲାଗି ପ୍ରଶିକ୍ଷକ ବିନିମୟ ଆଦି ପ୍ରସଙ୍ଗରେ ସହମତି ପ୍ରକାଶ ପାଇଥିବା ରାଜନାଥ ଟ୍ୱିଟ୍ କରିଛନ୍ତି।

## ବେଙ୍ଗାଲୁରୁ ଡାକ୍ତରଙ୍କୁ ହତ୍ୟା

**ବେଙ୍ଗାଲୁରୁ,୨୦।୯**

**ଭାବୀସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଶେୟାର କରିଥିଲେ**



ବିକାଶ ରଞ୍ଜନ

ଭାବୀସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ସୋସିଆଲ ଶେୟାର କରିବାରୁ ବେଙ୍ଗାଲୁରୁର ଜଣେ ଡାକ୍ତରଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବିଟିଏମ୍ ଲେଆଉଟରେ ରହୁଥିବା ଡା. ବିକାଶ ରଞ୍ଜନ(୨୭)। ଘଟଣାରେ ପୋଲିସ ଯୁବତୀଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରିଛି। ବିକାଶ ୟୁକ୍ରେନ୍‌ରେ ଏମ୍‌ବିବିଏସ୍ କରିଥିଲେ। ୨ ବର୍ଷ ପୂର୍ବର ସେ ଚେନ୍ନାଇ ଆସି ପ୍ରାକ୍ଟିସ୍ କରିଥିଲେ। ପରେ ସେ ଫରେନ୍ ମେଡିକାଲ ଗ୍ରାଜୁଏଶନ ପରୀକ୍ଷା (ଏଫ୍‌ଏମ୍‌ଜିଇ) ପାଇଁ ବେଙ୍ଗାଲୁରୁ ଯାଇଥିଲେ। ଜଣେ ଯୁବତୀଙ୍କ ସହ ବିକାଶ ୨ ବର୍ଷ ହେଲା ସମ୍ପର୍କ ରଖିଥିଲେ। ଉଭୟଙ୍କ ବିବାହ ପାଇଁ ଦୁଇ ପକ୍ଷର ପରିବାର ମଧ୍ୟ ରାଜି ହୋଇଥିଲେ। ବିକାଶ ତାଙ୍କର ଜଣେ ସାଙ୍ଗଙ୍କ ନାମରେ ସୋସିଆଲ ମିଡିଆରେ ଏକ ଆକାଉଣ୍ଟ ଖୋଲି ଭାବୀସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଅପ୍‌ଲୋଡ୍ କରିବା ସହ ଅନ୍ୟମାନଙ୍କ ସହ ମଧ୍ୟ ତାହାକୁ ଶେୟାର କରିଥିଲେ। ଗତ ୮ ତାରିଖରେ ଯୁବତୀ ଇନ୍‌ଷ୍ଟାରେ ଏଭଳି ଫଟୋ ଦେଖିବା ପରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଯୁବତୀ ଜଣକ ତାଙ୍କ ଦୁଇ ସାଙ୍ଗ ସୁଶୀଲଙ୍କୁ ଜଣାଇଥିଲେ। ଆଉ ଦୁଇ ସହଯୋଗୀ ଗୌତମ ଏବଂ ସୁନୀଲଙ୍କ ସହ ମିଶି ବିକାଶଙ୍କୁ ବୁଦ୍ଧି ଶିଖାଇବାକୁ ଯୋଜନା କରିଥିଲେ। ଗତ ୧୦ ତାରିଖରେ ଯୁବତୀ ଜଣକ ବିକାଶଙ୍କୁ ସୁଶୀଲଙ୍କ ଘରକୁ ଡାକି ମାଡ଼ ମାରିଥିଲେ। ବନ୍ଧୁଙ୍କ ସହ ମାଡ଼ଗୋଳ ହେବା ପରେ ବିକାଶ ଆହତ ହୋଇଥିବା ନେଇ ପ୍ରଥମେ ଯୁବତୀ ଜଣକ ବିକାଶଙ୍କ ଭାଇଙ୍କୁ ଜଣାଇଥିଲେ। ବିକାଶ ଅଚେତ ହୋଇପଡ଼ିବା ପରେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଯୁବତୀଙ୍କ ସମେତ ସୁଶୀଲ ଓ ଗୌତମଙ୍କୁ ଗିରଫ କରିଛି।

## ପାନଛେପକୁ ବିରୋଧ କରିବାରୁ ଗାଡ଼ି ମଡ଼ାଇ ହତ୍ୟା

**ବାରାଣସୀ,୨୦।୯**

ପାନଛେପ ପକାଇବାକୁ ଜଣେ ୫୯ ବର୍ଷୀୟ ବ୍ୟକ୍ତି ବିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ଉପରେ ଗାଡ଼ି ମଡ଼ାଇଦେଇଛନ୍ତି। ଉତ୍ତରପ୍ରଦେଶର ବାରାଣସୀ ସହର ଅନ୍ତର୍ଗତ ସିଗ୍ରାରେ ରବିବାର ରାତିରେ ଏହି ଘଟଣା ଘଟିଛି। ପୋଲିସ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ଆଇପିସିର ଧାରା ୨୭୯(ବେପରୁଆ ଗାଡ଼ିଚାଳନା) ଏବଂ ୩୦୪ଏ (ଦାୟିତ୍ୱହୀନତାରୁ ମୃତ୍ୟୁ)ରେ ମାମଲା ରୁଜୁ କରିଛି। ପାନଛେପକୁ ବିରୋଧ ଯୋଗୁ ଜାଣିଶୁଣି ଗାଡ଼ି ମଡ଼ାଇଦେବା ଅଭିଯୋଗକୁ କମିଶନରେଟ୍ ପୋଲିସ ଅସ୍ୱୀକାର କରିଛି। ପୋଲିସରେ ହୋଇଥିବା ଅଭିଯୋଗ ଅନୁଯାୟୀ, ନୁଆଓ ଅଞ୍ଚଳର ଦେବକରନ ପାଣ୍ଡେ ଏବଂ ତାଙ୍କ ସମ୍ପର୍କୀୟ ରାଜେନ୍ଦ୍ର କୁମାର ପାଣ୍ଡେ ରବିବାର ରାତିରେ ଦୁଇଟି ବାଇକ୍‌ରେ ଘରକୁ ଫେରୁଥିବାବେଳେ ସିଗ୍ରା ଥାନା ଅନ୍ତର୍ଗତ ଆନ୍ଧ୍ରାପୁଲ ନିକଟରେ ଏସ୍‌ୟୁଭିରୁ ଛେପ ପକାଉଥିବା ଯାତ୍ରୀଙ୍କୁ ବିରୋଧ କରିଥିଲେ। ଏହା ପରେ ଏସ୍‌ୟୁଭି ଚାଳକ ଜାଣିଶୁଣି ଦେବକରନଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଗୁରୁତର ଦେବକରନଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୨ ଜଣଙ୍କୁ ଗିରଫ କରିଥିବାବେଳେ ଏସ୍‌ୟୁଭିରେ ଥିବା ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି।



ତୁର୍କୀର ଇସ୍‌କେନ୍ଦେରୁମ୍ ବନ୍ଦରରେ ପଣ୍ୟ ସାମଗ୍ରୀ ଓହ୍ଲାଇବାବେଳେ ଜାହାଜଟି ଓଲଟି ପଡ଼ିଛି। ୧୯୮୪ରେ ନିର୍ମିତ ଇଜିପ୍ଟର ଏହି କାର୍ଗୋ ଶିପ୍ ଶନିବାର ମର୍ସିନରୁ ଆସି ପହଞ୍ଚିବା ପରେ ବୁଡ଼ିଯାଇଥିଲା। ଏହି ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ବନ୍ଦର ଅଧିକାରୀମାନେ ଦୁର୍ଘଟଣାର କାରଣ ଖୋଜୁଛନ୍ତି।

## ରାଣେଙ୍କ ଘର ଭାଙ୍ଗିବାକୁ ହାଇକୋର୍ଟ ନିର୍ଦ୍ଦେଶ

**ମୁମ୍ବାଇ,୨୦।୯**



କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେଙ୍କର ମୁମ୍ବାଇର ଜୁହୁ ଅଞ୍ଚଳରେ ଥିବା ବେଆଇନ ବଙ୍ଗଳାକୁ ୨ ସପ୍ତାହ ମଧ୍ୟରେ ଭାଙ୍ଗିଦେବା ଲାଗି ବମ୍ବେ ହାଇକୋର୍ଟ ମଙ୍ଗଳବାର ମୁମ୍ବାଇ ପୌର ନିଗମକୁ ନିର୍ଦ୍ଦେଶ ଦେଇଛି। ଏଥିସହିତ ଅଦାଲତ ରାଣେଙ୍କ ଉପରେ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଉକ୍ତ ଅର୍ଥ ମହାରାଷ୍ଟ୍ର ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବିଲ୍ଡିଂ ନିର୍ମାଣରେ ଫ୍ଲୋର୍ ସ୍ପେସ୍ ଇଣ୍ଡେକ୍ସ (ଏଫ୍‌ଏସ୍‌ଆଇ) ଏବଂ କୋଷ୍ଟାଲ ରେଗୁଲେଶନ ଜୋନ୍(ସିଆର୍‌ଜେଡ୍) ନିୟମର ଉଲ୍ଲଂଘନ ହୋଇଥିବା ଜଷ୍ଟିସ୍ ଆର୍.ଡି. ଦନୁକା ଏବଂ କମଲ ଖତାଙ୍କ ଖଣ୍ଡପୀଠ କହିଛନ୍ତି। ରାଣେ ପରିବାର ଦ୍ୱାରା ପରିଚାଳିତ କମ୍ପାନୀ କାଲ୍‌କା ରିଅଲ ଇଷ୍ଟେଟ୍ସର ଦ୍ୱିତୀୟ ଆବେଦନକୁ ଅନୁମତି ନ ଦେବା ଲାଗି ଖଣ୍ଡପୀଠ ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି)କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟରେ ଆବେଦନ ଲାଗି ୬ ସପ୍ତାହ ସମୟ ଦେବାକୁ ରାଣେଙ୍କ ଓକିଲ ଶାର୍ଦ୍ଦୂଳ ସିଂ କରିଥିବା ଆବେଦନକୁ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ସୂଚନାଯୋଗ୍ୟ, ନିର୍ମାଣ ନିୟମ ଉଲ୍ଲଂଘନ କାରଣରୁ ବିଏମ୍‌ସି କାଲ୍‌କା ରିଅଲ ଇଷ୍ଟେଟ୍ସର ଆବେଦନକୁ ଗତ ଜୁନ୍‌ରେ ଖାରଜ କରିଦେଇଥିଲା। ଜୁଲାଇରେ କମ୍ପାନୀ ପକ୍ଷରୁ ଦ୍ୱିତୀୟ ଆବେଦନ କରାଯାଇଥିଲା।

## ପଞ୍ଜାବ ଜେଲରେ ଜୀବନସାଥୀଙ୍କ ସହ ସମୟ ବିତାଇବେ କଏଦୀ

**ଚଣ୍ଡିଗଡ଼,୨୦।୯**

ବିଭିନ୍ନ ଅପରାଧରେ ପଞ୍ଜାବ ଜେଲରେ ବନ୍ଦୀ ଥିବା କଏଦୀମାନେ ନିଜ ଜୀବନସାଥୀଙ୍କ ସହ କିଛି ଘଣ୍ଟା ବିତାଇପାରିବେ। ଏଥିପାଇଁ ସ୍ୱତନ୍ତ୍ର କୋଠରିର ବ୍ୟବସ୍ଥା କରାଯାଇଛି। ମଙ୍ଗଳବାରଠାରୁ କଏଦୀଙ୍କୁ ଏହି ସୁବିଧା ମିଳିଛି। ଏପରି କରିବାରେ ପଞ୍ଜାବ ଦେଶର ପ୍ରଥମ ରାଜ୍ୟ ହୋଇଛି। ତେବେ ଗ୍ୟାଙ୍ଗଷ୍ଟର୍, ଦୁର୍ଦ୍ଦାନ୍ତ ଅପରାଧୀ କିମ୍ବା ଯୌନ ଅପରାଧରେ ଜେଲଦଣ୍ଡ ଭୋଗୁଥିବା ବନ୍ଦୀଙ୍କୁ ଏହି ସୁବିଧା ମିଳିବ ନାହିଁ। ଜେଲରେ ଭଲ ବ୍ୟବହାର ଥିବା କଏଦୀ ୩ ମାସରେ ଥରେ ୨ ଘଣ୍ଟା ପାଇଁ ସ୍ତ୍ରୀ/ସ୍ୱାମୀଙ୍କୁ ଭେଟିପାରିବେ।



ପ୍ରାଥମିକ ଭାବେ ଗୌଣ୍ଡୱାଲ ସାହିବରେ ଥିବା ସେଣ୍ଟ୍ରାଲ ଜେଲ ଏବଂ ବଠିଣ୍ଡାରେ ଥିବା ମହିଳା କାରାଗାରରେ ବନ୍ଦୀଙ୍କ ସ୍ତ୍ରୀ/ସ୍ୱାମୀଙ୍କୁ ଆସିବାକୁ ଅନୁମତି ମିଳିବ। ସ୍ୱତନ୍ତ୍ର କୋଠରିରେ ବାଥରୁମ୍‌ର ବ୍ୟବସ୍ଥା ରହିଛି। ଯେଉଁମାନେ ଦୀର୍ଘ ଦିନ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗୁଛନ୍ତି ବା ଭୋଗିବେ ସେମାନଙ୍କୁ ପ୍ରାଥମିକତା ଦିଆଯିବ। ଏହାଦ୍ୱାରା ବନ୍ଦୀଙ୍କ ସ୍ୱଭାବ ଓ ବ୍ୟବହାର ଉନ୍ନତ ହେବା ସହ ସେମାନଙ୍କ ବୈବାହିକ ସମ୍ପର୍କ ମଧ୍ୟ ମଜଭୁତ ହୋଇପାରିବ ବୋଲି କୁହାଯାଇଛି। ବନ୍ଦୀଙ୍କୁ ଭେଟିବାକୁ ଆସୁଥିବା ବ୍ୟକ୍ତି ସେମାନଙ୍କ ବିବାହ ସାର୍ଟିଫିକେଟ ଆଣିବା ବାଧ୍ୟତାମୂଳକ। ଏଥିସହ ସେମାନେ ଯୌନ ସଂକ୍ରମଣ ଜନିତ ରୋଗ, କୋଭିଡ୍ କିମ୍ବା ଏଚ୍‌ଆଇଭିରେ ପୀଡ଼ିତ ନ ଥିବାର ମେଡିକାଲ ପ୍ରମାଣପତ୍ର ଆଣିବେ। ବନ୍ଦୀମାନେ ସେମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଜେଲ ପରିସରରେ ଏକାଠି ଖାଇପାରିବେ ବୋଲି କିଛିଦିନ ତଳେ ରାଜ୍ୟ କାରାଗାର ବିଭାଗ ଏକ ଯୋଜନା ଆରମ୍ଭ କରିଛି।

## ଭୋକରେ ମରୁଛନ୍ତି ୪ ସେକେଣ୍ଡରେ ଜଣେ

**ନ୍ୟୁୟର୍କ,୨୦।୯**

ବିଶ୍ୱରେ ଖାଦ୍ୟ ସଙ୍କଟ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଖାଦ୍ୟ ଅଭାବରୁ ପ୍ରତି ୪ ସେକେଣ୍ଡରେ ଜଣଙ୍କର ମୃତ୍ୟୁ ଘଟୁଛି। ଏ ନେଇ ୨୦୦ରୁ ଊର୍ଦ୍ଧ୍ୱ ଏନ୍‌ଜିଓ ମଙ୍ଗଳବାର ଚେତାବନୀ ଦେବା ସହ କ୍ଷୁଧା ଦୂର କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ପଦକ୍ଷେପ ନେବାକୁ ହେବ ବୋଲି କହିଛନ୍ତି। ଏ ନେଇ ନ୍ୟୁୟର୍କରେ ଆୟୋଜିତ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ଏକତ୍ରିତ ହୋଇଥିବା ବିଶ୍ୱନେତାମାନଙ୍କୁ ଏକ ଖୋଲା ଚିଠି ଲେଖାଯାଇଛି। ଏଥିରେ ଅକ୍ସଫାମ୍, ସେଭ୍ ଦ ଚିଲ୍‌ଡ୍ରେନ୍ ଆଣ୍ଡ ପ୍ଲାନ୍ ଇଣ୍ଟରନ୍ୟାଶନାଲ ସମେତ ୭୫ରୁ ଊର୍ଦ୍ଧ୍ୱ ଦେଶର ୨୩୮ ସଂସ୍ଥା କ୍ଷୁଧା ବୃଦ୍ଧି ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଛନ୍ତି।



ବିବୃତିରେ କୁହାଯାଇଛି, ସମ୍ପ୍ରତି ବିଶ୍ୱର ୩୪ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଭୟଙ୍କର କ୍ଷୁଧାର ସାମ୍ନା କରୁଛନ୍ତି। ୨୦୧୯ ତୁଳନାରେ ଏହି ସଂଖ୍ୟା ଦ୍ୱିଗୁଣିତ ହେଉଛି। ଏକବିଂଶ ଶତାବ୍ଦୀରେ ଭୋକଜନିତ ଅକାଳ ମୃତ୍ୟୁ ରୋକିବା ପାଇଁ ବିଶ୍ୱ ନେତାମାନେ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ବିଫଳ ହୋଇଛି। ସୋମାଲିଆରେ କ୍ଷୁଧାମୃତ୍ୟୁ ଅନିୟନ୍ତ୍ରିତ ହୋଇଛି। ୪୫ ଦେଶରେ ପ୍ରାୟ ୫ କୋଟି ଲୋକ ଖାଦ୍ୟାଭାବରୁ ମୃତ୍ୟୁର ଦ୍ୱାରଦେଶରେ। ପ୍ରତିଦିନ ଭୋକରେ ଅନ୍ୟୂନ ୧୯,୭୦୦ ଲୋକଙ୍କ ଜୀବନ ଯାଉଛି। ସେହି ହିସାବରେ ପ୍ରତି ୪ ସେକେଣ୍ଡରେ ଜଣଙ୍କ ମୃତ୍ୟୁ ଘଟୁଥିବା ଏନ୍‌ଜିଓଗୁଡ଼ିକ କହିଛନ୍ତି। କୃଷି ଏବଂ ଫସଲ ଅମଳ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଲବ୍ଧ ହେବା ସତ୍ତ୍ୱେ ଏକବିଂଶ ଶତାବ୍ଦୀରେ ଭୋକ ଓ ଅକାଳ ମୃତ୍ୟୁ ପ୍ରସଙ୍ଗରେ ଆଲୋଚନା ହେବା ଦୁର୍ଭାଗ୍ୟଜନକ ବୋଲି ୟେମେନ୍ ଫ୍ୟାମିଲି କେୟାର ଆସୋସିଏଶନ ପକ୍ଷରୁ ଉକ୍ତ ଚିଠିରେ କୁହାଯାଇଛି। ଆଉ ଅପେକ୍ଷା ନ କରି କ୍ଷୁଧା ସମସ୍ୟାର ଦୀର୍ଘକାଳୀନ ସମାଧାନ ପାଇଁ ରାସ୍ତା ବାହାର କରିବା ସହ ପିଲାଙ୍କ ଭବିଷ୍ୟତ ରକ୍ଷା କରାଯିବା ଦିଗରେ ପଦକ୍ଷେପ ନିଆଯିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ଉକ୍ତ ଏନ୍‌ଜିଓ କହିଛି।

ପୂର୍ବରୁ ଜାତିସଂଘର ବିଶ୍ୱ ଖାଦ୍ୟ ପ୍ରୋଗ୍ରାମର ନିର୍ଦ୍ଦେଶକ ଡେଭିଡ୍ ବେସ୍‌ଲି ମଧ୍ୟ ବୈଶ୍ୱିକ ଖାଦ୍ୟ ସଙ୍କଟକୁ ନେଇ ଚେତାବନୀ ଦେଇଥିଲେ। କ୍ଷୁଧା କବଳରେ ଛଟପଟ ହେଉଥିବା ୩୪ କୋଟି ୫୦ ଲକ୍ଷ ଲୋକଙ୍କ ମଧ୍ୟରୁ ୭୦% କେବଳ ୟୁକ୍ରେନ୍ ଯୁଦ୍ଧର ଭୟାବହ ପରିଣାମ ଭୋଗୁଛନ୍ତି ବୋଲି ସେ କହିଥିଲେ। ଏଥିସହ କରୋନା ମହାମାରୀ ମଧ୍ୟ ଖାଦ୍ୟସଙ୍କଟ ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ବୋଲି ସେ ଦର୍ଶାଇଥିଲେ।

**■ବୈଶ୍ୱିକ ଖାଦ୍ୟ ସଙ୍କଟ ନେଇ ୨୦୦ ଏନ୍‌ଜିଓର ଚେତାବନୀ**

**■କ୍ଷୁଧା କବଳରେ ୩୪.୫ କୋଟି**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୭୮,୦୨,୯୨୬ | ୬୫,୩୨,୪୦୦ | ୫୯,୭୬,୫୯,୯୩୯ |
| ଭାରତ | ୪,୪୫,୪୩,୦୮୯ | ୫,୨୮,୩୭୦ | ୪,୩୯,୬୭,୩୪୦ |
| ଓଡ଼ିଶା | ୧୩,୩୨,୦୮୨ | ୯୧୮୬(+୫୩) | ୧୩,୨୧,୩୪୪ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୨୨ରୁ ଯୁକ୍ତ ୨ ପାଠପଢ଼ା ଆରମ୍ଭ

- ସରିଲା ସ୍ପଟ୍ ନାମଲେଖା
- ୧,୩୩,୦୭୨ ସିଟ୍ ବଳକା ପଡ଼ିଛି

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ରାଜ୍ୟରେ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଆସନ୍ତା ୨୨ ତାରିଖରୁ ଯୁକ୍ତ୨ ପାଠପଢ଼ା ଆରମ୍ଭ ହେବ। ଏନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ଏବେ ସାଢ଼େ ୩ଲକ୍ଷ ଛାତ୍ରୀଛାତ୍ର ଯୁକ୍ତ୨ରେ ନାମ ଲେଖାଇ ସାରିଲେଣି। ତେଣୁ ବିଳମ୍ବ ନ କରି କ୍ଲାସ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏବେ କିଛି କଲେଜରେ ଛାତ୍ରୀଛାତ୍ରମାନେ ନାମ ଲେଖାଇ ନାହାନ୍ତି। ସେମାନେ ଆସନ୍ତା ଅକ୍ଟୋବର ମାସରେ ନାମ ଲେଖାଇବେ। ହେଲେ ତା' ପୂର୍ବରୁ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଠପଢ଼ା ହେବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଜୁଲାଇ ୨୭ରେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ଏବଂ ଅଗଷ୍ଟ ୮ରେ କଳା, ଧନ୍ଦାମୂଳକ ଶିକ୍ଷା ଫଳ ପ୍ରକାଶ ପାଇଥିଲା। ଅଗଷ୍ଟ ୧୯ରୁ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ ହୋଇଥିଲା। ୨୫ତାରିଖରେ ଏହା ଶେଷ ହେବାକୁ ଥିବାବେଳେ ରାଜ୍ୟରେ ବନ୍ୟା ପରିସ୍ଥିତି ଯୋଗୁ ନାମଲେଖାକୁ ୩ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶେଷ ହେବା ପରେ ମଙ୍ଗଳବାର ସ୍ପଟ ନାମଲେଖା ଶେଷ ହୋଇଛି। ରାଜ୍ୟର ୨,୦୬୫ ଉଚ୍ଚ ମାଧ୍ୟମିକ ସ୍କୁଲରେ ମଙ୍ଗଳବାର ସୁଦ୍ଧା ୩,୭୪,୭୫୦ ଛାତ୍ରୀଛାତ୍ର ନାମ ଲେଖାଇଥିବା ଜଣାପଡ଼ିଛି। ମୋଟ ୫,୦୭,୮୨୨ ସିଟ୍ ଥିବା ବେଳେ ସମସ୍ତ ନାମଲେଖା ପରେ ଏବେ ୧,୩୩,୦୭୨ ସିଟ୍ ବଳକା ପଡ଼ିଛି। କଳାରେ ୨,୩୭,୯୮୯ଜଣ ନାମ ଲେଖାଇଥିବା ବେଳେ ୩୯,୨୨୯ ସିଟ୍ ଖାଲି ପଡ଼ିଛି। ସେହିପରି ବିଜ୍ଞାନରେ ୧,୦୪,୧୪୫ ଏବଂ ବାଣିଜ୍ୟରେ ୨୨,୪୪୫ଜଣ ନାମ ଲେଖାଇଥିବା ବେଳେ ବିଜ୍ଞାନରେ ୫୭,୬୨୭ ଏବଂ ବାଣିଜ୍ୟରେ ୨୨,୮୮୭ ସିଟ୍ ବଳକା ପଡ଼ିଛି। ଏହା ବ୍ୟତୀତ ସଂସ୍କୃତରେ ୫,୯୪୪ ଓ ଧନ୍ଦାମୂଳକ ଶିକ୍ଷାରେ ୪,୨୨୭ଜଣ ନାମ ଲେଖାଇଛନ୍ତି ଏବଂ ସଂସ୍କୃତରେ ୭,୩୨୪ ଓ ଧନ୍ଦାମୂଳକ ଶିକ୍ଷାରେ ୬,୦୦୫ ସିଟ୍ ଏବେ ଖାଲି ପଡ଼ିଛି। ଅପରପକ୍ଷେ ରାଜ୍ୟ ସରକାର ଚଳିତବର୍ଷ ପ୍ରଥମ ଥର ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପୁଣିଥରେ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ଯାହାକି ଗତ ୧୦ ତାରିଖରୁ ଆରମ୍ଭ ହୋଇଛି। ଏଥିରେ ପୂର୍ବରୁ ଯେଉଁ ପିଲାମାନେ ଆବେଦନ କରି ନ ଥିଲେ ସେମାନେ ମଧ୍ୟ ଆବେଦନ କରିପାରିବେ। ଏହି ଆବେଦନ ପ୍ରକ୍ରିୟା ୨୭ତାରିଖ ରାତି ୧୧ଟା ୫୫ରେ ଶେଷ ହେବ। ଅକ୍ଟୋବର ୧ ଅପରାହ୍ଣ ୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୧ ରୁ ୧୩ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ରମାନେ ନାମ ଲେଖାଇବେ। ୧୮ ତାରିଖ ଅପରାହ୍ଣ ୨ଟାରେ ସ୍ପଟ ନାମଲେଖା ପାଇଁ ତାଲିକା ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ପ୍ରକାଶ ପାଇବ। ଏହି ତାଲିକା ଧାର୍ଯ୍ୟ ସିଟ୍‌ର ୫ଗୁଣ ରହିବ। ୧୮ ତାରିଖ ଅପରାହ୍ଣ ସାଢ଼େ ୨ଟାରୁ ୧୯ ତାରିଖ ଅପରାହ୍ଣ ୪ଟା ଭିତରେ ମନୋନୀତ ଛାତ୍ରୀଛାତ୍ରମାନେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ସ୍କୁଲରେ ନାମ ପଞ୍ଜୀକରଣ କରିବେ। ୨୦ତାରିଖ ପୂର୍ବାହ୍ଣ ୧୧ଟା ୫୦ରେ ସ୍ପଟ ନାମଲେଖା ପାଇଁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ରମାନେ ୨୦ତାରିଖ ଅପରାହ୍ଣ ୨ଟାରୁ ୨୧ ତାରିଖ ଅପରାହ୍ଣ ୪ଟା ଭିତରେ ନାମ ଲେଖାଇବେ।



ଷୋଳପୁଅ ମା' ଘଟ ବିସର୍ଜନ ଅବସରରେ ମଙ୍ଗଳବାର କଟକ ଦେୱାନ ବଜାର ତନ୍ତିସାହି ଅଞ୍ଚଳରେ ମହିଳାମାନେ ଘଟ ନେଇ ପୂଜାସ୍ଥଳକୁ ଶୋଭାଯାତ୍ରାରେ ଯାଉଛନ୍ତି।

# ବଡ଼ଭାଇ ମାଡ଼ରେ ସାନ ମୃତ

- ପାଠ ପଢୁ ନ ଥିଲେ ସାନ ଭାଇ
- ଏମ୍‌ବିଏ ପଢୁଆ ବଡ଼ଭାଇ ଗିରଫ

ଭୁବନେଶ୍ୱର, ୨୦।୯ (ବ୍ୟୁରୋ)

ରାଜଧାନୀରେ ଏକ ଅଭାବନୀୟ ଘଟଣା ଘଟିଛି। ସାନଭାଇକୁ ଆକଟ କରି ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରାଜମୋହନ ସେନାପତି (୨୧)। ନୟାପଲ୍ଲୀ ଥାନା ପୋଲିସ ଏହି ଘଟଣାରେ ଏକ ହତ୍ୟା ମାମଲା (ନଂ.୬୨୯/୨୦୨୨) ରୁଜୁ କରି ଅଭିଯୁକ୍ତ ବଡ଼ଭାଇ ବିଶ୍ୱମୋହନ ସେନାପତି (୨୪)ଙ୍କୁ ମଙ୍ଗଳବାର ଗିରଫ କରିଛି। ତାଙ୍କ ଘର ନୟାଗଡ଼ ଜିଲା ଇଟାମାଟି ଥାନା ଅନ୍ତର୍ଗତ ବାରୁଡ଼ ଗ୍ରାମରେ ହୋଇଥିବାବେଳେ ସେ ନୟାପଲ୍ଲୀ ନୂଆସାହିରେ ରହୁଥିଲେ। ଅପରପକ୍ଷରେ ରାଜମୋହନଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ମାଡ଼ରେ ବ୍ୟବହୃତ ଏକ ଆଲୁମିନିୟମ୍ ପ୍ଲେଟ୍ ଜବତ ହୋଇଛି। ଅଭିଯୁକ୍ତ ବଡ଼ଭାଇ ବିଶ୍ୱମୋହନଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ବଡ଼ଭାଇ ବିଶ୍ୱମୋହନ ତାଙ୍କ ୨ ସାଙ୍ଗଙ୍କ ସହ ନୂଆସାହିରେ ରହୁଛନ୍ତି। ସେ ଏମ୍‌ବିଏ ପଢ଼ିଥିଲେ। କିଛିଦିନ ତଳେ ସେ ବ୍ୟାଙ୍କରେ




ରାଜମୋହନ ଓ ବିଶ୍ୱମୋହନ

ଏକ ସ୍ୱତନ୍ତ୍ର ପଦବୀରେ ଚାକିରି ପାଇଁ ପ୍ରିଲିମ୍ ଓ ମେନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କର କେବଳ ବ୍ୟକ୍ତିଗତ ସାକ୍ଷାତ୍‌କାର ବାକି ଥିଲା। ଏପଟେ ସାନ ଭାଇ ରାଜମୋହନ ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ ବି.ଇଡି କରିବା ସହ ପ୍ରତିଯୋଗିତାମୂଳକ(କମ୍ପିଟେଟିଭ) ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ସେ ୨ସାଙ୍ଗଙ୍କ ସହ ବରମୁଣ୍ଡାରେ ରହୁଥିଲେ। ତେବେ ରାଜମୋହନ ପାଠ ଠିକ୍ ଭାବେ ପଢୁ ନ ଥିଲେ। ସେ ପ୍ରାୟ ସମୟରେ ଘରକୁ ପଳାଇଯାଇ ଟଙ୍କା ଚୋରି କରି ଆଣି ଏଠାରେ ବ୍ୟାପକ ଖର୍ଚ୍ଚ କରୁଥିଲେ। ଏଥିପାଇଁ ପରିବାର ସଦସ୍ୟ ମଧ୍ୟ ମାନସିକ ଚିନ୍ତାରେ ରହୁଥିଲେ। ତେଣୁ ରାଜମୋହନଙ୍କୁ ସୋମବାର ସନ୍ଧ୍ୟାରେ ବିଶ୍ୱମୋହନ ନୂଆସାହିସ୍ଥିତ ଭଡ଼ାଘରକୁ ନେଇ ଆସିଥିଲେ। ସେଠାରେ ରାଜମୋହନଙ୍କୁ ଠିକ୍‌ରେ ପାଠ ପଢ଼ିବା ସହ ଅଯଥା ଖର୍ଚ୍ଚ ନ କରିବାକୁ ତାଗିଦ କରିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏକ ଆଲୁମିନିୟମ୍ ପ୍ଲେଟ୍‌ରେ ରାଜମୋହନଙ୍କୁ ବିଶ୍ୱମୋହନ ମାଡ଼ ମାରିଥିଲେ। ଫଳରେ ରାଜମୋହନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଏହାପରେ ରାଜମୋହନଙ୍କୁ ତାଙ୍କ ସାଙ୍ଗ ଆସି ବରମୁଣ୍ଡା ନେଇଯାଇଥିଲେ। ତେବେ କିଛି ସମୟ ପରେ ବଡ଼ ଭାଇ ବରମୁଣ୍ଡା ଯାଇ ମେଡିସିନ୍ ଦେଇଥିଲେ। ଦେହ ଠିକ୍ ନ ହେବାରୁ ସାଙ୍ଗଙ୍କ ସହ ସାନଙ୍କୁ ବିଶ୍ୱମୋହନ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ନୟାପଲ୍ଲୀ ଥାନାକୁ ଖବର ଦେବା ପରେ ଘଟଣା ପଦାକୁ ଆସିଥିଲା।

# ପୂର୍ବତନ ଥାନାଧିକାରୀଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ ଅଫିସ, ୨୦।୯

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସନ୍ତୋଷ କୁମାର ଜେନା ଏକ ଲାଞ୍ଚ ମାମଲାରେ ମଙ୍ଗଳବାର ଜଣେ ପୂର୍ବତନ ପୋଲିସ ଏସ୍‌ଆଇଙ୍କୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଚକାପାଦର ପୂର୍ବତନ ଥାନାଧିକାରୀ ହରିବନ୍ଧୁ ପରିଡ଼ା । ତାଙ୍କ ଘର ବ୍ରହ୍ମପୁର ସହରର ଗଣପତିନଗରରେ। ୨୦୨୧ ଜୁନ ୬ରେ ସେ ଚାକିରିରୁ ଅବସର ନେଇଛନ୍ତି। ୨୦୧୮ରେ ଚକାପାଦ ଥାନା ଚାହାଳୀ ଅଞ୍ଚଳରେ ଜଣେ ଟ୍ରାକ୍ଟର ମାଲିକଙ୍କୁ ହତ୍ୟା କରାଯାଇଥିଲା। ପୋଲିସ ୧୦ ଜଣଙ୍କୁ ଅଟକ ରଖିଥିଲା। ଥାନାଧିକାରୀ ପରିଡ଼ା ସେମାନଙ୍କୁ ଛାଡିବା ପାଇଁ ପ୍ରତ୍ୟେକଙ୍କୁ ୩୦ ହଜାର ଲେଖାଏ ଟଙ୍କା ମାଗିଥିଲେ। ଏଥିରେ ଯୁବକମାନେ ଅମଙ୍ଗ ହୋଇଥିଲେ। ଟଙ୍କା ନ ଦେଲେ ସମସ୍ତଙ୍କ ନାଁରେ ଚାର୍ଜଶିଟ ଦାଖଲ କରିବେ ବୋଲି ଥାନାଧିକାରୀ ଧମକ ଦେଇଥିଲେ । ପରେ ୧୦ ହଜାର ଲେଖାଏ ଦେବାକୁ କଥା ଛିଡିଥିଲା। ଅଟକଙ୍କ ମଧ୍ୟରୁ ଜେନା ମଲ୍ଲିକ ଏ ନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଗଷ୍ଟ ୧୫ରେ ଟଙ୍କା ନେଇ ଥାନାରେ ଦେବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀମାନେ ଚଢ଼ାଉ କରି ତାହାକୁ ଜବତ କରିବା ସହ ଥାନାଧିକାରୀ ପରିଡ଼ାଙ୍କୁ ଗିରଫ କରିଥିଲେ । ଏ ନେଇ ବିଭାଗ ପକ୍ଷରୁ ୩୪/୧୮ରେ ମାମଲା ରୁଜୁ ହୋଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି.ଭି. ରାମଦାସ ମାମଲା ପରିଚାଳନା କରୁଥିଲେ ।

# ନବବିବାହିତ ଦମ୍ପତିଙ୍କ ଆତ୍ମହତ୍ୟା ଉଦ୍ୟମ: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଜଳେଶ୍ୱର, ୨୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଦକ୍ଷିଣପ୍ରହରାଜପୁର ପଞ୍ଚାୟତ ଗୁଆଗଡ଼ିଆ ଗାଁରେ ପାରିବାରିକ କଳହର ଏକ କରୁଣ ପରିଣତି ଦେଖିବାକୁ ମିଳିଛି। ୩ ମାସ ପୂର୍ବେ ବିବାହ କରିଥିବା ଏକ ଦମ୍ପତି ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଡାକ୍ତରଖାନା ନେବା ବାଟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ସ୍ୱାମୀ ଗୁରୁତର ଅବସ୍ଥାରେ କଟକ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଉକ୍ତ ଦମ୍ପତି ହେଲେ ରତିକାନ୍ତ ମାଝି(୨୫) ଓ ଲିଜା ମାଝି (୨୦)। ଗତ କିଛିଦିନ ତଳେ ଦୁହେଁ ଶ୍ୱଶୁର ଘର ବାଲେଶ୍ୱରକୁ ଯାଇଥିବା ବେଳେ ସୋମବାର ସନ୍ଧ୍ୟାରେ ଘରକୁ ଫେରିଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ



ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରତିକାନ୍ତ ନିଜ ବାଇକ୍‌ରୁ ପେଟ୍ରୋଲ କାଢି ଘର ଭିତରେ ପଶି କବାଟ କିଳି ଦେଇଥିଲେ। ପରେ ଦୁହେଁ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ପରିବାର ଲୋକେ କବାଟ ଭାଙ୍ଗି ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ବାଟରେ ଲିଜାଙ୍କ ମୃତ୍ୟୁ ହୋଇଥିଲା।




କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର
आज़ादी का अमृत महोत्सव
ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଉତ୍ତମ ସୁରକ୍ଷା ଭରଣା ପ୍ରଦାନ କରି ବିପଦ ଆଶଙ୍କା କମ୍ କରିଛି, ଯାହାର ଲାଭ କୋଟି କୋଟି କୃଷକଙ୍କୁ ମିଳିଛି। ଏହି ଯୋଜନା ଦାବୀ ଗୁଡ଼ିକର ପୈଠ ରେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରି କୃଷକ ଭାଇଙ୍କ ମନରେ ଏକ ନୂଆ ବିଶ୍ୱାସ ସୃଷ୍ଟି କରିଛି।"
ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ସୁରକ୍ଷାର ଉପହାର
## ଫସଲ ବୀମା ପଲିସି
## ଏବେ ଆପଣଙ୍କ ହାତରେ

**ଯୋଜନା ଏକ, ଲାଭ ଅନେକ**
- ପୈଠ ସିଧାସଳଖ କୃଷକଙ୍କର ବ୍ୟାଙ୍କ ଖାତାରେ
- ପଞ୍ଜୀକରଣ ପାଇଁ 12 ଭାଷାରେ ଏନ୍‌ସିଆଇ ପୋର୍ଟାଲ ଏବଂ କ୍ରପ ଇନସ୍ୟୁରାନ୍ସ ଆପ୍
- ଫସଲ ଅମଳର ଉତ୍ତମ ଅନୁମାନ ପାଇଁ ଆଧୁନିକ କାରିଗରୀ
- କୃଷକଙ୍କର ସୁବିଧା ପାଇଁ ଘର-ଘର ପଲିସି ବିତରଣ

**ଯୋଜନାର 7 ବର୍ଷ - ସୃଷ୍ଟି କରୁଛି ଏକ ନୂଆ ଦୃଷ୍ଟାନ୍ତ**
- ପ୍ରତ୍ୟେକ ବର୍ଷ 5.5 କୋଟି ରୁ ଅଧିକ କୃଷକ ଏହି ଯୋଜନା ସହ ଯୋଡ଼ି ହେଉଛନ୍ତି

**ଖରିଫ 2022 ର ମୁଖ୍ୟ ଅଭିଜ୍ଞତା**
- 6 କୋଟି କୃଷକଙ୍କର ଆବେଦନ ପ୍ରାପ୍ତ ହୋଇଛି
- ଖରିଫ 2021 ତୁଳନାରେ ଖରିଫ 2022ରେ ଅଣ ଋଣୀ କୃଷକ ଆବେଦନ ସଂଖ୍ୟାରେ 21% ର ବୃଦ୍ଧି ହୋଇଛି

ମୋ ପଲିସି ମୋ ହାତରେ



କୃଷି ରକ୍ଷକ

ସମଗ୍ର ଦେଶରେ କୃଷକ ମାନଙ୍କୁ ଆଜି ସୁଦ୍ଧା 1.22 ଲକ୍ଷ କୋଟି ଟଙ୍କା ବୀମା ଦାବୀ ଭାବରେ ପ୍ରଦାନ କରାଯାଇଛି । ଆପଣ ବି ନିଜ ରବି ଫସଲର ବୀମା ନିଶ୍ଚୟ କରାନ୍ତୁ

ଅଧିକ ସୂଚନା ପାଇଁ ସମ୍ପର୍କ କରନ୍ତୁ - କୃଷକ କଲ ସେଣ୍ଟର 1800-180-1551 | pmfby | PMFasalBimaYojana | pmfasalbimayojana
କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ

**ଆଜିର ମନ୍ତବ୍ୟ**

"ଚାଷୀ ଆତ୍ମହତ୍ୟା ପାଇଁ କେନ୍ଦ୍ରର ତ୍ରୁଟିପୂର୍ଣ୍ଣ ନୀତି ଦାୟୀ। ଭାଜପା ଶାସନ କାଳରେ ଦେଶରେ ପ୍ରତି ଘଣ୍ଟାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟୁଛି।

– ସୁପ୍ରିୟା ଶ୍ରୀନାତେ, କଂଗ୍ରେସ ମୁଖପାତ୍ର




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଆର୍ଯ୍ୟନ୍
ପରିବାରବର୍ଗ


ସନ୍ତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ୨୯ରୁ ଲାଗୁ ହେବ...

ପ୍ରଥମ ପୃଷ୍ଠାରୁ...

ଦିଆଯିବ। ୨୭ ତାରିଖ ସୁଦ୍ଧା ପ୍ରଶିକ୍ଷଣ ଶେଷ ହେବ। ଦିନିକିଆ ସ୍କୁଲ ପରିଚାଳନା ବୈଠକ ସହ ଅଭିଭାବକ ଓ ଶିକ୍ଷକଙ୍କ ବୈଠକ ଜରିଆରେ ଏଲ୍ଆର୍‌ପି ନେଇ ସଚେତନ କରାଯିବ। ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରା ଦୁଇଟି ମନିଟରିଂ ଟିମ୍ ଗଠନ କରାଯାଇ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ତଦାରଖ କରାଯିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାନା ନ' ଟଙ୍କାକୁ**
**ଘୋଡ଼ା ଛ' ଟଙ୍କା।**

ଜିନିଷର ଦାମ ତୁଳନାରେ ତାକୁ ନେଇ ଆଣି ଥୋଇବା, ଚଳେଇବା ଦାମ୍ ଅଧିକ। ମୂଳ ବସ୍ତୁର ମୂଲ୍ୟଠାରୁ ତା'ର ରକ୍ଷଣାବେକ୍ଷଣ ଖର୍ଚ୍ଚ ବଳିଯିବା ବା ଢେର ଅଧିକ ହୋଇଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦୁଧ ଯେବେ ଖାଇ ବସିବୁ**
**ଘରେ ଥିବ ଗାଈ**
**କଳି ଯେବେ କରି ବସିବୁ**
**ସଙ୍ଗେ ଥିବ ଭାଇ।**

ଘରେ ଗାଈଟିଏ ଥିଲେ ମନଭରି ଦୁଗ୍ଧପାନ କରିବାରେ କୌଣସି ଅସୁବିଧା ରହି ନ ଥାଏ। ସେହିପରି ଭାଇ ବଳ ଦିଏ ଭାଇକୁ। କେବେ କୌଣସି ଅସୁବିଧା କି ବିପଦ ପଡ଼ିଲେ ଭାଇ ହିଁ ନିଜ ଭାଇ ପ୍ରତି ଅକୁଣ୍ଠ ସାହାଯ୍ୟ ସମର୍ଥନ ଯୋଗାଇ ଦେବାରେ ହେଳା କରୁନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚତୁର୍ଥ ଚନ୍ଦ୍ର ପାରିବାରିକ ଜୀବନକୁ ମଧୁମୟ କରିବ। ଶନିଙ୍କ ଦୃଷ୍ଟିରେ ଥିବାରୁ କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମ ନେଇ ଆଲୋଚନା କରିପାରନ୍ତି। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର ସମାଲୋଚନା କରୁଥିବା ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେବା କାରଣରୁ ଦୁଶ୍ଚିନ୍ତା ବଢ଼ିଯାଇପାରେ।

**ବୃଷ**
ଶୁକ୍ର ଚତୁର୍ଥ କେନ୍ଦ୍ର ହେତୁ ଶାରୀରିକ ସୁସ୍ଥତା ସହ ପରିବାରରେ ଶାନ୍ତି ବିରାଜମାନ କରିବ। ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ ଓ ସ୍ଥଗିତ କାମଟି ସୁବିଧାରେ ହୋଇଯିବ । ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କାମ ଠିକ୍ ସମୟରେ କରିପାରିବେ ନାହିଁ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ମିଥୁନ**
ଧନ ସ୍ଥାନରେ ଧନାଧିପ ଚନ୍ଦ୍ର ଆପଣଙ୍କ ଆର୍ଥିକସ୍ଥିତିରେ ପରିବର୍ତ୍ତନ ମାର୍ଗ ଉନ୍ମୁକ୍ତ କରିବ। କୌଣସି ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ବିଶେଷଭାବେ ପ୍ରଶାସନ, ପ୍ରକାଶନ, ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**
ସ୍ୱଗୃହୀ ରାଶ୍ୟାଧିପତି ଆପଣଙ୍କ ଦୈହିକ ସୁସ୍ଥତା ସହ କୌଣସି ବହୁଦିନର ସ୍ଥଗିତ କାମକୁ ସମ୍ପନ୍ନ କରାଇବେ। ପୁନଶ୍ଚ ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ । ଅପରାହ୍ନରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମକଦ୍ଦମାରେ ବିଜୟ ଆଶା କ୍ରମଶଃ ବୃଦ୍ଧି ପାଇପାରେ ।

**ସିଂହ**
ନୀଚାରୋହୀ ତୃତୀୟାଧିପ ପ୍ରଭାବରେ ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କାମ ଆରମ୍ଭ କରିପାରନ୍ତି। କ୍ରୀଡ଼ା, କଳା ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ । କଚେରି ମାମଲାର ଶୁଣାଣିରୁ ଖୁସି ହେବେ। ବାଣିଜ୍ୟ ଓ ପରିବହନରେ ଲାଭବାନ ହେବେ।

**କନ୍ୟା**
ବୁଧାଦିତ୍ୟ ଯୋଗ ପ୍ରଭାବରେ ସାମାଜିକ କ୍ଷେତ୍ରରେ ଆଖିଦୃଶିଆ କାମ କରି ପ୍ରଶଂସିତ ହେବେ। କଥା ପ୍ରସଙ୍ଗରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିବାର ସୂଚନା ରହିଛି। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ।

**ତୁଳା**
ରାଶିରେ କେତୁ ଆପଣଙ୍କ ମାନସିକ ସ୍ଥିତିକୁ ବିଭ୍ରାନ୍ତ କରାଇପାରନ୍ତି। ଏଣେ ଦୈହିକ ଅସୁସ୍ଥତା ତେଣେ ପିଲାଙ୍କ ବିବାହ ସମସ୍ୟା ଚିନ୍ତାଜନକ ସ୍ଥିତି ଉତ୍ପନ୍ନ କରିବ। ଆଜିର କାମରେ ଆବଶ୍ୟକତାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା**
ମଙ୍ଗଳ ନିଜ ରାଶିକୁ ଅବଲୋକନ କରୁଥିବାରୁ ଦିନଟିକୁ ମଙ୍ଗଳମୟ କରାଇବେ। ଆଜି ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ପାଇବାକୁ ବ୍ୟାକୁଳତା ପ୍ରକାଶ କରିପାରନ୍ତି । ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବାରେ ସଫଳତା ପାଇବେ।

**ଧନୁ**
ଦୈନନ୍ଦିନ ଜୀବନର ପ୍ରତ୍ୟେକ ବିଭାବ ଗତାନୁଗତିକ ରୀତିରେ ଗଡି ଚାଲିଲେ ମଧ୍ୟ ମନ ଭାବନା ରାଇଜରେ ଉଡିବୁଲିବ। ପରୋକ୍ଷ ଶତ୍ରୁତା କରୁଥିବା କୌଣସି ବ୍ୟକ୍ତି ଦ୍ୱାରା ଆଜିର କର୍ମ କ୍ଷେତ୍ର ବିଶୃଙ୍ଖଳିତ ହୋଇପାରେ। ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ। ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତି ରହିପାରନ୍ତି ।

**ମକର**
ଆଜିର ଗ୍ରହସ୍ଥିତି ମନ୍ଦ ନ ହେଲେ ମଧ୍ୟ ଭଲ ସମ୍ପର୍କ ରଖିଥିବା ଲୋକଟିକୁ ନ ଦେଖି କଷ୍ଟ ପାଇବେ। ଉପରିସ୍ଥ ଅଧିକାରୀ କାମହାସଲ ଲାଗି ସହଯୋଗ ଲୋଡ଼ିପାରନ୍ତି। ଯେଉଁ କ୍ଷେତ୍ର ହେଉନା କାହିଁକି, ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କ୍ଷତି କରିପାରିବେ ନାହିଁ। ବ୍ୟବସାୟ, ପରିବହନ, ସଭାସମିତି, ଲେଖାପଢ଼ାରୁ ସୁଫଳ ପାଇବେ।

**କୁମ୍ଭ**
ଦ୍ୱିତୀୟସ୍ଥ ବୃହସ୍ପତି ଆପଣଙ୍କ ଅର୍ଥ ଓ ସମ୍ମାନ ଦାନର ସୁଯୋଗ ସୃଷ୍ଟି କରିବେ। ଉପଯୁକ୍ତ ଚିକିତ୍ସାକରିବା ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ସଭାସମିତିରେ ତର୍କ ବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁମାନଙ୍କୁ ସାହାଯ୍ୟ ଭିକ୍ଷା କରିପାରନ୍ତି ।

**ମୀନ**
ରାଶିରେ ଗୁରୁ ଓ କୋଣଭାବରେ ଚନ୍ଦ୍ର ହେତୁ ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି। ପରିବାରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ । କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

# classifieds Everyday
0674-2580101, 2549302




### GROOM WANTED

ଅର୍ପିତା ମହାପାତ୍ର, ବୟସ/ ଉଚ୍ଚତା: 42/5'4", ଶିକ୍ଷା: M.Com, ଇନ୍‌ଫୋସିସ୍‌ରେ ଚାକିରି, ଦରମା ମାସିକ- 95,000/- ବିଧବା ମହିଳାଙ୍କ ପାଇଁ ଘରଜ୍ୱାଇଁ, ସମସ୍ତ ବରପାତ୍ର ମାନ୍ୟ, ଜାତି ପ୍ରତିବନ୍ଧକ ନୁହେଁ। ଯୋଗାଯୋଗ- #8093147034, 9178962333. D-1530

### BRIDE WANTED

Wanted a bride, required to stay at Mumbai and Delhi, for Sougat Pati, Brahmin, gotra Koussik, DOB 01 May 1996, fair, 5'4", Schooling and Hometown Bhubaneswar, B.L.S., LL.B from Government Law College, Mumbai under Bombay University (2019), an Advocate at Bombay High Court with a litigating law firm at Mumbai, earning a handsome amount of fee, keen to establish a litigation career at High/ Apex Court, father a retired Engineer, mother a University faculty member, one sister at Secondary School. (Bride must be one year or more younger) Contact: 7735760556 (8pm-9pm). D-1571




### SALE

Renault Kwid-2020, INNOVA-2015, WagonR-2009, Creta Automatic, Nissan Sunny 2012 for sale. 9861194627, 7381091234. D-74120




### SALE

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

BDA yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ୍ ୩୦୦-୫୦୦ ଜାଗା ବିକ୍ରିହେବ। 9556840491. D-73641

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

ଏବେ ପ୍ଲଟ୍ କିଣିବାଠାରୁ ଅଧିକ ସହଜ କିଛି ଆଉ ନାହିଁ। ଏକ ଲକ୍ଷ ଟଙ୍କାରେ **936/** ଟଙ୍କା ମାସକୁ **15** ବର୍ଷ ପାଇଁ **7.65%** ହାରରେ, ଦୁଇ **NH** ମଝିରେ **DP 40%** ସବୁମିଶି, **sqft.- 850/-. 9040045759.** D-74118

**Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828.** D-1520

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-73967

Residential plot for sale near Infosys-2 at Janla, Bhubaneswar, Infosys Office side plot, free Boundary Wall, Electric Pool available, Price1220 per sqft. 9178768651. D-1559

**ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277.** D-1539

**Readymade 2/3 BHK flat sale at Acharyavihar. Contact: 7978209277.** D-1537

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । **Mob.- 9827119799** D-1580




**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420




One BHK flat for rent shantiapartment ramchandisahi puri mob 7204256982. D-1554

Well furnished 3 BHK Apartment with wardrobes in 3 bed room, 6 fans, chimeny fitted kitchen at Dumduma Housing Board, Phase-VI, 804 available for rent. Contact: Madhusmita Pati, (M)- 9556344469. D-1586




Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646




**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73972

**One hour any therapy by expert therapist @999 only. 9078484455.** D-73645

Newly open Spa positively health benefit with expert. Contact: 7749976301. D-73873

Only professional massage and steam bath, Trupti Spa - 9337337007, 9861550765. D-1577

Full body massage in homely atmosphere. All Therapy, Mob.- 8114881641. D-73714

### AFFIDAVIT

Affidavit before Executive Magistrate, Dhenkanal Dtd. 05.09.2022, my name has changed from Bijaya Kumar Behera to Bijay Kumar Behera. As per Aadhar I shall be known as Bijay Kumar Behera, S/o. Late Narayan Behera, Laxmibazar, Dhenkanal, Odisha for purpose of passport. D-74013

I, Arpan Dev, S/o Chinmoya Kumar Patnaik, Born on 12.09.2004, residing at HIG-59, Lumbinivihar, Niladrivihar, Bhubaneswar, 751021, have changed my name to Arpan Dev Patnaik vide affidavit 58AA 811025, dated 17.09.2022 at Bhubaneswar. D-1582

### LOST

I, Deepak Ranjan Sahoo, S/o- Dushasana Sahoo, R/o- Swagat Colony, Junagarh, Dist.- Kalahandi declare that, I have lost somewhere the Sale Deed vide Khata No. -474/4660, Mouza- Patia, Plot No.-346/2843 under Bhubaneswar, Dist.- Khorda which was registered on dt.08.05.2017. I searched the same but could not found. D-1587

### LEGAL NOTICE

**IN THE COURT OF SENIOR CIVIL JUDGE, RAIRAKHOL**

Intestate Case No. 02/2019
1. Anuri Jal, W/o- Sripati Jal
2. Sripati Jal, S/o- Late Kumar Jal
3. Lilabati Jal, D/o- Sripati Jal
4. Debaraj Jal, S/o- Sripati Jal
All are R/o Village / P.O.- Mochibahal, P.S.- Charmal, Dist.- Sambalpur

Vrs.

State of Odisha .......... O.P.

**NOTICE INVTING OBJECTION**

Whereas above named petitioners made an application to the Court that why a succession certificate will not be granted in their favour.

So, if any person interested to object said succession certificate he may appear before this Court on 21st day of October 2022 in person or through authorized agent to file objection against the application, failing wherein, the said application will be heard and determined as per law.

Given under my hand and seal of the Court, this Court on this 19th day of September 2022.

**Sd./- Senior Civil Judge Rairakhol**

D-1581

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରକାଶ ପାଇଲା ଓଜେଏସ୍ ମେନ୍ ପରୀକ୍ଷା ଫଳ

## ୩୨୧ ପରୀକ୍ଷାର୍ଥୀ କୃତକାର୍ଯ୍ୟ

କଟକ ଅଫିସ, ୨୦।୯

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ୍ (ଓଜେଏସ୍)-୨୦୨୧ର ମେନ୍ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ୩୨୧ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ରୋଲ୍ ନମ୍ବର ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ଏଥିସହ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କର ଅରିଜିନାଲ ସାର୍ଟିଫିକେଟ ଓ ଡକ୍ୟୁମେଣ୍ଟ ଯାଞ୍ଚ କାର୍ଯ୍ୟସୂଚୀ ସମ୍ପର୍କରେ ପରବର୍ତ୍ତୀ ସମୟରେ ପ୍ରକାଶ କରାଯିବ ବୋଲି ଓପିଏସ୍‌ସି ପକ୍ଷରୁ ଜାରି ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ସିଭିଲ୍ ଜଜ୍ ନିମନ୍ତେ ଓପିଏସ୍‌ସି ପକ୍ଷରୁ ଗତ ଜୁନ୍ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଓଜେଏସ୍‌ର ମେନ୍ ପରୀକ୍ଷା ହୋଇଥିଲା।

# ଶିଶିର ରଥୋ ଏସ୍‌ଇଆଇଏଏ ଅଧ୍ୟକ୍ଷ

ଭୁବନେଶ୍ୱର,୨୦।୯(ବ୍ୟୁରୋ)



ଶିଶିର କୁମାର ରଥୋଙ୍କୁ ଓଡ଼ିଶା ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ଏସ୍‌ଇଆଇଏଏ) ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସରକାରଙ୍କ ସୁପାରିସ କ୍ରମେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏହାକୁ ଅନୁମୋଦନ କରିଛି। ୨୦୨୨ ଜୁନ୍ ୩୦ରେ ରଥୋ ପିସିସିଏଫ୍ ଭାବେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ସେ ଅନୁସୂଚିତ ଜନଜାତି କମିଶନ ଏବଂ ନ୍ୟାଶନାଲ ମିଶନ ଫର କ୍ଲିନ୍ ଗଙ୍ଗାରେ ମଧ୍ୟ କାର୍ଯ୍ୟ କରିଛନ୍ତି।

# ଆଇଏଫ୍ଏସ୍ ଅଫିସର ସ୍ତରରେ ଅଦଳବଦଳ

## କେ.ମୁରୁଗେସେନଙ୍କୁ ପରିବେଶ ନିର୍ଦ୍ଦେଶକ ଦାୟିତ୍ୱ

ଭୁବନେଶ୍ୱର୨୦,।୯(ବ୍ୟୁରୋ)- ରାଜ୍ୟ ସରକାର ମଙ୍ଗଳବାର ଆଇଏଫ୍ଏସ୍ ଅଧିକାରୀସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ୧୯୯୪ ବ୍ୟାଚ୍ ଆଇଏଫ୍ଏସ୍ କେ.ମୁରୁଗେସନଙ୍କୁ ରାଜ୍ୟ ପରିବେଶ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେ ଏବେ ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହିତ ସେ ଅତିରିକ୍ତ ଭାବେ ପରିବେଶ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୮୯ ବ୍ୟାଚ୍ ଆଇଏଫ୍ଏସ୍ ସୁଶାନ୍ତ ନନ୍ଦଙ୍କୁ ପରିବେଶ ନିର୍ଦ୍ଦେଶକ ପଦରୁ ହଟାଇ ପିସିସିଏଫ୍(ନୋଡାଲ) ଭାବେ ଅବସ୍ଥାପିତ କରାଯାଇଛି। ସେ ଚିଲିକା ଉନ୍ନୟନ ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଆଇଜିଜେଏମ୍‌ପି ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ଖଣି ନିର୍ଦ୍ଦେଶକ ତଥା ୨୦୦୧ ଆଇଏଫ୍ଏସ୍ ଜି. ରାଜେଶ ଅତିରିକ୍ତ ଭାବେ ଓଏମ୍‌ବିଏଡିସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ ।

# ଥାନା ଗାଡ଼ି ଧକ୍କାରେ ୩ ଆହତ

ଚଣ୍ଡିଖୋଲ,୨୦।୯(ଡି.ଏନ.ଏ.)

୧୬ନଂ. ଜାତୀୟ ରାଜପଥର ଚଣ୍ଡିଖୋଲ ଟ୍ରାଫିକ୍ ଛକରେ ବାଲିଚନ୍ଦ୍ରପୁର ଥାନା ଗାଡ଼ି ଧକ୍କାରେ ମଙ୍ଗଳବାର ୩ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ରହିଛି। ସେ ହେଲେ ଯାଜପୁର ଥାନା ଅନ୍ତର୍ଗତ ବିରଜାପୁର ଗ୍ରାମର ବିକାଶ ରାଉତ(୨୪)। କଟକରୁ ଗ୍ରାମକୁ ଫେରୁଥିବାବେଳେ ତାଙ୍କ ବାଇକ୍‌କୁ ଥାନା ଗାଡ଼ି ଧକ୍କା ଦେଇଥିଲା। ସେ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ରାସ୍ତା କଡ଼ରେ ଠିଆ ହୋଇଥିବା ୨ ପେଡ଼ା ବିକାଳିଙ୍କ ଦେହରେ ଗାଡ଼ି ବାଜିଥିଲା। ସେମାନେ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବାଲିଚନ୍ଦ୍ରପୁର ଥାନା ଗାଡି ମଧ୍ୟାହ୍ନରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମେଡିକାଲ ରିପୋର୍ଟ କରିବାକୁ ନେଇଥିଲା। ମେଡିକାଲରୁ ଫେରି ଚଣ୍ଡିଖୋଲ କୋର୍ଟରେ ହାଜର କରିବାକୁ ନେବାବେଳେ ଟ୍ରାଫିକ ଛକରେ ହୋଇଥିବା ହମ୍ପସ ମଧ୍ୟରେ ଦ୍ରୁତଗତିରେ ଆସୁଥିବାରୁ ସମ୍ପୃକ୍ତ ବାଇକ୍ ଆରୋହୀଙ୍କ ପଛରେ ପିଟିଦେଇ ଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଚଣ୍ଡିଖୋଲ ଫାଣ୍ଡି ପୋଲିସ ଓ ଚଣ୍ଡିଖୋଲ ଟ୍ରାଫିକ ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ କରିଥିଲେ। ଏସମ୍ପର୍କରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି, ଥାନା ଗାଡ଼ି ବ୍ରେକ ଫେଲ ହେବାରୁ ଏଭଳି ଦୁର୍ଘଟଣା ଘଟିଲା। ହମ୍ପସକୁ ଦେଖି ଡ୍ରାଇଭର ବ୍ରେକ ମାରିଥିଲେ। ହେଲେ ବ୍ରେକ କାମ କରି ନ ଥିଲା।

# ଲଘୁଚାପ ଦୁର୍ବଳ: ୮ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୦।୯(ବ୍ୟୁରୋ):** ଉତ୍ତର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦୁର୍ବଳ ହୋଇଯାଇଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ମଙ୍ଗଳବାର ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହୋଇଛି। ଭବାନୀପାଟଣାରେ ୬୦.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗୋପାଳପୁର୬୯.୭, ପାରାଦୀପ ୩୬.୩, ଚାନ୍ଦବାଲି୪୧.୪, ବାଲେଶ୍ୱର ୧୫.୭, କଟକ ୧୧.୨, ବାରିପଦା ୨୫, ସମ୍ବଲପୁର ୨୧, ତାଳଚେର ୪୧, ବଲାଙ୍ଗୀର ୩୮, ସୋନପୁର ୧୭, ଫୁଲବାଣୀ ୨୨.୨, ଦାରିଙ୍ଗବାଡ଼ି ୬୩, ନୟାଗଡ଼ ୪୧, ଛତ୍ରପୁର ୬୪, ପାରଳାଖେମୁଣ୍ଡି ୩୨.୪, ବଲାଙ୍ଗୀର ୩୮ ମି.ମି. ବର୍ଷା ହୋଇଛି।

**ଓଲଟିଲା ତୀର୍ଥଯାତ୍ରୀ ବସ୍: ୨୦ ଆହତ, ୩ ଗୁରୁତର**

ପାଣିକୋଇଲି,(ଡି.ଏନ.ଏ.): ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ସାହାପୁର ନିକଟ ରାସ୍ତା ମଝିରେ ସୋମବାର ରାତିରେ ନେପାଳର ଏକ ତୀର୍ଥଯାତ୍ରୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ବସ୍‌ରେ ଥିବା ୫୨ଜଣ ଯାତ୍ରୀଙ୍କ ମଧ୍ୟରୁ ୨୦ରୁ ଊର୍ଦ୍ଧ୍ୱ ଆହତ ହେବା ସହ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପୋଲିସ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରିବା ପରେ ଡାକ୍ତରଖାନା ପଠାଇଛନ୍ତି। ତୀର୍ଥଯାତ୍ରୀ ପୁରୀରୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ସାରି ଫେରୁଥିଲେ।

# ସଡ଼କ ସୂଚନା ବ୍ୟବସ୍ଥାକୁ ଆର୍‌ଡିର ଅବହେଳା

- ୨୫ ସୁଦ୍ଧା ସମସ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ଫରକ ପଡ଼ିଲାନି କାରଣ ଦର୍ଶାଅ ନୋଟିସ

ଯାଜପୁର ଅଫିସ,୨୦।୯

ଜନଜୀବନର ସୁରକ୍ଷା ଏବଂ ନିରାପଦ ଯାତାୟାତ ପାଇଁ ସାରା ରାଜ୍ୟରେ ଗ୍ରାମ୍ୟ ଉନ୍ନୟନ(ଆର୍‌ଡି) ବିଭାଗ ଅଧୀନରେ ରାସ୍ତା ଓ ବ୍ରିଜ ନିର୍ମାଣ ହେଉଛି। ଏଥିପାଇଁ ରାଜ୍ୟ ସରକାର ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ରାସ୍ତା ନିର୍ମାଣ ସମୟରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବାକୁ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଜାତୀୟ ଓ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଛକ ସ୍ଥାନରେ ସଡ଼କ ସୁରକ୍ଷା ଏବଂ ଉପଯୁକ୍ତ ସଡ଼କ ସୂଚନା ବ୍ୟବସ୍ଥା ବା ରୋଡ ଇନଫର୍ମେଶନ ସିଷ୍ଟମ (ଆର୍‌ଆଇଏସ୍) କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାୟ ୨ ବର୍ଷ ମଧ୍ୟରେ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ୫ରୁ ଊର୍ଦ୍ଧ୍ୱ ଥର ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ହୋଇଆସିଛି। ଏପରିକି ଏଥିରେ ଅବହେଳା କରିଥିବା ୪୮ ଜଣ ନିର୍ବାହୀ ଯନ୍ତ୍ରୀଙ୍କୁ ଗତ ଅକ୍ଟୋବର ୨୦୨୧ରେ କାରଣ ଦର୍ଶାଅ ନୋଟିସ ହୋଇଥିଲା। କିନ୍ତୁ ରାସ୍ତା ଓ ବ୍ରିଜ ନିର୍ମାଣ କାର୍ଯ୍ୟରେ ବିପୁଳ ଅର୍ଥ ବେଆଇନ ଭାବେ ରୋଜଗାର ହେଉଥିବାରୁ ଲୋକେ ଦୁର୍ଘଟଣାରେ ମଲେ ଯାଏ ଆସେ କେତେ ନୀତିରେ ଏହି ନିଷ୍ପତ୍ତିକୁ ଅଣଦେଖା କରାଯାଉଥିବା ମନେହେଉଛି। ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର(ପ୍ଲାନ ରୋଡ) ୧୭।୯।୨୦୨୨ରେ ନିର୍ବାହୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପୁଣି ମନେପକାଇ ୨୫।୯।୨୦୨୨ ସୁଦ୍ଧା ସୂଚନା ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।



ଯାଜପୁର ଜିଲାର ଏକ ଆର୍‌ଡି ରାସ୍ତା।

ଓଡ଼ିଶାରେ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସଡ଼କ ସୁରକ୍ଷାରେ ସୁପ୍ରିମକୋର୍ଟ କମିଟି ୫୦ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଆର୍‌ଡି ବିଭାଗ ଅଧିକାରୀମାନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମ୍ୟ ରାସ୍ତାଗୁଡ଼ିକର ଛକ ଓ ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରି ସାଇନ ବୋର୍ଡ ଲଗାଇବା, ରେଜ ପେଭମେଣ୍ଟ ମାର୍କର(ଆରପିଏମ୍), ରୋଡ ମାର୍କିଂ, ଷ୍ଟ୍ରିଟ ଲାଇଟ, ପ୍ରପର ସାଇଟ ଡିସ୍‌ଟେନ୍ସ, ରମ୍ବଲ ଷ୍ଟ୍ରିପ୍ସ, ଷ୍ଟପ ସାଇନବୋର୍ଡ ପ୍ରଭୃତି ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏନେଇ ବିଭାଗୀୟ ନିର୍ଦ୍ଦେଶ ଆସିଥିଲେ ହେଁ ଏହା ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବା ନେଇ ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଚଳିତ ନିର୍ଦ୍ଦେଶକୁ ଅତି ଗୁରୁତର ଭାବେ ଗ୍ରହଣ କରିବାକୁ ପତ୍ରରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ଭାରତରେ ବାର୍ଷିକ ପ୍ରାୟ ୧.୫୦ ଲକ୍ଷ ଲୋକଙ୍କ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ଘଟୁଛି। କ୍ରାଇମବ୍ରାଞ୍ଚ ଓ ସିଆଇଡି ରିପୋର୍ଟ ଅନୁସାରେ ଓଡ଼ିଶା ଦୁର୍ଘଟଣାଜନିତ ମୃତ୍ୟୁରେ ୧୨ନଂ. ସ୍ଥାନରେ ରହିଛି। ଜାତୀୟ ଓ ରାଜ୍ୟ ରାଜପଥ ବ୍ୟତୀତ ଗ୍ରାମ୍ୟ ରାସ୍ତାଗୁଡ଼ିକର ଛକ ସ୍ଥାନ ଏବଂ ବୁଲାଣି ସ୍ଥାନରେ ମଧ୍ୟ ଦୁର୍ଘଟଣା ଘଟୁଛି। ତେଣୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଗତ ୩୧।୩।୨୦୨୧, ୬।୪।୨୦୨୧, ୧୯।୮।୨୦୨୧, ୮।୧୨।୨୦୨୧, ୩।୩।୨୦୨୨ରେ ନିର୍ବାହୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଦୁର୍ଘଟଣାପ୍ରବଣ ସ୍ଥାନରେ ଉପରୋକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଥିଲା। ସୂଚନା ଫଳକ ଆଦି ଲଗାଇବାକୁ କିଲୋମିଟର ପିଛା ୧୦ ହଜାର ଟଙ୍କା ମଧ୍ୟ ମଞ୍ଜୁର ହୋଇ ପ୍ରଦାନ କରାଯାଇଥିଲା। ୨୦୨୧ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଏହି କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ହୋଇଥିଲା। ତେବେ ୨୧।୯।୨୦୨୧ରେ ଆର୍‌ଡି ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କାର୍ଯ୍ୟର ଅଗ୍ରଗତି ନୈରାଶ୍ୟଜନକ ହୋଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ କର୍ତ୍ତବ୍ୟରେ ଏଭଳି ଅବହେଳା ଯୋଗୁ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କ ନାମରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେନେଇ ୫।୧୦।୨୦୨୧ରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। କିନ୍ତୁ ଏହି ସମ୍ବେଦନଶୀଳ ବିଷୟକୁ ଅଣଦେଖା କରୁଥିବା ବିଭାଗୀୟ ଅଧିକାରୀଙ୍କ ନାମରେ ଏଭଳି ଶସ୍ତା କାର୍ଯ୍ୟାନୁଷ୍ଠାନର କୌଣସି ଫରକ ପଡିଲା ନାହିଁ, ଯାହାକି ଚିଫ୍ ଇଞ୍ଜିନିୟରଙ୍କ ୧୭।୯।୨୦୨୨ ପତ୍ରରୁ ଜଳଜଳ ହୋଇ ଦିଶୁଛି। ପୂର୍ବରୁ ୭ ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଥିଲେ ହେଁ ତାହା ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବା ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି।

# ହଷ୍ଟେଲ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ**

- ଛାତ୍ରାବାସର ୨୮ ନଂ.ରୁମ୍ ସିଲ୍
- ସାଇଣ୍ଟିଫିକ୍ ଟିମ୍‌ର ନମୁନା ସଂଗ୍ରହ ଆଜି

ବ୍ରହ୍ମପୁର ଅଫିସ,୨୦।୯

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଆର୍.କେ. ହଷ୍ଟେଲରେ ରହୁଥିବା ଜଣେ ଛାତ୍ରଙ୍କର ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଯୁକ୍ତ୩ (କଳା) ଅର୍ଥନୀତି ବିଭାଗ ଶେଷ ବର୍ଷର ଛାତ୍ର କୁନାଲ ମଲ୍ଲିକ(୨୦)। ପୋଲିସ ମୃତଦେହ ଜବତ କରିବା ସହ ତା'ର ପଞ୍ଚନାମା କରିଛି। ପ୍ରାଥମିକ ତଦନ୍ତରୁ ମୃତଦେହରେ କୌଣସି କ୍ଷତ ଚିହ୍ନ ନ ଥିବା ପୋଲିସ ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ବେଳେ ଭିସେରା ସଂରକ୍ଷିତ ରଖାଯାଇଛି। ମୃତ ଛାତ୍ରଙ୍କ ଭାଇ ପାଣ ମଲ୍ଲିକ, ଯୁଗଳ ମଲ୍ଲିକ ଓ ଭିଣୋଇ ନାଗଭୂଷଣ କାର୍ଜି ମୃତଦେହ ଚିହ୍ନଟ କରିଥିଲେ।

ଏନେଇ ନଂ.୧୫/୨୨ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଛାତ୍ରଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ସେହିପରି ମୃତ ଛାତ୍ର ରହୁଥିବା ଉକ୍ତ ହଷ୍ଟେଲର ରୁମ୍ ନଂ.୨୮କୁ ସିଲ୍ କରାଯାଇଛି। ବୁଧବାର ସାଇଣ୍ଟିଫିକ୍ ଟିମ୍ ସେଠାରୁ ନମୁନା ସଂଗ୍ରହ କରିବ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟପଟେ ଛାତ୍ରଙ୍କ ମୃତ୍ୟୁକୁ ପରିବାର ଲୋକ ସହଜରେ ଗ୍ରହଣ କରିପାରୁ ନାହାନ୍ତି। କୁନାଲଙ୍କୁ କେହି ମାରି ଦେଇଥିବା ସେମାନେ ସନ୍ଦେହ କରୁଛନ୍ତି। ପୋଲିସ ମୃତ ଛାତ୍ରଙ୍କ ମୋବାଇଲ ଜବତ କରି ତଦନ୍ତ ଚଳାଇଛି। ସେହିପରି କେତେଜଣ ଛାତ୍ରଙ୍କୁ ପୋଲିସ ସ୍କାନରରେ ରଖିଥିବା ଜଣାପଡିଛି।

ପ୍ରକାଶ ଯେ, ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବଡ଼ିପଙ୍କା ଗ୍ରାମର କୁନାଲ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ରେ ପଢୁଥିଲେ। ସେ ଆର୍. କେ. ହଷ୍ଟେଲ ରୁମ୍ ନମ୍ବର ୨୮ରେ ରହୁଥିଲେ। ତାଙ୍କର ରୁମ୍‌ମେଟ ସୋମବାର ରାତିରେ ଅନ୍ୟତ୍ର ଏକ ରୁମ୍‌ରେ ରହିଥିଲେ। ସେହିଭଳି କୁନାଲଙ୍କ ସହ ସୋମବାର ରାତିରେ ଅନ୍ୟଜଣେ ଛାତ୍ର ତାଙ୍କ ରୁମ୍‌ରେ ରହିଥିବା ପୋଲିସ ଜାଣିବାକୁ ପାଇଛି। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ତାଙ୍କର କେତେଜଣ ସାଙ୍ଗ ଉକ୍ତ ରୁମ୍‌ରେ ପହଞ୍ଚି କୁନାଲଙ୍କୁ ଖାଇବାକୁ ଯିବାକୁ ଡାକିଥିଲେ, କିନ୍ତୁ ସେ ଉତ୍ତର ଦେଇ ନ ଥିଲେ। ଫଳରେ ସେମାନଙ୍କର ସନ୍ଦେହ ହୋଇଥିଲା। ସେମାନେ ଏନେଇ ୱାର୍ଡେନଙ୍କୁ ଜଣାଇଥିଲେ। ପରେ ଆମ୍ବୁଲାନ୍ସରେ ତାଙ୍କୁ ଏମ୍‌କେସିଜି ନିଆଯାଇଥିଲା। ସେଠାରେ ଡାକ୍ତର କୁନାଲଙ୍କୁ ମୃତ ଘୋଷଣା କରିଥିଲେ।

# ସର୍ବଭାରତୀୟ ଓଡ଼ିଶା ପର୍ବତାରୋହଣ ଶିବିର ଉଦ୍‌ଘାଟିତ

**୧୪ ରାଜ୍ୟର ୫୫୦ରୁ ଊର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟସ, ଅଧିକାରୀ ସାମିଲ**

ଭବାନୀପାଟଣା,୨୦।୯(ସ୍ୱ.ପ୍ର.)

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ସର୍ବଭାରତୀୟ ଓଡ଼ିଶା ପର୍ବତାରୋହଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସମ୍ବଲପୁର ଏନ୍‌ସିସି ଗ୍ରୁପ ମୁଖ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଛି। ଏଥିରେ ୧୪ ରାଜ୍ୟର ୫୫୦ରୁ ଊର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟ୍‌ସ ଓ ଅଧିକାରୀ ଭାଗ ନେଉଛନ୍ତି। ଏହି ଶିବିର ଦ୍ୱାରା କଳାହାଣ୍ଡି ଓ ନୂଆପଡ଼ା ଜିଲାର ଐତିହ୍ୟପୀଠ ଓ ସୌନ୍ଦର୍ଯ୍ୟକୁ ସର୍ବଭାରତୀୟସ୍ତରରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯାଉଛି। ସେହିପରି ଏହି ଶିବିର ମାଧ୍ୟମରେ ଏନ୍‌ସିସି କ୍ୟାଡେଟ୍‌ସ, ଅଧିକାରୀମାନେ କଳାହାଣ୍ଡି ଜିଲାର ରାବଣଧାରା ଜଳପ୍ରପାତ, କର୍ଲାପଡା, ଫୁର୍ଲିଝରଣ, ଡୋକରିଚଞ୍ଚରା ଓ ନୂଆପଡା ଜିଲାର ଯୋଗୀମଠ ପ୍ରଭୃତି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୁଯୋଗ ପାଇବେ। ପ୍ରଥମ ଦିନରେ କ୍ୟାଡେଟ୍‌ସଙ୍କୁ ପ୍ରାଥମିକ ଚିକିତ୍ସା ଓ ନିରାପତ୍ତା ଉପରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Ladies for Official Work
Fooding,
Accommodation Free+
7500 to 15000/-
Nakhara, Cuttack
7809525452

REQUIRED
An Electrical Company
Required Female/Male
Accountant. (B.Com and Tally).
Experience-0 to 1 year
At IRC Village,Bhubaneswar
Contact:
6372078728, 9078107373

See Career
Appointment
on every
Wednesday & Saturday

APPOINTMENT
Wanted a ACCOUNTANT
having 7 to 10 years
experience for Paradeep
Office.
Contact: 9937399588
8249193688

ADMISSION NOTICE-2022
D.D.C.E., UTKAL UNIVERSITY
BHUBANESWAR-751007
NAAC Accredited A+
nirf RANK 88
DIRECTORATE OF DISTANCE & CONTINUING EDUCATION
(UGC & AICTE APPROVED)
Management and
Computer Science Courses
Distance Mode
- MBA with Dual Specialisation
  - Human Resource Mgt.
  - Production & Operation Mgt.
  - Tour & Travel Mgt.
  - Ditetics & Nutrition Mgt.
  - Marketing Mgt.
  - Finance Mgt.
  - Banking & Insurance Mgt.
  - Information System Mgt.
- BBA / IMBA
Regular Mode
- MCA (Morning)
- MBA (Executive) (Evening)
- MBA (Banking & Finance) (Morning)
Contact for Mgt. Course- 9437103110 /
For Comp.Sc.- 9437157110 working day 10AM to 5 PM )
General Under Graduate and
Post Graduate Courses in Distance Mode
- BA (HONS.) (Odia, English, Hindi, Sanskrit, Education, Economics, Pol. Science, History & Sociology)
- B.COM. (HONS.)
- MA in Sanskrit
- MA in Pub. Administration
- MA in Hindi.
- MA in Pol.Science
- MA in English
- M.A. in Economics
- MA in Odia
- MA in Sociology
- MA in History
- MA in Education
- M.Com.
- MSW
(Contact for - 9437156110 working day 10AM to 5 PM )
Salient Features.
For Management and Computer Science
- Free Registration for admission & free online entrance test.
- Online Admission Process
- Online verification of forms & provision of online payment
- Provision for Online / Offline Classes.
- Walk in Online Test / PI and Roll in Admission for MBA / BBA / MCA Course
For eligibility, fees structure, selection process and important date lines visit our website :
www.ddceutkal.ac.in
DIRECTOR

# ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପାଠକ ବାପପୁଅଙ୍କୁ ଅନ୍ତରୀଣ ସୁରକ୍ଷା

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

- ନିମ୍ନ ଅଦାଲତର ଶୁଣାଣି ଉପରେ ସ୍ଥଗିତାଦେଶ
- ୨୭ରେ ଚୂଡ଼ାନ୍ତ ଶୁଣାଣି

କଟକ ଅଫିସ,୨୦।୯

ସମାନ ଅଭିଯୋଗ ଉପରେ ଆଧାରିତ ଏକାଧିକ ଫୌଜଦାରି ମାମଲାର ବୈଧତାକୁ ଚ୍ୟାଲେଞ୍ଜ କରି ଆଗତ ମାମଲାର ଶୁଣାଣି କରି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଆଇଏଫ୍‌ଏସ୍ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶ ପାଠକଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାଗୁଡ଼ିକୁ ଏକତ୍ର ଭାବେ ଚୂଡ଼ାନ୍ତ ଶୁଣାଣି କରିବାକୁ ଆଗାମୀ ୨୭ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି। ସେପର୍ଯ୍ୟନ୍ତ ନିମ୍ନ ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକୁ ସ୍ଥଗିତ ରଖିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ବିଧାୟକ ପାଣିଗ୍ରାହୀଙ୍କ ନାମରେ କ୍ରାଇମବ୍ରାଞ୍ଚ ସମେତ ଗୋଳନ୍ଥରା, ବୈଦ୍ୟନାଥପୁର, ବ୍ରହ୍ମପୁର ଟାଉନ୍, ଭୁବନେଶ୍ୱର ଆଦି ଥାନାରେ ରୁଜୁ ହୋଇ ନିମ୍ନ ଅଦାଲତରେ ବିଚାରାଧୀନ ଥିବା ୭ଟି ଫୌଜଦାରି ମାମଲା ସମାନ ଅଭିଯୋଗ ଉପରେ ଆଧାରିତ ଥିଲା। ସେହିପରି ଅଭୟକାନ୍ତ ଓ ତାଙ୍କ ପୁଅ ଆକାଶଙ୍କ ନାମରେ ମଧ୍ୟ ସମାନ ଅଭିଯୋଗକୁ ଆଧାର କରି ନିମ୍ନ ଅଦାଲତରେ ଏକାଧିକ ମାମଲା ବିଚାରାଧୀନ ଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଅଦାଲତଙ୍କ ସମ୍ମୁଖରେ ସୁପ୍ରିମକୋର୍ଟ ବିଚାରପତି ଅର୍ଣ୍ଣବ ଗୋସ୍ୱାମୀ ଓ ବିଚାରପତି ଅତିତେଶ ଦେବଗନଙ୍କ ରାୟକୁ ଆଧାର କରି ଯୁକ୍ତି ବାଢ଼ିଥିଲେ। ହାଇକୋର୍ଟ ମାମଲାଗୁଡ଼ିକର ଗୁରୁତ୍ୱକୁ ଉପଲବ୍ଧି କରି ଦ୍ରୁତ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପରବର୍ତ୍ତୀ ଧାର୍ଯ୍ୟ ତାରିଖରେ ସମସ୍ତ ଅଭିଯୋଗର ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇ ନିମ୍ନ ଅଦାଲତକୁ ଏନେଇ ଅବଗତ କରାଇବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଅଭୟକାନ୍ତ ଓ ଆକାଶଙ୍କୁ ୨୦୨୦ ନଭେମ୍ବର ୨୭ରେ ଭିଜିଲାନ୍ସ ଗିରଫ କରିଥିଲା। ପୂର୍ବରୁ ଭିଜିଲାନ୍ସ ତାଙ୍କର ଭୁବନେଶ୍ୱର ଘର, କାର୍ଯ୍ୟାଳୟ, ତାଙ୍କ ଡ୍ରାଇଭରଙ୍କ ବାସଭବନରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ତଥ୍ୟ ପାଇଥିଲା। ଗିରଫ ପରେ ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଥିଲେ। ଅଭୟକାନ୍ତ ହେଉଛନ୍ତି ୧୯୮୭ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଫିସର। ସେ ନିଲମ୍ବନ ପୂର୍ବରୁ ଅତିରିକ୍ତ ପିସିସିଏଫ୍ (ପ୍ଲାନ୍ ପ୍ରୋଗ୍ରାମ୍ ଆଣ୍ଡ୍ ଆଫରେଷ୍ଟେସନ) ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଖୋଳତାଡ଼ କରୁଥିବାବେଳେ ଆକାଶ ପାଠକ ଟାଟା ମୋଟର୍ସ କମ୍ପାନୀର ଏମ୍‌ଡି ଭାବେ ନିଜକୁ ପରିଚୟ ଦେଇ ଚାକିରି ଦେବା ନାଁରେ ଅନେକ ଆଶାୟୀ ପ୍ରାର୍ଥୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଜାଣିବାକୁ ପାଇଥିଲା। ୬ ଜଣ ପ୍ରାର୍ଥୀଙ୍କଠାରୁ ଆକାଶ ନିଜ ବାପାଙ୍କ ପରିଚୟ ଓ ଟାଟା ମୋଟର୍ସର ଏମ୍‌ଡି କହି ଅର୍ଥ ଆଦାୟ କରିଥିଲେ। ୨ ଜଣ ଆଶାୟୀ ପ୍ରାର୍ଥୀ ବିଧାୟକ ପାଣିଗ୍ରାହୀଙ୍କ ବ୍ୟାଙ୍କ ଜମାଖାତାକୁ ସିଧାସଳଖ ଅର୍ଥ ଦେଇଥିବାବେଳେ ଅନ୍ୟ ୪ଜଣ ପାଣିଗ୍ରାହୀଙ୍କ ସମ୍ପର୍କୀୟଙ୍କ ଜରିଆରେ ଲକ୍ଷାଧିକ ଟଙ୍କା ଦେଇଥିବା ଜଣାପଡିଥିଲା।

Advertisement for Project Assistant
P.G. Department of Geography, Fakir Mohan University
Vyasa Vihar, Balasore-756089
Applications are invited from interested candidates for engagement of one Project Assistant on purely temporary basis for the Odisha State Higher Education Council, Government of Odisha sponsored project (OURIIP Seed Fund-2022) entitled "Public Transport and Rural Accessibility in Mayurbhanj with Special Reference to Tribal Dominated Areas: Mapping the Everyday Travel Practices and Cropping Strategies" in the P.G. Department of Geography, Fakir Mohan University, Balasore.
Please log into http://fmuniversity.nic.in for details.
Sd/- Principal Investigator

# ପୁଅ ଆଗରେ ବାପାଙ୍କ ଜୀବନ ଗଲା

**ହ୍ୟୁମ୍ ପାଇପ୍‌ରୁ ବାହାରି ପାରିଲେନି**

ଛେଣ୍ଡିପଦା,୨୦।୯(ସ୍ୱ.ପ୍ର.)

ପୁଅ ଆଖି ଆଗରେ ପାଣିରେ ବୁଡ଼ିଗଲେ ବାପା। ନାଳରେ ଗାଧୋଇବା ବେଳେ ସୁଅରେ ହ୍ୟୁମ୍ ପାଇପ୍ ଭିତରକୁ ଭାସିଯିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ପୁଅଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ହ୍ୟୁମ୍ ପାଇପ୍ ଭିତରୁ ବାପାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପାରିପରା ଗାଁରେ ମଙ୍ଗଳବାର ଏଭଳି ଅଘଟଣ ଘଟିଛି।

ସୂଚନା ଅନୁଯାୟୀ, ପାରିପରା ଗାଁର ଦୁର୍ଯ୍ୟୋଧନ ବେହେରା (୪୫) ମଧ୍ୟାହ୍ନରେ ବାଇକ୍‌ରେ ସାନପୁଅ ରାହୁଲ ବେହେରା (୧୩)ଙ୍କୁ ବସାଇ ଗାଁ ନିକଟସ୍ଥ ନାଳକୁ ଗାଧୋଇ ଯାଇଥିଲେ। କୂଳରେ ବାଇକ୍ ରଖି ଓ ପୁଅକୁ ଠିଆ କରି ପାଣିରେ ପଶିଥିଲେ। ଲଗାଣ ବର୍ଷା ଯୋଗୁ ନାଳରେ ସ୍ରୋତ ପ୍ରଖର ଥିବାରୁ ସେ ଭାସିଯାଇ ଏକ ହ୍ୟୁମ୍ ପାଇପ୍ ଭିତରେ ପଶି ଯାଇଥିଲେ। ଫଳରେ ସେଥିରୁ ବାହାରି ନ ପାରି ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ପୁଅ ପାଟି କରିବାରୁ ଗାଁର ଅନ୍ୟ ଲୋକମାନେ ପହଞ୍ଚି ଦୁର୍ଯ୍ୟୋଧନଙ୍କୁ ପାଇପ୍ ଭିତରୁ ବାହାରକୁ ଆଣିଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରୁଛି।

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
ରେଫରେନ୍ସ ନଂ.ଏମ୍‌ସିଏଲ୍/ଏସ୍‌ବିପି/ଇଇ/2022/ଆଡ୍‌ଭାଇଜର(କମର୍ସିଆଲ-ପାୱାର)/1646 ତାରିଖ: 17.09.2022
ଏମ୍‌ସିଏଲ୍‌ରେ ଚୁକ୍ତି ଭିତ୍ତିରେ ପୂର୍ଣ୍ଣକାଳୀନ ଉପଦେଷ୍ଟା (କମର୍ସିଆଲ-ପାୱାର)ଙ୍କ ନିୟୋଜନ ସମ୍ବନ୍ଧୀୟ ଅଧିସୂଚନା
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍, କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ, ତାପଜ ଶକ୍ତି ଉତ୍ପାଦନ ଏବଂ ଅକ୍ଷୟ ଶକ୍ତିର ସୀମାନ୍ତକୁ ନିଜର କାର୍ଯ୍ୟ ବିସ୍ତାର କରୁଛି । ଏମ୍‌ସିଏଲ୍ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ବସୁନ୍ଧରା କୋଲ୍‌ଫିଲଡ୍‌ସ ଠାରେ ମହାନଦୀ ବେସିନ୍ ପାୱାର୍ ଲିମିଟେଡ୍ ନାମକ 2X800 ମେଗାୱାଟ୍ କ୍ଷମତାବିଶିଷ୍ଟ ଏକ **ପିଟ୍ ହେଡ୍ ଥର୍ମାଲ୍ ପ୍ଲାଣ୍ଟ** ସ୍ଥାପନ କରିବାର ପ୍ରସ୍ତାବ ରଖିଛି ।
ଏମ୍‌ସିଏଲ୍ ଠିକା ଭିତ୍ତିରେ ପୂର୍ଣ୍ଣକାଳୀନ ଉପଦେଷ୍ଟା (କମର୍ସିଆଲ-ପାୱାର) ଭାବେ ନିୟୋଜିତ ହେବା ପାଇଁ ଇ-୫ ଗ୍ରେଡ୍ କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପିଏସ୍‌ୟୁ/ସ୍ୱୟଂଶାସିତ ସଂଗଠନର ସମତୁଲ୍ୟ ପାହ୍ୟାର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି ।
ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ସମ୍ପାଦନ କରିବାକୁ ଥିବା କାର୍ଯ୍ୟ ଓ ସେବାର ପରିସର ଏବଂ ଦରଖାସ୍ତ ଫର୍ମ **www.mahanadicoal.in** ୱେବ୍‌ସାଇଟ୍‌ରେ ଶୀର୍ଷକ କ୍ୟାରିୟର୍ସ@ଏମ୍‌ସିଏଲ୍ -> କ୍ୟାରିୟର୍ ନ୍ୟୁଜ୍ -> ରିକ୍ରୁଟ୍‌ମେଣ୍ଟ ଅଧୀନରେ କିମ୍ବା ସିଆଇଏଲ୍ ୱେବ୍‌ସାଇଟ୍ **www.coalindia.in**ରେ ଉପଲବ୍ଧ ଅଛି ।
**ଦରଖାସ୍ତ ଫର୍ମ ପ୍ରାପ୍ତିର ଶେଷ ତାରିଖ ହେଉଛି ତା08.10.2022 ଅପରାହ୍ନ 5.00 ଘଟିକା ପର୍ଯ୍ୟନ୍ତ ।**
ଦରଖାସ୍ତ ଫର୍ମାଟ୍ ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ । ଆବେଦନକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ସମସ୍ତ ସମ୍ପର୍କିତ ଦସ୍ତାବିଜର ଆଟେଷ୍ଟେଡ୍ ନକଲ ଉପ ମହାପ୍ରବନ୍ଧକ (କାର୍ମିକ/ଅଧିକାରୀ ସ୍ଥାପନା), ମହାନଦୀ କୋଲ୍‌ଫିଲଡ୍‌ସ ଲିଃ, ସ୍ଥାନ/ପୋଷ୍ଟ: ଜାଗୃତି ବିହାର, ବୁର୍ଲା, ଜିଲ୍ଲା: ସମ୍ବଲପୁର-768020, ଓଡ଼ିଶାଙ୍କ ନିକଟକୁ ଇମେଲ୍ ଆଇଡି **gm-ee.mcl@coalindia.in** ଜରିଆରେ ପଠାଯାଇପାରିବ ।
ସ୍ୱା./-
ଉପ ମହାପ୍ରବନ୍ଧକ (କାର୍ମିକ-ଅଧିକାରୀ ସ୍ଥାପନା)
(R-5119) ଏମ୍‌ସିଏଲ୍ ମୁଖ୍ୟାଳୟ, ଜାଗୃତି ବିହାର, ବୁର୍ଲା, ସମ୍ବଲପୁର

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
A Government of India Undertaking
Andhra | Corporation
କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର
୩ୟ ମହଲା, ଆଶିଷ୍ ପ୍ଲାଜା, ଓଟି ରୋଡ୍,
ଭାସ୍କରଗଞ୍ଜ, ବାଲେଶ୍ୱର - ୭୫୬୦୦୧
ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)
[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]
ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବେତନଟୀ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବେତନଟୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବେତନଟୀ ଶାଖା / ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟମାନେ : ୧) **ଶ୍ରୀ ଅରବିନ୍ଦ କୁମାର ସାହୁ**, ସା/ପୋ/ଥାନା: ବଇଶିଙ୍ଗା, ମୟୂରଭଞ୍ଜ-୭୫୭୦୨୮, ୨) **ଶ୍ରୀ ଅବଧୂତ ଚରଣ ସାହୁ**, ପିତା: ଅନାଦି ଚରଣ ସାହୁ, ସା/ପୋ/ଥାନା: ବଇଶିଙ୍ଗା, ମୟୂରଭଞ୍ଜ-୭୫୭୦୨୮, ୩) **ଶ୍ରୀ ଅଶୋକ କୁମାର ସାହୁ**, ପିତା: ଶ୍ରୀ ଅବଧୂତ ଚରଣ ସାହୁ, ସା/ପୋ/ଥାନା: ବଇଶିଙ୍ଗା, ମୟୂରଭଞ୍ଜ-୭୫୭୦୨୮ | ୦୧.୦୪.୨୦୨୨ ସୁଦ୍ଧା ଟ.୨୩,୦୫,୯୦୨.୦୮ + ସେବାବଦ ସୁଧ | ୨୧.୦୬.୨୦୨୨ / ୧୭.୦୯.୨୦୨୨ | **ଶ୍ରୀ ଅବଧୂତ ଚରଣ ସାହୁ**, ପିତା: ଅନାଦି ଚରଣ ସାହୁଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ବଇଶିଙ୍ଗା, ଥାନା: ବଇଶିଙ୍ଗା ନଂ.: ୧୨୯, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ, ଖାତା ନଂ.: ୧୪, ପ୍ଲଟ୍ ନଂ.: ୧୦୩୪, କ୍ଷେତ୍ର: ଏକର୦.୨୧ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅରବିନ୍ଦ ସାହୁ, ଦକ୍ଷିଣ: ରାସ୍ତା |

ସ୍ଥାନ: ବାଲେଶ୍ୱର
ତାରିଖ: ୨୦.୦୯.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଫାଇନାନ୍ସ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ପରିବାର ଆଣିଲା ହତ୍ୟା ଅଭିଯୋଗ**

ସାତମାଇଲ, ୨୦।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ବାଲିମୀ ଗ୍ରାମରେ ଥିବା କ୍ୟାପିଟାଲ ଫାଇନାନ୍ସ କମ୍ପାନୀର କର୍ମଚାରୀ ଅଜିତ ମହାପାତ୍ର (୨୪)ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଆତ୍ମହତ୍ୟା କରିଥିବା ସହକର୍ମୀମାନେ କହୁଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଖୋର୍ଦ୍ଧା ଜିଲା ମୁକ୍ତାପୁର ଗ୍ରାମର ଅଜିତ୍ ପ୍ରାୟ ୨ବର୍ଷ ହେଲା ଉକ୍ତ ଫାଇନାନ୍ସ କମ୍ପାନୀରେ କଲେକ୍ସନ ଏଜେଣ୍ଟ ଭାବେ କାମ କରୁଥିଲେ। ନିଜ ସହକର୍ମୀଙ୍କ ସହ ବାଲିମୀ ଗ୍ରାମରେ ଥିବା ଅଫିସର ଭଡ଼ା ଘରେ ରହୁଥିଲେ। ସାଥୀ କର୍ମଚାରୀଙ୍କ କହିବା କଥା, ସୋମବାର ରାତିରେ ଅଜିତ୍ ମେସ୍‌ରେ ଖାଇ ନିଜ ପ୍ରକୋଷ୍ଠରେ ଶୋଇଥିଲେ। ସକାଳେ ଜଣେ ସହକର୍ମୀ ଅଜିତ୍‌ଙ୍କୁ ଶିଡ଼ି ରେଲିଂରେ ଗାମୁଛାରେ ଝୁଲୁଥିବା ଅବସ୍ଥାରେ ଠାବ କରିଥିଲେ। ଏହା ଦେଖି ସେ ଚିତ୍କାର କରିବାରୁ ଅନ୍ୟ କର୍ମଚାରୀମାନେ ଆସି ଅଜିତଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏ ସଂକ୍ରାନ୍ତରେ ସେମାନେ ଥାନା ଓ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ବାଲିମୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ହିନ୍ଦୋଳ ଡାକ୍ତରଖାନାକୁ ପଠାଇଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛି।

ତେବେ ପରିବାର ଲୋକେ ଅଜିତ୍‌ଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ଯଦି ସେ ଆତ୍ମହତ୍ୟା କରିଥିଲେ, ତେବେ ଅନ୍ୟ ସାଙ୍ଗମାନେ ତାଙ୍କୁ ତୁରନ୍ତ ଡାକ୍ତରଖାନା ନ ନେଇ କାହିଁକି ଚଟାଣରେ ଶୁଆଇ ଦେଲେ ବୋଲି ମୃତ ଅଜିତ୍‌ଙ୍କ ବାପା ରାମଚନ୍ଦ୍ର ମହାପାତ୍ର ପ୍ରଶ୍ନ କରିଛନ୍ତି। ଷ୍ଟାଫ୍‌ମାନେ ପୁଅକୁ ହତ୍ୟା କରି ଝୁଲାଇ ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୧୭୪/୨୨ରେ ଏକ ମାମଲା ରୁଜୁ ହୋଇଛି। ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର କୁହନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ପଷ୍ଟ ହେବ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

ଧରିତ୍ରୀ DHARITRI
Oriya daily
is looking for
DIGITAL MARKETING SPACE SELLING EXECUTIVES
- Having 3-6 years + experience in Digital Marketing.
Roles and Responsibilities -
- Responsible for online ad space selling.
- Well versed with Media Clients and Agencies (B2B advertising on our company digital platforms).
- Must have retail, corporate client base in designated locations.
- Capable to aggressively chase sales targets.
- Hands-on experience in content management.
- Drive new client acquisition.
- Proficiency in social media platforms.
Apply within 7 days to :
recruitment@dharitri.com
Attractive salary commensurate with experience

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ସେପ୍ଟେମ୍ବର, ୨୦୨୨

“ଅନ୍ତରାତ୍ମାରେ ଯଦି ବିକୃତି ଥାଏ- ତେବେ ଶରୀରରେ ନିଶ୍ଚୟ ବ୍ୟାଧି ଦେଖାଯିବ। କାରଣ- ମନର ପାପ ହେଲା ଦୈହିକ ପାପର ପ୍ରଚ୍ଛନ୍ନ କାରଣ। ସେହିପରି-ମଣିଷର ସାମାଜିକ ଜୀବନରେ ଦାରିଦ୍ର୍ୟ ଓ ଦୁର୍ଭୋଗ ବାରମ୍ବାର ଫେରି ଆସୁଥିବ -ଯେତେଦିନ ପର୍ଯ୍ୟନ୍ତ ଗୋଟାଏ ଜାତିର ମନ ଅହଂକାରର ଅଧୀନସ୍ଥ ହୋଇ ରହିଥିବ। -ଶ୍ରୀଅରବିନ୍ଦ



# ଲୋଭ ଛାଡ଼ିବା ଅସମ୍ଭବ

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଓ ଆସନ୍ତା ମାସରେ ହେବାକୁ ଥିବା ଦଳର ଅଧ୍ୟକ୍ଷ ପଦ ନିର୍ବାଚନ ସଂକ୍ରାନ୍ତ ଖବର ଏବେ ପ୍ରମୁଖ ଗଣମାଧ୍ୟମ ଏବଂ ବିଶେଷକରି ସୋସିଆଲ ମିଡିଆରେ ଛାଇଯାଉଛି। ରାହୁଲ ଗାନ୍ଧୀ ଜନସାଧାରଣଙ୍କ ନିକଟତର ହେବାକୁ ପାଦରେ ଚାଲିଚାଲି ଯାଉଥିବା ବେଳେ ତାଙ୍କ ସହ ଅନ୍ୟ କଂଗ୍ରେସ ନେତା ଓ କର୍ମୀଙ୍କୁ ଦେଖିବାକୁ ମିଳୁଛି। ୧୯ ସେପ୍ଟେମ୍ବରରେ କେରଳର ପୁନାମାଦା ହ୍ରଦରେ ଚାଲିଥିବା ସ୍ନେକ୍ ବୋଟ ରେସ୍‌ରେ ଡଙ୍ଗାରେ ବସି ସେ ଯେଭଳି ଆହୁଲା ମାରିଛନ୍ତି, ତାହା ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିବ। ଦୀର୍ଘ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜାତୀୟ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିବା କଂଗ୍ରେସ ଏବେ ଜନତାଙ୍କ ସହ ଯୋଡ଼ି ହେବାର ଅଭିଯାନ ଏକ ପ୍ରଶଂସନୀୟ ପଦକ୍ଷେପ। କାରଣ କୌଣସି ପାର୍ଟିର ଦୀର୍ଘ ଶାସନ ଦେଶବାସୀଙ୍କ ପାଇଁ କାଳ ହୋଇଥିବାରୁ ସେଥିରେ ସର୍ବଦା ପରିବର୍ତ୍ତନ ଲୋଡ଼ା ପଡ଼ିଥାଏ। ଅନ୍ୟପଟେ କିଏ ପରବର୍ତ୍ତୀ କଂଗ୍ରେସ ଅଧ୍ୟକ୍ଷ ହେବେ ସେଥିନେଇ ଦଳ ଭିତରେ ଜୋରଦାର ପ୍ରୟାସ ହେଉଛି। ଭୋଟ ହାସଲ କରିବାରେ ବାରମ୍ବାର ବିଫଳ ହେବା ପରେ ରାହୁଲ ଗାନ୍ଧୀ ଅଧ୍ୟକ୍ଷ ହେବାକୁ ଚାହୁଁ ନ ଥିବା କୁହାଯାଉଛି। ଜଣଙ୍କ ପରେ ଜଣେ ଟାଣୁଆ ନେତା ଦଳରୁ ଅପସରି ଯିବା ପରେ ନେହେରୁ-ଗାନ୍ଧୀ ପରିବାର ଭିନ୍ନ ଅନ୍ୟ କିଏ ପାର୍ଟି ଦାୟିତ୍ୱ ସମ୍ଭାଳୁ ବୋଲି ଦାବି ହେବାରୁ ଅକ୍ଟୋବରରେ ବିଧିବଦ୍ଧ ନିର୍ବାଚନ ହେବ ବୋଲି ଘୋଷଣା କରାଯାଇଛି। ଇତିମଧ୍ୟରେ ବିଭିନ୍ନ ପ୍ରଦେଶ କଂଗ୍ରେସ କମିଟି ତରଫରୁ ରାହୁଲଙ୍କ ସପକ୍ଷରେ ସଂକଳ୍ପ କରାଯାଇ ଗଣମାଧ୍ୟମକୁ ପ୍ରେସ୍ ନୋଟ୍ ଦିଆଯାଉଛି। ତେବେ ଅଧ୍ୟକ୍ଷ ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତାରେ ଥିବା ବରିଷ୍ଠ ନେତାଙ୍କ ମଧ୍ୟରୁ କେରଳର ଶଶୀ ଥରୁର ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନାମ ଚର୍ଚ୍ଚାକୁ ଆସିଛି।

କଂଗ୍ରେସର ରାଜନୈତିକ ପାଣିପାଗକୁ ଦେଖିଲେ ନେହେରୁ-ଗାନ୍ଧୀ ପରିବାର ଭିନ୍ନ ଅନ୍ୟ କେହି ମଙ୍ଗ ଧରିଲେ ଉଧେଇ ପାରିବେ ନାହିଁ ବୋଲି ଦଳ ଭିତରେ ଏକ ସ୍ରୋତ ବୋହିଚାଲିଛି। ଥରୁର ଅଧ୍ୟକ୍ଷ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ ସୋନିଆ ଗାନ୍ଧୀଙ୍କୁ ଭେଟି ଆଶୀର୍ବାଦ କାମନା କରିଛନ୍ତି। ଶୁଣିବାକୁ ମିଳୁଛି ସୋନିଆ ତାଙ୍କୁ ଲଢ଼େଇ କରିବାକୁ ସବୁଜ ସଙ୍କେତ ଦେଇଛନ୍ତି। ଅପରପକ୍ଷରେ ଅନ୍ୟତମ ବରିଷ୍ଠ ନେତା ଗେହଲଟ ମଧ୍ୟ ଗାନ୍ଧୀ ପରିବାରର ଅତ୍ୟନ୍ତ ବିଶ୍ୱସ୍ତ। ଥରୁରୁ ପ୍ରାରମ୍ଭିକ ସମୟରେ ବିଦ୍ରୋହୀ ଜି-୨୩ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ପରେ ନୀରବ ରହିଯାଇଥିଲେ। ଏବର ସ୍ଥିତିରେ ଗେହଲଟ ଓ ଥରୁରଙ୍କ ମଧ୍ୟରୁ ଯିଏ ବି ଜିତିଲେ ହାଇକମାଣ୍ଡ ବେତ ଗାନ୍ଧୀ ମାତା-ପୁତ୍ରଙ୍କ ହାତରେ ଆହୁରି ଟାଣୁଆ ହୋଇଯିବ। ରାଜନୈତିକ ବିଶେଷଜ୍ଞଙ୍କ ମତରେ ଏବେ ଅଧ୍ୟକ୍ଷ ପଦ ଲାଗି ଯେଉଁସବୁ ଅଗ୍ରଗତି ହେଉଛି ତାହା ଏକ ନାଟକ ପରି ଲାଗୁଛି। ବାସ୍ତବରେ କଂଗ୍ରେସକୁ ସୁଦୃଢ଼ କରିବାକୁ ଯଦି ଏହାର ନେତାମାନେ ଚାହାଁନ୍ତେ, ତାହା ହେଲେ ନିର୍ବାଚନକୁ ସ୍ୱଚ୍ଛ ଓ ଚାପବିହୀନ କରାଯାଇପାରନ୍ତା। ଭାରତୀୟ ଜନତା ପାର୍ଟି (ଭାଜପା) ପରିବାରବାଦ କଥା ଉଠାଇ କଂଗ୍ରେସକୁ ସମାଲୋଚନା କରିଚାଲିଛି। ଏମିତି ଦେଖିଲେ ସବୁ ଦଳ ଓ ସବୁ ବୃତ୍ତିରେ ପରିବାରବାଦର ପ୍ରଭାବ ରହିଛି। କିନ୍ତୁ ତାହାକୁ ନେଇ ଆଣି ଥୋଇପାରୁଥିବା ବ୍ୟକ୍ତି ସଫଳ ହୋଇଥାଆନ୍ତି। ଯେହେତୁ କଂଗ୍ରେସର ବହୁ ନେତା ଚାଟୁକାର ପାଲଟି ଯାଉଛନ୍ତି, ସେହେତୁ ଭିନ୍ନ ସ୍ୱର ଶୁଣିବାକୁ ମିଳୁ ନାହିଁ। ଯେଉଁ କେତେ ଜଣ ବିଦ୍ରୋହ କରୁଥିଲେ ସେମାନଙ୍କ ମଧ୍ୟରେ ନିର୍ମଳ ଭାବମୂର୍ତ୍ତି ଥିବା ନେତାଙ୍କ ଅଭାବ ଥିବାରୁ ସେହି ଅଭିଯାନ ଅରମ୍ଭରୁ ପେଙ୍ଗା ହୋଇଗଲା। ଏଭଳି ସମୟରେ କଂଗ୍ରେସ ନେତାମାନେ ବାରମ୍ବାର ଚିନ୍ତନ ବୈଠକ ଓ ଆତ୍ମସମୀକ୍ଷା ବିଷୟକୁ ନ ଦୋହରାଇ ଲୋକଙ୍କ ସହିତ ବାସ୍ତବତା ଦୃଷ୍ଟିରୁ ଯୋଡ଼ି ହେବାକୁ ଚାହିଁଲେ ହୁଏତ କିଛି ପରିବର୍ତ୍ତନ ଆସିପାରନ୍ତା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଯେତେ ଯାଏ ଗାନ୍ଧୀ ପରିବାର ନିଜ ଲୋଭ ଛାଡ଼ି ଦଳର ମଙ୍ଗଳ ଚିନ୍ତା ନ କରିବେ, ସେପର୍ଯ୍ୟନ୍ତ ପରିବର୍ତ୍ତନ ଆସିପାରିବ ନାହିଁ। ଆଉ ପାଦେ ଆଗକୁ ଯାଇ କହିହେବ ଯେ, ଗାନ୍ଧୀ ପରିବାର ପାଇଁ ଲୋଭ ଛାଡ଼ିବା ଅସମ୍ଭବ।

# ଜଙ୍ଗଲ ସୁରକ୍ଷା ବୋଝ ଆଦିବାସୀଙ୍କ ଉପରେ



ଅମରେନ୍ଦ୍ର ଦାସ

ପ୍ରାୟ ପ୍ରତି ସପ୍ତାହରେ କୌଣସି ଏକ ଦୁର୍ଗମ ଅଞ୍ଚଳରେ ଜଣେ ଗର୍ଭବତୀ ଆଦିବାସୀ ମହିଳା ଖଟିଆରେ ବୁହା ହୋଇ ଡାକ୍ତରଖାନା ଗଲେ ବା ରାସ୍ତାରେ ପ୍ରସବ କରିବାର ଖବର ସମସ୍ତେ ପାଉଛେ। ଏସବୁ ଖବର ପଢ଼ିଲା ବେଳେ ଯାଜପୁର ଜିଲାର ନଗଡ଼ା ଗ୍ରାମର ଚିତ୍ର ସଭିଙ୍କ ଆଖି ଆଗକୁ ଚାଲି ଆସୁଥିବ; ଯେଉଁଠି ମୌଳିକ ସୁବିଧା ଅଭାବରୁ ଅନେକ ଶିଶୁ ଅପପୁଷ୍ଟିର ଶିକାର ହୋଇ ଅକାଳରେ ମୃତ୍ୟୁବରଣ କଲେ। ଅନେକଙ୍କ ମନରେ ପ୍ରଶ୍ନ ଆସୁଥିବ ସରକାର ନଗଡ଼ା ଭଳି ଆଦିବାସୀ ଗାଁଗୁଡ଼ିକୁ କାହିଁକି ସବୁ ଦିନିଆ ରାସ୍ତା ଯୋଗାଇ ଦେଉ ନାହାନ୍ତି। ଆଦିବାସୀ ପଡ଼ା ଗାଁଗୁଡ଼ିକୁ ରାସ୍ତା ଅଭାବରୁ ପାନୀୟ ଜଳ, ବିଜୁଳି ଆଦି ମୌଳିକ ସୁବିଧା ମଧ୍ୟ ମିଳି ନ ଥାଏ। ରାସ୍ତା ଅଭାବରୁ ଆଦିବାସୀ ସମାଜରେ ଶିଶୁ ମୃତ୍ୟୁ, ମାତୃ ମୃତ୍ୟୁ ଏବଂ ଅପମୃତ୍ୟୁ ହାର ସାଧାରଣ ବର୍ଗଙ୍କଠାରୁ ଅଧିକ। ଏସବୁ ସତ୍ତ୍ୱେ ସରକାର ଆଦିବାସୀ ଗାଁଗୁଡ଼ିକୁ ରାସ୍ତା ନିର୍ମାଣ କରିବାରେ କାହିଁକି ତତ୍ପରତା ପ୍ରକାଶ କରୁ ନାହାନ୍ତି ?

ବହୁ ବର୍ଷ ଯାଏ ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ସରକାର ଆଦିବାସୀଙ୍କ ଉପରେ ଅବିଶ୍ୱାସ ରଖି ଜଙ୍ଗଲ ଭିତରେ ସେମାନଙ୍କର ପ୍ରବେଶକୁ ବେଆଇନ ଘୋଷଣା କରିଥିଲେ। ୧୯୮୦ ଦଶକର ଶେଷ ବେଳକୁ ହୃଦୟଙ୍ଗମ କଲେ ଯେ ଆଦିବାସୀ ତଥା ଅନ୍ୟ ସ୍ଥାନୀୟ ଅଧିବାସୀମାନେ ଜଙ୍ଗଲ ସୁରକ୍ଷାରେ ସକାରାତ୍ମକ ଭୂମିକା ନେଇପାରିବେ। ଫଳରେ ଜଙ୍ଗଲ ସୁରକ୍ଷାରେ ସ୍ଥାନୀୟ ଅଞ୍ଚଳ ଅଧିବାସୀଙ୍କ ସହଭାଗିତାରେ ବନ ସଂରକ୍ଷଣ ସମିତି ତିଆରି କରାଗଲା। ଜଣାଯାଏ ଯେ ଯେଉଁ ଜାଗାରେ ଜଙ୍ଗଲ ସୁରକ୍ଷାରେ ସ୍ଥାନୀୟ ଅଧିବାସୀମାନଙ୍କର ସହଭାଗିତା ଥାଏ ସେହି ସ୍ଥାନରେ ଜଙ୍ଗଲର ବୃଦ୍ଧି ହୋଇଛି। ଏସବୁ ସତ୍ତ୍ୱେ ଜଙ୍ଗଲ ବିଭାଗର ସ୍ଥାନୀୟ ଲୋକଙ୍କ ଉପରେ ଅନେକ ଅବିଶ୍ୱାସ।

ଜଙ୍ଗଲ ଭିତରେ ବା ଚତୁଃପାର୍ଶ୍ୱରେ ବର୍ଷ ବର୍ଷ ଧରି ରହି ଆସୁଥିବା ଅଧିବାସୀମାନଙ୍କର ଜମି ଉପରେ ନ୍ୟାଯ୍ୟ ଦାବି ପୂରଣ କରିବାକୁ ଯାଇ ସରକାର ଜଙ୍ଗଲ ଅଧିକାର ଆଇନ ପ୍ରଣୟନ କରି ସେମାନଙ୍କୁ ବ୍ୟକ୍ତିଗତ ଏବଂ ସାମୂହିକ ଜମି ଅଧିକାର ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଓଡ଼ିଶା ଏବଂ ଅନେକ ରାଜ୍ୟ ଏହି ଦିଗରେ ଅଗ୍ରଗତି କଲେଣି। ଏସବୁ ସତ୍ତ୍ୱେ ଜଙ୍ଗଲ ଭିତରେ ଥିବା ଗାଁଗୁଡ଼ିକୁ ରାସ୍ତା ନିର୍ମାଣ, ବିଜୁଳି ଯୋଗାଣ, ପାନୀୟ ଜଳ ଯୋଗାଣ ଆଦିରେ ଜଙ୍ଗଲ ଅନୁମତି ଏକ ବିରାଟ ପ୍ରତିବନ୍ଧକ ହୋଇ ରହିଛି।

ଯଦିଓ ସରକାରଙ୍କର ନିର୍ଦ୍ଦେଶନାମା ଅନୁସାରେ ରାସ୍ତା ଘାଟ ଭଳି ପ୍ରକଳ୍ପ ତଥା ଯେଉଁଠାରେ ପାଞ୍ଚ ହେକ୍ଟରଠାରୁ କମ ଜଙ୍ଗଲ ଅପସାରଣର ଆବଶ୍ୟକତା ରହିଛି ସେଠାରେ ଜିଲା ଜଙ୍ଗଲ ଅଧିକାରୀ ବା ରାଜ୍ୟର ଆଞ୍ଚଳିକ ଦପ୍ତରରେ ଅନୁମତିପ୍ରାପ୍ତ ହୋଇପାରିବ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଆଇନର ଏସବୁ ସୁବିଧା ସତ୍ତ୍ୱେ ଆଦିବାସୀ ପଡ଼ାଗୁଡ଼ିକୁ ସର୍ବନିମ୍ନ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ଉଦ୍ୟମ ହେଉ ନାହିଁ।



ଅଧିକାରୀମାନେ ବିଭିନ୍ନ ପ୍ରକଳ୍ପ ପାଇଁ ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ଦୃଷ୍ଟି ଗୋଚର ହୁଏ। ଉଦାହରଣ ସ୍ୱରୂପ ଜଙ୍ଗଲଭରା ଗୋଟିଏ ପାହାଡ଼ ଉପରେ ଖଣି ଖୋଳିବା ପାଇଁ ସମସ୍ତ ଅନୁମତି ଅତିଶୀଘ୍ର ମିଳିପାରୁଛି ଅଥଚ ପାହାଡ଼ ତଳେ ଥିବା ଆଦିବାସୀ ଗାଁକୁ ଦଶନ୍ଧି ଦଶନ୍ଧି ଧରି ସବୁଦିନିଆ ରାସ୍ତା, ପାନୀୟ ଜଳ ଯୋଗାଣ ଏବଂ ବିଜୁଳି ଯୋଗାଣ ପାଇଁ ଅନୁମତି ମିଳିପାରୁନି। ନିକଟରେ ଦୁଇଟି ଜିଲାର ଅଧିକାରୀମାନଙ୍କ ସହ ଆଲୋଚନା ବେଳେ ଜାଣିବାକୁ ମିଳିଲା ଯେ ଅର୍ଥର ଉପଲବ୍ଧି ସତ୍ତ୍ୱେ ଜଙ୍ଗଲ ଅନୁମତି ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ହେବା ଡରରେ ବିଭାଗୀୟ ଅଧିକାରୀମାନେ ଜଙ୍ଗଲ ଜମି ଥିବା ଅଞ୍ଚଳରେ କୌଣସି ନୂଆ ପ୍ରକଳ୍ପ ପାଇଁ ପ୍ରସ୍ତାବ ଉପସ୍ଥାପନ କରନ୍ତି ନାହିଁ। ଫଳରେ ନଗଡ଼ା ଭଳି କାଁ ଭାଁ ଆଦିବାସୀ ଗାଁ ଗଣମାଧ୍ୟମ ଚାପରେ ରାସ୍ତାଟିଏ ପାଇବାର ସୌଭାଗ୍ୟ ପାଇଥାନ୍ତି। ଏହି ଜଟିଳ ପ୍ରକ୍ରିୟାରେ ଆଦିବାସୀମାନେ ବିକାଶର ଧାରାରେ ସାମିଲ ହୋଇପାରି ନାହାନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀ ଗାଁଗୁଡ଼ିକୁ ରାସ୍ତା ନିର୍ମାଣ, ଜଳ ଯୋଗାଣ, ବିଦ୍ୟୁତ ସଂଯୋଗ ଭଳି ସର୍ବସାଧାରଣ ପ୍ରକଳ୍ପ ପାଇଁ ଜଙ୍ଗଲ ମଞ୍ଜୁରୀର ଆବଶ୍ୟକତାକୁ ପ୍ରତ୍ୟାହାର କରିଦେଲେ କୌଣସି କ୍ଷତି ହେବ ନାହିଁ। ବରଂ ଜିଲା ଅଧିକାରୀମାନେ ନିର୍ଦ୍ୱନ୍ଦ୍ୱରେ ଏହିସବୁ ପ୍ରକଳ୍ପ ନିର୍ମାଣ ପାଇଁ ବିନା କୌଣସି ଡରରେ ପ୍ରସ୍ତାବ ଦେଇ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସମାପ୍ତ କରିପାରିବେ।

ଏଥିପାଇଁ ସ୍ଥାନୀୟ ଜଙ୍ଗଲ ଅଧିକାରୀଙ୍କ ଉପସ୍ଥିତିରେ ଏକ ଗ୍ରାମ ସଭାର ଆୟୋଜନ କରି ରାସ୍ତା ବା ଅନ୍ୟ ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରାଯିବ; ଯେଉଁଥିରେ ସର୍ବନିମ୍ନ ଜଙ୍ଗଲ ନଷ୍ଟ ହେବ। ଗଛ କାଟିବା ଏବଂ ଏହାର ନିଲାମ ଗ୍ରାମବାସୀଙ୍କ ମାଧ୍ୟମରେ କରାଯିବା ଉଚିତ। ଏଥିରୁ ସଂଗୃହୀତ ଅର୍ଥରେ ସ୍ଥାନୀୟ ଅଞ୍ଚଳରେ ଗ୍ରାମବାସୀଙ୍କ ସହଯୋଗରେ ଦୁଇଗୁଣ ବୃକ୍ଷ ରୋପଣ କରାଯିବ। ବୃକ୍ଷ ରୋପଣ ଏବଂ ଏହାର ତଦାରଖ ପାଇଁ ଏକ ବନ ସଂରକ୍ଷଣ ସମିତି ଗଠନ ହେବ। ବାହାର ଅଞ୍ଚଳର ଯାନବାହନ ପ୍ରବେଶ ଏବଂ ଲୋକଙ୍କ ଉପରେ ଏହି ବନ ସଂରକ୍ଷଣ ସମିତି ନଜର ରଖିବ।

ମନେରଖିବାକୁ ହେ ଯେ ଜଙ୍ଗଲ ସୁରକ୍ଷା ପାଇଁ ଜନସାଧାରଣଙ୍କ ଅର୍ଥରେ ନିୟୋଜିତ ହୋଇଥିବା ଜଙ୍ଗଲ ଅଧିକାରୀଙ୍କ ଜଙ୍ଗଲ ନଷ୍ଟରେ ସମ୍ପୃକ୍ତି ଥିବା ଏବଂ ଜଙ୍ଗଲ ସୁରକ୍ଷା ବାବଦରେ ଆସୁଥିବା ଅର୍ଥ ହେରଫେର କରିବାର ଅନେକ ନଜିର ରହିଛି। ତା' ତୁଳନାରେ ଆଦିବାସୀମାନେ ଅନେକ ଗୁଣରେ ଜଙ୍ଗଲ ସୁରକ୍ଷାର ଦାୟିତ୍ୱବୋଧତା ଦେଖାଇଛନ୍ତି। ଜଙ୍ଗଲ ସୁରକ୍ଷାର ଆଳ ଦେଖାଇ ଆଦିବାସୀମାନଙ୍କୁ ମୌଳିକ ସେବାରୁ ବଞ୍ଚିତ ରଖିବା ଅନୁଚିତ।

ଏଥିପାଇଁ ସରକାର ପ୍ରଥମେ ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ସାମାଜିକ ସଂସ୍ଥାର ସହାୟତାରେ ଜଙ୍ଗଲ ଭିତରେ ରାସ୍ତା ନ ଥିବା ପଡ଼ା ବା ଗାଁଗୁଡ଼ିକର ତାଲିକା ସାର୍ବଜନୀନ କରନ୍ତୁ। ତା'ପରେ ଏହି ଗାଁ ଗୁଡ଼ିକରେ ଜଙ୍ଗଲ ବିଭାଗ ଏବଂ ସ୍ଥାନୀୟ ସାମାଜିକ ସଂସ୍ଥାର ସହାୟତାରେ ଏକ ଗ୍ରାମ ସଭା କରି ରାସ୍ତା ନିର୍ମାଣ ନିମିତ୍ତ ନକ୍ସା ପ୍ରସ୍ତୁତ କରନ୍ତୁ। ଗ୍ରାମ ସଭାରେ ରାସ୍ତାର ନକ୍ସା ମଞ୍ଜୁରୀ ପାଇସାରିବା ପରେ ଗ୍ରାମବାସୀ ଆବଶ୍ୟକ ସଂଖ୍ୟକ ଗଛ କାଟିବେ ଏବଂ ଏହାକୁ ନିଲାମ କରି ଯେଉଁ ଅର୍ଥ ସଂଗ୍ରହ କରିବେ ସେହି ଅର୍ଥରେ ଦୁଇଗୁଣ ବୃକ୍ଷ ରୋପଣ କରିବେ। ଯେଉଁ ସବୁ ଗାଁ ଦେଇ ଏହି ରାସ୍ତା ଯିବ ପ୍ରତ୍ୟେକ ଗାଁରେ ଗୋଟିଏ ଲେଖାଏ ବନ ସଂରକ୍ଷଣ ସମିତି ଗଠନ କରିବେ। ଏହି ବନ ସଂରକ୍ଷଣ ସମିତି ଜଙ୍ଗଲ ସୁରକ୍ଷାର ସମସ୍ତ ଦାୟିତ୍ୱ ନେବ ଏବଂ ବାହାର ଲୋକଙ୍କ ପ୍ରବେଶ ଉପରେ ଆବଶ୍ୟକୀୟ କଟକଣା ଲଗାଇପାରିବ। ଯଦିଓ ଠିକାଦାର ସଂସ୍ଥା ରାସ୍ତା ନିର୍ମାଣର ଦାୟିତ୍ୱ ନେବ ସ୍ଥାନୀୟ ବନ ସଂରକ୍ଷଣ ସମିତି ଏହାର ତଦାରଖ କରିବ। ଠିକ୍ ଏହି ପ୍ରକ୍ରିୟାରେ ବିଦ୍ୟୁତ ସଂଯୋଗ, ଜଳ ଯୋଗାଣ ଭଳି ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ତଦାରଖ କରିବ।

ଆଦିବାସୀ ବହୁଳ ଅଞ୍ଚଳ ପାଇଁ ସମ୍ବିଧାନରେ ଗ୍ରାମ ସଭାକୁ ଅନେକ କ୍ଷମତା ପ୍ରଦାନ କରାଯାଇଛି। ଠିକ୍ ସେହିପରି ସାଧାରଣ ଅଞ୍ଚଳରେ ପଞ୍ଚାୟତଗୁଡ଼ିକୁ କ୍ଷମତା ପ୍ରଦାନ କରାଯାଇଛି। ପ୍ରଶାସନିକ ଅଧିକାରୀଙ୍କୁ ଅଧିକ ଭରସା କରି ଗ୍ରାମସଭାକୁ ହେୟ ଜ୍ଞାନ କରିବା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ। ଗଣତନ୍ତ୍ରରେ ଗ୍ରାମସଭାର ନିଷ୍ପତ୍ତି ସର୍ବୋପରି। ଜଙ୍ଗଲ ସୁରକ୍ଷାର ଦ୍ୱାହି ଦେଇ ଆଦିବାସୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ନିର୍ମାଣ ଭଳି ସର୍ବସାଧାରଣ ପ୍ରକଳ୍ପ ପାଇଁ ଗ୍ରାମ ସଭାକୁ ନିଷ୍ପତ୍ତି ନେବାର କ୍ଷମତା ପ୍ରଦାନ କଲେ ଜଙ୍ଗଲ ଭିତରେ ବା ନିକଟରେ ରହୁଥିବା ଗ୍ରାମଗୁଡ଼ିକ ମୌଳିକ ସୁବିଧା ପାଇପାରିବେ।

**ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର**

# ବେରୋଜଗାର ପ୍ରଭାବ



ରବିନାରାୟଣ ସାମଲ

ଅଭାବ ଅନଟନରେ ଥିବା ଯେକୌଣସି ପରିବାରର ଜଣେ ବ୍ୟକ୍ତିଙ୍କୁ ଯଦି ନିଯୁକ୍ତିଟିଏ ମିଳିଯାଏ, ତେବେ ସେହି ପରିବାରର ଆର୍ଥିକ ଅବସ୍ଥା ନିଶ୍ଚୟ ସୁଧୁରିଯିବ। ସୁତରାଂ ନିଯୁକ୍ତି ଅପେକ୍ଷାରେ ଥିବା ଦେଶର କୋଟି କୋଟି ଯୁବବର୍ଗ ବଞ୍ଚିବାର ରାହା ଖୋଜୁଥିବା ବେଳେ ସେମାନଙ୍କୁ ଉପଯୁକ୍ତ ଥଇଥାନ କରିବା ହେଉଛି ରାଷ୍ଟ୍ରର ଦାୟିତ୍ୱ। ମାତ୍ର ରାଷ୍ଟ୍ର ଏ କ୍ଷେତ୍ରରେ ବିଫଳ ହୋଇଥିବା ଯେ କେହି ସ୍ୱୀକାର କରିବେ। ନିଯୁକ୍ତି କେବଳ ସରକାରୀ ବା ବେସରକାରୀ ଚାକିରି ଭାବେ ବିବେଚନା ନ କରି ଆତ୍ମନିଯୁକ୍ତିକୁ ମଧ୍ୟ ଅଗ୍ରାଧିକାର ଦିଆଯାଇପାରେ। ନା ନିଯୁକ୍ତି ଅଛି ନା ଆତ୍ମନିଯୁକ୍ତି ନିମିତ୍ତ ସୁଯୋଗ ଅଛି?

ଆମ ଦେଶରେ ୩୫ ବର୍ଷ ବୟସରୁ କମ୍ ଯୁବଗୋଷ୍ଠୀଙ୍କ ମଧ୍ୟରୁ ଶତକଡ଼ା ୬୫ ଭାଗ ବେକାର। ଏହି ସଂଖ୍ୟା ମୋଟ ଜନସଂଖ୍ୟାର ପାଖାପାଖି ଅର୍ଦ୍ଧେକ। ଅଧା କର୍ମବିହୀନ ମାନବସମ୍ବଳକୁ ନେଇ କୌଣସି ଦେଶ କ'ଣ କେବେ ବିକାଶର ସ୍ୱପ୍ନ ଦେଖିପାରେ? କିନ୍ତୁ ଆମ ଦେଶର ରାଜନେତାମାନେ ଏପରି ସ୍ୱପ୍ନ ଦେଖିଥାନ୍ତି। କେତେଗୁଡ଼ିଏ ଆଳଙ୍କାରିକ ଶବ୍ଦଗୁଚ୍ଛକୁ ନେଇ ସେମାନେ ବାହୁସ୍ଫୋଟ ମାରନ୍ତି। ମାତ୍ର ବାସ୍ତବ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ସିଏମ୍ଆଇଇ ରିପୋର୍ଟ ଅନୁଯାୟୀ ଗତ ଜୁନ୍ ମାସରେ ଦେଶରେ ବେରୋଜଗାର ଶତକଡ଼ା ୭.୧ରୁ ୭.୮କୁ ବୃଦ୍ଧିପାଇଛି। ନିଯୁକ୍ତି ମିଶନ, ଦକ୍ଷତା ବିକାଶ, ସ୍କିଲ୍ ଇଣ୍ଡିଆ, ମେକ୍ ଇନ୍ ଓଡ଼ିଶା, ମେକ୍ ଇନ୍ ଇଣ୍ଡିଆ ଇତ୍ୟାଦି ବେରୋଜଗାର ହ୍ରାସ କରିବାରେ ସାହାଯ୍ୟ କରିପାରି ନାହିଁ।

ଭାରତୀୟ ରେଳବାଇ ହେଉଛି ସର୍ବାଧିକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା। ଏବେ ସେଥିରେ ୨ଲକ୍ଷ ୬୫ ହଜାର ପଦବୀ ଖାଲି ପଡ଼ିଛି। ଗତ ୬ ବର୍ଷ ମଧ୍ୟରେ ଗ୍ରୁପ୍ ସି ଓ ଡି ବର୍ଗରେ ୭୨ ହଜାର ପଦବୀ ଉଚ୍ଛେଦ କରାଯାଇଛି। ଆଧୁନିକୀକରଣ ନାଁରେ ଘରୋଇକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। କେବଳ ରେଳବାଇ ନୁହେଁ, ଆମେ ଯେକୌଣସି ଅଫିସ୍‌କୁ ଯିବା ସେଠାରେ ଦୁଇ-ଚାରି ଜଣ କର୍ମଚାରୀ କାର୍ଯ୍ୟରତ ଥିବା ଦେଖିବାକୁ ପାଇବା। ସେ ରାଜ୍ୟ ସରକାରୀ ଅଫିସ ହେଉ, କେନ୍ଦ୍ର ସରକାରୀ ଅଫିସ ହେଉ ବା ବ୍ୟାଙ୍କ, ବୀମା ଭଳି ଅଫିସ ହେଉ। ସବୁଥିରେ ପ୍ରାୟ ଅର୍ଦ୍ଧସଂଖ୍ୟକ କର୍ମଚାରୀଙ୍କୁ ନେଇ କାମ ଚାଲିଛି। ଗୋଟିଏ ପଟେ ଦେଶରେ ବେରୋଜଗାର ବଢ଼ି ଚାଲିଛି, ଅନ୍ୟପଟେ ଲକ୍ଷ ଲକ୍ଷ ପଦବୀ ଶୂନ୍ୟ ଥାଇ ମଧ୍ୟ ନିଯୁକ୍ତି ଦିଆଯାଉ ନାହିଁ, ବରଂ ପଦବୀ ଉଚ୍ଛେଦ କରାଯାଉଛି। ଏବେ କେନ୍ଦ୍ର ସରକାରୀ ଅଫିସରେ ଶତକଡ଼ା ୫୦ ଭାଗ ପଦବୀ ଖାଲି ପଡ଼ିଛି। ସୈନ୍ୟବାହିନୀ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୨ଲକ୍ଷରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ବିଚାର ବିଭାଗରେ ମଧ୍ୟ ତଦ୍ରୂପ ଅବସ୍ଥା। କେବଳ ନିମ୍ନ ଅଦାଲତରେ ୫ ହଜାର ବିଚାରପତି ପଦବୀ ଖାଲି।



ଓଡ଼ିଶା କଥା ଆହୁରି ଉଦ୍‌ବେଗଜନକ। ପ୍ରାୟ ସବୁ ଅଫିସ ଫାଙ୍କା। ଅବସର ନେଉଥିବା କର୍ମଚାରୀଙ୍କ ସ୍ଥାନ ପୂରଣ କରାଯାଉ ନାହିଁ, ଅପରନ୍ତୁ ଉଚ୍ଛେଦ କରାଯାଉଛି। ଆର୍ଥିକ ସଂସ୍କାର କାର୍ଯ୍ୟକାରୀ ହେବାରୁ ୧୯୯୯-୨୦୦୮ ମଧ୍ୟରେ ୪୫,୫୧୩ଟି ପଦବୀ ଉଚ୍ଛେଦ ହୋଇଛି। ଗତ ବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟରେ ୨ଲକ୍ଷ ୨୬ହଜାର ୫୫୯ଟି ପଦବୀ ଖାଲି ପଡ଼ିଛି। ୩,୧୯୭ଟି ସ୍କୁଲ ଜଣେ ଲେଖାଏ ଶିକ୍ଷକରେ ଚାଲିଛି। ସରକାରୀ ମହାବିଦ୍ୟାଳୟରେ ଶତକଡ଼ା ୫୬ ଭାଗ ଶିକ୍ଷକ ପଦବୀ ଖାଲି ଥିଲା ବେଳେ ଶତକଡ଼ା ୬୦ଅଣଶିକ୍ଷକ ପଦବୀ ଖାଲି। ପୋଲିସ ବିଭାଗରେ ୧୧,୪୫୬, ମହିଳା ଓ ଶିଶୁ ବିକାଶ ବିଭାଗରେ ୧୨୫୧, ସମବାୟ ବିଭାଗରେ ୧୮୬୨ ଓ ରାଜସ୍ୱ ବିଭାଗରେ ୭୩୪ଟି ପଦବୀ ଖାଲି। ଡାକ୍ତରଖାନାଗୁଡ଼ିକରେ ଶତକଡ଼ା ୪୪ ପଦବୀ ଖାଲି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ସ୍ୱଳ୍ପ ବେତନରେ ପୁନଃ ନିଯୁକ୍ତି ଦିଆଯାଉଥିବା ବେଳେ ଠିକାରେ କର୍ମଚାରୀ ନିଯୁକ୍ତି ପାଉଛନ୍ତି। ଏପଟେ ରାଜରାସ୍ତାରେ ଯୋଗ୍ୟତାସମ୍ପନ୍ନ ଓ ତାଲିମପ୍ରାପ୍ତ ଯୁବକ-ଯୁବତୀ ସାର୍ଟିଫିକେଟ ଧରି ଘୂରି ବୁଲୁଛନ୍ତି।

ସ୍କିଲ୍ ଇଣ୍ଡିଆ ସ୍ଲୋଗାନ ଶୁଣି ଶୁଣି କାନ ବଧିରା ହୋଇଯାଉଥିବା ବେଳେ ଦେଶରେ ସ୍କିଲ୍ଡ ବା କୁଶଳୀ ମାନବସମ୍ବଳକୁ ବିଚାର କଲେ ନିରାଶ ହେବାକୁ ପଡ଼େ। ଜାପାନରେ କୁଶଳୀ ମାନବସମ୍ବଳ ହେଉଛି ମୋଟ ଜନସଂଖ୍ୟାର ଶତକଡ଼ା ୯୬ ଭାଗ। ଏହା ଦକ୍ଷିଣ କୋରିଆରେ ଶତକଡ଼ା ୯୫, ଚାଇନାରେ ଶତକଡ଼ା ୫୬ ଓ ଆମେରିକାରେ ଶତକଡ଼ା ୫୫ ହୋଇଥିବା ସ୍ଥଳେ ଆମ ଦେଶରେ ଏହା ମାତ୍ର ଶତକଡ଼ା ୪ ଭାଗ। ଦେଶ 'ଆତ୍ମନିର୍ଭରଶୀଳ' ହେବ କେମିତି? 'ମେକ୍ ଇନ୍ ଇଣ୍ଡିଆ' କ'ଣ ଏହି ଅଭାବ ଦୂର କରିପାରିବ?

ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ବେରୋଜଗାର ଯୋଗୁ ଅନନ୍ୟୋପାୟ ହୋଇ ବେକାର ଯୁବକ-ଯୁବତୀ ଆତ୍ମହତ୍ୟାର ପଥ ବାଛି ନେଉଛନ୍ତି। ବେରୋଜଗାର ଯେ ବ୍ୟକ୍ତିଗତ ଜୀବନକୁ କେବଳ ପ୍ରଭାବିତ କରେ ତାହା ନୁହେଁ, ଏହା ସାମାଜିକ ତଥା ଦେଶର ଅର୍ଥନୀତିକୁ ଅଧିକ ମାତ୍ରାରେ କ୍ଷତି ଘଟାଇଥାଏ। ଦେଶରେ ଦାରିଦ୍ର୍ୟ ବୃଦ୍ଧି କରିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଆଜି ଦେଶରେ ଯେଉଁ ମାନ୍ଦା ଅବସ୍ଥା ସୃଷ୍ଟି ହୋଇଛି ତାହା ମୁଖ୍ୟତଃ ବେରୋଜଗାର ଯୋଗୁ ହିଁ ହୋଇଛି। ବର୍ଷକୁ ପ୍ରାୟ ୨୦ ଲକ୍ଷ ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଲୋକ କାମଧନ୍ଦା ଅଭାବରୁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। ସେମାନଙ୍କ ମଧ୍ୟରୁ କିଏ କେଉଁଠି ମଲା କି ଗଲା ସେ ତଥ୍ୟ ସରକାରଙ୍କ ପାଖରେ ନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ବେରୋଜଗାର ଅବସ୍ଥା ଦାରିଦ୍ର୍ୟ ସାଙ୍ଗକୁ ସାମାଜିକ ଅସ୍ଥିରତା ସୃଷ୍ଟି କରିବାରେ ଅଗ୍ର ଭୂମିକା ଗ୍ରହଣ କରୁଛି।

ବର୍ଷକୁ ୨ କୋଟି ନିଯୁକ୍ତି ଦେବାକୁ ମୋଦି ସରକାର ପ୍ରତିଶ୍ରୁତି ଦେଇଥିଲେ। ଆଠ ବର୍ଷ ହେଲାଣି ଜଣେ ବି ହେଲେ ନିଯୁକ୍ତି ପାଇଲେ ନାହିଁ। ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ। ସରକାର କାଳ ବିଳମ୍ବ ନ କରି ଯୁଦ୍ଧକାଳୀନ ଭିତ୍ତିରେ ବେକାର ଯୁବଗୋଷ୍ଠୀଙ୍କୁ କର୍ମ ନିଯୁକ୍ତିର ବ୍ୟବସ୍ଥା କରନ୍ତୁ।

**ମୋ- ୭୯୭୫୦୪୬୪୮୬**

# ଦେଶ ବିରୋଧୀ

ସେପ୍ଟେମ୍ବର ୧୯ରେ ଗୁଜରାଟର ମୁନ୍ଦ୍ରା ବନ୍ଦରରୁ ରାଜସ୍ୱ ଗୋଇନ୍ଦା ବିଭାଗ(ଡିଆର୍‌ଆଇ) ୪୮ କୋଟି ଟଙ୍କାର ଇ-ସିଗାରେଟ ଷ୍ଟିକ୍ ଜବତ କରିଛି। ଗୁଜରାଟରେ ଚଳିତ ମାସରେ ଇ-ସିଗାରେଟ ଜବତ ହେବା ଦ୍ୱିତୀୟ ଘଟଣା। ସେପ୍ଟେମ୍ବର ୫ରେ ଡିଆର୍‌ଆଇ ସୁରଟ ନିକଟରୁ ୨୦ କୋଟି ଟଙ୍କାର ଇ-ସିଗାରେଟ ବୋଝେଇ ଟ୍ରକ୍ ଜବତ କରିଥିଲା । ମୁନ୍ଦ୍ରାରୁ ଜବତ ହୋଇଥିବା ଉକ୍ତ ସିଗାରେଟ ଚାଇନା ନିର୍ମିତ ୟୁଟୋ ବ୍ରାଣ୍ଡ୍‌ର। ଭାରତୀୟ କିଶୋର ଓ ଯୁବପିଢ଼ି ଇ-ସିଗାରେଟ ପ୍ରତି ଅତ୍ୟଧିକ ଆସକ୍ତ ହେଉଥିବା ଲକ୍ଷ୍ୟ କରି ସେପ୍ଟେମ୍ବର ୨୦୧୯ରୁ ଏହାର ଉତ୍ପାଦନ, ଆମଦାନୀ , ରପ୍ତାନି, ବିକ୍ରି , ବିତରଣ ଓ ବିଜ୍ଞାପନକୁ ଭାରତ ସରକାର ନିଷେଧ କରିଥିଲେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୃଥିବୀର ୪୭ ଦେଶ ଇ-ସିଗାରେଟ ବ୍ୟାନ୍ କରିଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରେ କୌଣସି ପ୍ରମୁଖ ପାଶ୍ଚାତ୍ୟ ରାଷ୍ଟ୍ର ନାହାନ୍ତି। ଇ-ସିଗାରେଟ ପାନକୁ ଭେପିଂ ମଧ୍ୟ କୁହାଯାଏ। ମୁଖ୍ୟତଃ ଏହା କିଶୋରମାନଙ୍କ ମସ୍ତିଷ୍କ ବିକାଶରେ ବାଧା ସୃଷ୍ଟି କରିବା ସହ ସେମାନଙ୍କ ଶାରୀରିକ ଅବସ୍ଥାକୁ ପ୍ରଭାବିତ କରୁଥିବାରୁ ସେତେବେଳେ ଇ-ସିଗାରେଟ ନିଷେଧ କରାଯାଇଥିବା ସ୍ପଷ୍ଟ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଭାରତ ଯୁବକମାନଙ୍କ ଦେଶ। ବିଶ୍ୱରେ ୧୦ରୁ ୨୪ ବର୍ଷ ବୟସ ମଧ୍ୟରେ କିଶୋର ଓ ଯୁବକଙ୍କ ସଂଖ୍ୟା ଭାରତରେ ସର୍ବାଧିକ । ଏମାନେ ରାଷ୍ଟ୍ରର ସମ୍ବଳ। ନିଶା କବଳରୁ ଏମାନଙ୍କୁ ବଞ୍ଚାଇବା ଲକ୍ଷ୍ୟରେ ଇ-ସିଗାରେଟ ନିଷେଧ କରିବା ଏକ ସୁପଦକ୍ଷେପ। କିନ୍ତୁ ତାହାର କାର୍ଯ୍ୟକାରିତା ଉପରେ ସବୁବେଳେ ପ୍ରଶ୍ନ ଉଠିଛି ଓ ଚୋରା କାରବାର ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲଗାଯାଇପାରୁନାହିଁ। ନିଷେଧ କରାଯିବା ସତ୍ତ୍ୱେ ଏହା ବିଦେଶରୁ ଆସୁଥିବାର ପ୍ରମାଣ ଏବେ ଦୁଇଟି ଘଟଣାରୁ ସ୍ପଷ୍ଟ ହୋଇଛି। ୧୫ ଦିନ ବ୍ୟବଧାନରେ ଏତେ ପରିମାଣରେ ଇ-ସିଗାରେଟ ଭାରତକୁ ଆସିବା ଚିନ୍ତାଜନକ ବିଷୟ।

କେବଳ ଇ-ସିଗାରେଟ ନୁହେଁ, ହେରୋଇନ ଆଦି ମାଦକଦ୍ରବ୍ୟ ମଧ୍ୟ ଜବତ ହେବାରେ ଗୁଜରାଟ ସବୁବେଳେ ଚର୍ଚ୍ଚାରେ ରହିଛି। ଗତବର୍ଷ ସମାନ ତାରିଖ ଅର୍ଥାତ୍ ସେପ୍ଟେମ୍ବର ୧୯ରେ ଆଦାନୀ ଗ୍ରୁପ ମାଲିକାନାରେ ଥିବା ଉକ୍ତ ମୁନ୍ଦ୍ରା ବନ୍ଦରରୁ ୩,୦୦୦ କେଜି ହେରୋଇନ ଜବତ କରାଯାଇଥିଲା ; ଯାହାର ମୂଲ୍ୟ ପାଖାପାଖି ୨୧,୦୦୦ କୋଟି ଟଙ୍କା। ଗୁଜରାଟ ମାରାତ୍ମକ ନିଶାଦ୍ରବ୍ୟ ଚୋରା କାରବାର କେନ୍ଦ୍ର ବୋଲି ଏହି ଘଟଣାଗୁଡ଼ିକ ସୂଚାଉଛି। ଅନ୍ୟପକ୍ଷରେ ଗୁଜରାଟରେ ମଦ ବିକ୍ରି ହୁଏ ନାହିଁ ବୋଲି ଦାବି କରି ତାହାକୁ ଭାରତର 'ଡ୍ରାଏ ଷ୍ଟେଟ୍' ଆଖ୍ୟା ଦିଆଯାଇଛି। କିନ୍ତୁ ସେହି ରାଜ୍ୟରୁ ଜବତ ମାଦକ ଦ୍ରବ୍ୟର ପରିମାଣକୁ ଦେଖିଲେ ମନେହେଉଛି ଯେପରି ଗୁଜରାଟ ନିଶାଦ୍ରବ୍ୟର ପେଣ୍ଠସ୍ଥଳୀ। ଫୋର୍ବସ୍ ମାଗାଜିନ ପକ୍ଷରୁ କରାଯାଇଥିବା ବିଶ୍ୱର ଧନୀ ବ୍ୟକ୍ତିବିଶେଷଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଗୌତମ ଆଦାନୀ। ହେଲେ ତାଙ୍କ ଦ୍ୱାରା ପରିଚାଳିତ ଏହି ବନ୍ଦରରୁ ବାରମ୍ବାର ନିଶାଦ୍ରବ୍ୟ ଜବତ ହେବା ହେତୁ ମନେହେଉଛି ଯେପରି ଧନ ବଳରେ ପ୍ରଶାସନ ଓ ଆଇନ ବ୍ୟବସ୍ଥାକୁ ହାତେଇ ନେଇ ଦେଶର ଯୁବପିଢ଼ିର ପ୍ରବଳ କ୍ଷତି ଘଟାଯାଉଛି। ଏଭଳି ମାରାତ୍ମକ କାର୍ଯ୍ୟକୁ ଯେକୌଣସି ସଂଗଠନ ବା ରାଜନୈତିକ ବ୍ୟକ୍ତି ସମର୍ଥନ କରୁଛନ୍ତି, ସେମାନେ ଏବେ ସର୍ବୋଚ୍ଚ ଦେଶ ବିରୋଧୀ ଭାବେ ଗଣାହେବା କଥା।

## ଏଇ ଭାରତରେ

ସମନ୍ୱିତ କୃଷି ସହ ଅନେକ ଶହ ଔଷଧୀୟ ବୃକ୍ଷ ସଂଗ୍ରହକରି କେରଳର ଏଜିକିଲ ପୌଲୋସ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପୌଲୋସ ପେସାରେ ଜଣେ ସିଷ୍ଟମ ଆର୍କିଟେକ୍ଟ। ସେ କୋଚିର ଦକ୍ଷିଣରେ ଥିବା ଛୋଟାନିକାରରେ ରହନ୍ତି। ପୌଲୋସ ମାଛ, କୁକୁଡ଼ା ଓ ଗୋପାଳନ କରିବା ସହ ଦୀର୍ଘ ୧୪ ବର୍ଷର ନିରବଚ୍ଛିନ୍ନ ପ୍ରୟାସ ବଳରେ ୧ ଏକର ଜମିରେ ୫୦୦ ବିରଳ ଔଷଧୀୟ ବୃକ୍ଷ ଉତାରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ଘର ଚାରିପାଖରେ ଏହିସବୁ ବୃକ୍ଷ ଶୋଭାପାଉଛି। ସାପକାମୁଡ଼ାଠାରୁ ଆରମ୍ଭ କରି ପେଟ ଓ ଚର୍ମ ଆଦି ବିଭିନ୍ନ ରୋଗ ଲାଗି ବହୁ ଔଷଧୀୟ ବୃକ୍ଷ ସେ ବିଦେଶରୁ ସଂଗ୍ରହ କରିଛନ୍ତି। ବର୍ଷାଜଳ ଅମଳକରି ଜଳସେଚନ କରୁଛନ୍ତି । ସୌରଶକ୍ତି ଦ୍ୱାରା ଘର ଓ ଚାଷ ଲାଗି ବିଦ୍ୟୁତ୍ ଶକ୍ତି ଆବଶ୍ୟକତା ପୂରଣ ହେଉଛି। ୨୦୦୭-୦୮ରୁ ପୌଲୋସ ଔଷଧୀୟ ବୃକ୍ଷ ସଂଗ୍ରହ ଆରମ୍ଭ କରିଥିଲେ। କର୍ଣ୍ଣାଟକ ଏବଂ ଉତ୍ତର ପୂର୍ବାଞ୍ଚଳରେ ରହୁଥିବା ପୌଲୋସଙ୍କ ସାଙ୍ଗମାନେ ମଧ୍ୟ ଔଷଧୀୟ ବୃକ୍ଷ ସଂଗ୍ରହ କରି ତାଙ୍କ ପାଖକୁ ପଠାଉଛନ୍ତି। ବଗିଚାର ଯତ୍ନ ନେବାରେ ପୂରା ପରିବାର ତାଙ୍କୁ ସହଯୋଗ କରୁଛନ୍ତି। ସେ ୧୦୦୦ ଔଷଧୀୟ ବୃକ୍ଷ ସଂଗ୍ରହକରି ତାଙ୍କ ବଗିଚାକୁ ଏକ ସବୁଜ ସ୍ୱର୍ଗରେ ପରିଣତ କରିବା ଲାଗି ଯୋଜନା ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ସେପ୍ଟେମ୍ବର ୧୯୯୭**

- ୬ ମାସିଆ କାର୍ଯ୍ୟକାଳ ପୂରିଯିବା ପରିପ୍ରେକ୍ଷୀରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ପଦରୁ ମାୟାବତୀଙ୍କ ଇସ୍ତଫା ପ୍ରଦାନ।
- ଲୋକପ୍ରିୟ ଚଳଚ୍ଚିତ୍ର ନିର୍ମାତା ତଥା ଅଭିନେତା ଅନୁପ କୁମାରଙ୍କ ୭୨ ବର୍ଷ ବୟସରେ ପରଲୋକ।
- ଅନୁଗୋଳ-ବୁଢ଼ାପଙ୍କ, ଡୁବୁରୀ-ସୁକିନ୍ଦା ରୋଡ୍ ନୂଆ ରେଳପଥ ନିର୍ମାଣ ଅଭିଯାନର ଏକ ସଫଳତା ସ୍ୱରୂପ ଡୁବୁରୀ ରେଳ ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | 9 | | | | 7 |
| | | 8 | | | | 2 | | |
| | 1 | | | | | 3 | | |
| | 7 | | | 6 | | | | 2 |
| | | 5 | 4 | 2 | | | | |
| | | 2 | 3 | | | | | 4 |
| | 9 | | 2 | | 8 | | | |
| | | | | 5 | 9 | | | |
| | 5 | | 7 | 4 | | | 8 | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 3 | 5 | 4 | 8 | 7 | 2 | 9 |
| 9 | 2 | 4 | 6 | 3 | 7 | 8 | 1 | 5 |
| 5 | 7 | 8 | 1 | 9 | 2 | 6 | 3 | 4 |
| 7 | 3 | 2 | 9 | 5 | 6 | 1 | 4 | 8 |
| 4 | 6 | 5 | 3 | 8 | 1 | 9 | 7 | 2 |
| 1 | 8 | 9 | 2 | 7 | 4 | 3 | 5 | 6 |
| 3 | 9 | 6 | 7 | 2 | 5 | 4 | 8 | 1 |
| 2 | 4 | 1 | 8 | 6 | 3 | 5 | 9 | 7 |
| 8 | 5 | 7 | 4 | 1 | 9 | 2 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ର ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର

ମହାଶୟ,

କେନ୍ଦ୍ର ତଦନ୍ତକାରୀ ସଂସ୍ଥା ଇଡି ଓ ସିବିଆଇର କେନ୍ଦ୍ର ସରକାର ଅପବ୍ୟବହାର କରୁଛନ୍ତି ଏବଂ ବିରୋଧୀମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଏହି ସଂସ୍ଥାଗୁଡ଼ିକର ସହାୟତା ନେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ଅଭିଯୋଗର ସତ୍ୟତା ସାଧାରଣରେ ଉପଲବ୍ଧି ହେଉଛି। କାରଣ ଗତ ୮ ବର୍ଷ ମଧ୍ୟରେ ଏହି ଦୁଇଟି ସଂସ୍ଥା ପକ୍ଷରୁ ବିରୋଧୀ ଦଳର ନେତାଙ୍କ ଉପରେ ଯେତେଥର ଚଢ଼ାଉ ହୋଇଛି ସେହି ତୁଳନାରେ ସରକାରଙ୍କୁ ସମର୍ଥନ କରୁଥିବା ନେତାଙ୍କ ଉପରେ ଚଢ଼ାଉ କରାଯାଉ ନାହିଁ । ପ୍ରଶ୍ନ ଉଠୁଛି ସରକାରଙ୍କୁ ସମର୍ଥନ କରୁଥିବା ଦଳର ନେତାମାନେ କ'ଣ ସଚ୍ଚୋଟ । ଏହି ସଂସ୍ଥାଗୁଡ଼ିକର ଅପବ୍ୟବହାର ଏବେ ମାତ୍ରାଧିକ୍ୟ ବାରି ହୋଇଯାଉଛି। ଏକ ତଥ୍ୟରୁ ଜଣାପଡ଼ିଛି ଯେ, ୨୦୧୧ରୁ ଏ ପର୍ଯ୍ୟନ୍ତ ଇଡି ୧୭୦୦ ସ୍ଥାନରେ ଚଢ଼ାଉ କରିଛି। ମାତ୍ର ୯ଟି ମାମଲାରେ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହୋଇଛନ୍ତି। ଏହା ପ୍ରମାଣିତ କରୁଛି ଯେ, ଚଢ଼ାଉ ଓ ଜେରା ଉଦ୍ଦେଶ୍ୟମୂଳକ ଭାବେ ହେଉଛି।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଚଳଇ ଧୀରେ ମେଘ
ଆକାଶେ ନାହିଁ ବେଗ
ଅଶନିଘୋଷ ନାହିଁ ଶୁଭଇ
ପିଚ୍ଛିଳ ପଥେ ପାଦ
ରଚଇ ପରମାଦ
ମରମ କି ଦରଦ ଲଭଇ !
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୨୪ରେ ଯୁବ ଉତ୍ସବ**

**ଖୋର୍ଦ୍ଧା ଅଫିସ:** ନେହେରୁ ଯୁବ କେନ୍ଦ୍ର ଖୋର୍ଦ୍ଧା ପକ୍ଷରୁ ଆସନ୍ତା ୨୪ ତାରିଖରେ ପାଳନ ହେବ ଯୁବ ଉତ୍ସବ। ମଦନପୁର ସ୍ଥିତ ଇଞ୍ଜିନିୟରିଂ କଲେ ନିସ୍ ପରିସରରେ ଏହି କାର୍ଯ୍ୟକ୍ରମ ହେବ। ଉତ୍ସବରେ ଜିଲାର ଯୁବତୀ, ଯୁବକ, ଯୁବ ଅନୁଷ୍ଠାନ, କ୍ଲବ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେବେ। ଚିତ୍ରକଳା, ତର୍କ, କବିତା ପାଠ, ଫଟୋଗ୍ରାଫି, ଓଡ଼ିଶୀ ନୃତ୍ୟ, ଯୁବ ସମ୍ବାଦ ଆଦି ପ୍ରତିଯୋଗିତା ହେବ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଚାହୁଁଥିଲେ ଭୁବନେଶ୍ୱର ନୟାପଲ୍ଲୀ ୭୧ ଭିଆଇପିସ୍ଥିତ ନେହେରୁ ଯୁବକେନ୍ଦ୍ରରେ ଯୋଗାଯୋଗ କରିବା ଲାଗି କେନ୍ଦ୍ରର ଯୁବ ଅଧିକାରୀ ବିପିନ୍ କୁମାର ଜଣାଇଛନ୍ତି।

## ସଂକ୍ଷେପରେ

### ଘରକୁ ଫେରିଲା ଦୁଇ ବର୍ଷ ଶିଶୁର ମୃତଦେହ

**ଓଡ଼ିଶା ମୋ ପରିବାରର ସହାୟତା**

**ଭୁବନେଶ୍ୱର, ୨୦।୯(ବ୍ୟୁରୋ):** ଅର୍ଥ ଅଭାବରୁ ଘରକୁ ଫେରି ପାରୁ ନ ଥିଲା ଦୁଇ ବର୍ଷ ଶିଶୁର ମୃତଦେହ। ବାପା, ମା’ଙ୍କ ଅସହାୟତାକୁ ଦେଖି ସହାୟତାର ହାତ ବଢ଼ାଇଲା ଓଡ଼ିଶା ମୋ ପରିବାର। ଫଳରେ ଶିଶୁର ମୃତଦେହ ସୋମବାର ଘରକୁ ଫେରିଛି। ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳର ବାସିନ୍ଦା ଗୋପାଳ ଭୁଏଙ୍କର ଦୁଇ ବର୍ଷର ପୁଅ ରୋଶନ ଭୁଏ ଲିଭର ଟ୍ୟୁମର ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ଚାଲିଥିଲା। ସୋମବାର ରୋଶନଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ଆର୍ଥିକ ଚାପରେ ଥିବାରୁ ପୁଅର ମୃତଦେହ ନିଜ ଗ୍ରାମକୁ ନେବା ପାଇଁ ଅସମର୍ଥ ଥିଲେ। ଅସହାୟ ହୋଇ ସେମାନେ ଓଡ଼ିଶା ମୋ ପରିବାର, ଜୀବନବିନ୍ଦୁ କଟକ ସିଟି ସଂଯୋଜକ ଡ. ରଞ୍ଜନ ବିଶ୍ୱାଳଙ୍କୁ ଯୋଗାଯୋଗ କରି ସହାୟତା କରିବାକୁ ଅନୁରୋଧ କରିଥିଲେ। ଡ. ବିଶ୍ୱାଳ ଏ ସମ୍ପର୍କରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଜଣାଇବା ପରେ ଏକ ଟିମ୍ ହସ୍ପିଟାଲରେ ପହଞ୍ଚି ଶିଶୁର ମୃତଦେହ ତାଙ୍କ ଗ୍ରାମକୁ ନେବା ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା କରିଥିଲେ। ଗାଁରେ ମୃତଦେହ ପହଞ୍ଚିବା ପରେ ବଲାଙ୍ଗୀର ଜିଲା ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ସଂଯୋଜକ ସାଗର ସଙ୍ଗମ ଶତପଥୀ ଏବଂ ବିଜୁ ଯୁବ ଜନତା ଦଳର ୧୪ ନଂ ଜୋନ୍ ସଭାପତି ଅରକ୍ଷିତ ଦଣ୍ଡସେନା ପରିବାର ସଦସ୍ୟଙ୍କ ସହିତ ଉପସ୍ଥିତ ରହି ଶେଷକୃତ୍ୟ ସମ୍ପନ୍ନରେ ସାହାଯ୍ୟ କରିଥିଲେ।

### ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ବାଲିଅନ୍ତା, ୨୦।୯(ଡି.ଏନ୍.ଏ.):** ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି)ର ୪ନଂ. ୱାର୍ଡ ଅଧୀନ ଜୟପୁର ମୌଜାର ୧୬ ନଂ. ଜାତୀୟ ରାଜପଥଠାରୁ ବିଷ୍ଣୁବିହାରକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ପାଇଁ ମଙ୍ଗଳବାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଓ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ ଅତିଥି ରୂପେ ଯୋଗଦେଇଥିଲେ। ଏହି କାର୍ଯ୍ୟ ପାଇଁ ବିଏମ୍ସି ପକ୍ଷରୁ ୩୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି।

### ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟାକାଶରେ ଚନ୍ଦ୍ର

**ଭୁବନେଶ୍ୱର, ୨୦।୯(ବ୍ୟୁରୋ):** ସ୍ୱଭାବ କବି ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟ ଆକାଶରେ ଚନ୍ଦ୍ର ସମାନ ପ୍ରତୀୟମାନ। ସାମ୍ପ୍ରତିକ ସମାଜ ଏକ ହଳାହଳମୟ ବିଷରେ ଉବୁଟୁବୁ ହେଉଥିବା ବେଳେ ମେହେରଙ୍କ ସାହିତ୍ୟ ଏକ ମହୌଷଧି ଭାବରେ କାର୍ଯ୍ୟ କରିଥାଏ। ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ମଙ୍ଗଳବାର ଅନୁଷ୍ଠିତ ଆଜାଦୀ କା ଅମୃତ ମହୋତ୍ସବ ଏବଂ ୬୪ତମ ସ୍ୱତନ୍ତ୍ର ସଂସ୍କୃତି ଚର୍ଚ୍ଚା ସମାରୋହରେ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ପାର୍ଥସାରଥି ଅଜୟ ବାରିକ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପରେ ଗଙ୍ଗାଧର ଆଞ୍ଚଳିକତାବାଦରୁ ଉତ୍ତୀର୍ଣ୍ଣ ହୋଇ ବିଶ୍ୱ ପ୍ରେମରେ ନିଜକୁ ହଜାଇ ଦେଇଥିଲେ । ପ୍ରକୃତି ଚିତ୍ରଣ ପାଇଁ ସ୍ୱଭାବ କବି ଗଙ୍ଗାଧର କେବଳ ଓଡ଼ିଆ କି ଭାରତୀୟ ସାହିତ୍ୟ ନୁହେଁ, ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ରାଧାନାଥ ସାହିତ୍ୟରେ କର୍ମକାରକ ହୋଇଥିବା ବେଳେ ମେହେର କର୍ତ୍ତାକାରକ ରୂପରେ ପ୍ରତୀୟମାନ ହୁଅନ୍ତି ବୋଲି ବାରିକ କହିଛନ୍ତି। ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି, ଗଙ୍ଗାଧର ମେହେର ଯଦିଓ ଅତି ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ ଏବଂ ପାଠ ପଢ଼ିବାର ସୁଯୋଗ ପାଇ ନ ଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ନିଜର ଅଧବସାୟ ଏବଂ ଚେଷ୍ଟା ବଳରେ ସେ ଓଡ଼ିଆ, ହିନ୍ଦୀ ଏବଂ ସଂସ୍କୃତ ସାହିତ୍ୟରେ ନିଜର କୃତୀ ଛାଡ଼ିଯାଇଛନ୍ତି, ଯାହା ନିଶ୍ଚିତ ଭାବରେ କାଳଜୟୀ । ତାଙ୍କର କୃତୀଗୁଡ଼ିକ ବର୍ତ୍ତମାନ ବିଶ୍ୱବିଦ୍ୟାଳୟମାନଙ୍କରେ ପଢ଼ାଯାଉଛି। ଏହା ମଧ କୁହାଯାଏ ଯେ, ଯଦି ତାଙ୍କ କୃତୀଗୁଡ଼ିକୁ ସେ ସମୟରେ ଇଂଲିଶରେ ଅନୁବାଦ କରାଯାଇ ପାରିଥାନ୍ତା ହୁଏତ ସେ ନୋବେଲ ପୁରସ୍କାର ପାଇପାରିଥାନ୍ତେ । ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ।

# ଉମଣାରେ ‘ପଶ୍ଚିମବଙ୍ଗର ରୟାଲ ପ୍ୟାଲେସ’

ଭୁବନେଶ୍ୱର, ୨୦।୯(ବ୍ୟୁରୋ)






ମା’ ଆସୁଛନ୍ତି। ଚଳଚଞ୍ଚଳ ହୋଇପଡିଛି ରାଜଧାନୀ। ଚାରିଆଡେ ଖୁସିର ମାହୋଲ। ଦୁଇ ବର୍ଷ ପରେ ଭକ୍ତମାନେ ଦର୍ଶନ କରିବେ ମା’ ଦଶଭୁଜାଙ୍କୁ। ଏଥିପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଦୌଡ଼ରୁ ବାଦ୍ ପଡ଼ିନି ଉମଣା ଗୋପୀନାଥ ଜୀଉ ଦୁର୍ଗାପୂଜା କମିଟି। ଚଳିତ ବର୍ଷ କମିଟି ପଶ୍ଚିମବଙ୍ଗର ରୟାଲ ପ୍ୟାଲେସ ସଦୃଶ ତୋରଣ ଭେଟିଦେବ।

ସହର ଭିତରେ ଗ୍ରାମର ଭାଇଚାରାକୁ ବଜାୟ ରଖି ୧୦ ବର୍ଷ ତଳେ ପ୍ରତିଷ୍ଠା ହୋଇଥିଲା ଉମଣା ଗୋପୀନାଥ ଜୀଉ ଦୁର୍ଗାପୂଜା କମିଟି। ଚଳିତ ବର୍ଷ କମିଟି ୧୧ ବର୍ଷରେ ପଦାପର୍ଣ କରିଛି। କମିଟି ପକ୍ଷରୁ ପଶ୍ଚିମବଙ୍ଗର ରୟାଲ ପ୍ୟାଲେସ ସଦୃଶ ତୋରଣ ନିର୍ମାଣ କରାଯିବ। ଏହାର ଓସାର ୧୦୦ ଫୁଟ ଓ ଚଉଡା ୮୦ ଫୁଟ ରହିବ। ଢେଙ୍କାନାଳର କୁଶଳୀ କାରିଗରମାନଙ୍କ ଦ୍ୱାରା ତୋରଣ ନିର୍ମାଣ କରାଯାଉଛି। ଏଥିପାଇଁ ୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ମଣ୍ଡପକୁ ସଂଯୋଗ କରୁଥିବା ୩ଟି ରାସ୍ତାରେ ଏଲ୍ଇଡି ଲାଇଟ୍ ଗେଟ୍ ଲାଗିବା ସହ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯିବ। ୧୬ ଫୁଟର ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ସହ ୧୪ ଫୁଟର ତାରକସି ମେଢ କାମ ଜାରିରହିଛି। ଏହାକୁ ପୁରୁଣା ଭୁବନେଶ୍ୱରର କାରିଗରମାନେ ନିର୍ମାଣ କରୁଛନ୍ତି। ମା’ଙ୍କ ମସ୍ତକରେ ଚାନ୍ଦି ମୁକୁଟ ଶୋଭାପାଇବା ସହିତ ତାରକସି ଗହଣାରେ ସୁସଜ୍ଜିତ ହେବେ ଦୁର୍ଗତିନାଶିନୀ। ସପ୍ତମୀରେ କଳସ ଯାତ୍ରାରେ ୧୦୮ ଜଣ ମହିଳା ସାମିଲ ହେବେ। ଦଶମୀ ଦିନ ଦହି ପଖାଳ ଭୋଗ, ଅପରାଜିତା ପୂଜା, ହୋମ, ପୂର୍ଣ୍ଣାହୁତି, ଘଟ ବିସର୍ଜନ ଓ ରାବଣ ପୋଡି ଅନୁଷ୍ଠିତ ହେବ। ସେହିପରି ଭଜନ ସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମ ରହିଛି। ଭିଡ ନିୟନ୍ତ୍ରଣ କରିବା ପାଇଁ ୧୦୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଏଥିସହିତ ୮ଟି ସିସିଟିଭି କ୍ୟାମେରା ଲଗାଯିବ। ମଣ୍ଡପରେ ୪ଟି ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯିବ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଗୋପୀନାଥ ଜୀଉ ୟୁଥ କ୍ଲବ, ଲକ୍ଷ୍ମୀନାରାୟଣ କ୍ଲବ ଓ ଉମଣା ବାଉତେଇ ମହିଳା ସମିତି ସହଯୋଗ କରିବେ।

### ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇଛୁ



“ରାଜ୍ୟ ସରକାରଙ୍କ ଗାଇଡ୍ଲାଇନ ପାଳନ କରିବା ସହିତ ଯଥାବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବାର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇଛୁ। ପ୍ରତିବର୍ଷ ଭଳି ଏ ବର୍ଷ ମଧ ପ୍ରଶାସନ ପକ୍ଷରୁ ସହଯୋଗ କରାଯିବ ବୋଲି ଆଶା ରହିଛି। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ଗ୍ରାମବାସୀ ଲାଗିପଡିଛୁ। ସ୍ଥାନୀୟ ପୋଲିସର ସହାୟତା ନିଆଯାଇଛି।

**ନିଶାକର ସାହୁ, ପ୍ରତିଷ୍ଠାତା ସଭାପତି**

### ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ବିଭିନ୍ନ ଶିକ୍ଷକ ସଂଘର ପ୍ରତିନିଧି

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଶିକ୍ଷକ ସଂଘର ପ୍ରତିନିଧିମାନେ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ତାଙ୍କ ଲୋକସେବା ଭବନସ୍ଥ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟିଛନ୍ତି। ଓଷ୍ଟା, ନିଖିଳ ଉତ୍କଳ ପ୍ରାଥମିକ ସ୍କୁଲ ଶିକ୍ଷକ ଫେଡେରେଶନ, ଉତ୍କଳ ସଂସ୍କୃତ ମହାସଂଘ, ନିଖିଳ ସଂସ୍କୃତ ମହାମଣ୍ଡଳମ୍, ନିଖିଳ ଓଡ଼ିଶା ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ତଥା ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନ ଯୋଜନା ଶିକ୍ଷକ ସଂଘ, ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ, ନିଖିଳ ଓଡ଼ିଶା ଉର୍ଦ୍ଦୁ ପାର୍ସିଆନ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ସେମାନଙ୍କ ଅନୁଷ୍ଠାନର ଦାବି ସମ୍ପର୍କରେ ଜଣାଇଥିଲେ। ସଂଘଗୁଡ଼ିକର ପ୍ରତିନିଧିମାନେ ମନ୍ତ୍ରୀ ଦାଶଙ୍କ ସହ ଆଲୋଚନା କରିବା ପରେ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ସେପଟେ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ସଫଳ ହୋଇଥିବାରୁ ଦାବିଗୁଡ଼ିକ ପୂରଣ ହେବ ବୋଲି ଶିକ୍ଷକ ସଂଘଗୁଡ଼ିକ ଆଶାବ୍ୟକ୍ତ କରିଛନ୍ତି। ଏହି ଆଲୋଚନା ସମୟରେ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍., ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଓସେପା) ଅନୁପମ ଶାହା, ବିଭାଗୀୟ ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନନ୍ଦ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ଅତିରିକ୍ତ ସଚିବ ଧରମ ହାଂସଦା, ସମ୍ବିତ କୁମାର ନାୟକ, ବିଭାଗୀୟ ବରିଷ୍ଠ ଅଧିକାରୀ ଖଗେନ୍ଦ୍ର କୁମାର ପାଢ଼ୀ, ଅନୁଶାସନ ସଚିବ ବିଚିତ୍ରାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତସ୍ତରୀୟ ସଫେଇ ଅଭିଯାନ

ବାରଙ୍ଗ, ୨୦।୯(ଡି.ଏନ୍.ଏ.)

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାଢା ପଞ୍ଚାୟତ ବାଲିପଡ଼ା ଗ୍ରାମ ହନୁମାନ ମନ୍ଦିରଠାରୁ ଭାଗବତ ଘର ପର୍ଯ୍ୟନ୍ତ ରାସ୍ତାରେ ପଞ୍ଚାୟତସ୍ତରୀୟ ସଫେଇ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଯାଇଛି। ସରପଞ୍ଚ ନିଶିପଦ୍ମା କାଣ୍ଡି ଏହାର ଶୁଭାରମ୍ଭ କରିଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ରଣଜିତ୍ ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଦାଶିବ ରଥ, ଜିଆରଏସ୍ ସଞ୍ଜୟ ପଢ଼ିହାରୀ, ଜିଲାପରିଷଦ ସଭ୍ୟା ବବିତା ରାଉତ ପ୍ରମୁଖ ବଜାର ଓ ଗ୍ରାମ ରାସ୍ତାମାନଙ୍କରେ ସଫେଇ କରିବା ସହ ନିଜ ପରିବେଶକୁ ସର୍ବଦା ସଫାସୁତୁରା ରଖିବା ନେଇ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ୱାର୍ଡସଭ୍ୟାସଭ୍ୟଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଏହି ଅଭିଯାନ ଆଗକୁ ଜାରି ରହିବ ବୋଲି ସରପଞ୍ଚ କାଣ୍ଡି କହିଛନ୍ତି।

# ଅକ୍ସଫୋର୍ଡରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ରୀଛାତ୍ର



ଅକ୍ସଫୋର୍ଡରେ ଆୟୋଜିତ ରାଉଣ୍ଡ ସ୍କୋୟାର ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇଥିବା ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଛାତ୍ରୀଛାତ୍ର।

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

**ଅନ୍ତର୍ଜାତୀୟ ସମ୍ମିଳନୀରେ ଭାଗନେଲେ**

ଲଣ୍ଡନର ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ଚଳିତ ମାସ ୧୯ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁଥିବା ରାଉଣ୍ଡ ସ୍କୋୟାର ଅନ୍ତର୍ଜାତୀୟ ସମ୍ମିଳନୀର ଗ୍ଲୋବାଲ୍ ଇମରଜନ୍ କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଏବଂ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲର ୪୪ ଜଣ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ଏହି ଛାତ୍ରୀଛାତ୍ରମାନେ ଭାରତ ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଭାରତ ସମେତ ବ୍ରିଟେନ, ଜାପାନ, ଅଷ୍ଟ୍ରେଲିଆ, କାନାଡ଼ା, ଫ୍ରାନ୍ସ ସମେତ ୫୬ଟି ଦେଶର ୧୭୨ଟି ସ୍କୁଲର ଛାତ୍ରୀଛାତ୍ର ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ଛାତ୍ରୀଛାତ୍ରମାନେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଓ ସେଣ୍ଟ ଆନେ କଲେଜ ପରିସରରେ ୩ଦିନ ରହିବା ପରେ ଲଣ୍ଡନର ଲାଟମର୍ ଅପର୍ ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ନିଜ ବାସସ୍ଥାନରେ ରହିବେ। ଛାତ୍ରୀଛାତ୍ରମାନେ ମଧ କେମ୍ବ୍ରିଜ୍ର କିଙ୍ଗ କଲେଜ୍ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗ୍ଲୋବାଲ୍ ଇମରଜନ୍ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଅନ୍ତର୍ଜାତୀୟତା, ନେତୃତ୍ୱ ନେବାର ଦକ୍ଷତା, ସାମାଜିକ କୌଶଳ ଆଦି ଶିକ୍ଷା ଗ୍ରହଣ କରିପାରିବେ। ଏହି ଆଲୋଚନାଚକ୍ରରେ ଛାତ୍ରୀଛାତ୍ରମାନେ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ସହ ମିଶିବାର ସୁଯୋଗ ପାଇବେ। ଏହି ବ୍ୟକ୍ତିତ୍ୱଙ୍କ ମଧ୍ୟରେ ବିଶିଷ୍ଟ ବ୍ରଡକାଷ୍ଟର ତଥା ଦୁଃସାହସିକ ବ୍ୟକ୍ତି ବେନ୍ ଫୋଗ୍ଲେ, ପରିବେଶବିତ୍ (ସମୁଦ୍ର) ତଥା କଳାକାର ଇମ୍ଲି ପେନ୍ ଏବଂ ଅକ୍ସଫୋର୍ଡ ୟୁନିଭର୍ସିଟି ଅର୍ଥନୀତି ବିଭାଗର ପ୍ରଫେସର ସାର୍ ଡାଏଟର୍ ହେଲ୍ମ ରହିଛନ୍ତି। ଏହି ପ୍ରସିଦ୍ଧ ବ୍ୟକ୍ତିତ୍ୱମାନେ ଛାତ୍ରୀଛାତ୍ରୀଙ୍କୁ ନେତୃତ୍ୱ ନେବାର ସ୍ୱତନ୍ତ୍ର କୌଶଳ ଶିଖାଇବେ। ସାଇ ଇଣ୍ଟରନ୍ୟାଶନାଲ୍ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ରାଉଣ୍ଡ ସ୍କୋୟାର ଅନ୍ତର୍ଜାତୀୟ ସମ୍ମିଳନୀରେ ଭାଗନେଇଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ ନେତୃତ୍ୱ ନେବାର କୌଶଳ ଏବଂ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ କିଛି ଶିଖିବାର ସୁଯୋଗ ପାଇବେ ବୋଲି ଆଶା ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଯୋଗୁ ସମ୍ଭବ: ଅଶୋକ ପଣ୍ଡା

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

- ଏନ୍ଏମ୍ଏ କଟକଣା ହଟିଲା
- ଶ୍ରୀମନ୍ଦିର, ଏକାମ୍ର, କୋଣାର୍କ ପ୍ରକଳ୍ପକୁ ମିଳିଲା ଏନ୍ଓସି

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଭୁବନେଶ୍ୱର ଏକାମ୍ର ପ୍ରକଳ୍ପ ଏବଂ କୋଣାର୍କ ପ୍ରକଳ୍ପ ପାଇଁ ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷ (ଏନ୍ଏମ୍ଏ) ନୋ ଅବ୍ଜେକ୍ସନ ସାର୍ଟିଫିକେଟ (ଏନ୍ଓସି) ଦେଇଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ରାଜ୍ୟ ସଂସ୍କୃତି ବିଭାଗକୁ ଅବଗତ କରାଯାଇଛି। ପ୍ରତିବନ୍ଧିତ ଅଞ୍ଚଳରେ ହେଉଥିବା ନିର୍ମାଣ କାର୍ଯ୍ୟକୁ ଅନୁମତି ଦିଆଯାଇଛି। ଏନ୍ଏମ୍ଏ କଟକଣା ରହିଥିବାରୁ ଉକ୍ତ ଅଞ୍ଚଳରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇପାରୁ ନ ଥିଲା। ଏହି କଟକଣାକୁ ହଟାଇବା ପାଇଁ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍ଷ୍ଟ୍ରକ୍ସନ କର୍ପୋରେଶନ (ଓବିସିସି) ପକ୍ଷରୁ ଏନ୍ଏମ୍ଏ ନିକଟରେ ଏକ ସଂଶୋଧିତ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର) ଦାଖଲ କରାଯାଇଥିଲା। ଏହାକୁ ତର୍ଜମା କରାଯିବା ପରେ ଏନ୍ଏମ୍ଏ ପକ୍ଷରୁ ଏନ୍ଓସି ପ୍ରଦାନ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ନିର୍ମାଣ ହେଉଥିବା କ୍ଲକ୍ ରୁମ୍, ମିନି କ୍ଲକ୍ ରୁମ୍, ସେଲ୍ଟର ପାଭେଲିୟନ, ମହିଳା ଟଏଲେଟ, ସେବାୟତ ଟଏଲେଟ, ଇଲେକ୍ଟ୍ରିକାଲ ରୁମ, କିଓସ୍କୋ, ପୋଲିସ ସର୍ଭିସ ସେଣ୍ଟର, ଫାଷ୍ଟ ଏଡ୍ ସେଣ୍ଟର, ଏଟିଏମ୍ ଇତ୍ୟାଦି ନିର୍ମାଣ କ୍ଷେତ୍ରରେ ରହିଥିବା ବାଧା ଦୂର ହୋଇଛି। ସେହିପରି ଏକାମ୍ର ପ୍ରକଳ୍ପ ପାଇଁ ଲିଙ୍ଗରାଜ ମଲ୍ଟିମୋଡାଲ ହବ୍, କେଦାରଗୌରୀ ପାର୍କିଂ, ଲିଙ୍ଗରାଜ ଏଣ୍ଟ୍ରାନ୍ସ ପ୍ଲାଜା, ହେରିଟେଜ ପାର୍କ, କେଦାରଗୌରୀ ପ୍ଲାଜା, ଅନନ୍ତ ବାସୁଦେବ ପ୍ଲାଜା ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରିବାକୁ ଏନ୍ଏମ୍ଏ ଏନଓସି ଦେଇଛନ୍ତି। ସେହିପରି କୋଣାର୍କ ପ୍ରକଳ୍ପ ପାଇଁ ମଧ ଏନ୍ଓସି ଦେଇଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଆଶୀର୍ବାଦ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅକ୍ଳାନ୍ତ ଉଦ୍ୟମ ଯୋଗୁ ଆଜି ଏହା ସମ୍ଭବ ହୋଇଛି। ଏଥିସହିତ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ପୂର୍ତ୍ତ ସଚିବ, ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନର ମଧ ଏ ଦିଗରେ ଅନେକ ଉଦ୍ୟମ କରିଛନ୍ତି। ଏନ୍ଓସି ଦେଇଥିବାରୁ ସ୍ଥାନୀୟ ବିଧାୟକ ଭାବେ ସେ ଏଥିପାଇଁ ଏନ୍ଏମ୍ଏକୁ ଧନ୍ୟବାଦ ଦେଇଛନ୍ତି।

# ଶଙ୍ଖଚିଲା ନାଗରିକ ସମିତିର ପ୍ରଥମ ବୈଠକ



ବୈଠକରେ ଉପସ୍ଥିତ ଶଙ୍ଖଚିଲା ନାଗରିକ ସମିତିର ସଦସ୍ୟମାନେ।

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ଶଙ୍ଖଚିଲା ନାଗରିକ ସମିତିର ପ୍ରଥମ ସାଧାରଣ ବୈଠକ ନୂଆପଲ୍ଲୀସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କୃପାସିନ୍ଧୁ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଯାଜପୁର ଜିଲା କୋରେଇ ବ୍ଲକ ଶଙ୍ଖଚିଲା ଅଞ୍ଚଳର ଭୁବନେଶ୍ୱରରେ ରହୁଥିବା ଅଧିବାସୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଶଙ୍ଖଚିଲା ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉପସ୍ଥିତ ସଭ୍ୟମାନେ ମତପୋଷଣ କରିଥିଲେ। ଆଗାମୀ ଦିନରେ ଏହି ସମିତିକୁ ଅଧିକ ସୁଦୃଢ଼ କରିବା ପାଇଁ ବିଶେଷ ଭାବେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ସଦସ୍ୟମାନେ ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭାଇଚାରା ଓ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। କୁଶଧ୍ୱଜ ସାହୁ ଆବାହକତ୍ୱ ଏବଂ ସସ୍ମିତେଶ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମିତିର କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ କୁଶଧ୍ୱଜ ସାହୁ, ସସ୍ମିତେଶ ସାହୁ, ନିତ୍ୟାନନ୍ଦ ବେହେରା, ମହେନ୍ଦ୍ର ସାହୁ ଏବଂ ଉଦୟନାଥ ରଥଙ୍କୁ ନେଇ ଏକ ୫ ଜଣିଆ କୋର କମିଟି ଗଠନ କରାଯାଇଛି। ପ୍ରତି ମାସରେ ସମିତିର ବୈଠକ ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

### ସ୍ୱାସ୍ଥ୍ୟ ପରୀକ୍ଷା, ଏର୍ଗୋନୋମିକ୍ ଶିବିର

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟର ରୁସା ଅଧୀନରେ ଥିବା ରୁରାଲ ଆଉଟ୍ରିଚ୍ ଶାଖା ପକ୍ଷରୁ ମଙ୍ଗଳବାର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଏର୍ଗୋନୋମିକ୍ ଶିବିର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ହସ୍ପିଟାଲ ସହଯୋଗରେ ଆୟୋଜିତ ଏହି ଶିବିରକୁ ଉଦଘାଟନ କରି କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ଶିବିର ଆୟୋଜନ ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟାକୁ ଚିହ୍ନଟ କରାଯାଇପାରିବ। ପ୍ରାୟ ୧୨୦ ଛାତ୍ରୀଛାତ୍ର ଓ କର୍ମଚାରୀ ବିଭିନ୍ନ ପ୍ରକାରର ପରୀକ୍ଷଣ କରିଥିଲେ। କଳିଙ୍ଗ ହସ୍ପିଟାଲର ଡା. ଜ୍ୟୋତି ପ୍ରକାଶ ସାହୁ ଏବଂ ଅର୍ଥୋପେଡିକ୍ସ ବିଶେଷଜ୍ଞ ଡା. ଇନ୍ଦ୍ରନିଲ ଦେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉପଯୁକ୍ତ ପରାମର୍ଶ ଦେଇଥିଲେ। ପରେ କୁଳପତିଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଳିଙ୍ଗ ହସ୍ପିଟାଲର ମ୍ୟାନେଜର ଡ. ନରେନ୍ଦ୍ର କୁମାର ଶତପଥି ଏର୍ଗୋନୋମିକ୍ ମୂଲ୍ୟାଙ୍କନ ଉପରେ ଆଲୋଚନା କରିଥିଲେ। କୁଳସଚିବ ଡ. ଅଭୟ କୁମାର ନାୟକ, ଅର୍ଥ ନିୟନ୍ତ୍ରକ ଗୌତମ ପ୍ରଧାନ, ରୁସା ଉପସଂଯୋଜକ ଡ. ବି.କେ. ସୁନ୍ଦରାୟ, ଇଉଇସିଏଚ୍ର ନିର୍ଦ୍ଦେଶକ ଏ.ଏ. ଖାନ୍ ଏବଂ ପିଆର୍ଓ ଅମିତ କୁମାର ପରିଛା ଉପସ୍ଥିତ ଥିଲେ। ପ୍ରୋଗ୍ରାମ ମ୍ୟାନେଜର ଲିଜା ସ୍ୱାଇଁଙ୍କ ସମେତ ରୁରାଲ ଆଉଟ୍ରିଚ୍ର ସମସ୍ତ ଅଧିକାରୀ ତଥା ରୁସା ୨.୦ ଟିମ୍ ଏହି ଶିବିରକୁ ସଂଯୋଜନା କରିଥିଲେ।

# ‘ମୋ ୱାର୍ଡ’ ବୈଠକରେ ପରିମଳ ଚିନ୍ତା




ବୈଠକରେ ମେୟର ସୁଲୋଚନା ଦାସ ଉଦ୍ବୋଧନ ଦେଉଛନ୍ତି।

ଭୁବନେଶ୍ୱର, ୨୦।୯ (ବ୍ୟୁରୋ)

ଭୁବନେଶ୍ୱର ସହରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ବିଏମ୍ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତେବେ ଏଥିରେ ସଫଳତା ଲାଗି ଜନସାଧାରଣ ସଚେତନ ହେବା ସହ ସହଯୋଗ କରିବା ଆବଶ୍ୟକ। ପରିମଳ ବ୍ୟବସ୍ଥାକୁ କିପରି ସୁଦୃଢ଼ କରାଯାଇ ପାରିବ ସେଥିପାଇଁ ବିଏମ୍ସି ପକ୍ଷରୁ ୩ଟି ୱାର୍ଡରେ ‘ମୋ ୱାର୍ଡ’ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍ସି ଉତ୍ତର ଜୋନ୍ ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ନୀଳାଦ୍ରି ବିହାର କାର୍ଯ୍ୟାଳୟରେ ‘ମୋ ୱାର୍ଡ’ ବୈଠକ ଅନୁଷ୍ଠିତ ହୋଇଥିଲା। କର୍ପୋରେଟର ମୋନାଲିସା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଏମ୍ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇଥିଲେ। ଆମ ଘରକୁ ଯେପରି ଆମେ ସଫାସୁତରା ରଖୁଛେ, ଠିକ୍ ସେହିପରି ସଜାଗ ରହିଲେ ରାସ୍ତାଘାଟ ଅଳିଆ ହେବ ନାହିଁ। ପ୍ରତି ଘରେ ଦୁଇଟି ଲେଖାଏଁ ଡଷ୍ଟବିନ୍ ରଖିବା। ଗୋଟିକରେ ଶୁଖିଲା ଓ ଅନ୍ୟଟିରେ ଓଦା ପଦାର୍ଥ ରଖି ବିଏମ୍ସି ଗାଡ଼ିକୁ ଦେବା ତା’ହେଲେ ଅଳିଆ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଥିଲେ। ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ ପ୍ରମୁଖ ଯୋଗଦେଇ ଓାର୍ଡବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନୁରୂପ ଭାବେ ୱାର୍ଡ ନଂ ୫୨ ଅନ୍ତର୍ଗତ ଗଙ୍ଗନଗର ୱାର୍ଡ ଅଫିସ୍ରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟର ସୁଲୋଚନା ଦାସ ଏବଂ ବିଏମ୍ସି କମିଶନର ଅତିଥି ଭାବେ ଯୋଗଦେଇ ଲୋକଙ୍କୁ ସଚେତନ କରିଥିଲେ। ଏଥିସହ ସ୍ଥାନୀୟ ଲୋକଙ୍କର ଅନ୍ୟାନ୍ୟ ସମସ୍ୟା ଉପରେ ଦୃଷ୍ଟିପାତ କରିଥିଲେ। ସେହିପରି ୱାର୍ଡ ନଂ. ୬୧ ଅନ୍ତର୍ଗତ ଭୀମଟାଙ୍ଗୀ ୱାର୍ଡ ଅଫିସ୍ରେ ବୈଠକ ହୋଇଥିଲା। ବୈଠକ ଗୁଡିକରେ ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ, ପ୍ରିୟବ୍ରତ ପାଢୀ, ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ବିରଞ୍ଚିନାରାୟଣ ମହାସୁପକାର ଏବଂ ସ୍ଥାନୀୟ କର୍ପୋରେଟରମାନେ ଉପସ୍ଥିତ ଥିଲେ।

### ୬୬ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

କଟକ ଅଫିସ: ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ଛକଠାରେ ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ଏକ କାର୍ ସହ ୬୬ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳର ଜିତୁ ନାୟକଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ କାର୍ (ନଂ. ଓଆର୍୧୯ଏଚ୍-୨୨୨୨)ରେ ଫୁଲବାଣୀରୁ ଯାଜପୁରକୁ ଗଞ୍ଜେଇ ଚାଲାଣ ହେଉଥିଲା। ଖବର ପାଇ ସ୍କ୍ୱାଡ୍ର ଏକ ଟିମ୍ ତ୍ରିଶୁଳିଆ ଛକ ନିକଟରେ ଜଗି ରହିଥିଲା। କାର୍‌ଟି ପହଞ୍ଚିବା ପରେ ଅବକାରୀ ଟିମ୍ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬ ଲକ୍ଷ ୬୦ହଜାର ଟଙ୍କା ବୋଲି ସ୍କ୍ୱାଡ୍ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଦୀପ୍ତିରେଖା ମିସେସ୍ ଓଡ଼ିଶା

ଭୁବନେଶ୍ୱର,୨୦।୯(ବ୍ୟୁରୋ): 'ଜଣେ ମହିଳା ଅନେକ କିଛି କରିପାରିବ। ନିଜକୁ ସୀମିତ ନ ରଖି ଆଗକୁ ବଢ଼ିବା ଆବଶ୍ୟକ। ମୁଁ ଡିଜିଟାଲ ଇଣ୍ଡିଆରେ



ବିଶ୍ୱାସ ରଖେ। ଦିନ ଆସିବ ମୁଁ ସମସ୍ତଙ୍କ ପାଖେ ପହଞ୍ଚିପାରିବି' ବୋଲି ନିକଟରେ ଜୟପୁରରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ମିସେସ୍ ଓଡ଼ିଶା ଟାଇଟଲ ହାସଲ କରିଥିବା ଦୀପ୍ତିରେଖା ପଟ୍ଟନାୟକ କହିଛନ୍ତି। ସେ ମୁମ୍ବାଇରେ ୧୩ ବର୍ଷ ଧରି କାମ କରୁଥିଲେ। କୋଭିଡ୍ ପାଇଁ ଘରେ ରହି ୨ବର୍ଷ ହେବ କାମ କରୁଛନ୍ତି। ସେ ନିଜର ଏନ୍‌ଜିଓ ମାଧ୍ୟମରେ ଶିକ୍ଷା, ଦକ୍ଷତା ଓ ନାରୀଙ୍କ ଉନ୍ନତି ନିମନ୍ତେ ପ୍ରୟାସ ଚଳାଇଛନ୍ତି। ପ୍ରଥମେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ସେ ସିଟି ଉଇନର ଭାବେ ମିସେସ୍ ଭୁବନେଶ୍ୱର ଆୱାର୍ଡ ଜିଣିଥିଲେ। ଏହା ତାଙ୍କୁ ପ୍ରେରଣା ଦେଇଥିଲା। ଏଭଳି ସେ ଲୋକଙ୍କ ପାଖେ ପହଞ୍ଚି ବିଭିନ୍ନ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବେ ବୋଲି କହିଛନ୍ତି।

### ସମ୍ପ୍ରସାରଣ ହେବ ଟଙ୍କପାଣି ରାସ୍ତା

ଭୁବନେଶ୍ୱର,୨୦।୯(ବ୍ୟୁରୋ): ଗଙ୍ଗୁଆ ନାଳଠାରୁ ସାଇମନ୍ଦିର ଛକ ପର୍ଯ୍ୟନ୍ତ ହୋଇଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ରାସ୍ତା ସମ୍ପ୍ରସାରଣ ପାଇଁ ଆର୍ ଆଣ୍ଡ ବି ରିକ୍ୱିଜିଶନ୍ କ୍ରମେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଟଙ୍କପାଣି ରୋଡ୍ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରିଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡିଏ ଲିଆସନିଂ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ବଡ଼ଗଡ଼ ଆଇଆଇସି ତୃପ୍ତିରଞ୍ଜନ ନାୟକ ଉପସ୍ଥିତ ଥିଲେ।

### ସୁମନ ଚଟ୍ଟୋପାଧ୍ୟାୟଙ୍କ ଆଗୁଆ ଜାମିନ ଆବେଦନ ଖାରଜ

#### ଠକେଇ ମାମଲା

କଟକ ଅଫିସ,୨୦।୯:ଠକେଇ ମାମଲାରେ ସିବିଆଇ ଦ୍ୱାରା ଗିରଫ ଭୟରେ ବଙ୍ଗୀୟ ଯୁବକ ସୁମନ ଚଟ୍ଟୋପାଧ୍ୟାୟ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ। ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କ ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରି ଚଟ୍ଟୋପାଧ୍ୟାୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ବେଆଇନ ଭାବେ ଆର୍ଥିକ କାରବାର ଜରିଆରେ ଲୋକମାନଙ୍କୁ ଆକର୍ଷଣୀୟ ପୁରସ୍କାର ଓ ସ୍କିମ୍ ପ୍ରଦାନ କରି ବହୁ ଅର୍ଥ ଠକାମି କରିଥିବା ନେଇ ଭୁବନେଶ୍ୱର ସିବିଆଇ ସ୍ୱତନ୍ତ୍ର କୋର୍ଟରେ ଚଟ୍ଟୋପାଧ୍ୟାୟଙ୍କ ନାମରେ ମାମଲା ବିଚାରାଧୀନ ରହିଛି। ସିବିଆଇ କୌଣସି ମୁହୂର୍ତ୍ତରେ ତାଙ୍କୁ ଗିରଫ କରିବାର ଆଶଙ୍କା ଥିବାରୁ ସେ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଦେବାଶିଷ ପଣ୍ଡା ଓ ସିବିଆଇ ପକ୍ଷରୁ ସାର୍ଥକ ନାୟକ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଚଟ୍ଟୋପାଧ୍ୟାୟ ଶାରଦା ଗ୍ରୁପ୍ ସମେତ ଅନ୍ୟ ଦୁଇଟି ସଂସ୍ଥାରୁ ୫ କୋଟି ଋଣ ଆଣି ଠକେଇ କରିଥିବା ମାମଲାରେ ଅଭିଯୁକ୍ତ ଅଛନ୍ତି।

# ସାଲିଆସାହି ଦେଶୀମଦ ଭାଟି ଭାଙ୍ଗିଲା

## ପାର୍ବଣ ପୂର୍ବରୁ ଚଢ଼ାଉ

- ଫେରାର ହୋଇଗଲେ ପୁରୁଷ, ୬ ମହିଳା ଅଟକ
- ୪୨୦ ଲିଟର ମଦ, ୧୪ ହଜାର ଲିଟର ପୋଚ ଜବତ
- ଏକ ଗ୍ଲାସ୍ ମଦକୁ ୧୦ ଟଙ୍କା

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ଦେଶୀମଦ ପ୍ରସ୍ତୁତିର ପେଣ୍ଠସ୍ଥଳୀ ପାଲଟିଛି। ବିଭିନ୍ନ ସମୟରେ ଅବକାରୀ ଟିମ୍ ଓ କମିଶନରେଟ ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ବହୁ ପରିମାଣର ଦେଶୀମଦ ଜବତ କରାଯାଉଛି। ଭାଟି ଭଙ୍ଗାଯିବା ସହ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଉଛି। ଏହି ବେଆଇନ୍ ମଦ କାରବାର ମାମଲାରେ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଉଥିଲେ ମଧ୍ୟ ପୋଲିସକୁ ଚ୍ୟାଲେଞ୍ଜ ଦେଇ ପୁଣି ମଦ ପ୍ରସ୍ତୁତ ହେଉଛି। ଏପରି ସ୍ଥିତିରେ ପାର୍ବଣ ପାଇଁ ବିପୁଳ ପରିମାଣର ଦେଶୀମଦ ପ୍ରସ୍ତୁତ ହେଉଥିବା ଜଣାପଡ଼ିବା ପରେ ମଙ୍ଗଳବାର କମିଶନରେଟ ପୋଲିସ ସାଲିଆସାହି ଇଡ୍‌କୋ ବସ୍ତିରେ ଚଢ଼ାଉ କରିଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ୨ଜଣ ଏସିପି, ୪ଜଣ ଇନ୍ସପେକ୍ଟର, ୧୨ଜଣ ଏସ୍ଆଇ/ଏଏସ୍ଆଇ ଏବଂ ୪ ପ୍ଲାଟୁନ୍ ଫୋର୍ସ ପୂର୍ବାହ୍ନ ପ୍ରାୟ ୧୦ଟାରେ ଇଡ୍‌କୋ ବସ୍ତିରେ ଚଢ଼ାଉ କରିଥିଲେ। ମଦ ପ୍ରସ୍ତୁତିରେ ସମ୍ପୃକ୍ତ ଥିବା ପୁରୁଷମାନେ ଚଢ଼ାଉ ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ଫେରାର ହୋଇଯାଇଥିଲେ। ପୋଲିସ ଯାଞ୍ଚ କରି ମଦଭାଟି ଖୋଜିଥିଲା। ପୋଲିସ ଟିମ୍ ଗୋଟିଏ ପରେ ଗୋଟିଏ ମୋଟ ୧୦ଟି ଘରେ ଚଢ଼ାଉ କରିଥିଲା। ସେଠାରେ ମଦଭାଟି ଭାଙ୍ଗିବା ସହ ଏକାଧିକ ହାଣ୍ଡିରେ ଥିବା ରନ୍ଧାମଦକୁ ଆଣି ବାହାରେ ଢ଼ାଳି ଦେଇଥିଲା। ପୋଲିସ ୪୨୦ ଲିଟର ଦେଶୀ ମଦ ଜବତ କରିବା ସହ ୧୪ ହଜାର ଲିଟର ପୋଚ ନଷ୍ଟ କରିଛି। ଏଥିସହ ବହୁ ମଦ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ଏହାପରେ ପୋଲିସ ୬ଜଣ ମହିଳାଙ୍କୁ ସେଠାରୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ନୟାପଲ୍ଲୀ ଥାନାରେ ଓଡ଼ିଶା ଅବକାରୀ ଆକ୍ଟର ଦଫା ୫୨ (ଏ) (ଆଇ)ରେ ଏକ ମାମଲା (ନଂ. ୬୧୬/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ଡିସିପି ସିଂ କହିଛନ୍ତି। ସାଲିଆ ସାହିରେ ମଦ ଗ୍ଲାସ୍‌କୁ ୧୦ ଟଙ୍କା ବିକ୍ରି କରାଯାଉଥିବା ଜଣାପଡ଼ିଛି।



ପୋଲିସ ଅଧିକାରୀ ଜଣେ ମହିଳାଙ୍କୁ ପଚରାଉଚରା କରୁଛନ୍ତି ।



ରନ୍ଧା ଦେଶୀମଦ ପୋଚକୁ ପୋଲିସ ବାହାରେ ଆଣି ନଷ୍ଟ କରୁଛି ।

### ପୋଲିସକୁ ଚକ୍‌ମା ଦେବାକୁ ଥିଲା ଗୁପ୍ତ ରାସ୍ତା

ବିଭିନ୍ନ ସମୟରେ ପୋଲିସ ଚଢ଼ାଉରୁ ବର୍ତ୍ତିବା ପାଇଁ ମଦ ବ୍ୟବସାୟୀମାନେ ନୂଆ ନୂଆ କୌଶଳ ଆପଣାଇଥିଲେ। ଦେଶୀଭାଟିକୁ ଯିବା ପାଇଁ ପ୍ରାୟ ୩ ଫୁଟ ଉଚ୍ଚତାର ଏକ ଗୁପ୍ତ ରାସ୍ତା କରିଥିଲେ। ସେହି ବାଟ ଦେଇ ମଦ ବ୍ୟବସାୟୀମାନେ ଭାଟି ଭିତରକୁ ପ୍ରବେଶ କରୁଥିଲେ। ପୋଲିସ ଚଢ଼ାଉ ବେଳେ ଉକ୍ତ ଗୁପ୍ତ ରାସ୍ତା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା।

### 'କାମ ନ ମିଳିବାରୁ ମଦ ବିକୁଛୁ'

ମଦ ପ୍ରସ୍ତୁତିରେ ସମ୍ପୃକ୍ତ ଜଣେ ମହିଳା ଏହା ଦ୍ୱାରା ଭୁଲ କରୁଛନ୍ତି ବୋଲି ଗଣମାଧ୍ୟମକୁ କହିଛନ୍ତି। ପେଟ ପାଇଁ ଏହା କରୁଛୁ, ଏବେ ଡେକ୍‌ଚି ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ଗାଁକୁ ପଳାଇବୁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ସାର୍ ଆମକୁ କାମ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ କାମ ନ ଦେବାରୁ ମଦ ବିକିବା ପାଇଁ ବାଧ ହୋଇଥିଲୁ।



ଭୁବନେଶ୍ୱର ଟଙ୍କପାଣି ରୋଡ ଅଞ୍ଚଳରେ ମଙ୍ଗଳବାର ବେଆଇନ ଦୋକାନକୁ ବିଡିଏ ପକ୍ଷରୁ ଭଙ୍ଗାଯାଇଛି ।

## 'କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦିଆଯାଉ'

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ସ୍ମାର୍ଟ ହେଉଛି ସ୍କୁଲ। ନାମଲେଖା, ମେଧାବୃତ୍ତି ପରୀକ୍ଷା, ଏନ୍‌ରୋଲମେଣ୍ଟ, ମାଟ୍ରିକ ପରୀକ୍ଷା ଫର୍ମ ପୂରଣ, ଓଇଏସ ପରୀକ୍ଷା, ଏଚ୍ଆରଏମ୍ଏ, ଇନ୍‌ସ୍ପାୟାର ଆୱାର୍ଡ, ମୋ ସ୍କୁଲ ଅଭିଯାନ ଆଦି ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ କରାଯାଉଛି। ବିଦ୍ୟାଳୟଗୁଡ଼ିକରେ ମଧ୍ୟ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ପ୍ରାୟ ୪୦୦୦ ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ମଙ୍ଗଳବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ପକ୍ଷରୁ ଏହି ଦାବି ରଖାଯାଇଛି। ୨୦୧୪ ମସିହାରେ ନିଯୁକ୍ତି ସମୟରେ ଦିଆଯାଇଥିବା ଶିକ୍ଷାଗତ ଯୋଗ୍ୟତା, ବୟସ ସୀମା, ଓଆରଭି ଆକ୍ଟକୁ ବଳବତ୍ତର ରଖି କୌଣସି ନୂତନ ନିୟମ ଲାଗୁ ନ କରି ଏବଂ କୌଣସି ପରୀକ୍ଷା ପଦ୍ଧତି ନ ରଖି ସରକାରଙ୍କ ଦ୍ୱାରା ନୂତନ ଭାବେ ହେବାକୁ ଯାଉଥିବା କମ୍ପ୍ୟୁଟର ଶିକ୍ଷକ ପଦବୀରେ ୪୦୦୦ କମ୍ପ୍ୟୁଟର ଶିକ୍ଷକଙ୍କୁ ପ୍ରଥମ ଅଗ୍ରାଧିକାର ଭିତ୍ତିରେ ତୁରନ୍ତ ପୁନଃ ନିଯୁକ୍ତି ଦେବାକୁ ଦାବି କରିଛି ସଂଘ। ଏହି ନିଯୁକ୍ତିକୁ କୌଣସି ବେସରକାରୀ ସଂସ୍ଥାକୁ ଟେକି ଦିଆ ନ ଯାଇ ସରକାରୀସ୍ତରରେ ନିଯୁକ୍ତି ଦିଆଯାଉ ଏବଂ ପ୍ରତି ହାଇସ୍କୁଲରେ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ କରାଯାଉ ବୋଲି ସଂଘ ପକ୍ଷରୁ ଦାବି ରଖାଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ନିଷ୍ପତ୍ତି ନିଆ ନ ଗଲେ କମ୍ପ୍ୟୁଟର ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବେ ଓ ଏଥିପାଇଁ ବିଭାଗୀୟ ମନ୍ତ୍ରୀ, ଶିକ୍ଷା ସଚିବ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ



ଗିରଫ ୨ ଅଭିଯୁକ୍ତ ଏବଂ ଜବତ ବାଇକ୍ ଓ ମୋବାଇଲ ।

ଭୁବନେଶ୍ୱର ୨୦।୯(ବ୍ୟୁରୋ)

### ୨ ଗିରଫ: ୨ ବାଇକ୍, ଟଙ୍କା ଜବତ

ରାଜଧାନୀରେ ନିଶା କାରବାର ରୋକିବା ପାଇଁ ଅପରେଶନ ହ୍ୱାଇଟ୍ ସ୍ୱାଇଡର ଅଭିଯାନକୁ କମିଶନରେଟ ପୋଲିସ ଜୋର୍‌ଦାର କରିଛି। ମଙ୍ଗଳବାର ଖଣ୍ଡଗିରି ଥାନା ପୋଲିସ ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଓଳାସିଂ ଗ୍ରାମର ସଂଗ୍ରାମ କେଶରୀ ବେହେରା ଓରଫ ବିଶୁ (୨୪) ଓ ରାକେଶ କୁମାର ସିଂ ଓରଫ ଉଗୁଲା (୨୫)। ଅଭିଯୁକ୍ତଦ୍ୱୟଙ୍କଠାରୁ ୧୦୦ ଗ୍ରାମ ବ୍ରାଉନସୁଗାର ସମେତ ୨ଟି ବାଇକ, ୩ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ. ୪୮୪/୨୦୨୨) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଚେଷ୍ଟା କରୁଛି।

ସୂଚନା ଅନୁଯାୟୀ, ଷ୍ଟେଟ୍ ଲେଭଲ ଫାର୍ମ ମେଶିନାରି ଟ୍ରେନିଂ ଆଣ୍ଡ୍ ଟେଷ୍ଟିଙ୍ଗ୍ ଇନ୍‌ଷ୍ଟିଚ୍ୟୁଟ ସାମ୍ନାରେ ମଙ୍ଗଳବାର ସକାଳେ ଅଭିଯୁକ୍ତଦ୍ୱୟ ବ୍ରାଉନସୁଗାର ବିକ୍ରି କରୁଥିଲେ। ଏନେଇ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା।

## ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଅଭିଭାବକ ମହାସଂଘର ଆଲୋଚନା

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

### ଘରୋଇ ସ୍କୁଲ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଖୋଲାଯାଉ

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଗତ ୧୨ ତାରିଖ ଦିନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ୟୁନିଟ-୧ ସ୍ଥିତ ବାସଭବନ ସମ୍ମୁଖରେ ୭ ଦଫା ଦାବି ନେଇ ଆମରଣ ଅନଶନ କରାଯାଇଥିଲା। ଦାବିଗୁଡ଼ିକ ସମ୍ପର୍କରେ ୨୦ ତାରିଖରେ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଏକ ତିନି ଜଣିଆ ପ୍ରତିନିଧି ଦଳ ମନ୍ତ୍ରୀ ଦାସଙ୍କୁ ଭେଟି ଆଲୋଚନା କରିଛନ୍ତି। ରାଜ୍ୟରେ ଘରୋଇ ସ୍କୁଲ ସମସ୍ୟାର ସମାଧାନ, ଅଭିଯୋଗ ଶୁଣାଣି ତଥା ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ଦାବି କରିଛନ୍ତି। ସରକାରୀ ସ୍ତରରେ ଏକ ବୈଠକ କରାଯାଇ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ଘରୋଇ ସ୍କୁଲରେ ଦିଆଯାଉଥିବା ସୁବିଧା ସୁଯୋଗ ଅନୁସାରେ ଫି' ନିର୍ଦ୍ଧାରଣ କରିବା ପାଇଁ ଯେଉଁ ରିଜୋଲ୍ୟୁସନ ରହିଛି ତାହାକୁ ପାଳନ କରିବାକୁ ସଙ୍ଘ ଦାବି କରିଥିଲା। କରୋନା ସମୟରେ ସୁପ୍ରିମକୋର୍ଟ ଦେଇଥିବା ସ୍କୁଲ ଫି' ଛାଡ଼ ନିର୍ଦ୍ଦେଶର କାର୍ଯ୍ୟକାରିତା ନେଇ ରିପୋର୍ଟ ଦାଖଲ କରିବାକୁ ବିଭାଗକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସଂଘର ଅନ୍ୟ ଏକ ଦାବି ଥିଲା, ସ୍କୁଲ ବ୍ୟାଗ ଓଜନ ଓ ଏନସିଇଆରଟି ପୁସ୍ତକ ଲାଗୁ କରିବା ପାଇଁ ଥିବା ନିୟମକୁ କଡ଼ାକଡ଼ି କରିବା। ମନ୍ତ୍ରୀ ଦାଶ ଅଭିଭାବକ ସଂଘର ଏହି ସମସ୍ତ ଦାବିଗୁଡ଼ିକ ସମ୍ପର୍କରେ ତର୍ଜମା କରି ପଦକ୍ଷେପ ନେବାକୁ ସଚିବ ଓ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମନ୍ତ୍ରୀଙ୍କ ସହ ଆଲୋଚନା ସକାରାତ୍ମକ ହୋଇଛି ଓ ଆଗାମୀ ଦିନରେ ଅନେକ ସଫଳତା ମିଳିବ ବୋଲି ମହାସଂଘର ଅଧ୍ୟକ୍ଷ ଭଟ୍ଟ କହିଛନ୍ତି।

## ୩୫୪୦ ମାମଲାରୁ ୨୧୮୨ ସମାଧାନ

ଭୁବନେଶ୍ୱର ୨୦।୯ (ବ୍ୟୁରୋ)

କମିଶନରେଟ ପୋଲିସ ଓ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭେଲପ୍‌ମେଣ୍ଟ (ଆଇ.ଏସ୍.ଡି.)ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ'କୁ ୮ ବର୍ଷ ପୂରିଛି। ୨୦୧୪ ସେପ୍ଟେମ୍ବର ୪ରୁ ଭୁବନେଶ୍ୱର ଡିସିପି ଅଫିସ ଏବଂ କଟକ ମହିଳା ଥାନାରେ ଏହି କେନ୍ଦ୍ର ଜରିଆରେ ବହୁ ମହିଳାଙ୍କୁ ନ୍ୟାୟ ଦିଆଯାଉଛି। 'ମାଧ୍ୟମ'ର ସଫଳତା ଏବଂ ୮ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପୋଲିସ କମିଶନରେଟ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ୮ ବର୍ଷର ରିପୋର୍ଟ ଉପସ୍ଥାପନ କରିଥିଲେ।

ରିପୋର୍ଟ ଅନୁଯାୟୀ, ଗତ ୮ବର୍ଷ ମଧ୍ୟରେ କଟକ ଓ ଭୁବନେଶ୍ୱରରେ ଥିବା ୨ଟି 'ମାଧ୍ୟମ' କେନ୍ଦ୍ରରେ ମୋଟ ୪୬୨୧ ଜଣ ମହିଳା ଅଭିଯୋଗ କରିଥିଲେ। ସେଥିମଧ୍ୟରୁ ୩୫୪୦ଟି ଅଭିଯୋଗକୁ ପଞ୍ଜୀକରଣ କରାଯାଇ କାଉନସିଲିଂ କରାଯାଇଥିଲା। ୨୧୮୨ଟି ମାମଲା ଆପୋସ ବୁଝାମଣାରେ ସମାଧାନ କରାଯାଇଛି। ପଞ୍ଜୀକୃତ ମାମଲା ମଧ୍ୟରୁ ୩୧୯୭ଟି ପାରିବାରିକ ହିଂସା ସମ୍ପର୍କିତ ଥିଲା। ଅନ୍ୟାନ୍ୟ ଅଭିଯୋଗ ମଧ୍ୟରେ ୧୨୫ଟି ମିଥ୍ୟା ପ୍ରତିଶ୍ରୁତି ଦ୍ୱାରା ବିବାହ ସମ୍ବନ୍ଧୀୟ ହୋଇଥିବା ବେଳେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା, ସାଇବର କ୍ରାଇମ, ଅପହରଣ ଆଦି ଅଭିଯୋଗ ରହିଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, 'ମାଧ୍ୟମ' ହିଂସା ପୀଡ଼ିତା ମହିଳାଙ୍କୁ ଉପଯୁକ୍ତ ନ୍ୟାୟ ଦେବାରେ ସଫଳ ହୋଇଛି। ଥାନା ଅପେକ୍ଷା 'ମାଧ୍ୟମ'ରେ ମାମଲା ପଞ୍ଜିକୃତ କରିବା ଦ୍ୱାରା ଶୀଘ୍ର ନ୍ୟାୟ ମିଳିପାରୁଛି ବୋଲି ପ୍ରିୟଦର୍ଶୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, କଟକ ଡିସିପି ପୀନାକ ମିଶ୍ର, ଟୁଇନ୍ ସିଟିର ସମସ୍ତ ଥାନାଧିକାରୀ ଓ 'ମାଧ୍ୟମ'ର କର୍ମକର୍ତ୍ତା ଯୋଗଦେଇଥିଲେ।




ମାଧ୍ୟମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

- ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ'କୁ ୮ ବର୍ଷ
- ପାରିବାରିକ ହିଂସା ସମ୍ପର୍କିତ ମାମଲା ଅଧିକ

## 'କ୍ରୀଡ଼ା ପ୍ରତି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଯାଉଛି'

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ସହରୀ ଜୀବନଶୈଳୀକୁ ସମୃଦ୍ଧ କରିବା ପ୍ରୟାସରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଦ୍ୱାରା ବିଦ୍ୟାଳୟ ଖେଳପଡ଼ିଆ ବିକାଶ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ମଙ୍ଗଳବାର ୟୁନିଟ୍-୬ ବାଳିକା ଉଚ୍ଚ ବିଦ୍ୟାଳୟରେ ଖେଳ ପଡିଆକୁ ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ମେୟର ସୁଲୋଚନା ଦାସ କହିଲେ, ସରକାରଙ୍କ ସମସ୍ତ ସୁବିଧା ବିଦ୍ୟାଳୟକୁ ପହଞ୍ଚାଇବା ଏବଂ ଶିଶୁଙ୍କ ଶିକ୍ଷା ବ୍ୟତୀତ ସେମାନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ଠିକ୍‌ରେ ପରିଚାଳିତ କରିବାର ଏକ ଅନୁଷ୍ଠାନ ହେଉଛି ବିଦ୍ୟାଳୟ। ସ୍ମାର୍ଟସିଟି ତରଫରୁ ଏହି କାର୍ଯ୍ୟକ୍ରମ ଏକ ଉଦାହରଣ ବୋଲି ସେ ମତ ଦେଇଥିଲେ। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ବର୍ତ୍ତମାନ ରାଜ୍ୟ ସରକାର ଖେଳକୁ ଯେଭଳି ଗୁରୁତ୍ୱ ଦେଉଛନ୍ତି ତାହାର ସନ୍ଦେଶ ସାରା ବିଶ୍ୱ ଜାଣୁଛି। ଆଗକୁ ଆସୁଥିବା ହକି ଏବଂ ଜୁନିୟର ଫୁଟ୍‌ବଲ୍ ସରକାରଙ୍କ ଉତ୍ତମ ପରିଚୟ, ଯାହା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ଆଗେଇବାର ବାର୍ତ୍ତା ଦେବ। ଏଥିପାଇଁ ସ୍ମାର୍ଟସିଟି ତରଫରୁ ଖେଳପଡ଼ିଆର ବିକାଶ କରାଯାଇ ଉତ୍ସାହିତ କରାଯାଉଛି। ଏହି ପ୍ରକଳ୍ପ ପୂର୍ବତନ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂଙ୍କ ସମୟରେ ଆରମ୍ଭ ହୋଇଥିଲା। ସମସ୍ତ ସ୍କୁଲ୍‌ରେ କାର୍ଯ୍ୟ ସମାପ୍ତ ହୋଇଥିବା ବିଏସ୍‌ସିଏଲ୍‌ର ସାଧାରଣ ପ୍ରଶାସକ କମଲ୍‌ଜିତ୍ ଦାସ୍ ସୂଚନା ଦେଇଥିଲେ।

ଏହି ଖେଳପଡ଼ିଆରେ ଖୋଖୋ, କବାଡି, ଭଲିବଲ୍, ବ୍ୟାଡ୍‌ମିଣ୍ଟନ କୋର୍ଟ ସହ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ଖେଳ ଉପକରଣ ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମ ଅନୁଯାୟୀ ସିଟିଜ୍ ଅଧୀନରେ ସୁସ୍ଥ ସମୃଦ୍ଧ ବାତାବରଣ, ସୌନ୍ଦର୍ଯ୍ୟକରଣ, ପାର୍କ, ଖେଳ ପଡ଼ିଆ, ଜଳାଶୟ, ସର୍ବସାଧାରଣ ସ୍ଥାନରେ ବିକାଶ କରାଇ କଳା, ସଂସ୍କୃତି ଏବଂ ସାମାଜିକ କାର୍ଯ୍ୟକ୍ରମର ପ୍ରୋତ୍ସାହନ ସହ ବ୍ୟବସ୍ଥିତ ଖେଳର ମାନ ବୃଦ୍ଧି ପାଇଁ ବ୍ୟବସ୍ଥା ସହିତ ମନୋରଞ୍ଜନକୁ ଗୁରୁତ୍ୱ ଦିଆଯାଇଛି। ଉଦ୍‌ଘାଟନ ପରେ ମେୟର, କମିଶନର, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସ୍ଥାନୀୟ କର୍ପୋରେଟର ପୁଷ୍ପା ରାଉତ ବ୍ୟାଡ୍‌ମିଣ୍ଟନ୍ ଖେଳି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ସିଏଲ୍‌ର ସାମାଜିକ ପ୍ରକଳ୍ପ ଅଧିକାରୀ ଦୀପ୍ତିରାଣୀ ସାହୁ, ବ୍ଲକ୍ ଶିକ୍ଷାଧିକାରୀ ପ୍ରଜ୍ଞାପାରମିତା ଜେନା ଏବଂ ପ୍ରଧାନ ଶିକ୍ଷୟିତ୍ରୀ (ଇନ୍‌ଚାର୍ଜ) ଅରୁନ୍ଧତୀ ସାମନ୍ତରାୟ ଉପସ୍ଥିତ ଥିଲେ।




ଭୁବନେଶ୍ୱର ୟୁନିଟ୍-୬ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

- ବିଦ୍ୟାଳୟ ଖେଳପଡ଼ିଆ ବିକାଶ କାର୍ଯ୍ୟର ଶୁଭାରମ୍ଭ
- ୟୁନିଟ୍-୬ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଉଦ୍‌ଘାଟିତ

# ନିଷିଦ୍ଧାଞ୍ଚଳ ବାହାରେ ଅଭ୍ୟର୍ଥନା ଗୃହକୁ ଅନୁମତି



## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ

- ୧୦୧.୫ ମିଟର ନିୟନ୍ତ୍ରିତ ଅଞ୍ଚଳରେ ହେବ ନିର୍ମାଣ
- ବିନା ଅନୁମତିରେ ପୂର୍ବ ଖନନକୁ ନେଇ ଉଠିଲା ପ୍ରଶ୍ନ

ପୁରୀ ଅଫିସ,୨୦।୯

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ନେଇ ପୁଣି ଚର୍ଚ୍ଚା ପରିସରକୁ ଆସିଛି। ପୂର୍ବରୁ ଏହି ପ୍ରକଳ୍ପ କାର୍ଯ୍ୟକୁ ନେଇ ବିବାଦ ଚାଲିଥିବା ବେଳେ ଏବେ ପୁଣି ପ୍ରକଳ୍ପର ନିଷିଦ୍ଧାଞ୍ଚଳ ମଧ୍ୟରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା ଗୃହ(ରିସେପସନ୍ ସେଣ୍ଟର) ନିର୍ମାଣକୁ ନେଇ ବିବାଦ ଉଠିଛି। ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟକୁ ନେଇ ଜାତୀୟ କୀର୍ତ୍ତିରାଜି କର୍ତ୍ତୃପକ୍ଷ(ଏନ୍‌ଏମ୍‌ଏ) ପକ୍ଷରୁ ହୋଇଥିବା ଅନୁଧ୍ୟାନ ରିପୋର୍ଟରୁ ଏହା ଜଣାପଡ଼ିଛି। ତେଣୁ ଅଭ୍ୟର୍ଥନା ଗୃହ ନିର୍ମାଣ ନିଷିଦ୍ଧାଞ୍ଚଳ(ପ୍ରୋହିବିଟେଡ୍ ଏରିଆ) ପରିବର୍ତ୍ତେ ନିୟନ୍ତ୍ରିତ ଅଞ୍ଚଳ(ରେଗୁଲେଟୋରି ଏରିଆ)ରେ ନିର୍ମାଣ କରିବାକୁ ଏନ୍‌ଏମ୍‌ଏ ପକ୍ଷରୁ ଜିଲା ପ୍ରଶାସନକୁ ଏନ୍‌ଓସି ପ୍ରଦାନ କରାଯାଇଛି। ଗତ ଏପ୍ରିଲରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କିତ ବିସ୍ତୃତ ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର୍)୨ୟ ଥର ପାଇଁ ଦାଖଲ କରିଥିଲେ। ଗତ ୯ତାରିଖରେ ଏନ୍‌ଏମ୍‌ଏ ପକ୍ଷରୁ ବୈଠକ କରାଯାଇ ଉକ୍ତ ଡିପିଆର୍ ଅନୁଧ୍ୟାନ କରାଯିବା ସହ ଏନ୍‌ଓସି ଜାରି କରାଯାଇଥିବା ସୂଚନା ମିଳିଛି। ଉକ୍ତ ବୈଠକରେ ଏନ୍‌ଏମ୍‌ଏ ଚେୟାରମ୍ୟାନ୍ ସଚ୍ଚିଦାନନ୍ଦ ଯୋଶୀ, ଅସ୍ଥାୟୀ ସଦସ୍ୟ ହେମରାଜ କୁମାର କାମ୍‌ଦାର, ପ୍ରଫେସର ଏମ୍. କୈଳାସ ରାଓ, ସଦସ୍ୟ ସମ୍ପାଦକ ଭାସ୍କର ବର୍ମା ପ୍ରମୁଖ ଯୋଗଦେଇଥିଲେ।

ଏନ୍‌ଓସିରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା ଗୃହ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଅଭ୍ୟର୍ଥନା ଗୃହ ଶ୍ରୀମନ୍ଦିରଠାରୁ ୧୦୧.୫୦ ମିଟର ଦୂର ନିୟନ୍ତ୍ରିତ ଅଞ୍ଚଳରେ ନିର୍ମାଣ କରାଯିବ। ଉଚ୍ଚତା ୭.୫୦ ମିଟର ରହିବ। ଚଟଣାର କ୍ଷେତ୍ରଫଳ ୧୩୬୫ ବର୍ଗ ମିଟର(ଜିଏଫ୍) ଓ ୧୩୦୫ ବର୍ଗ ମିଟର(ଏଫ୍‌ଏଫ୍) ଏବଂ ମେଜାନାଇନ୍ ଫ୍ଲୋର ୧୪୩ ବର୍ଗମିଟର ରହିବ। ଆମସାର୍ ଆକ୍ଟ-୧୯୫୮ ନିୟମକୁ ଉଲ୍ଲଂଘନ କରି ରିସେପସନ୍ ସେଣ୍ଟର ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହେବା ପରେ ଏହାକୁ ନେଇ ବିବାଦ ଜୋର ଧରିଥିଲା। ଏହା ବିରୋଧରେ ଆଇନଗତ ଲଢ଼େଇ ହୋଇଥିଲା। ମାମଲା ବିଚାରାଧୀନ ହେବା ପରେ ଅଭ୍ୟର୍ଥନା ଗୃହର ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯାଇଥିଲା। ଏବେ ଏନ୍‌ଏମ୍‌ଏ ଅଭ୍ୟର୍ଥନା ଗୃହକୁ ନିଷିଦ୍ଧାଞ୍ଚଳ ବାହାରେ କରିବା ପାଇଁ ଏନ୍‌ଓସି ମିଳିବା ପରେ ବିଭିନ୍ନ ମହଲ୍‌ରେ ଏହାକୁ ସ୍ୱାଗତ କରାଯାଇଛି। ଏ ନେଇ ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ନିଷିଦ୍ଧାଞ୍ଚଳ ମଧ୍ୟରେ ସ୍ଥାୟୀ କାର୍ଯ୍ୟକୁ ବିରୋଧ କରିଥିଲୁ। ଏବେ ତାହା ସତ ପ୍ରମାଣିତ ହୋଇଛି। ଶ୍ରୀମନ୍ଦିର ଶହେ ମିଟର ପରିଧି ବାହାରେ ଅଭ୍ୟର୍ଥନା କକ୍ଷ ଆଇନତଃ ନିର୍ମାଣ ହେବା ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ସେହିଭଳି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଏନ୍‌ଏମ୍‌ଏ ଅନୁମତି ଆସିବା ପରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ। ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହେବ। ଅନ୍ୟପଟେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳଙ୍କ କହିବା ଅନୁଯାୟୀ, ପ୍ରଶାସନ ମନମୁଖି ଭାବେ ଅନୁମତି ନ ନେଇ ଅଭ୍ୟର୍ଥନା ଗୃହ ନିର୍ମାଣ କାର୍ଯ୍ୟ ଏମାର ମଠ ନିକଟରେ ଆରମ୍ଭ କଲେ। ସମ୍ପୃକ୍ତ ସ୍ଥାନ ନିଷିଦ୍ଧ ଅଞ୍ଚଳ ଭିତରେ ଆସୁଥିବାରୁ ଏହାକୁ ବିରୋଧ କରିବାରୁ ନିର୍ମାଣ ବନ୍ଦ ହେଲା। ସମ୍ପ୍ରତି ଏନ୍‌ଏମ୍‌ଏ ନିଷିଦ୍ଧାଞ୍ଚଳ ବାହାରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର କରିବାକୁ ଏନ୍‌ଓସି ଦେବା ପରେ ପ୍ରଶାସନ ନୂଆ ସ୍ଥାନ ପାଇଛି। ବ୍ୟାପକ ଖନନ କରାଯାଇଥିବା ସ୍ଥାନଟି ଏବେ ପରିତ୍ୟକ୍ତ ହୋଇଛି। ୨୦ରୁ ୩୦ଫୁଟର ଗାତ କରି ସ୍ଥାନଟିକୁ ଅଦରକାରୀ କରିଦିଆଗଲା। ଏବେ ସେଠାରେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଉଛି। ବଳକା ୧୫ ଫୁଟ ଜମି କୌଣସି କାର୍ଯ୍ୟରେ ଲାଗିନାହିଁ। ବହୁ ଟଙ୍କା ଖର୍ଚ୍ଚ କରି ପ୍ରଶାସନ କାହିଁକି ଏହାକୁ ଖୋଳିଲେ ଓ ସରକାରୀ ଅଧିକାରୀମାନେ ବିନା ଅନୁମତିରେ କିଭଳି ଖନନ କଲେ ତାହା ତଦନ୍ତ ହେବା ଜରୁରୀ। ଏ ନେଇ ପ୍ରଶାସନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ସୂଚନା ଅଧିକାର କର୍ମୀ ବରାଳ କହିଛନ୍ତି। ତେବେ ବିନା ଅନୁମତିରେ ନିଷିଦ୍ଧାଞ୍ଚଳରେ ନିର୍ମାଣ ହୋଇଥିବା ଅଭ୍ୟର୍ଥନା ଗୃହର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏନେଇ ଉପଜିଲାପାଳ ଭବତାରଣ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ସଂଶୋଧିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍)ରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କକ୍ଷ ପାଇଁ କେଉଁ ସ୍ଥାନ ପ୍ରସ୍ତାବିତ ହୋଇଛି, ସେନେଇ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ସୂଚନା ନାହିଁ। ଅନ୍ୟପକ୍ଷରେ ପୂର୍ବରୁ ଯେଉଁ ସ୍ଥାନରେ ଅଭ୍ୟର୍ଥନା କେନ୍ଦ୍ର ନିର୍ମାଣ କରାଯାଉଥିଲା, ତାହା ଏବେ ବନ୍ଦ ରହିଛି। ପରବର୍ତ୍ତୀ ସମୟରେ ଏହି ନିର୍ମାଣକୁ ନେଇ କ'ଣ କରାଯିବ ତାହା ଆଇନ ବିଭାଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେବେ ବୋଲି ସାହୁ କହିଛନ୍ତି।

ଅନ୍ୟପକ୍ଷେ, ୨୦୨୧ ସେପ୍ଟେମ୍ବର ୪ରେ ଏନ୍‌ଏମ୍‌ଏ ପକ୍ଷରୁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ଅଭ୍ୟର୍ଥନା ଗୃହ ବ୍ୟତୀତ ନିଷିଦ୍ଧାଞ୍ଚଳ ୧୦୦ମିଟର ମଧ୍ୟରେ ଭକ୍ତଙ୍କ ଉଦ୍ଦେଶ୍ୟରେ ମିଳିଥିବା ଅନୁମତି ଉପରେ କୌଣସି କଟକଣା ଲଗାଯାଇନାହିଁ। କ୍ଲକ୍ ରୁମ୍, ମିନି କ୍ଲକ୍ ରୁମ୍, ଶେଲ୍‌ଟର ପାଭିଲିୟନ୍, ପୁରୁଷ ଓ ମହିଳା ଶୌଚାଳୟ, ସେବାୟତ ଶୌଚାଳୟ, ଇଲେକ୍ଟ୍ରିକାଲ୍ ରୁମ୍ ଓ ପାଭମେଣ୍ଟ ଅଞ୍ଚଳ ସମେତ ଧାଡ଼ିରେ ଠିଆ ହେବା ପାଇଁ ବ୍ୟବସ୍ଥାକୁ ଅନୁମତି ମିଳିଛି। ଆମସାର୍ ଆକ୍ଟ ୧୯୫୮, ୨(ଡି)ସିର ବ୍ୟତିକ୍ରମ ଧାରାରେ ଏହି ଅନୁମୋଦନ ମିଳିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି କର୍ତ୍ତୃପକ୍ଷ ଏକ ଅତିରିକ୍ତ ସେବାୟତ ଶୌଚାଳୟ ଓ କ୍ଲକ୍ ରୁମ୍ ପଶ୍ଚିମଦ୍ୱାର ପଟେ ନିର୍ମାଣକୁ ମଧ୍ୟ ସୁପାରିସ କରିଛନ୍ତି। ଶ୍ରୀମନ୍ଦିରର ଦୃଶ୍ୟପଟକୁ ପ୍ରଭାବିତ ନ କରିବା ଭଳି ଉଚ୍ଚତାରେ ଶେଲଟର ପାଭିଲିୟନ୍ ନିର୍ମାଣ କରାଯିବା ଦରକାର, ଯେଭଳି ଭକ୍ତ ସ୍ପଷ୍ଟ ଭାବେ ଐତିହ୍ୟ କୀର୍ତ୍ତିରାଜିକୁ ବାହାରୁ ଥାଇ ଦର୍ଶନ କରିପାରିବେ। ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣକୁ ଧ୍ୟାନ ଦେଇ ସୂଚନା କିଓସ୍କୋ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପୋଲିସ ସେବା କେନ୍ଦ୍ର ଓ ଏଟିଏମ୍ କିଓସ୍କୋ ଭଳି ସୁବିଧା ପାଇଁ ଏକ ସ୍ୱତନ୍ତ୍ର ଏନ୍‌ଓସି ପ୍ରଦାନ କରାଯାଇପାରେ ବୋଲି ଏନ୍‌ଏମ୍‌ଏ କର୍ତ୍ତୃପକ୍ଷ ବୈଠକରେ ସ୍ପଷ୍ଟ କରିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦରମା ନ ଦେବା ପ୍ରତିବାଦରେ ଓଡ଼ିଶା ୱାର୍କସ୍ ଡିପାର୍ଟମେଣ୍ଟ ୱାର୍କଚାର୍ଜଡ/ରେଗୁଲାର କର୍ମଚାରୀ ଆସୋସିଏଶନ ପକ୍ଷରୁ ଘେରାଉ କାର୍ଯ୍ୟକ୍ରମ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ରାସ୍ତା ଓ ଗୃହ ମଣ୍ଡଳ, ଭୁବନେଶ୍ୱର କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ଶିଳାଶ୍ରୀର ୧୫ତମ ସ୍ୱନକ୍ଷତ୍ର ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ସନ୍ଧ୍ୟା ୬ଟା।
- ୮ମ ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବ-୨୦୨୨ 'ଏକା', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୧୫।
- ସିନ୍ଧୁଜା ପ୍ରକାଶନର ପୁସ୍ତକ ଉନ୍ମୋଚନ ପର୍ବ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।

**କଟକ**

- ଗ୍ରାଣ୍ଡ ଡାଏଗ୍ନୋଷ୍ଟିକ୍ସ ଆଣ୍ଡ କ୍ଲିନିକ ପକ୍ଷରୁ ନିଃଶୁଳ୍କ ଗ୍ୟାଷ୍ଟ୍ରୋଲୋଜି ଓ ହେପାଟୋଲୋଜି ଶିବିର, କ୍ଲିନିକ ପରିସର, ଲିଙ୍କରୋଡ, ପୂର୍ବାହ୍ନ ୯ଟା।
- ହିନ୍ଦୀ ଦିବସ ସମାରୋହ, ଇମର୍ତ୍ତିଦେବୀ ମହିଳା ମହାବିଦ୍ୟାଳୟ, ନୟାସଡ଼କ, ପୂର୍ବାହ୍ନ ୧୧ଟା।
- ଭାଜପା କଟକ ନଗର ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ, ଗାନ୍ଧୀଭବନ, ଅପରାହ୍ନ ୪ଟା।
- କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଇଂ. କରିଷ୍ମା ସାହୁ ସ୍ମାରକୀ ତୈଳିକ ମହିଳା ସମ୍ମିଳନୀ, ଶହୀଦ ଭବନ, ଅପରାହ୍ନ ୫ଟା।
- ଜାୱା ଶୋ' ରୁମ ଉଦ୍‌ଘାଟନ, ପିଏମ୍‌ଜି ଅଟୋମୋଟିଭ, ସତୀଚଉରା, ରିଙ୍ଗରୋଡ୍, ଅପରାହ୍ନ ୫ଟା।

# ପୁଅକୁ କିଡ୍‌ନୀ ଦେଲେ ବାପା



- ଏମ୍ସରେ ପ୍ରଥମ କିଡ୍‌ନୀ ପ୍ରତିରୋପଣ ସଫଳ
- ଖୁବ୍‌ଶୀଘ୍ର ଯକୃତ, ଅସ୍ଥିମଜ୍ଜା ପ୍ରତିରୋପଣ ଆରମ୍ଭ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ଛୁଇଁଛି ଏମ୍ସ ଭୁବନେଶ୍ୱର। ଏମ୍ସରେ ପ୍ରଥମ କିଡ୍‌ନୀ ପ୍ରତିରୋପଣ ସଫଳ ହୋଇଛି। ପିତା ଓ ପୁତ୍ରଙ୍କ ମଧ୍ୟରେ ଏହି କିଡ୍‌ନୀ ପ୍ରତିରୋପଣ ହୋଇଥିଲା। ଅସୁସ୍ଥ ପୁଅକୁ ପିତା ନିଜ କିଡ୍‌ନୀ ଦାନ କରିଥିଲେ। ପ୍ରତିରୋପଣ ପରେ ଉଭୟ ପିତା ଓ ପୁତ୍ର ସୁସ୍ଥ ଥିବା ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। କିଡ୍‌ନୀ ଦାତାଙ୍କୁ ପ୍ରତିରୋପଣର ତୃତୀୟ ଦିନରେ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ସେହିପରି କିଡ୍‌ନୀ ପ୍ରତିରୋପଣ ହୋଇଥିବା ଯୁବକଙ୍କୁ ମଧ୍ୟ ଇତିମଧ୍ୟରେ ଡିସ୍‌ଚାର୍ଜ କରାଯାଇଛି। ଏହାପରେ ଯୁବକଙ୍କ ପରିସ୍ରା ଫଳାଫଳ, ରକ୍ତ ପରୀକ୍ଷା ଫଳ ଏବଂ କ୍ରିଏଟିନାଇନ ସ୍ତର ସାଧାରଣ ରହିଥିବା ଚିକିତ୍ସକମାନେ ପ୍ରକାଶ କରିଛନ୍ତି। ଉଭୟ ସୁସ୍ଥ ଥିବାରୁ ଏହି ପ୍ରତିରୋପଣରେ ସାମିଲ ଡାକ୍ତରୀ ଦଳ ସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ଖୁସିବ୍ୟକ୍ତ କରିବା ସହିତ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଚ୍ଚ ରକ୍ତଚାପ ଏବଂ ଅନ୍ୟାନ୍ୟ କିଡ୍‌ନୀ ରୋଗର ବୃଦ୍ଧି ସହିତ ସମାଜରେ କ୍ରୋନିକ୍ କିଡ୍‌ନୀ ରୋଗ(ସିକେଡି) ସଂଖ୍ୟା ବୃଦ୍ଧି ପାଉଛି। ଏଣୁ ପୂର୍ବ ଭାରତରେ ବୃକକ ପ୍ରତିରୋପଣ ସେବାର ଆବଶ୍ୟକତା ବୃଦ୍ଧି ପାଉଛି। ଘରୋଇ ଡାକ୍ତରଖାନାଗୁଡ଼ିକରେ ପ୍ରତିରୋପଣ ପ୍ରକ୍ରିୟା ବ୍ୟୟବହୁଳ ହୋଇଥାଏ। କିନ୍ତୁ ଏମ୍ସରେ ଏହି ସେବା ଆରମ୍ଭ ହେବାରୁ ସମାଜର ସମସ୍ତ ବର୍ଗର ଲୋକ ସୁଲଭ ମୂଲ୍ୟରେ ପ୍ରତିରୋପଣ ସେବାର ଲାଭ ନେବା ସହିତ ସୁସ୍ଥ ଜୀବନଯାପନ କରିପାରିବେ ବୋଲି ଡା. ବିଶ୍ୱାସ କହିଛନ୍ତି। ଏଥିସହିତ ଖୁବ୍‌ଶୀଘ୍ର ଏମ୍ସ ଭୁବନେଶ୍ୱରରେ ଯକୃତ ଏବଂ ଅସ୍ଥିମଜ୍ଜା ପ୍ରତିରୋପଣ ଆରମ୍ଭ ହେବ ଏବଂ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି। ନେଫ୍ରୋଲୋଜି ବିଭାଗର ଡା. ସନ୍ଦୀପ ପଣ୍ଡା କିଡ୍‌ନୀ ପ୍ରତିରୋପଣ କରିଥିବା ଡାକ୍ତରୀ ଦଳର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁରୋଲୋଜି ବିଭାଗ ମୁଖ୍ୟ ଡା. ପ୍ରଶାନ୍ତ ନାୟକ, ଡା. ମନୋଜ ଦାସ, ଡା. ସ୍ୱର୍ଣ୍ଣେନ୍ଦୁ ମଣ୍ଡଳ, ଡା. ସମ୍ବିତ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ। ପିଜିଆଇଏମ୍‌ଆର୍ ଚଣ୍ଡିଗଡ଼ର ପ୍ରଫେସର ଦୀପେଶ ବୋମିନ କେନୱାର ଏମ୍ସରେ ହୋଇଥିବା କିଡ୍‌ନୀ ପ୍ରତିରୋପଣରେ ପରାମର୍ଶ ଦେବା ନିମନ୍ତେ ଉପସ୍ଥିତ ଥିଲେ।

# ଯୁକ୍ତ ୩: ସ୍ପଟ୍ ନାମଲେଖା ପାଇଁ ଆଜିଠୁ ଆବେଦନ

**୯୭,୭୫୯ ସିଟ୍ ଖାଲି ପଡ଼ିଛି**

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ରାଜ୍ୟରେ ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ମଙ୍ଗଳବାର ବଳକା ସିଟ୍ ତାଲିକା ପ୍ରକାଶ ପାଇଛି। ୧,୦୨୩ ଡିଗ୍ରୀ କଲେଜରେ ମୋଟ ୨,୫୨,୦୧୩ ସିଟ୍ ଥିବାବେଳେ ୧,୫୪,୨୫୪ଜଣ ନାମ ଲେଖାଇଛନ୍ତି। ବର୍ତ୍ତମାନ ୯୭, ୭୫୯ ସିଟ୍ ବଳକା ପଡ଼ିଛି। ସେଥିମଧ୍ୟରୁ କଳାରେ ୪୪,୩୩୯, ଫିଜିକାଲ ସାଇନ୍ସରେ ୨୧,୯୭୧, ବାୟୋଲୋଜି ସାଇନ୍ସରେ ୧୧,୫୪୯, ବାଣିଜ୍ୟରେ ୧୪,୧୯୪, ସେଲ୍‌ଫ ଫାଇନାନ୍ସିଂରେ ୭୬୭ ଏବଂ ସଂସ୍କୃତରେ ୪,୯୩୯ ସିଟ୍ ଖାଲି ପଡ଼ିଥିବା ସାମ୍ସ ପୋର୍ଟାଲରୁ ଜଣାପଡ଼ିଛି। ବଳକା ସିଟ୍ ପାଇଁ ସ୍ପଟ୍ ନାମଲେଖା ହେବ। ଏଥିପାଇଁ ୨୧ ତାରିଖ ପୂର୍ବାହ୍ନ ୧୧ଟାରୁ ୨୩ ତାରିଖ ରାତି ୧୧ଟା ୪୫ ଭିତରେ ଛାତ୍ରୀଛାତ୍ରମାନେ ଆବେଦନ କରିବେ। ଯେଉଁମାନେ ପ୍ରଥମ ପର୍ଯ୍ୟାୟରେ ନିଜ ନାମ ପଞ୍ଜୀକରଣ କରିବା ସହିତ ସିଏଏଫ୍ ଦାଖଲ କରିଥିଲେ ସେମାନେ ହିଁ କେବଳ ଆବେଦନ କରିପାରିବେ। ୨୮ ତାରିଖ ଅପରାହ୍ନ ୨ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୮ତାରିଖ ଅପରାହ୍ନ ୨ଟାରୁ ଅକ୍ଟୋବର ୧ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍ପଟ ନାମଲେଖା ଅନୁଷ୍ଠିତ ହେବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରୁଦ୍ର



@ ଅସିତ



@ ଦେବାଶିଷ



@ ଲୁକେଶ



@ ଶ୍ରୀଧର



@ ରକି




ଭୁବନେଶ୍ୱର ଆଚାର୍ଯ୍ୟ ବିହାର ଓକାକ୍ ଭବନରେ ମଙ୍ଗଳବାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ ଆଣ୍ଡ ଇନଫର୍ମେଶନ ଟେକ୍ନୋଲୋଜିର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।



ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଓ ଗାଇଡ୍ସ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ କବ୍ ବୁଲ୍‌ବୁଲ୍ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।




ସାର୍ନା ଧର୍ମ କୋଡ୍ ମାନ୍ୟତା ଦାବିରେ ଆଦିବାସୀ ସେଙ୍ଗେଲ ଅଭିଯାନ ଭୁବନେଶ୍ୱର ଜୋନାଲ କମିଟି ପକ୍ଷରୁ ମଙ୍ଗଳବାର ପିଏମ୍‌ଜି ଗାନ୍ଧୀ ମାର୍ଗଠାରେ ଧାରଣା।

## ଇପିଏଫ୍‌ରେ ସାମିଲ ହୋଇଛନ୍ତି ୧୮.୨୩ ଲକ୍ଷ

ନୂଆଦିଲ୍ଲୀ: ଚଳିତ ବର୍ଷ ଜୁଲାଇରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)୧୮.୨୩ ଲକ୍ଷ କର୍ମଚାରୀଙ୍କୁ ସାମିଲ କରିଛି, ଯାହା ଗତବର୍ଷର ଏହି ସମୟ ତୁଳନାରେ ୨୪.୪୮ ପ୍ରତିଶତ ଅଧିକ। ଜୁଲାଇରେ ସାମିଲ ହୋଇଥିବା ମୋଟ ନୂଆ ସଦସ୍ୟଙ୍କ ମଧ୍ୟରୁ ୧୦.୫୮ ଲକ୍ଷ ପ୍ରଥମ ଥର ପାଇଁ ଇପିଏଫ୍‌ଓ ସାମାଜିକ ସୁରକ୍ଷା ମଧ୍ୟକୁ ଆସିଥିବା ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପ୍ରିଲରୁ ଇପିଏଫ୍‌ଓରେ ନୂଆ ସଦସ୍ୟ ଯୋଗଦେବା ଧାରା ବଢ଼ିଚାଲିଛି। ୧୦.୫୮ ଲକ୍ଷ ନୂଆ ସଦସ୍ୟଙ୍କ ମଧ୍ୟରୁ ୫୭.୬୯ ପ୍ରତିଶତଙ୍କ ବୟସ ୧୮ରୁ ୨୫ ବର୍ଷ ବୋଲି ଜଣାପଡ଼ିଛି।

# ଭାରତରେ ବ୍ୟବସାୟ କରିପାରେ ରୁଷୀୟ ବ୍ୟାଙ୍କ

### ରୁପି-ରୁବଲ ଦ୍ୱିପାକ୍ଷିକ ବାଣିଜ୍ୟକୁ ମଞ୍ଜୁରୀ ଦେଇପାରେ ଆର୍‌ବିଆଇ




ନୂଆଦିଲ୍ଲୀ,୨୦।୯

ଭାରତୀୟ ମୁଦ୍ରା ରୁପି (ଟଙ୍କା) ଏବଂ ରୁଷିଆ ମୁଦ୍ରା ରୁବଲ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଖୁବ୍‌ଶୀଘ୍ର ଆଶାୟୀ ବ୍ୟାଙ୍କଗୁଡ଼ିକୁ ମଞ୍ଜୁରୀ ଦେଇପାରେ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ବିଶେଷକରି ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ବର୍ତ୍ତମାନ ସମୟରେ ୬ରୁ ଅଧିକ ରୁଷୀୟ ବ୍ୟାଙ୍କର ବାଣିଜ୍ୟିକ କାରବାର ଏବଂ ନିୟମାବଳୀ ଉପରେ ଅର୍ଥ ମନ୍ତ୍ରଣାଳୟ ଏବଂ ଆର୍‌ବିଆଇ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଛି। ଏପରିକି ଭାରତରେ ବ୍ୟବସାୟ ପାଇଁ ଆଶାୟୀ ରୁଷୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ଆର୍‌ବିଆଇ ସହ ବୁଝାମଣାପତ୍ର ସ୍ୱାକ୍ଷର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେହିଭଳି ଉଭୟ ଦେଶର ଆର୍ଥିକ କାରବାର ବୃଦ୍ଧି ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ଉପରେ ମଧ୍ୟ ଆର୍‌ବିଆଇ ଚୂଡ଼ାନ୍ତ ମଞ୍ଜୁରୀ ଦେବାକୁ ଯୋଜନା କରୁଥିବା ଜଣାପଡ଼ିଛି। ସେହିପରି ଉଭୟ ଦେଶର ସମ୍ପର୍କ ବୃଦ୍ଧି ସାଙ୍ଗକୁ ବ୍ୟାଙ୍କିଙ୍ଗ୍ ବ୍ୟବସାୟ ପାଇଁ ଆସନ୍ତା ସପ୍ତାହରୁ ଚୁକ୍ତିନାମା ସମ୍ପର୍କିତ କାର୍ଯ୍ୟ ଉପରେ ମଞ୍ଜୁରୀ ମିଳିବା ଆରମ୍ଭ ହୋଇପାରେ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ ରୁପି – ରୁବଲ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ନେଇ ରଷିଆନ ବ୍ୟାଙ୍କଗୁଡ଼ିକ ଶୀଘ୍ର ମଞ୍ଜୁରୀ ପାଇଁ ଚାହିଁ ରହିଥିବା ଜଣାପଡ଼ିଛି। ଏପରିକି ପୂଜା ପର୍ବରୁ ଆବଶ୍ୟକ ମଞ୍ଜୁରୀ ମଧ୍ୟ ମିଳିପାରେ ବୋଲି ଆକଳନ କରାଯାଇଛି। ରଷିଆନ ବ୍ୟାଙ୍କଗୁଡ଼ିକର ସୂଚୀ ବିଚାର ପାଇଁ ଆର୍‌ବିଆଇ ନିକଟକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ନିର୍ଦ୍ଦେଶାବଳୀ ଓ ସୂଚନା ମଧ୍ୟ ପଠାଯାଇଛି। ଉକ୍ତ ସୂଚୀରେ ପିଏସ୍‌ବି ମଧ୍ୟ ସାମିଲ ରହିଛି। ଉଲ୍ଲେଖଯୋଗ୍ୟ, ପିଏସ୍‌ବି ଉପରେ ପାଶ୍ଚାତ୍ୟ ରାଷ୍ଟ୍ର ପ୍ରତିବନ୍ଧକ ଲାଗୁ କରିନାହାନ୍ତି। ଉକ୍ତ ରିପୋର୍ଟ ଅନୁସାରେ ଏହି କାରଣରୁ ପିଏସ୍‌ବି ୟେସ୍ ବ୍ୟାଙ୍କରେ ନିଜର ରୁପି ଆକାଉଣ୍ଟ ଖୋଲିଛି। ଅପରପକ୍ଷରେ ଭିଇବି, ଭିଟିବି, ଏସ୍‌ବେର ବ୍ୟାଙ୍କ ଭଳି ବ୍ୟାଙ୍କିଙ୍ଗ୍ ସଂସ୍ଥା ମଧ୍ୟ ଖୁବ୍‌ଶୀଘ୍ର ଭାରତୀୟ ବ୍ୟାଙ୍କ ସହ ଚୁକ୍ତି କରିପାରନ୍ତି ବୋଲି ସୂଚନା ମିଳିଛି। ସେହିପରି ଉକ୍ତ ରଷିଆନ ବ୍ୟାଙ୍କଗୁଡ଼ିକ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟକୁ ନିଜର ପ୍ରୋଫାଇଲ ଏବଂ ଆବଶ୍ୟକ ସମ୍ପୂର୍ଣ୍ଣ ବିବରଣୀ ମଧ୍ୟ ପଠାଇଥିଲେ। ସୂଚନାଯୋଗ୍ୟ, ଏହି ବ୍ୟବସାୟ ପାଇଁ ଭାରତୀୟ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଏସ୍‌ବିଆଇ, କାନାରା ବ୍ୟାଙ୍କ, ୟୁକୋ ବ୍ୟାଙ୍କ ସହ ଅନ୍ୟ ବ୍ୟାଙ୍କଗୁଡ଼ିକ ମଧ୍ୟ ସାମିଲ ରହିଛନ୍ତି।

## ସେନ୍‌ସେକ୍ସରେ ୫୭୮ ପଏଣ୍ଟ ବୃଦ୍ଧି

ନୂଆଦିଲ୍ଲୀ,୨୦।୯

କ୍ରମାଗତ ୨ଦିନ ହେବ ଶେୟାର ବଜାରର ଫଳାଫଳ ଭଲ ରହିଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ପରିମାଣର ପୂର୍ବ କ୍ଷତିଭରଣା କରିବାରେ ସମର୍ଥ ହୋଇଛନ୍ତି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର ମଧ୍ୟ କିଛି ପରିମାଣରେ ବୃଦ୍ଧି ପାଇଛି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ର ବଜାର ଶେୟାର ବୃଦ୍ଧି ଘଟିଥିବା ଜଣାପଡ଼ିଛି। ମଙ୍ଗଳବାର ସେନ୍‌ସେକ୍ସ ୫୭୮(୫୭୮.୫୧) ପଏଣ୍ଟ ବଢ଼ି ୫୯,୭୧୯.୭୪ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୧୯୪ (୧୯୪.୦୦) ପଏଣ୍ଟ ବୃଦ୍ଧି ଘଟି ୧୭,୮୧୬.୨୫ ଅଙ୍କରେ ବଜାର ବନ୍ଦ ହୋଇଛି। ବିଶେଷକରି ଫାର୍ମା, ଘରୋଇ ବ୍ୟାଙ୍କ ଏବଂ ଅଟୋଶିଳ୍ପର କାରବାର ଆରମ୍ଭ ଭଲ ରହିବା ସହ ଶେଷ ପର୍ଯ୍ୟନ୍ତ ମଧ୍ୟ ସବୁଜ ରଙ୍ଗରେ କାରବାର ଶେଷ କରିଥିଲା।

## ଏଏସ୍‌ବିଏମ୍‌ର ୨ୟ ସମାବର୍ତ୍ତନ ଉତ୍ସବ



ଭୁବନେଶ୍ୱର,୨୦।୯: ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଅତନୁ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସ୍‌ର ପରିଚାଳନା ନିର୍ଦ୍ଦେଶକ ସି.ଜେ.ଜର୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ କୁଳାଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ସତ୍ୟମ୍, ଏନ୍‌ରନ୍, କିଙ୍ଗ୍‌ସର ଆଦିର ଉଦାହରଣ ଦେଇ କହିଥିଲେ, ବ୍ୟବସାୟ ଏବଂ ବୃତ୍ତିଗତ ଜୀବନରେ ଅସାଧୁତାର ପରିଣାମ ଭୟାବହ ହୋଇଥାଏ। ସେହିଭଳି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କଲ୍ୟାଣ ଶଙ୍କର ରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। କୁଳାଧ୍ୟକ୍ଷ ପ୍ରଫେସର ପଟ୍ଟନାୟକ କୃତୀ ଛାତ୍ରୀଛାତ୍ରମାନଙ୍କୁ ଏମ୍‌ବିଏ, ବିବିଏ ସମ୍ମାନ ଏବଂ ବି.କମ୍ ସମ୍ମାନ ଉପାଧି ପତ୍ର ପ୍ରଦାନ କରିଥିଲେ। ଉପକୁଳପତି ପ୍ରଫେସର ଫଲ୍‌ଗୁ ନିରଞ୍ଜନା କୃତୀ ଛାତ୍ରୀଛାତ୍ରମାନଙ୍କୁ ଶପଥ ପାଠ କରାଇଥିଲେ।

## ଟାଟା ମୋଟର୍ସର ନୂତନ ଉତ୍ପାଦ ଉନ୍ମୋଚିତ

### ଅଲ୍ ନ୍ୟୁ ୫ଡବ୍ଲ୍ୟୁ୩୦ ସିନ୍ଥେଟିକ୍ ଇଞ୍ଜିନ ଅଏଲର ବଜାର ପ୍ରବେଶ

ନୂଆଦିଲ୍ଲୀ,୨୦।୯

ଦେଶର ପ୍ରମୁଖ ବାଣିଜ୍ୟିକ ଯାନ ନିର୍ମାତା 'ଟାଟା ମୋଟର୍ସ' ପକ୍ଷରୁ ନୂତନ ଉତ୍ପାଦର ଉନ୍ମୋଚନ ହୋଇଯାଇଛି। ବିଶେଷକରି ଏହାର ନୂତନ ପିଢ଼ିର ବିଏସ୍-୬ ଡିଜେଲ ଇଞ୍ଜିନର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ଭାବେ ବିକଶିତ ଅଲ୍ ନ୍ୟୁ ୫ଡବ୍ଲ୍ୟୁ୩୦ ସିନ୍ଥେଟିକ୍ ଇଞ୍ଜିନ ଅଏଲର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସେହିପରି ଉକ୍ତ ଇଞ୍ଜିନ ଅଏଲ ଉପରେ ୩ବର୍ଷରୁ ଅଧିକ ସମୟ ଧରି ବିଭିନ୍ନ ଏବଂ କଠିନ ପରିସ୍ଥିତିରେ ବ୍ୟାପକ ଭାବେ ପରୀକ୍ଷଣ କରାଯାଇଛି। ଏପରିକି ପାୱାର ଟ୍ରେନ୍ ପରୀକ୍ଷଣ ସୁବିଧାରେ ୩୫,୦୦୦ ଘଣ୍ଟାରୁ ଅଧିକ ସମୟ ଧରି କଠିନ ଅଞ୍ଚଳରେ ଏହା ୧୦ ଲକ୍ଷ କିଲୋମିଟରରୁ ଅଧିକ ଦୂରତା ପାଇଁ ଚାଳିତ ହୋଇଛି। ସେହିପରି ଏହା ଗ୍ରୁପ୍ ୩ବେସ୍ ଅଏଲରେ ମିଶ୍ରିତ ଏକ ଅତ୍ୟାଧୁନିକ ଉପଯୋଗୀ ପ୍ରଯୁକ୍ତିବିଦ୍ୟା ସହ ଉଚ୍ଚ କ୍ଷମତାସମ୍ପନ୍ନ ପଲିମରର ଏକ ମିଶ୍ରଣରେ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଟାଟା ମୋଟର୍ସର ସଭାପତି ତଥା ସିଟିଓ ରାଜେନ୍ଦ୍ର ପେଟକର କହିଛନ୍ତି,ସମ୍ପ୍ରତି ଦୀର୍ଘ ସ୍ଥାୟିତ୍ୱ ଏକ ଭଲ ଯୋଗଦାନରୁ ଏକ ସମ୍ପୂର୍ଣ୍ଣ ଆବଶ୍ୟକତାରେ ପରିଣତ ହୋଇଛି। ଟାଟା ମୋଟର୍ସରେ ଆମେ ବିକାଶ କରୁଥିବା ପ୍ରତ୍ୟେକ ଜିନିଷର ମୂଳ ଗଠନ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଉ। ଇଞ୍ଜିନିୟରିଂ ରିସର୍ଚ୍ଚ ସେଣ୍ଟର (ଇଆର୍‌ସି)ରେ ଆମର ଇଞ୍ଜିନିୟରିଂ ଟିମ୍ ଏକ ଇନ୍ ହାଉସ ଲୁବ୍ରିକାଣ୍ଟ ଫର୍ମୁଲେସନ ବିକାଶ କରୁଥିବାବେଳେ ସହଯୋଗୀ ଉତ୍ପାଦନ କ୍ଷେତ୍ରର ଆଡିଟିଭ୍ ପ୍ରସ୍ତୁତକାରୀ ଅଂଶୀଦାରମାନଙ୍କ ସହ ଘନିଷ୍ଠ ଭାବେ କାର୍ଯ୍ୟ କରୁଛନ୍ତି। ଟାଟା ମୋଟର୍ସ ସାମଗ୍ରିକ ଦୀର୍ଘସ୍ଥାୟୀ ସ୍ଥିରତାକୁ ଦୃଷ୍ଟିରେ ରଖି ଇଏସ୍‌ଜି ଆବଶ୍ୟକତା ପୂରଣକରି ଏହାର ଯାତ୍ରା ଆରମ୍ଭ କରିଛି।

## 'ବ୍ୟାଙ୍କକୁ ଉନ୍ନତିମୂଳକ ସ୍ଥିତିରେ ପହଞ୍ଚାଇବାକୁ ଆହ୍ୱାନ'

ଭୁବନେଶ୍ୱର,୨୦।୯




ଭାରତୀୟ ମଜଦୁର ସଂଘ ଦ୍ୱାରା ସମର୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସଂଘ (ଓଜିବିକେଏସ୍) ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀ ସଂଘ (ଓଜିବିଏଏସ୍)ର ୪ର୍ଥ ଦ୍ୱିବାର୍ଷିକ ସାଧାରଣ ଅଧିବେଶନ ନିକଟରେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ମଜଦୁର ସଂଘର ସର୍ବଭାରତୀୟ ସ୍ତରର ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ଆର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମହାପ୍ରବନ୍ଧକ ବସନ୍ତ କୁମାର ପାତ୍ର ଏବଂ ଜଗନ୍ନାଥ ପ୍ରସାଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ବ୍ୟାଙ୍କକୁ ଉନ୍ନତିମୂଳକ ସ୍ଥିତିରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ପୃଥୀରାଜ ପଣ୍ଡା, ରାଜ୍ୟ ସାଙ୍ଗଠନିକ ମନ୍ତ୍ରୀ ଗିରୀଶ ଚନ୍ଦ୍ର ମହନ୍ତ ଏବଂ ସର୍ବଭାରତୀୟ ଗ୍ରାମୀଣ ବ୍ୟାଙ୍କର ମଜଦୁର ସଂଘର ସାଧାରଣ ସମ୍ପାଦକ ନିଶାନ୍ତ ସାଖି ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଂଘକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଓଜିବିକେଏସ୍‌ର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କର ସମସ୍ୟାଗୁଡ଼ିକ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।

ଅପରପକ୍ଷରେ ନୂତନ ଭାବେ ଓଜିବିକେଏସ୍‌ର ସଭାପତି ଓ ସାଧାରଣ ସମ୍ପାଦକ ଯଥାକ୍ରମେ ସୁରେଶ ମହାକୁଡ ଓ ବନବିହାରୀ ପୃଷ୍ଟି ହୋଇଥିବା ବେଳେ ଓଜିବିଏଏସ୍‌ର ସଭାପତି ଏବଂ ସାଧାରଣ ସମ୍ପାଦକ ଯଥାକ୍ରମେ ଦେବାଶିଷ ପରିଡ଼ାଏବଂ ପ୍ରିୟବ୍ରତ ଦାସ ନିଯୁକ୍ତ ହୋଇଛନ୍ତି। ରଜନିକାନ୍ତ ମହାପାତ୍ରଙ୍କୁ ମୁଖ୍ୟ ଉପଦେଷ୍ଟା, ସୋମନାଥ ପାଣି, ଉପଦେଷ୍ଟା ଓଜିବିଏଏସ୍ ଭାବେ ଦାୟିତ୍ୱ ଦିଆଯାଇଛି। ଉକ୍ତ ସଭାରେ ୫୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଦୀପ୍ତ କୁମାର ନାୟକ ଗଣମାଧ୍ୟମ କାର୍ଯ୍ୟକୁ ସଞ୍ଚାଳନ କରିଥିଲେ।

## ଚାନ୍ଦି ଭଣ୍ଡାରରେ ଦୁର୍ଗାପୂଜା କଲେକ୍ସନ

### ଗଢ଼ା ମଜୁରିରେ ଫ୍ଲାଟ୍ ୨୫% ରିହାତି




ଭୁବନେଶ୍ୱର,୨୦।୯

ରୁପା ଗହଣାର ପ୍ରମୁଖ ଶୋ'ରୁମ୍ ଚାନ୍ଦି ଭଣ୍ଡାର ଚଳିତ ବର୍ଷର ଦୁର୍ଗାପୂଜା ଅଭିନବ ଢଙ୍ଗରେ ପାଳନ କରୁଛି। ବିଶେଷକରି ପ୍ରତ୍ୟେକ ମହିଳାଙ୍କ ମଧ୍ୟରେ ଦେବୀଙ୍କ ବାସ ରହିଥାଏ। ଏଭଳି କ୍ଷେତ୍ରରେ ଚାନ୍ଦି ଭଣ୍ଡାର ମହିଳାମାନଙ୍କୁ ସଜାଇବା ପାଇଁ ଦୁର୍ଗାପୂଜାରେ ରୁପା ଗହଣାର ଭଳିକି ଭଳି ଅତ୍ୟାଧୁନିକ କଲେକ୍ସନ ଆଣିଛି। ଏପରିକି ଏଠାରେ ବ୍ୟାପକ ଡିଜାଇନ୍‌ର ଗହଣା, କାରୁକାର୍ଯ୍ୟପୂର୍ଣ୍ଣ ଆର୍ଟିଫ୍ୟାକ୍ଟ ଏବଂ ଅନେକ କିଛି ସାମିଲ ରହିଛି। ପୂଜା ଆଉଟ୍‌ଫିଟ୍‌କୁ ଖାପ ଖାଇବା ଭଳି ଅତ୍ୟାଧୁନିକ ତଥା ଟ୍ରେଣ୍ଡି ଅକ୍ସିଡାଇଜଡ ରୁପା ଗହଣା ଶୋ'ରୁମ୍‌ରେ ଉପଲବ୍ଧ କରାଯାଇଥିବା ଜଣାପଡ଼ିଛି। ଖାଲି ସେତିକି ନୁହେଁ, ଦେବୀ ଦୁର୍ଗାଙ୍କ ପ୍ରତିମୂର୍ତ୍ତିର ଅତ୍ୟାଧୁନିକ କଲେକ୍ସନ ସହ ବିଭିନ୍ନ ପ୍ରକାର ରୁପା ବାସନ, ଦୀପ ଏବଂ ଅନେକ କିଛି ଶୋ'ରୁମ୍‌ରେ ଉପଲବ୍ଧ ରହିଛି। ସେହିଭଳି ଚାନ୍ଦି ଭଣ୍ଡାରର ଭୁବନେଶ୍ୱରସ୍ଥିତ ଶହୀଦନଗର ଏବଂ ପଟିଆ ଆଉଟ୍‌ଲେଟ ସହ ରାଉରକେଲାର ଉଦିତନଗର ଶୋ'ରୁମ୍ ଏବଂ ଅନୁଗୋଳର ଅମଲାପଡ଼ା ଶୋ'ରୁମ୍‌ରେ ମଧ୍ୟ ଗ୍ରାହକଙ୍କ ପାଇଁ ଭଳିକି ଭଳି ରୁପା ଗହଣା ଏବଂ ସାମଗ୍ରୀକୁ ଆକର୍ଷଣୀୟ ଅଫରରେ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ସେହିପରି ପୂଜା ଅଫର ଭାବେ ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୫% ରିହାତି ମଧ୍ୟ ଆସନ୍ତା ମାସ ୫ତାରିଖ ଯାଏ ବୈଧ ରହିଛି।

---

## ଫୁର୍‌ସତ୍




## ୪ରେ ବାଜିବ ସାହାନାଇ

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ରିଚା ଚଢ଼ା ଅକ୍ଟୋବର ୪ରେ ପ୍ରେମିକ ଅଲ୍ଲୀ ଫଜଲ୍‌ଙ୍କୁ ବିବାହ କରିବାକୁ ଯାଉଛନ୍ତି। ମୁମ୍ବାଇରେ ସେମାନଙ୍କ ବିବାହ ଅନୁଷ୍ଠିତ ହେବ। ବାହାଘର ପରେ ପରିବାର, ବନ୍ଧୁ ଏବଂ ବଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ରିସେପ୍‌ଶନ୍ ପାର୍ଟିର ଆୟୋଜନ କରାଯିବାର ଯୋଜନା ରହିଛି। ତେବେ ମୁମ୍ବାଇର କେଉଁଠାରେ ବିବାହ ଅନୁଷ୍ଠିତ ହେବ, ସେ ନେଇ କୌଣସି ସୂଚନା ମିଳିନାହିଁ। ରିଚାଙ୍କ ବାହାଘର ପାଇଁ ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ଫଙ୍କଶନ୍ ସବୁ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ୩ଟି ପ୍ରିୱେଡିଂ ଫଙ୍କଶନ୍‌ରେ କକ୍‌ଟେଲ୍, ସଙ୍ଗୀତ ଏବଂ ମେହେନ୍ଦି ସେରିମନିକୁ ସାମିଲ କରାଯାଇଛି। କେଉଁ ଡିଜାଇନ୍‌ର ପୋଷାକ ରିଚା ପିନ୍ଧିବେ ତାହା ଜଣାପଡ଼ି ନାହିଁ। ରାଜସ୍ଥାନର ପ୍ରସିଦ୍ଧ ପାରିବାରିକ ଗହଣା ବ୍ୟବସାୟୀ ଖାଜନଚିଙ୍କ ଡିଜାଇନର ଗହଣା ସେ ବିବାହରେ ପିନ୍ଧିବେ। ବିକାନିରରେ ୧୭୫ ବର୍ଷ ଏହି ପରିବାର ଗହଣା ବ୍ୟବସାୟ କରିଆସୁଛନ୍ତି। ବିବରହ ନେଇ ରିଚା ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ଶେୟାର କରିଥିଲେ, ଯେଉଁଥିରେ ସେ କହିଥିଲେ ଯେ, ନୂଆ ଜୀବନ ଆରମ୍ଭ କରିବାକୁ , ଅକ୍ଟୋବର ପାଇଁ ଆଉ ଅପେକ୍ଷା କରିହେଉ ନାହିଁ। ଗତ ୨୦୨୦ରେ ରିଚାଙ୍କ ବାହାଘର ହେବାକୁ ଥିବାବେଳେ କୋଭିଡ୍ ପାଇଁ ଏଥିରେ ବିଳମ୍ବ ହୋଇଥିଲା। ୨୦୧୨ରେ ରିଲିଜ୍ ହୋଇଥିବା ମଲ୍ଟି ଷ୍ଟାରର୍ ଫିଲ୍ମ ଫୁକରେରେ ଅଲ୍ଲୀ ଓ ରିଚା ଏକାଠି କାମ କରିଥିଲେ। ଏହାପରଠାରୁ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।

## ଓସ୍କାର ଦୌଡ଼ରେ 'ଛେଲୋ ଶୋ'

### ବାଦ୍ ପଡ଼ିଲା ଆର୍‌ଆର୍‌ଆର୍




ନୂଆଦିଲ୍ଲୀ: ଫିଲ୍ମ ଜଗତର ସବୁଠାରୁ ବଡ଼ ସମାରୋହ କୁହାଯାଉଥିବା ଓସ୍କାର ରେସ୍‌ରେ ସାମିଲ ହୋଇଛି ଗୁଜରାଟୀ ଫିଲ୍ମ 'ଛେଲୋ ଶୋ'। ଏ ନେଇ ଇଣ୍ଡିଆନ୍ ଫିଲ୍ମ ଫେଡେରେଶନ୍ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଏହାର ଇଂଲିଶ ନାମ 'ଲାଷ୍ଟ ଫିଲ୍ମ ଶୋ' ରଖାଯାଇଛି। ଆସନ୍ତା ବର୍ଷ ଆୟୋଜନ ହେବାକୁ ଥିବା ୯୫ତମ ଓସ୍କାର ସମାରୋହରେ ଛେଲୋ ଶୋ'କୁ ବେଷ୍ଟ ଇଣ୍ଟରନ୍ୟାଶନାଲ ଫିଚର ଫିଲ୍ମ ଶ୍ରେଣୀରେ ଚୟନ କରାଯାଇଛି। ନଳିନୀ ପାନ୍ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ଭାବିନ ରାବାରି, ଭାବେଶ ଶରିମାଲି, ରୀଚା ମୀନା, ଦୀପେନ ରାଭାଲ ଏବଂ ପରେଶ ମେହେଟ୍ଟା ଆଦି କଳାକାର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ରବର୍ଟ ଡେନିରୋଙ୍କ ଟ୍ରିବେକା ଫିଲ୍ମ ଫେଷ୍ଟିଭାଲଠାରୁ ଆରମ୍ଭ କରି ବହୁ ଅନ୍ତର୍ଜାତୀୟ ଫିଲ୍ମ ସମାରୋହରେ ଛେଲୋ ଶୋ'କୁ ପୁରସ୍କୃତ କରାଯାଇଛି।

ଚଳିତ ବର୍ଷର ସୁପରହିଟ୍ ପାନ୍ ଇଣ୍ଡିଆ ଫିଲ୍ମ 'ଆର୍ ଆର୍ ଆର୍' ଓସ୍କାର ଦୌଡ଼ରୁ ବାଦ୍ ପଡ଼ିବା ନେଇ ସିନେପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏସ୍.ଏସ୍. ରାଜାମୌଳିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ଚଳିତବର୍ଷ ମାର୍ଚ୍ଚ ୨୫ରେ ରିଲିଜ୍ ହୋଇଥିଲା। ବ୍ରିଟିଶ୍ ଶାସନ କାଳର କାହାଣୀ ଉପରେ ଫିଲ୍ମଟି ଆଧାରିତ। ରାମ ଚରଣ ଓ ଜୁନିୟର୍ ଏନ୍‌ଟିଆର୍‌ଙ୍କ ସମେତ ବଲିଉଡ୍ ବ୍ୟୁଟି ଆଲିଆ ଭଟ୍ଟ ଏଥିରେ ଅଭିନୟ କରିଥିଲେ।

## ସଚେତନତା ହିଁ ନିଦାନ

### ବିଶ୍ୱ ଆଲ୍‌ଝିମର ଦିବସ

ଶରୀରରେ କୌଣସି ସମସ୍ୟା ସୃଷ୍ଟିହେବା ପୂର୍ବରୁ ଏଥିରୁ ଦୂରେଇରହିବା ଲାଗି ପଦକ୍ଷେପ ଗ୍ରହଣ କରିବା ଏବଂ ସଚେତନ ହେବା ହିଁ ପ୍ରକୃତ ନିଦାନ। କେତେକ ଲୋକଙ୍କଠାରେ ମନେ ରଖିବା ଶକ୍ତି ନ ଥାଏ। ସେମାନଙ୍କ ସ୍ମୃତିଶକ୍ତିରେ ଅନିୟମିତତା ପରିଲକ୍ଷିତ ହୋଇଥାଏ। ସେମାନେ କେଉଁ ସ୍ଥିତିରେ କେଉଁଠାରେ ଅଛନ୍ତି ତାହା କିଛି ମନେରଖିପାରନ୍ତ ନାହିଁ। ଏଭଳି ସମସ୍ୟାକୁ ଚିକିତ୍ସା ବିଜ୍ଞାନରେ ଆଲ୍‌ଝିମର କୁହାଯାଏ। ଏହି ଦ୍ରୁତ ଗତିଶୀଳ ଦୁନିଆରେ ଜିନିଷ ଏବଂ ଘଟଣାକୁ ଭୁଲିଯିବା ଏକ ନିୟମିତ ଘଟଣା ହୋଇପାରେ। ଅବଶ୍ୟ ଏହି ପରିସ୍ଥିତି କେତେକ କ୍ଷେତ୍ରରେ ଆଲ୍‌ଝିମର ସମସ୍ୟାର ଆରମ୍ଭକୁ ସୂଚାଇପାରେ। ଯାହା ଏକ ସାଧାରଣ ପ୍ରକାର ଡିମେନ୍ସିଆ ଯାହା ଧୀରେ ଧୀରେ ସ୍ମୃତିଶକ୍ତି ହ୍ରାସ କରିଥାଏ ଏବଂ ଏହାଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ଜ୍ଞାନ କ୍ଷମତା ହରାଇଥାନ୍ତି। ପ୍ରତିବର୍ଷ ସେପ୍ଟେମ୍ବର ୨୧ରେ ବିଶ୍ୱ ଆଲ୍‌ଝିମର ଦିବସ ପାଳନ କରାଯାଇଥାଏ। ଏହିଦିନ ଆଲ୍‌ଝିମର ରୋଗର କାରଣ ଏବଂ ଗମ୍ଭୀରତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥାଏ। ଆଲ୍‌ଝିମର ରୋଗ ହେଉଛି ଏକ ଅବକ୍ଷୟକାରୀ ମସ୍ତିଷ୍କ ଅବସ୍ଥା ଯାହା ଧୀରେ ଧୀରେ ସ୍ମୃତି ଏବଂ ଜ୍ଞାନଗତ କ୍ଷମତାକୁ ପ୍ରଭାବିତ କରିଥାଏ। ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ଡିମେନ୍ସିଆର କାରଣ । ଗ୍ରୀକ୍ ଦାର୍ଶନିକ ପିଥାଗୋରାସ ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀରେ ମାନବ ଜୀବନ ବିଷୟରେ କହିଥିଲେ ଏବଂ ମାନବ ଅସ୍ତିତ୍ୱର ଶେଷ ବର୍ଷଗୁଡ଼ିକୁ ସିନିୟମ ବୋଲି କହିଥିଲେ। ମାନସିକ ଏବଂ ଶାରୀରିକ ଅବନତିର ସମୟକୁ ବର୍ଣ୍ଣିତ କରିବା ପାଇଁ ସେ ସିନିୟମ ଶବ୍ଦ ବ୍ୟବହାର କରିଥିଲେ। ୧୫୦୦ ତଥା ୧୬୦୦ ମସିହା ପୂର୍ବରୁ ସେକ୍ସପିଅର୍ ତାଙ୍କର ହେମ୍‌ଲେଟ ଏବଂ କିଙ୍ଗ୍ ଲିଅର୍ ଆଦି ଅନେକ ପ୍ରସିଦ୍ଧ ନାଟକରେ ଏ ବିଷୟରେ ଲେଖିଥିଲେ।

## ଶାନ୍ତି ଆଣିଦିଏ ବିକାଶ

### ଅନ୍ତର୍ଜାତୀୟ ଶାନ୍ତି ଦିବସ

ଅନ୍ତର୍ଜାତୀୟ ସ୍ତରରେ ଦେଶ ଦେଶ ମଧ୍ୟରେ ଶାନ୍ତି ବିରାଜମାନ କଲେ ରାଷ୍ଟ୍ରଗୁଡ଼ିକର ବିକାଶ ସଫଳ ହୋଇପାରିଥାଏ। ଶାନ୍ତିର ଗୁରୁତ୍ୱ ଉପଲବ୍ଧିକରି ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୨୧ ସେପ୍ଟେମ୍ବରରେ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ କରାଯାଇଥାଏ। ଏହି ଦିବସ ବିଶ୍ୱ ଶାନ୍ତି ପାଇଁ ଉତ୍ସର୍ଗୀକୃତ। ବିଶେଷ ଭାବରେ ଯୁଦ୍ଧ ଏବଂ ହିଂସାଠାରୁ ଲୋକଙ୍କୁ ଦୂରେଇ ରଖି ବିକାଶଧାରାରେ ଆଗେଇବା ପାଇଁ ଏହି ଦିବସ ପାଳନ କରାଯାଏ। ପ୍ରଥମକରି ୧୯୮୧ରେ ଏହି ଦିନଟିକୁ ପାଳନ କରାଯାଇଥିଲା ଦିବସର ଉଦ୍‌ଘାଟନ ପାଇଁ ମିଳିତ ଜାତିସଂଘର ଶାନ୍ତି ବେଲ୍ ବଜାଯାଇଥିଲା।

## ପାକ୍ ବନ୍ୟା ବିପନ୍ନଙ୍କୁ ଭେଟିଲେ ଆଞ୍ଜେଲିନା



ଇସ୍‌ଲାମାବାଦ୍

ହଲିଉଡ୍ ଅଭିନେତ୍ରୀ ତଥା ଜାତିସଂଘର ସ୍ୱତନ୍ତ୍ର ପ୍ରତିନିଧି ଆଞ୍ଜେଲିନା ଜୋଲି ମଙ୍ଗଳବାର ପାକିସ୍ତାନ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। କରାଚୀ ବିମାନ ବନ୍ଦରରେ ପହଞ୍ଚିବା ପରେ ଆଞ୍ଜେଲିନା ପାକିସ୍ତାନର ଦକ୍ଷିଣାଞ୍ଚଳରେ ଥିବା ସିନ୍ଧ୍ ପ୍ରଦେଶ ଯାଇଥିଲେ। ଜୁନ୍ ମାସ ମଧ୍ୟ ଭାଗରେ ଦେଶରେ ପ୍ରବଳ ବର୍ଷା କାରଣରୁ ବନ୍ୟାସ୍ଥିତି ଉପୁଜିଥିଲା। ଏଥିରେ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଲକ୍ଷାଧିକ ଲୋକ ବାସହରା ହୋଇଥିବା କୁହାଯାଉଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଆଞ୍ଜେଲିନା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କିଛି ସ୍ଥାନ ପରିଦର୍ଶନ କରିବା ସହ ବନ୍ୟା ପୀଡ଼ିତଙ୍କ ସହ କଥା ହୋଇଥିଲେ।

ଏହାପୂର୍ବରୁ ୨୦୧୦ରେ ପାକିସ୍ତାନରେ ହୋଇଥିବା ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ପାକିସ୍ତାନରେ ଭେଟିଥିଲେ ହଲିଉଡ୍‌ର ଏହି ଆଗଧାଡ଼ିର ଅଭିନେତ୍ରୀ। ୨୦୦୫ ଭୂକମ୍ପ ସମୟରେ ମଧ୍ୟ ସେ ଇସ୍‌ଲାମାବାଦ୍ ଆସିଥିବା ଇଣ୍ଟରନ୍ୟାଶନାଲ ରେସ୍କ୍ୟୁ କମିଟି ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ସେପ୍ଟେମ୍ବର, ୨୦୨୨

**୨୨ରେ କ୍ୟାବିନେଟ**

ଭୁବନେଶ୍ୱର,୨୦।୯(ବ୍ୟୁରୋ): ଆସନ୍ତା ୨୨ ତାରିଖରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବ। ଅପରାହ୍ନ ୫ଟା ୩୦ ମିନିଟରେ ଏହି ବୈଠକ ଅନୁଷ୍ଠିତ ହେବ । କ୍ୟାବିନେଟ ବୈଠକରେ ୧୨ଟି ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ବିଶେଷ କରି ପଞ୍ଚାୟତିରାଜ ଓ ପାନୀୟଜଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ, ସମବାୟ ଆଦି ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି।



## ଜାତୀୟ/ଅନ୍ତର୍ଜାତୀୟ

# ମ୍ୟାନ୍‌ମାର ସେନା ଆକ୍ରମଣରେ ୧୧ ଛାତ୍ରୀଛାତ୍ର ମୃତ

ନାପିତଉ,୨୦।୯: ମ୍ୟାନ୍‌ମାର ସେନାର ବର୍ବରତା ପୁଣି ଥରେ ସାମ୍‌ନାକୁ ଆସିଛି। ସାମରିକ ବଳ ଆକାଶମାର୍ଗରୁ ହେଲିକପ୍ଟରରେ ଏକ ସ୍କୁଲ ଉପରକୁ ଗୁଳି ଚଳାଇବାରୁ ୧୧ ପିଲାଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୬ ବିଦ୍ୟାର୍ଥୀ ଆହତ ହୋଇଛନ୍ତି। ସାଗାଇନ୍ ଅଞ୍ଚଳରେ ବିଦ୍ରୋହୀମାନଙ୍କୁ ଟାର୍ଗେଟ କରି ଗୁଳି ଚଳା ଯାଇଥିଲା ବୋଲି ସେନା ପକ୍ଷରୁ କୁହାଯାଇଛି। ଗତ ବର୍ଷ ଫେବୃୟାରୀରେ ସାମରିକ ବିଦ୍ରୋହ ଘଟାଇ ଷ୍ଟେଟ୍ କାଉନସିଲର ଅଙ୍ଗ୍ ସାନ୍ ସୁ୍ୟ ଚୀଙ୍କୁ ସେନା ଗାଦିଚ୍ୟୁତ କରିଥିଲା। ଏହାର ପ୍ରତିବାଦରେ ଗଣତନ୍ତ୍ର ପୁନଃ ପ୍ରତିଷ୍ଠା ଦାବିରେ ମ୍ୟାନ୍‌ମାରବାସୀ ରାସ୍ତାକୁ ଓହ୍ଲାଇଥିବାବେଳେ ପୋଲିସ ଓ ସଶସ୍ତ୍ର ବଳର ସଂହାରଲୀଳା ଜାରି ରହିଛି। ସେମାନଙ୍କ ଗୁଳି ମାଡ଼ରେ ଅଦ୍ୟାବଧି ୨,୩୦୦ ନାଗରିକଙ୍କ ପ୍ରାଣହାନି ଘଟିଥିବା ଏକ ସ୍ଥାନୀୟ ପର୍ଯ୍ୟବେକ୍ଷକ ଗୋଷ୍ଠୀ ପକ୍ଷରୁ କୁହାଯାଇଛି। ସେପ୍ଟେମ୍ବର ୧୬ରେ ଘଟିଥିବା ସଦ୍ୟ ଗୁଳିକାଣ୍ଡକୁ ସୋମବାର ଶିଶୁମାନଙ୍କ ପାଇଁ ଜାତିସଂଘର ଅନ୍ତର୍ଜାତୀୟ ଜରୁରୀ ପାଣ୍ଠି (ୟୁନିସେଫ୍) ପକ୍ଷରୁ ନିନ୍ଦା କରାଯାଇଛି।

# ଶେହବାଜଙ୍କ ବିରୋଧରେ ଦେଶଦ୍ରୋହ ମାମଲା

### ସେନାମୁଖ୍ୟ ନିଯୁକ୍ତି ପାଇଁ ନୱାଜ ଶରିଫ୍‌ଙ୍କ ପରାମର୍ଶ ଲୋଡ଼ିଥିଲେ

ଇସ୍‌ଲାମାବାଦ,୨୦।୯: ପରବର୍ତ୍ତୀ ସେନା ମୁଖ୍ୟ ନିଯୁକ୍ତି ସମ୍ପର୍କରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ନିଜ ବଡ଼ ଭାଇ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କ ପରାମର୍ଶ ଲୋଡ଼ି ଅଡୁଆରେ ଫସିଛନ୍ତି। ଦୁର୍ନୀତି ନିରୋଧୀ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ଚିକିତ୍ସା ଆଳରେ ଲଣ୍ଡନ ପଳାୟନ କରିଥିବା ନୱାଜ ଶରିଫ୍ ପାକିସ୍ତାନ ପାଇଁ ଜଣେ ପଳାତକ। ଜାତୀୟ ନିରାପତ୍ତା ସମ୍ପର୍କିତ ନିଷ୍ପତ୍ତି ପୂର୍ବରୁ ଏଭଳି ବ୍ୟକ୍ତିଙ୍କ ପରାମର୍ଶ ନେବା ଦେଶଦ୍ରୋହ ବୋଲି ବିରୋଧୀ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) କହିଛି। ଗାଦିଚ୍ୟୁତ



ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ପିଟିଆଇ ପଞ୍ଜାବ ପ୍ରଦେଶରେ କ୍ଷମତାସୀନ। ପଞ୍ଜାବ ବିଧାନସଭାରେ ପିଟିଆଇ ପକ୍ଷରୁ ଶେହବାଜ୍‌ଙ୍କ ବିରୋଧରେ ଦେଶଦ୍ରୋହ ମାମଲାର ଶୁଣାଣି ଉଦ୍ଦେଶ୍ୟରେ ଆଗତ ଏକ ସଂକଳ୍ପନାମା ଗୃହୀତ ହୋଇଛି। ପ୍ରକାଶ ଯେ, ଶେହବାଜ ବ୍ରିଟେନର ଦିବଂଗତ ମହାରାଣୀ ଏଲିଜାବେଥ୍ ୨ୟଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବା ପାଇଁ ଲଣ୍ଡନ ଯାଇଥିବାବେଳେ ପିଏମ୍‌ଏଲ୍ (ଏନ୍) ମୁଖ୍ୟ ନୱାଜ ଶରିଫଙ୍କୁ ଭେଟିଥିଲେ। ବର୍ତ୍ତମାନର ସେନାମୁଖ୍ୟ ଜେନେରାଲ କମାର ଜାଭେଦ ବାଜୱା ଆସନ୍ତା ନଭେମ୍ବରରେ ଅବସର ନେବାକୁ ଥିବାବେଳେ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯିବ ବୋଲି ସେହି ସମୟରେ ବଡ଼ଭାଇଙ୍କୁ ପଚାରି ବୁଝିଥିଲେ।

# ହିଜାବ ସପକ୍ଷବାଦୀ ପିଏଫ୍‌ଆଇ ପାଇଁ କାମ କରୁଛନ୍ତି

### ସୁପ୍ରିମକୋର୍ଟଙ୍କୁ ଜଣାଇଲେ କର୍ନାଟକ ସରକାର

ନୂଆଦିଲ୍ଲୀ,୨୦।୯: ୨୦୨୧ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନରେ କୌଣସି ଛାତ୍ରୀ ହିଜାବ ପରିଧାନ କରୁ ନ ଥିଲେ। ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଦ୍ୱାରା ହିଜାବକୁ ନେଇ ସାମାଜିକ ଗଣମାଧ୍ୟମରେ ବିବାଦ ଆରମ୍ଭ ହୋଇଥିବା କର୍ନାଟକ ସରକାର ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ହିଜାବ ପିନ୍ଧିବା ଛାତ୍ରୀମାନଙ୍କ ସ୍ୱତଃସ୍ଫୂର୍ତ୍ତ କାର୍ଯ୍ୟ ନୁହେଁ। ଧର୍ମୀୟ ବିବାଦ ସୃଷ୍ଟି କରିବା ଲାଗି ଏଭଳି ଏକ ଆନ୍ଦୋଳନ ପ୍ରସ୍ତୁତ ହୋଇଥିବା କର୍ନାଟକ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସର୍ବୋଚ୍ଚ ଅଦାଲତଙ୍କୁ କହିଛନ୍ତି। କର୍ନାଟକ ସରକାର ଶିକ୍ଷାନୁଷ୍ଠାନକୁ ଧର୍ମନିରପେକ୍ଷ କରିବାକୁ ଯାଇ ହିଜାବ ପରିଧାନକୁ ନିଷେଧ କରିବା ସହ ହିନ୍ଦୁମାନଙ୍କ ଗୈରିକ ଉତ୍ତରୀୟକୁ ମଧ୍ୟ ଅନୁମତି ଦେଇ ନ ଥିବା ମେହେଟ୍ଟା ଅଦାଲତଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, କର୍ନାଟକର ଶିକ୍ଷାନୁଷ୍ଠାନଗୁଡ଼ିକରେ ମୁସ୍‌ଲିମ ଛାତ୍ରୀଙ୍କୁ ହିଜାବ ପିନ୍ଧିବାକୁ ଅନୁମତି ନ ମିଳିବାରୁ ଏହାକୁ ନେଇ ଆନ୍ଦୋଳନ ଦେଖାଦେଇଥିଲା। ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଏକାଧିକ ପିଟିଶନର ଶୁଣାଣି ସୁପ୍ରିମକୋର୍ଟରେ ୮ ଦିନ ହେଲା ଜାରି ରହିଛି।

# ହିଜାବକୁ ଓଢ଼ଣି ସହ ତୁଳନା କଲେ ଜେଡିଏସ୍ ନେତା

ନୂଆଦିଲ୍ଲୀ,୨୦।୯: ହିଜାବ ନିଷେଧ ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଥିବାବେଳେ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର କର୍ନାଟକ ସଭାପତି ସି.ଏମ୍. ଇବ୍ରାହିମ୍ ଏହାକୁ ଓଢ଼ଣି ସହ ତୁଳନା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ମୁଣ୍ଡକୁ ଓଢ଼ଣିରେ ଢାଙ୍କୁଛନ୍ତି। ଏହା କ'ଣ ପିଏଫ୍‌ଆଇ (ପିପିଲ୍ସ ଫ୍ରଣ୍ଟ ଅଫ୍ ଇଣ୍ଡିଆ)ର ଷଡ଼ଯନ୍ତ୍ର କି ବୋଲି ଇବ୍ରାହିମ୍ ପ୍ରଶ୍ନ କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମଧ୍ୟ ମୁଣ୍ଡରେ ଓଢ଼ଣି ଦେଉଥିଲେ। ମୁଣ୍ଡକୁ ଓଢ଼ଣିରେ ଢାଙ୍କିବା ଭାରତରେ ଏକ ସଂସ୍କାର ବୋଲି ଜେଡିଏସ୍ ନେତା କହିଛନ୍ତି। ସୂଚନାଯୋଗ୍ୟ, ହିଜାବ ବିବାଦ ପଛରେ ପିଏଫ୍‌ଆଇର ଷଡ଼ଯନ୍ତ୍ର ରହିଥିବା କର୍ନାଟକ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କୁ କୁହାଯାଇଥିଲା।

# ଇରାନରେ ଥମୁନି ମାହସା ମୃତ୍ୟୁ ବିବାଦ: ୫ ବିକ୍ଷୋଭକାରୀଙ୍କ ମୃତ୍ୟୁ

ତେହରାନ,୨୦।୯: ହିଜାବ ନ ପିନ୍ଧିବାରୁ ଗିରଫ ହୋଇ ଇରାନ ପୋଲିସ ହେପାଜତରେ ୨୨ ବର୍ଷୀୟା ମାହସା ଆମିନିଙ୍କ ମୃତ୍ୟୁକୁ କେନ୍ଦ୍ର କରି ସେଠାରେ ୪ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ମାହସାଙ୍କୁ ନ୍ୟାୟ ଦାବିରେ ଶତାଧିକ ମହିଳା ଓ ସାଧାରଣ ଲୋକ ରାସ୍ତାକୁ ଓହ୍ଲାଇଥିବାବେଳେ ପୋଲିସ ସୋମବାର ସେମାନଙ୍କ ଉପରେ ଗୁଳିଚାଳନା କରିଛି। ଏଥିରେ ୫ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟୂନ ୭୫ ଜଣ ଆହତ ହୋଇଛନ୍ତି। ଇରାନ୍ ସୁରକ୍ଷାବଳ ବିକ୍ଷୋଭକାରୀଙ୍କ ଉପରେ ଚଳାଇଥିବା ଦମନଲୀଳାକୁ ଜାତିସଂଘ ନିନ୍ଦା କରିଛି।

# ତିରୁମାଲା ମନ୍ଦିରକୁ ୧.୦୨ କୋଟି ଦାନକଲେ ମୁସଲମାନ ଦମ୍ପତି

ତିରୁପତି,୨୦।୯(ଆଇଏଏନ୍‌ଏସ୍): ବିଶ୍ୱର ସବୁଠୁ ଧନୀ ମନ୍ଦିର ଭାବେ ପରିଚିତ ତିରୁପତିର ତିରୁମାଲା ବାଲାଜୀ ମନ୍ଦିରକୁ ଚେନ୍ନାଇର ଏକ ମୁସଲମାନ ଦମ୍ପତି ୧.୦୨ କୋଟି ଟଙ୍କା ଦାନ କରିଛନ୍ତି। ଅବଦୁଲ ଘନି ଓ ନୁବିନା ବାନୁ ମଙ୍ଗଳବାର ମନ୍ଦିର ପରିଚାଳନାକାରୀ ସଂସ୍ଥା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) କର୍ତ୍ତୃପକ୍ଷଙ୍କୁ ଭେଟି ଚେକ୍ ପ୍ରଦାନ କରିଛନ୍ତି। ଉକ୍ତ ଅର୍ଥରୁ ୧୫ ଲକ୍ଷ ଟଙ୍କା ଶ୍ରୀଭେଙ୍କଟେଶ୍ୱର ଅନ୍ନ ପ୍ରସାଦମ୍ ଟ୍ରଷ୍ଟକୁ ଦିଆଯାଇଥିବାବେଳେ ଅବଶିଷ୍ଟ ୮୭ ଲକ୍ଷରେ ଶ୍ରୀ ପଦ୍ମାବତୀ ଗେଷ୍ଟ ହାଉସ୍‌ର ନୂଆ ଆସବାବପତ୍ର ଓ ରୋଷଶାଳା ଉପକରଣ କିଣାଯିବ। ମହାମାରୀ ସମୟରେ ୨୦୨୦ରେ ଘନି ମନ୍ଦିର ପରିସରରେ ବିଶୋଧନ ସିଞ୍ଚନ ଲାଗି ଟ୍ରାକ୍ଟରରେ ସଂଯୋଗ ହୋଇଥିବା ଏକ ସ୍ପ୍ରେୟର ଦେଇଥିଲେ। ଏହା ପୂର୍ବରୁ ମନ୍ଦିରକୁ ପରିବା ବୋହିବା ଲାଗି ସେ ୩୫ ଲକ୍ଷ ଟଙ୍କାର ରେଫ୍ରିଜରେଟର ଟ୍ରକ୍ ଦାନ କରିଥିଲେ।

# ଅଜଗର ମୁହଁରୁ ମେଣ୍ଢା ଉଦ୍ଧାର

### ଗ୍ରାମବାସୀଙ୍କ ମାଡ଼ରେ ଅଜଗର ମୃତ

ଭାପୁର,୨୦।୯(ଡି.ଏନ୍.ଏ.)-ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ ଶାଳପଡ଼ା ପଞ୍ଚାୟତରେ ଏକ ୧୨ ଫୁଟ୍ ଲମ୍ବର ଅଜଗର ମେଣ୍ଢାକୁ ଗିଳୁଥିବା ସମୟରେ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ହେଲେ ଗ୍ରାମବାସୀଙ୍କ ମାଡ଼ରେ ଅଜଗରର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସୋମବାର ଶାଳପଡ଼ା ପଞ୍ଚାୟତ ଅଧୀନ କେନ୍ଦୁପଲ୍ଲୀ ଗ୍ରାମ ନିକଟରେ ଗାଈ, ଛେଳି ଓ ମେଣ୍ଢା ଚରୁଥିଲେ। ଏହି ସମୟରେ ବୁଦୁବୁଦିଆ ଜଙ୍ଗଲରୁ ଅଜଗର ଆସି ଏକ ମେଣ୍ଢାର ଗୋଡକୁ ଧରି ଗିଳିବାକୁ ଚେଷ୍ଟା କରିଥିଲା। ମେଣ୍ଢାଟି ପ୍ରାଣ ବିକଳରେ ବୋବାଳି ଛାଡିବାରୁ ଗାଈ ଚରାଳି ଚିତ୍କାର କରି ଗାଁ ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ପହଞ୍ଚି ମେଣ୍ଢାକୁ ସାପ ମୁହଁରୁ ଠେଙ୍ଗା ବାଡ଼ିରେ ପିଟି ଉଦ୍ଧାର କରିଥିଲେ। ଖବର ପାଇ ଭାପୁର ବନପାଳ ବନମାଳୀ ରାଉତ ଓ ଫରେଷ୍ଟ ଗାର୍ଡ ସୁବାସ ଚନ୍ଦ୍ର ନାୟକ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ଅଜଗରକୁ ଉଦ୍ଧାର କରିଥିଲେ। ଆହତ ଅଜଗରକୁ ଭାପୁର ପଶୁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଡାକ୍ତରମାନଙ୍କ ବହୁ ପ୍ରୟାସ ସତ୍ତ୍ୱେ ଅଜଗରର ମୃତ୍ୟୁ ଘଟିଛି।



ରେଳଧାରଣାରେ ବସି ରହିଥିବା ଆନ୍ଦୋଳନକାରୀ।

# ଆଦିବାସୀ ମାନ୍ୟତା ଦାବିରେ ରେଳରୋକୋ

**ବାରିପଦା ଅଫିସ,୨୦।୯**

କୁଡ୍ମୀ ଜାତିକୁ ଆଦିବାସୀ ମାନ୍ୟତା ଦାବିରେ ମଙ୍ଗଳବାର ବାରିପଦାର ଭଞ୍ଜପୁର ରେଳ ଷ୍ଟେଶନଠାରେ ମୟୂରଭଞ୍ଜ ଜିଲା ମିଳିତ କୁଡ୍ମୀ ସଂଗଠନ ପକ୍ଷରୁ ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ସର୍ବ ଭାରତୀୟ କୁଡ୍ମୀ ସମାଜ ଆହ୍ୱାନ କ୍ରମେ ମଙ୍ଗଳବାର ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଏହି ରେଳରୋକୋ କରାଯାଇଥିଲା। କୁଡ୍ମୀ ସମ୍ପ୍ରଦାୟକୁ ୧୯୫୦ ସେପ୍ଟେମ୍ବର ୬ରୁ ଆଦିବାସୀ ତାଲିକାରୁ ବାଦ ଦିଆଯାଇଥିଲା ବେଳେ ଏହି ଜାତିକୁ ପୁନଃ ଆଦିବାସୀ ତାଲିକାଭୁକ୍ତ କରିବା ପାଇଁ ଦାବି ହୋଇଆସୁଛି। କୁଡ୍ମୀ ଜାତିକୁ ଆଦିବାସୀ ମାନ୍ୟତା ସହ କୁଡ୍ମାଲି ଭାଷାକୁ ସମ୍ବିଧାନରେ ସାମିଲ କରିବା ଆଦି ଦାବି ନେଇ ମଙ୍ଗଳବାର ଏହି ସମ୍ପ୍ରଦାୟର ଶତାଧିକ ମହିଳାପୁରୁଷ ଏକତ୍ରିତ ହୋଇ ବାଙ୍ଗିରିପୋଷି- ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ ଓ ବାରିପଦା-ସାଲିମାର ଟ୍ରେନକୁ ଭଞ୍ଜପୁର ଷ୍ଟେଶନଠାରେ ୩ଘଣ୍ଟା ଧରି ଅଟକାଇ ରଖିଥିଲେ। ଫଳରେ ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ତହସିଲଦାର ବିକ୍ରମ କିଶୋର ପରିଡ଼ା ଓ ଜିଲା ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆଲୋଚନା କରିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏଥି ସହିତ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚିତ୍ତ ରଞ୍ଜନ ମହାନ୍ତ, ଦୋଳଗୋବିନ୍ଦ ମହାନ୍ତ ଓ ସଞ୍ଜୀବ ମହାନ୍ତ ପ୍ରମୁଖ ଅନ୍ଦୋଳନର ନେତୃତ୍ୱ ନେଇଥିଲେ।

# ବାଜିରେ ଲାଗିଛି ପୋଲିସର ସମ୍ମାନ

### କଣ୍ଟାବାଞ୍ଜି ଲଜ୍‌ରୁ ୫୮ ଲକ୍ଷ ଟଙ୍କା ଜବତ ଘଟଣା

- ତେଲଙ୍ଗାନାର ୭ ଜଣଙ୍କୁ ଡାକି ପଚରାଉଚରା
- ଜୁଆଡ଼ି ବୋଲି ଧରିଥିଲେ, ଇଟାଭାଟି ମାଲିକ ଜଣାପଡିଲେ
- ଅପସାରିତ ଏସ୍‌ଡିପିଓଙ୍କ ବିବୃତି ପରେ ଅଡୁଆରେ ପୋଲିସ

**ବଲାଙ୍ଗୀର ଅଫିସ, ୨୦।୯**

କଣ୍ଟାବାଞ୍ଜି ଅନ୍ନପୂର୍ଣ୍ଣା ଲଜ୍‌ରୁ ପୋଲିସ ଚଢ଼ାଉ କରି ୫୮ ଲକ୍ଷ ଟଙ୍କା ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିବା ଘଟଣା ପରଠାରୁ ପୋଲିସର ସମ୍ମାନ ବାଜିରେ ଲାଗିଛି। ଛବି ସଜାଡିବାକୁ ଯାଇ କଣ୍ଟାବାଞ୍ଜି ଏସ୍‌ଡିପିଓ ହୃଷୀକେଶ ମେହେରଙ୍କୁ ପଦରୁ ହଟାଯାଇଛି। ସମଗ୍ର ଘଟଣାର ତଦନ୍ତ କରିବାକୁ ଏସ୍‌ପି ନୀତିନ କୁଶଲକର ଆଡିସିନାଲ ଏସ୍‌ପି ସୁରେଶ ଚନ୍ଦ୍ର ନାଏକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ତେଲଙ୍ଗାନାର ୭ଦାଦନ ସର୍ଦ୍ଦାରଙ୍କୁ ବଲାଙ୍ଗୀର ଏସ୍‌ପି ଅଫିସକୁ ଡକାଯାଇ ପଚରାଉଚରା କରାଯାଇଛି। ଏହି ୭ଜଣଙ୍କୁ କଣ୍ଟାବାଞ୍ଜି ଥାନା ପୋଲିସ ଗତ ଗୁରୁବାର ରାତିରେ ଜୁଆଡି ଦର୍ଶାଇ ସେମାନଙ୍କଠାରୁ ୫୮ଲକ୍ଷ ଟଙ୍କା ଜବତ କରିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲା। ହେଉଥିବା ଚର୍ଚ୍ଚା ମୁତାବକ ଲଜ୍‌ରେ ଚଢ଼ାଉ କରି ପୋଲିସ ଘଟଣା ଦିନ ୧ କୋଟି ୭ ଲକ୍ଷ ଟଙ୍କା ଜବତ କରିଥିଲା। ତେବେ ସେଥିରୁ ୫୮ଲକ୍ଷ ଜବତ ହୋଇଥିବା ଏସ୍‌ଡିପିଓ ହୃଷୀକେଶ ମେହେର ସୂଚନା ଦେଇଥିଲେ। ବାକି ଟଙ୍କା ବାବଦରେ କିଛି ସୂଚନା ଦେଇ ନ ଥିଲେ। ପୋଲିସର ସନ୍ଦେହଜନକ ଭୂମିକା ନେଇ ଚର୍ଚ୍ଚା ଓ ଅଭିଯୋଗ ପରେ ଏସ୍‌ପି କୁଶଲକର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମିଳିଥିବା ସୂଚନା ମୁତାବକ ଏବେ ସୁଦ୍ଧା ୨୦ଲକ୍ଷ ଟଙ୍କା ଅଧିକ ମିଳିଲାଣି। ଏତେ ଟଙ୍କା କେଉଁଠି ଥିଲା, କିଏ ରଖିଥିଲା ତାହା ପୋଲିସ ସ୍ପଷ୍ଟ କରୁନାହିଁ। ଅନ୍ୟପକ୍ଷେ ଏସ୍‌ଡିପିଓ ପଦରୁ ବିଦା ହୋଇଥିବା ହୃଷୀକେଶ ମେହେର କିଛି କହିବେ ନାହିଁ କହି ଗଣମାଧ୍ୟମରେ ଯେଉଁ ବୟାନ ଦେଇଛନ୍ତି, ତାହା ଆହୁରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ମେହେର କହିଛନ୍ତି ଯେ, ଜୁଆଆଡ୍ଡା ଉପରେ ଚଢ଼ାଉ ସମ୍ପର୍କରେ ତାଙ୍କୁ ଖବରଦାତା ସମ୍ମିଳନୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେ କେବଳ ନିର୍ଦ୍ଦେଶ ପାଳନ କରିଛନ୍ତି। ଏହାବାଦ୍ ଏହି ଘଟଣାରେ ସେ ସମ୍ପୃକ୍ତ ନୁହନ୍ତି। ଚଢ଼ାଉ ସମୟରେ ସେ ଉପସ୍ଥିତ ନ ଥିଲେ ଏବଂ କେତେ ଟଙ୍କା ସେଠାରୁ ଜବତ ହୋଇଥିଲା ତାଙ୍କୁ ଜଣା ନ ଥିଲା। ଏବେ ତାଙ୍କ ମୁଣ୍ଡରେ ଅଠା ବୋଳାଯାଉଛି ବୋଲି କହିଛନ୍ତି। ମେହେରଙ୍କ ଏଭଳି ବୟାନ ପରେ ଅନ୍ୟ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ଭୂମିକା ସନ୍ଦେହଜନକ ହୋଇପଡିଛି। ମଙ୍ଗଳବାର ତେଲଙ୍ଗାନାର ଯେଉଁ ୭ଜଣଙ୍କୁ ଏସ୍‌ପି ଅଫିସକୁ ଡକାଯାଇଥିଲା ସେମାନେ ଇଟାଭାଟି ମାଲିକ ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ ଦାଦନ ସର୍ଦ୍ଦାର ଓ ଇଟାଭାଟି ମାଲିକମାନେ ପୋଲିସକୁ ପ୍ରକୃତରେ କେତେ ଟଙ୍କା ନେଇକରି ଆସିଥିଲେ ସଠିକ୍ କିଛି କହିପାରି ନ ଥିବା ଜଣାପଡିଛି। ଏନେଇ ଆଡିସିନାଲ ଏସ୍‌ପି ନାଏକଙ୍କୁ ପଚାରିବାରୁ ତଦନ୍ତ ସରିଲା ପରେ ସବିଶେଷ ତଥ୍ୟ ଦିଆଯିବ ବୋଲି କହିଛନ୍ତି।

# ଡାକ୍ତରଙ୍କୁ ଚପଲରେ ପିଟିଲେ ବ୍ୟବସାୟୀ

**ସମ୍ବଲପୁର,୨୦।୯(ବ୍ୟୁରୋ)**

ସମ୍ବଲପୁର ସହରର ଜଣେ ପ୍ରତିଷ୍ଠିତ ହୋଟେଲ ବ୍ୟବସାୟୀ ନଟବରଲାଲ ବାଙ୍କାଙ୍କ ନାମରେ ଆସିଛି ସାଙ୍ଘାତିକ ଅଭିଯୋଗ। ସେ ଏକ ଘରୋଇ ଡାଇଗ୍ନୋସିସ ସେଣ୍ଟରରେ କାର୍ଯ୍ୟରତ ଡା. ଚିଦାନନ୍ଦ ମିଶ୍ରଙ୍କୁ ଚପଲରେ ପିଟିଥିବା ଅଭିଯୋଗ ହୋଇଛି। ସିସିଟିଭିରେ ମାରପିଟ ଘଟଣା କଏଦ ହୋଇଛି, ଯାହା ଏବେ ଭାଇରାଲ ହେବାରେ ଲାଗିଛି। ଡା. ମିଶ୍ରଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୩୭୨/୨୨) ରୁଜୁ କରିଛି। ବ୍ୟବସାୟୀ ବାଙ୍କାଙ୍କୁ ଥାନାରେ ଅଟକ ରଖିଥିବା ପୋଲିସ କହିଛି। ଡା. ମିଶ୍ରଙ୍କ ଅଭିଯୋଗ କ୍ରମେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ସେ ଘରୋଇ ଡାଇଗ୍ନୋସିସ ସେଣ୍ଟରକୁ ଡ୍ୟୁଟି ପାଇଁ ଆସିଥିଲେ। ସେ ତାଙ୍କ ଚାମ୍ବରରେ ଥିବାବେଳେ ବ୍ୟବସାୟୀ ବାଙ୍କା ହଠାତ୍ ପହଞ୍ଚି ମାରପିଟ ଆରମ୍ଭ କରିଦେଇଥିଲେ। ବିରୋଧ କରିବାରୁ ଟେକ୍ନିସିଆନ ଅକ୍ଷୟ ଭି ଔରେନ୍ସ, ପ୍ରୀତି ରଞ୍ଜନ ସାହୁଙ୍କୁ ମଧ୍ୟ ସେ ମାରପିଟ କରିଥିଲେ। ସମସ୍ତଙ୍କୁ ଚପଲରେ ମାରିବା ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡା. ମିଶ୍ର ଦାବି କରିଛନ୍ତି। ଅନ୍ୟପଟେ ପୋଲିସ ସିସି ଟିଭିକୁ ଜବତ କରି ତଦନ୍ତ କରୁଛି। ଅଭିଯୁକ୍ତ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହୋଇଥିବାରୁ ସହରରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ନଟବରଲାଲ ସିଟି ସ୍କାନ ପାଇଁ ଉକ୍ତ ସେଣ୍ଟରକୁ ଯାଇଥିଲେ। ହେଲେ ଡାକ୍ତର ଆସିବାରେ ବିଳମ୍ବ ହୋଇଥିଲା। ସିଟି ସ୍କାନ ଲ୍ୟାବ୍ ଭିତରେ ତାଙ୍କୁ ରଖି ବାହାରପଟୁ ତାଲା ମାରିଦେଇଥିଲେ। ଡାକ୍ତର ଆସି ଖୋଲିବା ପରେ ଉତ୍ତେଜିତ ହୋଇ ସେ ମାରପିଟ କରିଥିଲେ ବୋଲି ନଟବରଲାଲ କହିଥିବା ପୋଲିସ ସୂଚନା ଦେଇଛି।



ସିସିଟିଭିରେ ଡାକ୍ତରଙ୍କୁ ମାଡ଼ ମରାଯାଉଥିବା ଦୃଶ୍ୟ।

# ପ୍ରଦୂଷଣ ମୁକ୍ତ ପୂଜା ଉପରେ ଗୁରୁତ୍ୱ

- ନଜର ରଖିବାକୁ ଆଞ୍ଚଳିକ ଅଧିକାରୀଙ୍କୁ ନିର୍ଦ୍ଦେଶ
- ଉଲ୍ଲଂଘନ କଲେ ଜରିମାନା
- ବିଷାକ୍ତ ରଙ୍ଗ ବ୍ୟବହାର କଲେ ମୂର୍ତ୍ତି ନିର୍ମାତାଙ୍କ ଉପରେ ଲାଗିବ କଟକଣା

**ଭୁବନେଶ୍ୱର,୨୦।୯(ବ୍ୟୁରୋ)**

ଆଗକୁ ଆସୁଛି ପାର୍ବଣ ଋତୁ। କରୋନା ସଂକ୍ରମଣ ହ୍ରାସ ପରେ ପ୍ରଥମ ଥର ଲାଗି ବିଭିନ୍ନ ମଣ୍ଡପରେ ପୂଜାର ଆୟୋଜନ କରାଯାଉଛି । ଦୁର୍ଗାପୂଜା, କାଳୀପୂଜା ଆଦି ଅନ୍ୟାନ୍ୟ ପୂଜାରେ ଯେପରି କୌଣସି ପ୍ରଦୂଷଣ ନ ହେବ ସେଥିପ୍ରତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଜୋର ଦେଇଛି। ଏସ୍‌ପିସିବିର ମେମ୍ବର ସେକ୍ରେଟାରି କେ. ମୁରୁଗେସେନ ସମସ୍ତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଚିଠି ଲେଖିଛନ୍ତି।

ମୂର୍ତ୍ତି ନିର୍ମାଣରେ ବେକେଡ କ୍ଲେ, ପ୍ଲାଷ୍ଟର ପ୍ୟାରିସ ବଦଳରେ ପ୍ରାକୃତିକ ମାଟି ବ୍ୟବହାର କରିବାକୁ ପୂଜା କମିଟି ଓ ଆୟୋଜକଙ୍କୁ ପରାମର୍ଶ ଦିଆଯାଇଛି। ମୂର୍ତ୍ତି ଦେହରେ ବିଷାକ୍ତ କେମିକାଲ ରଙ୍ଗ ନ ଲଗାଇ ପାଣିରେ ଦ୍ରବୀଭୂତ ହେଉଥିବା ଅଣବିଷାକ୍ତ ପ୍ରାକୃତିକ ରଙ୍ଗ ଲେପନ କରିବାକୁ କୁହାଯାଇଛି। ମଣ୍ଡପର ଉଚ୍ଚତା ୪୦ ଫୁଟ ଏବଂ ମୂର୍ତ୍ତିର ଉଚ୍ଚତା ୨୦ ଫୁଟରୁ ଅଧିକ ହେବ ନାହିଁ। ଜିଲା ପ୍ରଶାସନ କିମ୍ବା ସ୍ୱାୟତ୍ତ ଶାସନ ସଂସ୍ଥା ଦ୍ୱାରା କରାଯାଇଥିବା କୃତ୍ରିମ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବାକୁ ପରାମର୍ଶ ଦିଆଯାଇଛି। ମୂର୍ତ୍ତି ବିସର୍ଜନ ପୂର୍ବରୁ ଆୟୋଜକ ଫୁଲ, ସଜାଯାଇଥିବା ବିଭିନ୍ନ ସାମଗ୍ରୀକୁ କାଢ଼ି ଦେବା ଆବଶ୍ୟକ। ସେଗୁଡ଼ିକୁ ପୋଖରୀ ନିକଟରେ ନ ଫୋପାଡ଼ିବାକୁ କୁହାଯାଇଛି। ଏଥିସହିତ ପୂଜାମଣ୍ଡପ ସାଜସଜ୍ଜା କିମ୍ବା ପ୍ରସାଦ ସେବନ ଆଦି କାର୍ଯ୍ୟରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ କିମ୍ବା ପଲିଥିନ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ମୂର୍ତ୍ତି ବିସର୍ଜନ ପାଇଁ ଅଧିକ ସଂଖ୍ୟାରେ କୃତ୍ରିମ ପୋଖରୀ ପାଇଁ ସ୍ଥାନ ଚିହ୍ନଟ କରିବା ସହ ଏ ବିଷୟରେ ପୂଜା କମିଟିଗୁଡ଼ିକୁ ଆଗୁଆ ସୂଚନା ଦେବାକୁ ଆଞ୍ଚଳିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ନଦୀ କିମ୍ବା ହ୍ରଦରେ ମୂର୍ତ୍ତି ବିସର୍ଜନ କରିବାକୁ ପଡୁଥାଏ ତେବେ ସେଠାରେ କୃତ୍ରିମ ପୋଖରୀ ଖନନ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଚେତାବନୀ ଦିଆଯାଇଛି। ଓଡ଼ିଶା ପ୍ରିଭେନଶନ ଆଣ୍ଡ କଣ୍ଟ୍ରୋଲ ଅଫ୍ ୱାଟର ପଲ୍ୟୁଶନ (ପ୍ରୋସିଜିଓର ଫର୍ ଇମରସନ ଅଫ୍ ଆଇଡଲ ଆଫଟର ପୂଜା) ରୁଲ୍‌ସ-୨୦୨୧ର ସେକ୍ସନ ୩କୁ ଉଲ୍ଲଂଘନ କରି ମୂର୍ତ୍ତି ନିର୍ମାଣ କଲେ ମୂର୍ତ୍ତି ନିର୍ମାତାଙ୍କ ଉପରେ ୨ ବର୍ଷ ପାଇଁ ପ୍ରତିବନ୍ଧକ ଲଗାଯିବ। ସେହିପରି ରୁଲ୍‌ର ସେକ୍ସନ ୫ ଓ ୬କୁ ଉଲ୍ଲଂଘନ କଲେ ପୂଜା କମିଟି ଆୟୋଜକଙ୍କ ଉପରେ ଜରିମାନା କରାଯିବ। ପଞ୍ଚାୟତ ଅଧୀନ ପୂଜା କମିଟି ଉପରେ ୩ ହଜାର, ସହରାଞ୍ଚଳ କମିଟି ଉପରେ ୫ ହଜାର ଏବଂ ମହାନଗର ନିଗମ ଅଞ୍ଚଳରେ ପୂଜା କମିଟି ଉପରେ ୭ ହଜାର ଟଙ୍କା ଜରିମାନା କରାଯିବ।

# ଗିରଫ ହେଲେ କ୍ରୀଡ଼ା ଶିକ୍ଷକ

### ଖେଳ ଶିଖାଇବା ବାହାନାରେ ଅସଦାଚରଣ

**ବାରିପଦା ଅଫିସ,୨୦।୯**

ଖେଳ ଶିଖାଇବା ବାହାନାରେ ଛାତ୍ରୀଙ୍କୁ ଅସଦାଚରଣ କରିବା ଜଣେ କ୍ରୀଡ଼ା ଶିକ୍ଷକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏହି ଘଟଣା ପ୍ରଚାରିତ ହେବା ପରେ ବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବିଦ୍ୟାଳୟରେ ପଶି କ୍ରୀଡ଼ା ଶିକ୍ଷକ ପ୍ରଦୀପ ମହାନ୍ତଙ୍କୁ ଠେଲାପେଲା କରିବା ସହ ଚାକିରିରୁ ବହିଷ୍କାର କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ପହଞ୍ଚି ଶିକ୍ଷକ ମହାନ୍ତଙ୍କୁ ଗିରଫ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ୭ ଦିନ ମଧ୍ୟରେ ଉକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ଶ୍ରୀପଦଗଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମହାନ୍ତ ମଙ୍ଗଳବାର ଖେଳ ଶିଖାଇବା ବାହାନାରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଏକଥା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ଛାତ୍ରୀଙ୍କ ପରିବାର ଲୋକ ଓ ଅନ୍ୟ କେତେଜଣ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ହୋହଲ୍ଲା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୭୯୯/୨୨) ରୁଜୁ ହୋଇଛି। ଅନ୍ୟପକ୍ଷରେ କ୍ରୀଡ଼ା ଶିକ୍ଷକ ମହାନ୍ତ ଏଭଳି ଅଭିଯୋଗକୁ ଷଡ଼ଯନ୍ତ୍ର ବୋଲି କହଛନ୍ତି।

# ନାଳରେ ଭାସିଗଲେ ୨ ଯୁବକ

### ଜଣେ ନିଖୋଜ, ଜଣେ ଉଦ୍ଧାର

**ଦିଗପହଣ୍ଡି,୨୦।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ବାଙ୍ଗରଡ଼ା ଗ୍ରାମ ପାର୍ଶ୍ୱ ଦେଇ ଯାଇଥିବା ରାଉତରାୟ ନାଳକୁ ମଙ୍ଗଳବାର ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା କାରଣରୁ ୨ ଜଣ ଯୁବକ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଗନ୍ନାଥ ସେଠୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟଜଣେ ଯୁବକ ବଳରାମ ଡାକୁଆ ନିଖୋଜ ଅଛନ୍ତି। ଗ୍ରାମର ଜଗନ୍ନାଥ, ଟୁକୁନା ଚୌଧୁରୀ ଏବଂ ବଳରାମ ୩ ଜଣ ସାଙ୍ଗ ହୋଇ ରାଉତରାୟ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଉଥିବା ବେଳେ ଅସାବଧାନତା କାରଣରୁ ପାଣିର ପ୍ରଖର ସ୍ରୋତରେ ପ୍ରଥମେ ଜଗନ୍ନାଥ ଭାସି ଯାଇଥିଲେ। ଏହା ଦେଖି ନାଳ ହିଡ଼ରେ ଠିଆ ହୋଇଥିବା ବଳରାମ ତାଙ୍କୁ ଉଦ୍ଧାର କରିବାକୁ ପାଣିକୁ ଡେଇଁ ପଡ଼ିଥିଲେ। ପାଣିର ପ୍ରଖର ସ୍ରୋତରେ ସେ ମଧ୍ୟ ଭାସି ଯାଇଥିଲେ। ପାଖରେ ଥିବା ଟୁକୁନା ନାଳର ଗଭୀର ଜଳରୁ ଜଗନ୍ନାଥଙ୍କୁ ଉଦ୍ଧାର କରିଥିବା ବେଳେ ବଳରାମଙ୍କୁ ଉଦ୍ଧାର କରିପାରିନଥିଲେ। ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଥିବା ଜଗନ୍ନାଥଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ ପହଞ୍ଚି ଦିଗପହଣ୍ଡି ଏବଂ ସାନଖେମୁଣ୍ଡି ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚାଲୁରଖିଥିବା ବେଳେ ବଳରାମଙ୍କ ପତ୍ତା ମିଳିନାହିଁ।



ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି

# ଅଷ୍ଟ୍ରେଲିଆ ଜିତିଲା ପ୍ରଥମ ଟି୨୦

ମୋହାଲି, ୨୦।୯

କାମେରନ ଗ୍ରୀନ୍ ଓ ମାଥ୍ୟୁ ୱାଡେଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ ମଙ୍ଗଳବାର ଅନୁଷ୍ଠିତ ହାଇସ୍କୋରିଂ ପ୍ରଥମ ଟି୨୦ କ୍ରିକେଟ ମ୍ୟାଚରେ ଭାରତକୁ ୪ ଉଇକେଟରେ ପରାସ୍ତ କରିଛି। ଫଳରେ ଅଷ୍ଟ୍ରେଲିଆ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୨୦୮ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯.୨ ଓଭରରେ ୬ ଉଇକେଟ ହରାଇ ୨୧୧ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଗ୍ରୀନ୍ ସର୍ବାଧିକ ୬୧ (୩୦ ବଲ, ୮ ଚୌକା, ୪ ଛକା) ରନ କରିଥିବାବେଳେ ୱାଡେ ୪୫ (୨୧ ବଲ, ୬ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଶେଷ ୪ ଓଭରରେ ବିଜୟ ପାଇଁ ଅଷ୍ଟ୍ରେଲିଆକୁ ୫୫ ରନ ଆବଶ୍ୟକ ହେଉଥିଲା। ଅଷ୍ଟ୍ରେଲିଆ ବ୍ୟାଟରମାନେ ୧୭ ଓଭରରେ ୧୫, ୧୮ ଓଭରରେ ୨୨, ୧୯ତମ ଓଭରରେ ୧୬ ରନ ସଂଗ୍ରହ କରି ଭାରତ ହାତରୁ ମ୍ୟାଚ ଛଡ଼ାଇ ଆଣିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅକ୍ଷର ପଟେଲ ୩ଟି, ଉମେଶ ଯାଦବ ୨ଟି ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ଦୁଇ ତାରକା ଖେଳାଳି ଅଧିନାୟକ ରୋହିତ ଶର୍ମା ୧୧ ଓ ବିରାଟ କୋହଲି ୨ ରନ କରି ଆଉଟ ହେବାରୁ ୩୫ ରନ ମଧ୍ୟରେ ଦଳ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଲୋକେଶ ରାହୁଲଙ୍କ ସହ ସୂର୍ଯ୍ୟକୁମାର ଯାଦବ ମିଶି ଇନିଂସ ସମ୍ଭାଳିଥିଲେ। ଦୁହେଁ ୩ୟ ଉଇକେଟରେ ୪୨ ବଲ୍‌ରୁ ୬୮ ରନ ଯୋଗ କରିଥିଲେ। ରାହୁଲ ଅର୍ଦ୍ଧଶତକ ହାସଲ କରିବା ପରେ ବ୍ୟକ୍ତିଗତ ୫୫ (୩୫ ବଲ, ୪ ଚୌକା, ୩ ଛକା) ରନକରି ଆଉଟ ହୋଇଥିଲେ। ସେହିପରି ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ସୂର୍ଯ୍ୟକୁମାର ଯାଦବ ଅର୍ଦ୍ଧଶତକ ପୂରଣଠାରୁ ୪ ରନ ଦୂରରେ ଥିବାବେଳେ ୪୬ ରନକରି ପ୍ୟାଭିଲିୟନ ଫେରିଥିଲେ। ସେ ୨୫ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୨ ଚୌକା ଓ ୪ ଛକା ମାରିଥିଲେ। ମିଡିଲ ଅର୍ଡରରେ ଅକ୍ଷର ପଟେଲ (୬) ଓ ଦୀନେଶ କାର୍ତ୍ତିକ (୬) ବିଫଳ ହୋଇଥିଲେ ହେଁ ହାର୍ଦ୍ଦିକ ପାଣ୍ଡ୍ୟା ଧୂଆଁଧାର ବ୍ୟାଟିଂ କରି ଭାରତର ରନ ସଂଖ୍ୟାକୁ ୨୦୦ ଅତିକ୍ରମ କରାଇଥିଲେ। ୩୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ହାର୍ଦ୍ଦିକ ୭ ଚୌକା ଓ ୫ ଛକା ସହାୟତାରେ ୭୧ ରନକରି ଅପରାଜିତ ରହିଥିଲେ। ତାଙ୍କ ସହ ହର୍ଷଲ ପଟେଲ ୭ ରନରେ ଅପରାଜିତ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥାନ ଏଲିସ ସର୍ବାଧିକ ୩ଟି, ଜୋଶ୍ ହାଜେଲଉଡ୍ ୨ଟି ଓ କାମେରନ ଗ୍ରୀନ୍ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୦୮/୬ (ହାର୍ଦ୍ଦିକ ପାଣ୍ଡ୍ୟା-୭୧*, ଲୋକେଶ ରାହୁଲ-୫୫, ସୂର୍ଯ୍ୟକୁମାର ଯାଦବ-୪୬, ନାଥାନ ଏଲିସ-୩/୩୦, ଜୋଶ୍ ହାଜେଲଉଡ୍-୨/୩୯, କାମେରନ ଗ୍ରୀନ୍-୧/୪୬)। ଅଷ୍ଟ୍ରେଲିଆ ୧୯.୨ ଓଭରରେ ୨୧୧/୬ (କାମେରନ ଗ୍ରୀନ୍-୬୧, ମାଥ୍ୟୁ ୱାଡେ-୪୫*, ଷ୍ଟିଭ୍ ସ୍ମିଥ-୩୫, ଅକ୍ଷର ପଟେଲ-୩/୧୭, ଉମେଶ ଯାଦବ-୨/୨୭, ଯୁଜବେନ୍ଦ୍ର ଚହଲ-୧/୪୨)।


ପ୍ଲେୟର ଅଫ୍ ଦି ମ୍ୟାଚ୍ କାମେରନ୍ ଗ୍ରୀନ୍।

# ସାଲିଭା ବ୍ୟବହାରକୁ ବାରଣ କଲା ଆଇସିସି

ଦୁବାଇ, ୨୦।୯ (ପି.ଟି.)



ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏହାର ଖେଳ ନିୟମରେ କେତେକ ପରିବର୍ତ୍ତନ କରିଛି। ସେଥିରେ ବଲ୍‌କୁ ପଲିସ୍ କରିବା ଲାଗି ସାଲିଭା (ଛେପ) ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏହି ନିୟମଗୁଡ଼ିକ ଅକ୍ଟୋବର ୧ରୁ କାର୍ଯ୍ୟକାରୀ ହେବ। ଏଣିକି ଜଣେ ନନ୍ ଷ୍ଟ୍ରାଇକରଙ୍କୁ ବୋଲର ରନ୍‌ଆଉଟ କଲେ ତାହାକୁ 'ଅନ୍ ଫେୟାର ପ୍ଲେ' ନ ଦର୍ଶାଇ ବିଧିବଦ୍ଧ ରନ ଆଉଟ ବୋଲି ବିବେଚନା କରାଯିବ। ଭାରତର ପୂର୍ବତନ ଅଧିନାୟକ ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ଅଧ୍ୟକ୍ଷତାରେ ଆଇସିସି କ୍ରିକେଟ କମିଟି ଦେଇଥିବା ସୁପାରିସକୁ ମୁଖ୍ୟ କାର୍ଯ୍ୟନିର୍ବାହୀ କମିଟି ଅନୁମୋଦ କରିବା ପରେ ଏହି ପରିବର୍ତ୍ତନ ଘୋଷଣା କରାଯାଇଛି। ଆଇସିସି ପୂର୍ବରୁ କୋଭିଡ୍ ଦୃଷ୍ଟିରୁ ବଲ୍ ପଲିସ୍ କରିବା ଲାଗି ସାଲିଭା ବ୍ୟବହାରକୁ ସାମୟିକ ବାରଣ କରିଥିଲା। ହେଲେ କ୍ରିକେଟ ଖେଳ ନିୟମର ସଂରକ୍ଷକ ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ମାର୍ଚ୍ଚରେ ଏହାର ୨୦୨୨ କୋଡ୍‌ରେ ସଂଶୋଧନ ଆଣି ଛେପ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରିଥିଲା। ଏଣିକି ଜଣେ ବ୍ୟାଟର କ୍ୟାଚ ଆଉଟ ହେବା ପରେ ନୂଆ ବ୍ୟାଟର ଜଣକ ଷ୍ଟ୍ରାଇକର ଯେଉଁ ପାର୍ଶ୍ୱରେ ରହିଥିବେ ସେହିପଟୁ ଖେଳ ଆରମ୍ଭ କରିବେ। ନୂଆ ନିୟମ ଅନୁସାରେ ଏଣିକି ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆରେ ଇନ୍‌କମିଙ୍ଗ ବ୍ୟାଟରଙ୍କୁ ଷ୍ଟ୍ରାଇକ୍ ନେବାଲାଗି ଦୁଇ ମିନିଟ ମଧ୍ୟରେ ପ୍ରସ୍ତୁତ ହେବାକୁ ପଡ଼ିବ। ତେବେ ଏକ୍ଷେତ୍ରରେ ଅନ୍ତର୍ଜାତୀୟ ଟି୨୦ରେ ରହିଥିବା ୯୦ ସେକେଣ୍ଡ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇ ନାହିଁ। କୌଣସି ବଲ୍ ସାମ୍ନା କରିବା ବେଳେ ଯଦି ବ୍ୟାଟର ପିଚ୍ ଛାଡ଼ିବାକୁ ବାଧ୍ୟହୁଏ ତେବେ ତାହାକୁ ନୋ ବଲ୍ ବୋଲି ଧରିନିଆଯିବ। ଯଦି କୌଣସି ବୋଲର ଜାଣିଶୁଣି ଅଯୌକ୍ତିକ ବୋଲିଂ କରେ ଅମ୍ପାୟର ଏହାକୁ ଡେଡ୍ ବଲ୍ ଘୋଷଣା କରିବା ସହ ୫ ରନ ପେନାଲ୍ଟି କରିପାରନ୍ତି। ଅନ୍ୟ ଏକ ପ୍ରମୁଖ ନିଷ୍ପତ୍ତି ଅନୁସାରେ ଟି୨୦ରେ ଯଦି ଦଳ ନିର୍ଦ୍ଧାରିତ ସମୟକୁ ପାଳନ କରିବାରେ ବିଫଳ ରୁହେ ଏବଂ ସ୍ଲୋ ଓଭର ରେଟ୍‌ରେ ଦୋଷୀ ସାବ୍ୟସ୍ତ ହୁଏ ତେବେ ଦଣ୍ଡ ସ୍ୱରୂପ ୩୦ ଗଜ ସର୍କଲ ବାହାରେ ଜଣେ ଫିଲ୍ଡର ହ୍ରାସ କରିବାକୁ ହେବ।

# ଇଂଲଣ୍ଡରେ ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ମହିଳା କ୍ରିକେଟ: ଦ୍ୱିତୀୟ ଦିନିକିଆ ଆଜି**

କାଣ୍ଟରବରି, ୨୦।୯ (ପି.ଟି.)

ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ ଦଳ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ ମ୍ୟାଚ ବୁଧବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ଦିନିକିଆ ଜିତି ଭାରତ ୧-୦ରେ ଅଗ୍ରଣୀ ହାସଲ କରିସାରିଛି। ଦ୍ୱିତୀୟ ଦିନିକିଆ ଜିତି ଭାରତ ଇଂଲଣ୍ଡ ମାଟିରେ ବିରଳ ସିରିଜ ବିଜୟ ଲକ୍ଷ୍ୟରେ ରହିଛି। ଶେଷଥର ପାଇଁ ୧୯୯୯ରେ ଇଂଲଣ୍ଡ ମାଟିରେ ଭାରତ ଦିନିକିଆ ସିରିଜ ବିଜୟୀ ହୋଇଥିଲା।

ଟି୨୦ ସିରିଜରେ ୧-୨ରେ ପରାଜିତ ହେବା ପରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଦଳ ପ୍ରଦର୍ଶନରେ ଉନ୍ନତି ଆଣିଛି। ହୋଭ୍‌ରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସବୁଥିରେ ପ୍ରଭାବୀ ପ୍ରଦର୍ଶନ କରି ଦଳ ଇଂଲଣ୍ଡକୁ ୭ ଉଇକେଟରେ ପରାସ୍ତ କରିଛି। ଇଂଲଣ୍ଡ କେତେକ ସିନିୟର ଖେଳାଳିଙ୍କ ବିନା ଏହି ସିରିଜ ଖେଳୁଥିଲେ ହେଁ ଭାରତ ତୁଳନାତ୍ମକଭାବେ ପ୍ରଥମ ଗେମ୍‌ରେ ଉନ୍ନତ ପ୍ରଦର୍ଶନ କରିଥିଲା। ଆଗକୁ ଏହି ମୋମେଣ୍ଟମ ବଜାୟ ରଖିବା ଲକ୍ଷ୍ୟରେ ରହିଛି ଭାରତ। ଏହା ହେଉଛି ଝୁଲଣ ଗୋସ୍ୱାମୀଙ୍କ ବିଦାୟକାଳୀନ ସିରିଜ। ଏହାପରେ ୨୦୨୩ ଜୁନ୍ ପର୍ଯ୍ୟନ୍ତ ଭାରତୀୟ ଦଳ ଆଉ ଦିନିକିଆ ଖେଳିବାର ନାହିଁ। ୧୯୯୯ରେ ଭାରତୀୟ ମହିଳା ଦଳ ୨-୧ରେ ସିରିଜ ବିଜୟୀ ହୋଇଥିଲା। ଏହି ସିରିଜରେ ଅଞ୍ଜୁମ ଚୋପ୍ରା ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରି ଭାରତକୁ ଫାଇଦାରେ ରଖିଥିଲେ।

ଗତ ମାର୍ଚ୍ଚ ପରେ ଚଳିତ ସିରିଜରେ ପ୍ରଥମଥର ପାଇଁ ଖେଳିବା ସୁଯୋଗ ପାଇଥିବା ୩୯ ବର୍ଷୀୟା ଝୁଲଣ ପୂର୍ବ ମ୍ୟାଚରେ ଚମତ୍କାର ବୋଲିଂ କରିଥିଲେ। ସର୍ବାଧିକ ଉଇକେଟ ନେବାରେ ବିଶ୍ୱରେକର୍ଡର ଅଧିକାରିଣୀ ଝୁଲଣ ଅନ୍ୟ ସମସ୍ତ ବୋଲରଙ୍କ ଅପେକ୍ଷା ଇକୋନୋମିକାଲ ରହିଥିଲେ। ତାଙ୍କ ସ୍ପେଲ୍ ୧୦-୨-୨୦-୧ ରହିଥିଲା। ଉପ-ଅଧିନାୟିକା ସ୍ମୃତି ମନ୍ଧାନା ସର୍ବାଧିକ ୯୧ ରନ କରିଥିବାବେଳେ ଉଇକେଟ କିପର ବ୍ୟାଟର ଯାସ୍ତିକା ଭାଟିଆ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ଅଧିନାୟିକା ହରମନପ୍ରୀତ ୭୪ ରନରେ ଅପରାଜିତ ରହି ଦଳକୁ ବିଜୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଓପନର ଶେଫାଳି ବର୍ମା ଗତ ୧୦ଟି ଇନିଂସରେ ଅର୍ଦ୍ଧଶତକ ହାସଲ କରିପାରିନାହାନ୍ତି। ତେଣୁ ତାଙ୍କ ବ୍ୟାଟ୍‌ରୁ ଏକ ବଡ଼ ସ୍କୋର ଚାହୁଁଛି ଭାରତ।

ଅନ୍ୟପକ୍ଷରେ ପ୍ରଥମେ ବ୍ୟାଟିଂ କଲେ ଇଂଲଣ୍ଡ ଆଗାମୀ ମ୍ୟାଚରେ ଏକ ବଡ଼ ସ୍କୋର ଛିଡ଼ା କରିବା ଲକ୍ଷ୍ୟରେ ରହିବ। ଏହି ଦଳ ମୁଖ୍ୟତଃ ସୋଫିଆ ଡଙ୍କ୍‌ଲେଙ୍କ ଉପରେ ଅନେକ ପରିମାଣରେ ନିର୍ଭର କରୁଛି। ଡଙ୍କ୍‌ଲେ ଓ ଆଲିସେ କାପ୍‌ସେ ଗତ ମ୍ୟାଚରେ ବିପଜ୍ଜନକ ସାବ୍ୟସ୍ତ ହୋଇ ଆସୁଥିଲେ। ହରମନପ୍ରୀତଙ୍କ ଏକ ହାତିଆ କ୍ୟାଚ ଏମାନଙ୍କ ପାର୍ଟନରଶିପ୍ ଭାଙ୍ଗିବା ପରେ ଇଂଲଣ୍ଡ ଇନିଂସ ଭୁଶୁଡ଼ି ପଡ଼ିଥିଲା। ଭାରତ ଯଦି ଆଗାମୀ ମ୍ୟାଚ ଜିତିବାରେ ସକ୍ଷମ ହୁଏ ତେବେ ୫୦ ଓଭର କ୍ରିକେଟରେ ଭାରତର ମନୋବଳ ବହୁ ପରିମାଣରେ ବଢ଼ିବ।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୩ଟା ୩୦**


ସ୍ମୃତି ମନ୍ଧାନା

# ଦ୍ୱିତୀୟ ସ୍ଥାନରେ ସ୍ମୃତି ମନ୍ଧାନା

ଦୁବାଇ, ୨୦।୯(ପି.ଟି.)

ଇଂଲଣ୍ଡ ବିପକ୍ଷରେ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତର ଷ୍ଟାର ଓପନର ସ୍ମୃତି ମନ୍ଧାନା ଆଇସିସି ଅନ୍ତର୍ଜାତୀୟ ଟି୨୦ ର୍‍ୟାଙ୍କିଙ୍ଗ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ର୍‍ୟାଙ୍କିଙ୍ଗରେ ମଧ୍ୟ ସେ ୭ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବାମହାତୀ ବ୍ୟାଟର ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ମୋଟ ୧୧୧ ରନ ସଂଗ୍ରହ କରିଛନ୍ତି। ଏହା ଦ୍ୱାରା ତାଙ୍କର ଦୁଇ ସ୍ଥାନ ପଦୋନ୍ନତି ଘଟିଛି। ସେହିପରି ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ମ୍ୟାଚ ବିଜୟୀ ୯୧ ରନ ସଂଗ୍ରହ ଯୋଗୁ ପୂର୍ବତନ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ବ୍ୟାଟର ୩ ସ୍ଥାନ ଉପରକୁ ଉଠି ୭ମରେ ରହିଛନ୍ତି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅଧିନାୟିକା ହରମନପ୍ରୀତ କୌର ୪ ସ୍ଥାନ ଉପରକୁ ଉଠି ୯ମ ସ୍ଥାନରେ ପହଞ୍ଚିଛନ୍ତି। ଅଲରାଉଣ୍ଡର ଦୀପ୍ତି ଶର୍ମା ୬ ସ୍ଥାନ ଜମ୍ପ୍ କରି ବୋଲର ତାଲିକାରେ ଦ୍ୱାଦଶ ସ୍ଥାନ ଅଧିକାର କରିଛନ୍ତି। ଅଲରାଉଣ୍ଡ ତାଲିକାରେ ସ୍ନେହ ରାଣା ଓ ପୂଜା ବସ୍ତ୍ରାକାର ମିଳିତ ୪୧ତମ ସ୍ଥାନରେ ଅଛନ୍ତି। ଟି୨୦ ବ୍ୟାଟିଂ ତାଲିକାରେ ଅଷ୍ଟ୍ରେଲିଆର ବେଥ୍ ମୁନି ପ୍ରଥମ ସ୍ଥାନରେ ରହିଥିବା ବେଳେ ବୋଲର ତାଲିକାରେ ଇଂଲଣ୍ଡର ସୋଫି ଏକ୍ଲେଷ୍ଟୋନ୍ ଏବଂ ଅଲରାଉଣ୍ଡର ତାଲିକାରେ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ଶୀର୍ଷରେ ରହିଛନ୍ତି।

# ସୁନ୍ଦରଗଡ଼, ଝାରସୁଗୁଡ଼ା, କିଟ୍‌ର ବୃହତ୍ ବିଜୟ


ରାଜ୍ୟ ଜୁନିୟର ହକି ଚାମ୍ପିୟନଶିପର ଏକ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳି ଓ ଅଫିସିଆଲ ପରସ୍ପର ସହ କରମର୍ଦ୍ଦନ କରୁଛନ୍ତି।

**ରାଜ୍ୟ ଜୁନିୟର ହକି**

ଭୁବନେଶ୍ୱର, ୨୦।୯ (କ୍ରୀଡ଼ା ପ୍ରତିନିଧି)

ହକି ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟ ଜୁନିୟର ହକି ଚାମ୍ପିୟନଶିପ ଇତିମଧ୍ୟରେ ତୃତୀୟ ଦିବସରେ ପହଞ୍ଚିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଓ କିଟ୍ ଷ୍ଟାଡିୟମରେ ଚାଲିଥିବା ପ୍ରତିଯୋଗିତାର ତୃତୀୟ ଦିବସରେ ସମ୍ବଲପୁରର ଶହୀଦ ମାଧୋ ସିଂ ହକି ଏକାଡେମୀ, ଅନୁଗୋଳ, ସୁନ୍ଦରଗଡ଼, ସମ୍ବଲପୁର, ଢେଙ୍କାନାଳ, ଝାରସୁଗୁଡ଼ା, କିଟ୍ ଓ କିସ୍ ଆଦି ଦଳ ବିଜୟ ହାସଲ କରିଛନ୍ତି। ସୁନ୍ଦରଗଡ଼ ୧୦-୦ ବୃହତ୍ ବ୍ୟବଧାନରେ ଯାଜପୁର, ଝାରସୁଗୁଡ଼ା ୮-୦ରେ ନୟାଗଡ଼ ଏବଂ କିଟ୍ ଓ କିସ୍ ୮-୦ ଗୋଲରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଶହୀଦ ମାଧୋ ସିଂ ହକି ଏକାଡେମୀ ୭-୦ରେ ଗଞ୍ଜାମ, ଅନୁଗୋଳ ୨-୧ରେ ବଲାଙ୍ଗୀର, ସମ୍ବଲପୁର ୭-୦ରେ ନବରଙ୍ଗପୁର ଓ ଢେଙ୍କାନାଳ ୭-୦ ଗୋଲରେ ସୁବର୍ଣ୍ଣପୁରକୁ ହରାଇ ଦେଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଚାମ୍ପିୟନଶିପ୍‌ରେ ବିଭିନ୍ନ ଜିଲା, ଏକାଡେମୀ ଓ ଅନୁଷ୍ଠାନରୁ ୫୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ନକ୍‌ଆଉଟ ଭିତ୍ତିରେ ଖେଳାଯାଉଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଶହୀଦ ମାଧୋ ସିଂ ହକି ଏକାଡେମୀ ୬-୦ରେ ଗଜପତି, ଗଞ୍ଜାମ ୫-୦ରେ ମାଲକାନଗିରି, ଦେବଗଡ଼ ୬-୦ରେ କେନ୍ଦ୍ରାପଡ଼ା, ସୁବର୍ଣ୍ଣପୁର ୫-୦ରେ ବାଲେଶ୍ୱର, ଖୋର୍ଦ୍ଧା ୨-୦ରେ ମୟୂରଭଞ୍ଜ, ଢେଙ୍କାନାଳ ୫-୦ରେ କୋରାପୁଟ ଏବଂ ଯାଜପୁର ସଡନ୍ ଡେଥ୍ ୨-୧ ଗୋଲରେ ରାୟଗଡ଼ାକୁ ପରାସ୍ତ କରିଥିଲା। ଦ୍ୱିତୀୟ ଦିବସରେ ସମ୍ବଲପୁର ୪-୦ରେ ପୁରୀ, ନବରଙ୍ଗପୁର ୭-୧ରେ କଟକ, ବଲାଙ୍ଗୀର ସଡନ୍ ଡେଥ୍ ୨-୧ରେ ବରଗଡ଼, ଝାରସୁଗୁଡ଼ା ୫-୦ରେ ଭଦ୍ରକ, ଅନୁଗୋଳ ୬-୦ରେ ନୂଆପଡ଼ା, ନୟାଗଡ଼ ୫-୧ରେ କେନ୍ଦୁଝର ଏବଂ ଜଗତ୍‌ସିଂହପୁର ୧-୦ ଗୋଲରେ କଳାହାଣ୍ଡିକୁ ହରାଇଥିଲା। "ରାଜ୍ୟର କୌଣସି ଏକ ହକି ଟୁର୍ନାମେଣ୍ଟରେ ୨୮ଟି ଜିଲାଦଳ ଭାଗନେବା କଳ୍ପନାର ବାହାରେ ଥିଲା। ହକି ଏବେ କେବଳ ସୁନ୍ଦରଗଡ଼ରେ ନୁହେଁ ସାରା ଓଡ଼ିଶାରେ ଲୋକପ୍ରିୟତା ଅର୍ଜନ କରିଥିବା ଏଥିରୁ ସ୍ପଷ୍ଟ ହେଉଛି" ବୋଲି ହକି ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ତଥା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଏହିପ୍ରତିଯୋଗିତାରୁ ମନୋନୀତ ପ୍ରତିଭାମାନେ ୨୦୨୩ରେ ହେବାକୁଥିବା ଜାତୀୟ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ବୁଧବାର ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

# ସପ୍ତମ ଟି୨୦ ବିଶ୍ୱକପ୍ ଖେଳିବେ ଗୁପ୍‌ଟିଲ

ଖ୍ରିଷ୍ଟଚର୍ଚ୍ଚ, ୨୦।୯ (ପି.ଟି.)

ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ମଙ୍ଗଳବାର କେନ୍ ୱିଲିୟମସନଙ୍କ ଅଧିନାୟକତ୍ୱରେ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ବ୍ୟାଟିଂ ଷ୍ଟଲୱାର୍ଟ ମାର୍ଟିନ ଗୁପ୍‌ଟିଲ ରେକର୍ଡ ୭ମ ଥର ଟି୨୦ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଗତବର୍ଷ ଟି୨୦ ବିଶ୍ୱକପ୍ ଫାଇନାଲ ଖେଳିଥିବା ନ୍ୟୁଜିଲାଣ୍ଡ ଦଳରେ ୩ ପରିବର୍ତ୍ତନ କରାଯାଇଛି। ୩୫ ବର୍ଷୀୟ ଗୁପ୍‌ଟିଲଙ୍କୁ ଏଥିରେ ସ୍ଥାନ ମିଳିଛି। ଫିନ୍ ଆଲେନ୍ ଓ ମାଇକେଲ ବ୍ରେସ୍‌ୱେଲ ସେମାନଙ୍କ ପ୍ରଥମ ସିନିୟର ବିଶ୍ୱକପ୍ ଖେଳିବେ। ଏହି ଦୁଇ ଜଣଙ୍କ ବ୍ୟତୀତ ଲୋକି ଫର୍ଗୁସନଙ୍କୁ ଗତ ଟି୨୦ ବିଶ୍ୱକପ୍‌ର ଅଂଶବିଶେଷ ରହିଥିବା କାଇଲ ଜେମିସନ, ଟଡ୍ ଆସ୍‌ଲେ ଓ ଟିମ୍ ସିଫର୍ଟଙ୍କ ସ୍ଥାନରେ ନିଆଯାଇଛି। ନିକଟରେ ସେଣ୍ଟ୍ରାଲ କଣ୍ଟ୍ରାକ୍ଟକୁ ଗ୍ରହଣ କରି ନ ଥିବା ଟ୍ରେଣ୍ଟ ବୋଲ୍ଟ ଓ ଜିମ୍ମି ନିଶାମଙ୍କୁ ଦଳରେ ସାମିଲ କରାଯାଇଛି। ବୋଲ୍ଟ, ଫର୍ଗୁସନ, ଟିମ୍ ସୌଦି ଓ ଆଡାମ୍ ମିଲ୍‌ନେଙ୍କୁ ନେଇ ନ୍ୟୁଜିଲାଣ୍ଡର ପେସ୍ ବାହିନୀ ବେଶ୍ ଶକ୍ତିଶାଳୀ। ଇଶ୍ ସୋଧି ସ୍ପିନ ଆଟାକ୍‌ର ନେତୃତ୍ୱ ନେବେ। ତାଙ୍କ ସହିତ ରହିବେ ବ୍ରେସ୍‌ୱେଲ ଓ ମିଚେଲ ସାଣ୍ଟନର। ଗ୍ଲେନ ଫିଲିପ୍ସ, ଡେରିଲ ମିଚେଲ, ସାଣ୍ଟନର, ବ୍ରେସ୍‌ୱେଲ ଓ ନିଶାମ ଉଭୟ ବ୍ୟାଟିଂ ଓ ବୋଲିଂରେ ଅବଦାନ ରଖିବେ। ଡେଭନ କନୱେଙ୍କୁ ଫ୍ରଣ୍ଟଲାଇନ୍ ଉଇକେଟକିପର ଭାବେ ନିଆଯାଇଛି। ୟୁଏଇରେ ଏବଂ ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ସେ ଭଲ ପ୍ରଦର୍ଶନ କରିଛନ୍ତି। ୱିଲିୟମସନ ତୃତୀୟ ଥର ପାଇଁ ଆଇସିସି ଟି୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଦଳର ନେତୃତ୍ୱ ନେବେ। ଟି୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଅକ୍ଟୋବର ୨୨ରେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହାର ଓପନିଂ ମ୍ୟାଚ ଖେଳି ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରିବ।

# କିଟ୍‌ରେ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଦିବସ

ଭୁବନେଶ୍ୱର, ୨୦।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଦିବସ ମଙ୍ଗଳବାର ସକାଳେ କିଟ୍-କିସ୍ ଆଥଲେଟିକ୍ସ ଷ୍ଟାଡିୟମରେ କିଟ୍-ଓ କିସ୍‌ର କ୍ରୀଡ଼ା ଛାତ୍ରମାନଙ୍କ ମଧ୍ୟରେ ପାଳିତ ହୋଇଯାଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ), ଏସିଆନ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏୟୁଏସ୍‌ଏଫ୍) ଆଣ୍ଡ୍ ଫେଡେରେଶନ ଇଣ୍ଟରନ୍ୟାଶନାଲ ଡୁ' ସ୍ପୋର୍ଟ ୟୁନିଭର୍ସିଟେୟାର (ଏଫ୍‌ଆଇଏସ୍‌ୟୁ)ର ମିଳିତ ଆନୁକୂଲ୍ୟରେ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ୟୁନେସ୍କୋ ଦ୍ୱାରା ୨୦୧୫ରେ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଦିବସ ଘୋଷଣା କରାଯାଇଥିଲା। ଏହି ବର୍ଷର ଉତ୍ସବ ପାଇଁ ବିଷୟବସ୍ତୁ ରଖାଯାଇଥିଲା କ୍ରୀଡ଼ା ମାଧ୍ୟମରେ ସଦ୍‌ଭାବନା। ଗାଇଡ୍‌ଲାଇନ୍ ଅନୁସାରେ କିଟ୍ ବିଶ୍ୱବିଦ୍ୟାଳୟର ୧୦ଜଣ ଛାତ୍ର ସେପ୍ଟେମ୍ବର ୧୬ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ଏୟୁଏସ୍‌ଏଫ୍ ରନ୍ ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିଥିଲେ। ସେମାନେ ଗତ ୫ ଦିନରେ ପ୍ରତ୍ୟେକ ୩୦ କିଲୋମିଟର ଯାତ୍ରା କରିଥିଲେ। ଏହି ଉତ୍ସବରେ କିଟ୍ ଭାଇସ୍‌ଚାନସେଲର ପ୍ରଫେସର ସସ୍ମିତା ସାମନ୍ତ, ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଦିବସ ପାଳନ ଅବସରରେ ଖେଳାଳିମାନେ।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।

Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ହୃଦାନନ୍ଦ ପଟ୍ଟନାୟକ
ସ୍ଥାନ- ମୂଳିସିଂହ, ସିମିନଇ, ଢେଙ୍କାନାଳ
ଆବିର୍ଭାବ- ୦୨।୦୨।୧୯୪୧
ତିରୋଧାନ- ୧୧।୦୯।୨୦୨୨
(ଆଶ୍ୱିନ କୃଷ୍ଣପକ୍ଷ, ପ୍ରତିପଦ)
ଚାହୁଁ ଚାହୁଁ ଦଶଦିନ ବିତିଗଲା। ତୁମ୍ଭର ସ୍ନେହି, ସରଳତା, ପରୋପକାରୀ, ସତ୍ୟବାଦୀ, ନିଃସ୍ୱାର୍ଥପରତାର ସ୍ମୃତିପଟ୍ଟ ଆମ୍ଭମାନଙ୍କୁ ସଦା ଅବିସ୍ମରଣୀୟ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ଧର୍ମପତ୍ନୀ, ପୁତ୍ର, ବଧୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୫୭୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଇଞ୍ଜିନିୟର ୰ଅଜାତ ଶତ୍ରୁ ଦାସ
ଆବିର୍ଭାବ : ୧୮।୧।୧୯୬୮
ତିରୋଧାନ: ୨୧।୦୯।୨୦୨୧
ଚାହୁଁ ଚାହୁଁ ବର୍ଷେ ବିତିଗଲା। ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ ହେଉଅଛି। ତୁମର ଆଦର୍ଶ, ସଦାଚାର, ସ୍ୱାଭିମାନ, ତ୍ୟାଗ, ସ୍ନେହ, କର୍ତ୍ତବ୍ୟନିଷ୍ଠ ଓ ସମାଜ ପ୍ରତି ଉତ୍ସର୍ଗୀକୃତ ଜୀବନ ଆମ୍ଭମାନଙ୍କୁ ସଦାସର୍ବଦା ଦିଗ୍‌ଦର୍ଶନ ଦେଉଥାଉ। ତୁମ ଆଶିଷର ଧାରା ସର୍ବଦା ଆମ୍ଭମାନଙ୍କ ଉପରେ ଝରିପଡୁଥାଉ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣାରବିନ୍ଦରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହିତ ଭକ୍ତିପୂତ ବିନମ୍ର ପ୍ରାର୍ଥନା କରୁଅଛୁ।
ଶ୍ରଦ୍ଧାଞ୍ଜଳି ସହ- ପତ୍ନୀ ମାମା, କନିଷ୍ଠ ଭ୍ରାତା- ଜିମି, ବାପି, ଦିପୁ, ଅନିତା, ବନ୍ଧୁ ପରିବାରବର୍ଗ।
ଧ-୬୯୦୭୪

# ଅଧିକ ଭେଣ୍ଡି ଅମଳ ପାଇଁ...

**ଅ**ଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡିଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡିଚାଷ ପାଇଁ ଜମି ପ୍ରସ୍ତୁତି ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍ଫରସ୍ ଓ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ । ଭେଣ୍ଡି ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଭଲ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୁଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ ।



# ସୂର୍ଯ୍ୟମୁଖୀରେ ଝାଉଁଳା ରୋଗ ଦମନ

**ସୂ**ର୍ଯ୍ୟମୁଖୀ ଚାଷରେ ଝାଉଁଳା ରୋଗ ଦମନ ଲାଗି ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ଏହି ଚାଷରେ ଧଳାମାଛି ଦମନ କରିବା ସକାଶେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ । କଳଙ୍କି ରୋଗ ଦମନ ସକାଶେ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।



# ଫୁଲଚାଷ

**ଫୁ**ଲଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍ଫେଟ୍ ମିଶାଇ ମଝିରେ ମଝିରେ ଘାଟନ୍ତୁ । ଏହାର ୧୦ ଦିନ ପରେ ଉକ୍ତ ତରଳ ଖତରୁ ଏକ ମଗ ନେଇ ସେଥିରେ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ)। ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି। ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଏବଂ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।



# ଗୋରୁଙ୍କ ଲମ୍ପି ଚର୍ମରୋଗ ଓ ପ୍ରତିକାର



ଡା .ବୀରକିଶୋର ପରିଡା

**ଆ**ମ ରାଜ୍ୟରେ ଲମ୍ପି ଚର୍ମରୋଗ ୨୦୧୯ ଜୁନ୍ ରୁ ଡିସେମ୍ବର ମଧ୍ୟରେ ୬ଟି ଜିଲା ଯଥା -କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ା ବ୍ୟତୀତ ଅନ୍ୟାନ୍ୟ ୨୪ଟି ଜିଲାରେ ଗୋରୁଙ୍କଠାରେ ମଧ୍ୟ ଦେଖାଦେଇଥିଲା। ରାଜ୍ୟ ସରକାର ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ତୁରନ୍ତ ପଦକ୍ଷେପ ଗ୍ରହଣ ଯୋଗୁ ଡିସେମ୍ବର ସୁଦ୍ଧା ଏହି ରୋଗକୁ ସମ୍ପୂର୍ଣ୍ଣ ଆୟତ୍ତାଧୀନ କରାଯାଇପାରିଥିଲା। ଚଳିତ ବର୍ଷ ଆମ ଦେଶର ୧୪ଟି ରାଜ୍ୟରେ ଏହି ରୋଗ ଦେଖାଦେଇଛି । ସେଥିପାଇଁ ସରକାର ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଆମ ରାଜ୍ୟରେ ଏହି ରୋଗ ନ ହେବା ପାଇଁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ସୀମାନ୍ତ ରାଜ୍ୟ ଯଥା- ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ପଶ୍ଚିମବଙ୍ଗ ଆଦିରୁ ଏହି ରୋଗ ଆମ ରାଜ୍ୟକୁ ନ ଆସିବା ପାଇଁ ବିଭାଗୀୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

**ରୋଗର କାରଣ :**
ଲମ୍ପି ଚର୍ମରୋଗ ଏକ ଭୂତାଣୁଜନିତ ସଂକ୍ରାମକ ରୋଗ । ଏହି ଭୂତାଣୁ ପକ୍ସଭିରିଡେ ପରିବାରର ଅନ୍ତର୍ଭୁକ୍ତ ଏବଂ କାପ୍ରିପକ୍ସ ନାମକ ଭୂତାଣୁ ଦ୍ୱାରା ଉକ୍ତ ରୋଗ ସୃଷ୍ଟି ହୋଇଥାଏ ।

**ସଂକ୍ରମିତ ହେଉଥିବା ପ୍ରାଣୀ:**
ବାଛୁରୀ, ଛଡ଼ା, ବଳଦ, ଗାଈ, ମଇଁଷି ଆଦି ପ୍ରାଣୀ ।

**ରୋଗ ବ୍ୟାପେ କିପରି:**
ମଶା, ଡାଆଁଶ, ଟିଙ୍କ ଆଦି ରକ୍ତଶୋଷଣକାରୀ କୀଟପତଙ୍ଗ ପରଜୀବୀ ଦ୍ୱାରା ସହଜରେ ଏହି ରୋଗ ସଂକ୍ରମିତ ପ୍ରାଣୀଠାରୁ ସୁସ୍ଥ ପ୍ରାଣୀକୁ ବ୍ୟାପିଥାଏ । ସୁସ୍ଥ ପ୍ରାଣୀ ପୀଡ଼ିତ ପ୍ରାଣୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ଏହି ରୋଗ ମଧ୍ୟ ବ୍ୟାପିବାରେ ସହାୟକ ହୋଇଥାଏ । ପରୋକ୍ଷଭାବେ ସଂକ୍ରମିତ ଗୋରୁର ଘା'ର ପୂଯପାଣି, ବକଳା, ଲାଳ, ସିଂଘାଣି, ଶୁକ୍ର, ବ୍ୟବହୃତ ଖାଦ୍ୟ ଓ ପାଣିପାତ୍ରର ସଂସ୍ପର୍ଶରେ ଆସିଲେ ସୁସ୍ଥ ଗୋରୁଙ୍କଠାରେ ଏହି ରୋଗ ଦେଖାଦେଇଥାଏ ।

**ଲକ୍ଷଣ :** ପ୍ରଥମେ ଗୋରୁଙ୍କଠାରେ ୨-୩ ଦିନ ପର୍ଯ୍ୟନ୍ତ ଜ୍ୱର ହୁଏ । ତା'ପରେ ମୁଣ୍ଡ, ବେକ, ପେଟ, ଗୋଡ଼, ପହ୍ମା ଆଦି ସର୍ବାଙ୍ଗ ଶରୀରରେ ଶକ୍ତ, କଠିନ, ଟାଣ ଧରଣର ଆବୁ ବାହାରେ । ଏତଦ୍‌ବ୍ୟତୀତ, ପାଟି, ପାଟି ଭିତର, ଶ୍ୱାସନଳୀ ଆଦିରେ ମଧ୍ୟ କ୍ଷତ ସୃଷ୍ଟି ହୁଏ । ଏହି ଆବୁଗୁଡ଼ିକ ସାଧାରଣତଃ ଦେଖିବାକୁ କଳାରଙ୍ଗର ଏବଂ ଚିପିଲେ ଟାଣ ପରି ଲାଗେ । ଛୋଟ ଆବୁଗୁଡ଼ିକ ଧୀରେ ଧୀରେ ବଡ଼ରେ ପରିଣତ ହୋଇ ଫାଟିଯାଇ ଘା' ସୃଷ୍ଟି ହୁଏ ଏବଂ ଚିକିତ୍ସା ନ କଲେ ଏହି ଘା' ପୋକରା ଘା'ରେ ପରିଣତ ହୁଏ । ଏଥିଯୋଗୁ ଗୋରୁଙ୍କର କ୍ଷୁଧା ଶକ୍ତି କମିଯାଏ, ଗାଈଙ୍କର ଦୁଗ୍ଧ ଉତ୍ପାଦନ ହ୍ରାସ ପାଏ । ଗୋରୁଙ୍କ ଶରୀର ଦୁର୍ବଳ ଦିଶେ । ଲସିକା ଗ୍ରନ୍ଥିମାନ ଫୁଲିଯାଏ । ଗୋଡ଼ରେ ମଧ୍ୟ ବେଳେବେଳେ ଫୁଲା ପଡ଼େ । ଗର୍ଭିଣୀ ଗାଈର ଗର୍ଭପାତ ହୁଏ । ଗୋରୁ ଚାଲିଲାବେଳେ କଷ୍ଟ ଅନୁଭବ କରନ୍ତି । ସଂକ୍ରମିତ ଗୋରୁର ଯତ୍ନ ନେଲେ ଏହା ୨ ରୁ ୩ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କରେ । ଏହି ରୋଗର ସଂକ୍ରମଣ ହାର ୧୦ ରୁ ୨୦% ଏବଂ ମୃତ୍ୟୁହାର ହେଉଛି ୧ ରୁ ୫% ।





**ଚିକିତ୍ସା :**

- ଅସୁସ୍ଥ ପ୍ରାଣୀକୁ ସୁସ୍ଥ ପ୍ରାଣୀଙ୍କଠାରୁ ଅଲଗା ରଖିବା ଜରୁରୀ ।
- ଚିକିତ୍ସକଙ୍କ ପରାମର୍ଶକ୍ରମେ ଆକ୍ରାନ୍ତ ପ୍ରାଣୀକୁ ଲକ୍ଷଣ ଅନୁଯାୟୀ ତୁରନ୍ତ ଚିକିତ୍ସା ପ୍ରଦାନ କରିବା ଆବଶ୍ୟକ।
- ରୋଗରେ ପୀଡ଼ିତ ଗୋରୁଙ୍କୁ ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ୫ ରୁ ୭ ଦିନ ବିଭିନ୍ନ ଆଣ୍ଟିବାୟୋଟିକ୍ ଯଥା ଅକ୍ସିଟେଟ୍ରା ସାଇକ୍ଲିନ୍, ଅକ୍ସିଭେଟ୍ ଏଲ୍ଏ ଆଦି ଦ୍ୱାରା ଚିକିତ୍ସା କଲେ ଗୋରୁ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି ।
- ଗୋରୁଙ୍କଠାରେ ଜ୍ୱର ଦେଖାଦେଲେ ପାରାସିଟାମଲ କିମ୍ବା ମେଲୋନିକ୍ସମ୍ ଓ ବା ଆଭିଲ୍ ଆଦି ଇଞ୍ଜେକସନ୍ ବ୍ୟବହାର କରିବା ଜରୁରୀ ।
- ସେହିପରି ମଲ୍‌ଟିଭିଟାମିନ୍ ପାଟି ବାଟେ କିମ୍ବା ଇଞ୍ଜେକସନ୍ ଆକାରରେ ମଧ୍ୟ ଦିଆଯାଇପାରିବ ।
- ସଂକ୍ରମିତ ଗୋରୁଙ୍କ ପାଟିରେ ଘା' ହୋଇଥିଲେ ପାଟିକୁ ଭଲଭାବରେ ଖାଇବା ସୋଡ଼ାକୁ ଉଷୁମ ପାଣି ସହିତ ଧୋଇ ବୋରୋଗ୍ଲିସେରିନ୍ ଲେପନ କରିବା ଆବଶ୍ୟକ ।
- ସଂକ୍ରମିତ ଗୋରୁଙ୍କୁ ତରଳ କିମ୍ବା ନରମ ଖାଦ୍ୟ, ସବୁଜ ଘାସ ଆଦି ଖାଇବାକୁ ଦେଲେ ଶୀଘ୍ର ଆରୋଗ୍ୟଲାଭ କରନ୍ତି ।

**ପ୍ରତିଷେଧକ ଟିକା:**

- ୪ମାସରୁ ଊର୍ଦ୍ଧ୍ୱ ସୁସ୍ଥ ବାଛୁରୀ ଓ ଗାଈଙ୍କୁ ଚମଡ଼ା ତଳେ ଛେଳିବସନ୍ତ ଟିକା ଦେଇଦେବା ଦରକାର ।
- ଆକ୍ରାନ୍ତ ଗୋରୁଙ୍କୁ ପ୍ରତିଷେଧକ ଟିକା ଦେବା ଅନୁଚିତ ।
- କେବଳ ସମ୍ଭାବ୍ୟ ବା ସନ୍ଦିଗ୍ଧ ଅଞ୍ଚଳରେ ଟିକା ଦେବା ଆବଶ୍ୟକ ।
- ପ୍ରତିଷେଧକ ଟିକା ଦେବା ପୂର୍ବରୁ ବା ସମୟରେ ଟିକାର ଉପଯୁକ୍ତ ମାତ୍ରା, ସଂରକ୍ଷଣ, ରକ୍ଷଣାବେକ୍ଷଣ, ଇଞ୍ଜେକସନ୍‌ର ଠିକ୍ ମାତ୍ରା ଆଦି ଥଣ୍ଡା ତାପମାତ୍ରାରେ ଦିଆଯିବା ଦରକାର ।(କ୍ରମଶଃ)

- ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ:୮୨୪୯୧୯୫୮୨୬

## ଅଳ୍ପରେ...

- ବାଇଗଣରେ କାଙ୍କଡ଼ିଆ ପୋକର ଦମନ ପାଇଁ ୧ ଲିଟର ପାଣିରେ ଟ୍ରାଇଆଜୋଫସ୍ ୫୦ ଇ.ସି. ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ।
- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ ।
- ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି. ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।
- ଏହିଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ ।
- କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ପାଇଁ ୨ ମି.ଲି. ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷ ଥୋପ କରି ବ୍ୟବହାର କରନ୍ତୁ ।

## ଛେଳି-ମେଣ୍ଢାଙ୍କ ଯତ୍ନ



**ଛେ**ଳିମେଣ୍ଢା ରହୁଥିବା ଘରକୁ ପରିଷ୍କାର ପରିଚ୍ଛନ୍ନ କରି ଟିଙ୍କ ନିବାରଣ କୀଟନାଶକ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମିରୋଗର ପ୍ରତିକାର ପାଇଁ କୃମି ନାଶକ ପ୍ରୟୋଗ କରନ୍ତୁ। ଏଣ୍ଟାରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ। ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼ କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଭଲ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।

# ଡାଲିଜାତୀୟ ଫସଲରେ ବିହନ ବିଶୋଧନ

**ଡା**ଲିଜାତୀୟ ଫସଲରେ ବିହନ ବିଶୋଧନ ସମୟରେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ। ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ସଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍‌ପିକେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ଆଶଙ୍କା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ଲାଗି ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।



# ଧାନ ଅମଳ ସମୟରେ...

**ଢି**ପଜମିରେ ଧାନକେଣ୍ଡା ପାଖାପାଖି ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ରୁ ୨୦ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ । ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍ଡା- ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ ।



# ଖେଳାଳିଙ୍କ ପ୍ରତି ଅପମାନ

ଦେଶରେ ଖେଳ ଓ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବାର ଡିଣ୍ଡିମ ପିଟାଯାଉଛି । ଏବେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଉତ୍ତରପ୍ରଦେଶର ସାହାରାନପୁରଠାରେ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବାଳିକା କବାଡ଼ି ଟୁର୍ନାମେଣ୍ଟ ଅବସରରେ ଟଏଲେଟ୍‌ରେ ଖେଳାଳିଙ୍କୁ ଖାଦ୍ୟ ପରଷାଯିବା ଦୃଶ୍ୟର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ସେହିପରି ଦୁଇଦିନ ତଳେ ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ପଶ୍ଚିମବଙ୍ଗ ରାଜ୍ୟପାଳ ଲା’ ଗଣେଶନ ଆୟର ଭାରତର ଷ୍ଟାର ଫୁଟ୍‌ବଲ ଖେଳାଳି ସୁନୀଲ ଛେତ୍ରୀଙ୍କୁ ଠେଲୁଥିବା ଦେଖିବାକୁ ମିଳିଥିଲା। ଖେଳାଳିଙ୍କ ପ୍ରତି ଏପରି ଅପମାନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।

## ଟଏଲେଟ୍‌ରେ କବାଡ଼ି ଖେଳାଳିଙ୍କୁ ଖାଦ୍ୟ


ଟଏଲେଟରେ ଖେଳାଳିଙ୍କୁ ଖାଦ୍ୟ ପରଷା ଯାଉଥିବାର ଦୃଶ୍ୟ।

**ଲକ୍ଷ୍ନୌ, ୨୦।୯:** ଟଏଲେଟ୍‌ରେ କବାଡ଼ି ଖେଳାଳିଙ୍କୁ ଖାଦ୍ୟ ପରଷାଯିବା ଦୃଶ୍ୟର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ଗତ ସପ୍ତାହରେ ଉତ୍ତରପ୍ରଦେଶର ସାହାରାନପୁରଠାରେ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବାଳିକା କବାଡ଼ି ଟୁର୍ନାମେଣ୍ଟ ବେଳେ ଏହି ଘଟଣା ଘଟିଛି। ଭିଡିଓଟିରେ ଅନେକ ଫଟୋ ସ୍ଥାନ ପାଇଛି। ସେଥିରେ ମୂତ୍ରାଗାର ନିକଟରେ ଏକ ବଡ଼ ପ୍ଲେଟ୍‌ରେ ଭୋଜନ ପାଇଁ ପ୍ରସ୍ତୁତ ଭାତ ଏବଂ ଶୌଚାଳୟରେ ଏକ ପତଳା କାଗଜ ଉପରେ କିଛି ପୁରି ରଖାଯାଇଥିବାର ଦୃଶ୍ୟ ରହିଛି। ଏହି ଘଟଣାରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶାଳୟ ଆଞ୍ଚଳିକ କ୍ରୀଡ଼ା ଅଧିକାରୀ ଅନିମେଶ ସାକ୍‌ସେନାଙ୍କୁ ସସ୍‌ପେଣ୍ଡ କରିଛି। ଭିଡିଓଟି ସେପ୍ଟେମ୍ବର ୧୬ରେ ଶୁଟିଂ କରାଯାଇଥିବା ବିଶ୍ୱାସ କରାଯାଉଛି। ଘଟଣାର ପ୍ରକୃତ ସତ୍ୟତା ନେଇ ପ୍ରଶାସନ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ଛେତ୍ରୀଙ୍କୁ ଠେଲିଲେ ରାଜ୍ୟପାଳ

ମାତ୍ର ୨ ମାସ ହେଲା ପଶ୍ଚିମବଙ୍ଗ ରାଜ୍ୟପାଳ ଭାର ଗ୍ରହଣ କରିଥିବା ଲା’ ଗଣେଶନ ଆୟର ଜାତୀୟ ସ୍ତରରେ ସମାଲୋଚିତ ହୋଇଛନ୍ତି। ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ଫଟୋ ସେସନ ବେଳେ ସେ ଭାରତର ଷ୍ଟାର ଫୁଟ୍‌ବଲର ସୁନୀଲ ଛେତ୍ରୀଙ୍କୁ ଠେଲୁଥିବା ଦେଖିବାକୁ ମିଳିଥିଲା। ୩୮ ବର୍ଷୀୟ ଭାରତୀୟ ଅଧିନାୟକ ବେଙ୍ଗାଲୁରୁ ଏଫ୍‌ସିର ଅଧିନାୟକତ୍ୱ କରି ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ପ୍ରଥମ ଥର ଡୁରାଣ୍ଡ କପ୍ ଟାଇଟଲ ଜିତିଥିଲେ। ରବିବାର ସଲ୍ଟଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ତାଙ୍କ ଦଳ ସେମାନଙ୍କ ଇଣ୍ଡିଆନ ସୁପର ଲିଗ୍ ପ୍ରତିଦ୍ୱନ୍ଦ୍ୱୀ ମୁମ୍ବାଇ ସିଟିକୁ ୨-୧ ଗୋଲ୍‌ରେ ପରାସ୍ତ କରି ଏସିଆର ଏହି ସର୍ବପୁରାତନ ଫୁଟ୍‌ବଲ ଟୁର୍ନାମେଣ୍ଟର ସେ ଟାଇଟଲ ବିଜୟୀ ହୋଇଥିଲେ। ଫଟୋ ପାଇଁ ରାଜ୍ୟପାଳ ତାଙ୍କୁ ଠେଲୁଥିବା ଦେଖି ଡୁରାଣ୍ଡ କପ୍ ଟ୍ରଫି ସହ ମଞ୍ଚରେ ଉପସ୍ଥିତ ଥିବା ଛେତ୍ରୀ ହତ୍‌ବାକ୍ ହୋଇଯାଇଥିଲେ।


ଡୁରାଣ୍ଡ କପ୍ ପୁରସ୍କାର ବିତରଣ ଉତ୍ସବରେ ପଶ୍ଚିମବଙ୍ଗ ରାଜ୍ୟପାଳ ଲା ଗଣେଶନ ଆୟର (ବାମରୁ ତୃତୀୟ) ସୁନୀଲ ଛେତ୍ରୀଙ୍କୁ ଠେଲୁଛନ୍ତି।

## ଓଡ଼ିଶାରେ ଫୁଟବଲ ବିକାଶ ସମ୍ପର୍କରେ ଆଲୋଚନା


ଶାଜି ପ୍ରଭାକରନଙ୍କ ସହ ଆଶୀର୍ବାଦ ବେହେରା।

**ଭୁବନେଶ୍ୱର, ୨୦।୯ (କ୍ରୀଡ଼ା ପ୍ରତିନିଧି):** ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ନୂଆ ସାଧାରଣ ସମ୍ପାଦକ ଶାଜି ପ୍ରଭାକରନ ଭୁବନେଶ୍ୱର ଆସିଛନ୍ତି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ମଙ୍ଗଳବାର ତାଙ୍କୁ ସାକ୍ଷାତ କରିବା ସହ ଓଡ଼ିଶାରେ ଫୁଟବଲର ବିକାଶ ପାଇଁ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହା ବ୍ୟତୀତ ଓଡ଼ିଶାରେ ଆୟୋଜନ ହେଉଥିବା ବିଭିନ୍ନ ଟୁର୍ନାମେଣ୍ଟ ଏବଂ ଅନ୍ୟ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।




# ଭାରତ-ପାକିସ୍ତାନ ମୁକାବିଲା ୭ରେ

### ମହିଳା ଟି୨୦ ଏସିଆ କପ୍

**କୁଆଲାଲମ୍ପୁର, ୨୦।୯ (ପି.ଟି.)** ଆସନ୍ତା ମାସରେ ବାଂଲାଦେଶର ସିଲ୍‌ହେଟ୍‌ଠାରେ ମହିଳା ଟି୨୦ ଏସିଆ କପ୍ ଆରମ୍ଭ ହେବ। ଏଥିରେ ଭାରତ ଓ ପାକିସ୍ତାନ ମୁକାବିଲା ଅକ୍ଟୋବର ୭ରେ ହେବ ବୋଲି ଏସିଆନ କ୍ରିକେଟ କାଉନ୍‌ସିଲ ସଭାପତି ଜୟ ଶାହା ମଙ୍ଗଳବାର ଘୋଷଣା କରିଛନ୍ତି। ୭ଟି ଦଳକୁନେଇ ହେବାକୁଥିବା ଏହି ୧୫ ଦିନିଆ ଟୁର୍ନାମେଣ୍ଟ ଅକ୍ଟୋବର ୧ରୁ ଆରମ୍ଭ ହେବ। ଏହା ରାଉଣ୍ଡ ରବିନ ଫର୍ମାଟରେ ଖେଳାଯିବ। ଶ୍ରେଷ୍ଠ ୪ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ଦଳଗୁଡ଼ିକ ହେଲା ଭାରତ, ପାକିସ୍ତାନ, ଆୟୋଜକ ବାଂଲାଦେଶ, ଶ୍ରୀଲଙ୍କା, ୟୁଏଇ, ଥାଇଲାଣ୍ଡ ଓ ମାଲେସିଆ। ତାଲିବାନ ଶାସନ କ୍ଷମତାକୁ ଆସିବାପରେ ଆଫଗାନିସ୍ତାନର ମହିଳା ଦଳ ନାହିଁ। ଭାରତ ପ୍ରଥମ ଦିବସରେ ଶ୍ରୀଲଙ୍କା ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ପାକିସ୍ତାନକୁ ଭେଟିବା ପୂର୍ବରୁ ଭାରତ ଏହାର ମାଲେସିଆ (ଅକ୍ଟୋବର ୩) ଓ ୟୁଏଇ (ଅକ୍ଟୋବର ୪) ସହିତ ମୁକାବିଲା କରିବ। ଭାରତ ଅକ୍ଟୋବର ୮ରେ ଆୟୋଜକ ବାଂଲାଦେଶ ଏବଂ ଅକ୍ଟୋବର ୧୦ରେ ଥାଇଲାଣ୍ଡ ବିପକ୍ଷରେ ଖେଳିବ। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଦଳ ୧୦ ଦିନରେ ୬ ଲିଗ୍ ମ୍ୟାଚ ଖେଳିବ। ସେମିଫାଇନାଲ ଅକ୍ଟୋବର ୧୧ କିମ୍ବା ୧୩ ରେ ଖେଳାଯିବ। ଫାଇନାଲ ଅକ୍ଟୋବର ୧୫ରେ ହେବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ସେପ୍ଟେମ୍ବର, ୨୦୨୨



# ‘ଶିଶୁଙ୍କ ବିକାଶ ପାଇଁ ସହଯୋଗ ଲୋଡ଼ା’

ଖୋର୍ଦ୍ଧା ଅଫିସ,୨୦।୯

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ‘ଶିଶୁଙ୍କ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା, ଶିଶୁ ଅଧିକାର, ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଭିକ୍ଷା ବୃତ୍ତିକୁ କିପରି ବନ୍ଦ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିଶୁଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଶିଶୁ ହସିଲେ, ଦେଶ ହସିବ। ଶିଶୁ ଦେଶର ଭବିଷ୍ୟତ। ଉପଯୁକ୍ତ ଶୈକ୍ଷିକ ବାତାବରଣ ରହିଲେ, ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଘଟିପାରିବ। ଶିଶୁଙ୍କ ବିକାଶ ଦିଗରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି ବୋଲି ମତପ୍ରକାଶ ପାଇଥିଲା।

ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ୟୁନିସେଫର ଶିଶୁ ସୁରକ୍ଷା ବିଭାଗ ଓଡ଼ିଶା ମୁଖ୍ୟ ନେହା ନାଇଡୁ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅନୁପମା ସାହୁ, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟର ଅଧ୍ୟକ୍ଷ ଭରତ ଚନ୍ଦ୍ର ସାହୁ, ଡିଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଶିଶୁ ମଙ୍ଗଳ କମିଟି ଖୋର୍ଦ୍ଧା ସଦସ୍ୟା କାନ୍ତା ମହାନ୍ତି, ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ବିପିନ କୁମାର, ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, ଏଡଏଟ ଆକଶନର ରାଜ୍ୟ ସଂଯୋଜିକା ଶ୍ୱେତା ସାହା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବେଟି ବଚାଅ, ବେଟି ପଢାଅ ଯୋଜନାରେ ଚଳିତ ଦଶମ ପରୀକ୍ଷାରେ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜିଲାର ୧୦ଜଣ ଦିବ୍ୟାଙ୍ଗ ଓ ଆର୍ଥିକ ଅନଗ୍ରସର ଛାତ୍ରୀଙ୍କୁ ୫ହଜାର ଟଙ୍କା ଲେଖାଏ ଚେକ୍ ଜିଲାପାଳ ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲା ଶିଶୁ ସରୁକ୍ଷା ୟୁନିଟ୍‌ର ଏଲପିଓ ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଛାୟତ, ଅନୁପ କୁମାର ବେହେରା, ଗୀତାଞ୍ଜଳି ମହାନ୍ତି, ମୁକୁଲ ନାୟକ, ମନସ୍ୱିନୀ ମହାପାତ୍ର, ଅର୍ଚ୍ଚନା ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଛାତ୍ରୀଙ୍କୁ ଚେକ୍ ପ୍ରଦାନ ଅବସରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।

## ୨୪ରେ ଯୁବ ଉତ୍ସବ

ଖୋର୍ଦ୍ଧା ଅଫିସ,୨୦।୯

ନେହେରୁ ଯୁବ କେନ୍ଦ୍ର ଖୋର୍ଦ୍ଧା ପକ୍ଷରୁ ଆସନ୍ତା ୨୪ ତାରିଖରେ ପାଳନ ହେବ ଯୁବ ଉତ୍ସବ। ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଦେଶର ପ୍ରତି ରାଜ୍ୟରେ ରହିଥିବା ଜିଲାରେ ଏହି ଉତ୍ସବ ପାଳନ ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ଉପକଣ୍ଠ ମଦନପୁର ସ୍ଥିତ ଇଞ୍ଜିନିୟରିଂ କଲେଜ୍‌ ପରିସରରେ ଏହି କାର୍ଯ୍ୟକ୍ରମ ପାଳନ ହେବା ଲାଗି ସ୍ଥିର ହୋଇଛି। ଉତ୍ସବରେ ଜିଲାର ଯୁବତୀ, ଯୁବକ, ଯୁବ ଅନୁଷ୍ଠାନ, କ୍ଲବ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇପାରିବେ। ଚିତ୍ରକଳା, ତର୍କ, କବିତା ପାଠ, ଫଟୋଗ୍ରାଫି, ଓଡ଼ିଶୀ ନୃତ୍ୟ, ଯୁବ ସମ୍ବାଦ ଆଦି ପ୍ରତିଯୋଗିତା ଆୟୋଜିତ ହେବ। କୃତୀ ପ୍ରତିଯୋଗୀଙ୍କୁ ଉତ୍ସବରେ ସମ୍ମାନିତ କରାଯିବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଚାହୁଁଥିଲେ ଭୁବନେଶ୍ୱର ନୟାପଲ୍ଲୀ ୭୧ ଭିଆଇପିସ୍ଥିତ ନେହେରୁ ଯୁବକେନ୍ଦ୍ରରେ ଯୋଗାଯୋଗ କରିବା ଲାଗି କେନ୍ଦ୍ରର ଯୁବ ଅଧିକାରୀ ବିପିନ୍ କୁମାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

## ସଂକ୍ଷେପରେ

### ମୋ ସେବା କେନ୍ଦ୍ରର ଦିନିକିଆ ଆଲୋଚନା ଶିବିର



ନିରାକାରପୁର,୨୦।୯(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ୍ କୃଷି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଟାଙ୍ଗୀ, ଚିଲିକା, ବାଣପୁର ଓ ବାଲୁଗାଁ ଏନ୍‌ଏସିରେ କାର୍ଯ୍ୟ କରୁଥିବା ମୋ ସେବା କେନ୍ଦ୍ରର ସେବକ ଓ ସେବିକାଙ୍କୁ ନେଇ ଦିନିକିଆ ଆଲୋଚନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ମହାରଣା, ସହକାରୀ ଜିଲା କୃଷି ଅଧିକାରୀ ସନ୍ତୋଷ ବିଶ୍ୱାଳ, ମୋ ସେବା କେନ୍ଦ୍ର ଜିଲା ପରିଚାଳକ ବିକାଶ କୁମାର ବରାଡ, ଚିଲିକା ବ୍ଲକ ଏଗ୍ରିକଲଚର ଅଧିକାରୀ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ, ବାଣପୁର ଏଗ୍ରିକଲଚର ଅଫିସର ଅଜୟ କୁମାର କର, ଟାଙ୍ଗୀ ଏଗ୍ରିକଲଚର ଅଧିକାରୀ ପଦ୍ମଜା ପଟ୍ଟନାୟକ ଏବଂ କୃଷି ପରିଦର୍ଶକମାନେ ଯୋଗ ଦେଇ ଆସନ୍ତା ୩୦ ତାରିଖ ମଧ୍ୟରେ ସମସ୍ତ ଚାଷୀ ପଞ୍ଜୀକୃତ କରିବା ପାଇଁ ପରାମର୍ଶ ଦେଇଥିଲେ। ୱେବସାଇଟ ଠିକ୍‌ରେ ଖୋଲୁ ନ ଥିବା ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କୁ ସେବକସେବିକା ମାନେ ଅବଗତ କରାଇଥିଲେ।

### ବିଭିନ୍ନ ସମସ୍ୟା ନେଇ ଆଲୋଚନା

ଜଟଣୀ,୨୦।୯(ଡି.ଏନ୍.ଏ.): ଆଜାଦୀକା ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଜଟଣୀ ପୌର ପରିଷଦର ୧୦ ଓ ୧୧ ନମ୍ବର ୱାର୍ଡ ପାଇକରାୟପୁରଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଇକରାୟପୁରର ପୂର୍ବତନ ସଭାପତି ଲିଙ୍ଗରାଜ ସାହୁ ଯୋଗଦେଇ ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥିଭାବେ ନଗରପାଳ ଅନନ୍ତ ବେହେରା, ମୁଖ୍ୟ ବକ୍ତା ସାମାଜିକ କର୍ମୀ ଅନନ୍ତ ଶତପଥୀ, ଅତିଥିଭାବେ ୧୦ନମ୍ବର ୱାର୍ଡ କାଉନସିଲର ଅନ୍ନପୂର୍ଣ୍ଣା ସାହୁ, ୧୧ ନମ୍ବର ୱାର୍ଡ କାଉନସିଲର ଦିଲୀନ କୁମାର ମାର୍ଥା, ରଘୁନାଥ ନଗର ବସ୍ତିବାସିନ୍ଦା ସଭାପତି ପ୍ରଶାନ୍ତ ବେହେରା ଯୋଗ ଦେଇଥିଲେ। ନବୀନ କୁମାର ମହାପାତ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବସ୍ତି ସଂଘର ସଭାପତି କ୍ଷେତ୍ରବାସୀ ସାହୁ, ସମ୍ପାଦକ ଶିବମହାରଣ, କ୍ଷେତ୍ରବାସୀ ବାରିକ, ଶ୍ରୀଧର ବେହେରା, ଅନସୂୟା ପାଳ, ମନୋଜ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ପରିପ୍ରିକ୍ଷୀରେ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଶିକ୍ଷାର ବିକାଶ ପାଇଁ ଭାସ୍କରଙ୍କ ଅବଦାନ ଅତୁଳନୀୟ

ବୋଲଗଡ଼,୨୦।୯(ଡି.ଏନ୍.ଏ.): ବୋଲଗଡ଼ରେ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଆଦି ଅନୁଷ୍ଠାନ ଗଢ଼ିବାରେ ସ୍ୱର୍ଗତ ଭାସ୍କର ମହାପାତ୍ର ଓ ତାଙ୍କ ପରିବାରର ଭୂମିକା ଅତୁଳନୀୟ। ଅଞ୍ଚଳର ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇଥିଲେ। ପରମାନନ୍ଦ ମହାବିଦ୍ୟାଳୟ ପ୍ରତିଷ୍ଠା ସହ ସେ ନନ୍ଦିଘୋଷ ଅନୁଷ୍ଠାନର ପ୍ରତିଷ୍ଠାତା ଉପସଭାପତି ଭାବେ ଆଜୀବନ କାର୍ଯ୍ୟ କରିଥିଲେ ମଙ୍ଗଳବାର ତାଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି। ନନ୍ଦିଘୋଷ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ଅନୁଷ୍ଠାନର ଉପସଭାପତି ଶିକ୍ଷାବିତ୍ ହରିବନ୍ଧୁ ସାହୁ ପୌରୋହିତ୍ୟ, ଐତିହାସିକ ରବୀନ୍ଦ୍ର କୁମାର ପରିଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ନନ୍ଦିଘୋଷର ସମ୍ପାଦକ ଗୁଣନିଧି ହୋତା, ବଳଦ୍ରର୍ଗ ସାହିତ୍ୟ ସଂସଦର ସଭାପତି ଗୋପୀନାଥ ଖାଡେଙ୍ଗା, ଶିକ୍ଷୟିତ୍ରୀ ସେବତୀ ପରିଡା, ସାମାଜିକ କର୍ମୀ କୃଷ୍ଣ ମୋହନ ପାଲଟାସିଂହ, ଗୀତାଞ୍ଜଳି ମହାପାତ୍ର, ଶିକ୍ଷକ ବଲ୍ଲିକୀ ବଳିୟାରସିଂହ, ସମବାୟବିତ ଲଲାଟେନ୍ଦୁ କେଶରୀସିଂହ, ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଉପସ୍ଥିତ ସଦସ୍ୟ ସ୍ୱର୍ଗତ ମହାପାତ୍ରଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୀନକେତନ ପାଟଶାଣି, ସନ୍ତୋଷ ପ୍ରଧାନ, ଧୀରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆର୍‌ପିଏଫ୍‌ର ରେଜିଙ୍ଗ ଡେ

ଜଟଣୀ,୨୦।୯(ଡି.ଏନ୍.ଏ.)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ମଣ୍ଡଳ ଆରପିଏଫ ପକ୍ଷରୁ ମଙ୍ଗଳବାର ୩୮ତମ ରେଜିଙ୍ଗ ଡେ ପାଳିତ ହୋଇଯାଇଛି। ଏହି ଅବସରରେ ରନ୍ ଫର ୟୁନିଟ ଆୟୋଜିତ ହୋଇଥିଲା। ଖୋର୍ଦ୍ଧାରୋଡ (ଜଟଣୀ) ରେଳ ଷ୍ଟେଶନ ଠାରୁ ସ୍ଥାନୀୟ ରେଳ ଖେଳପଡିଆ ଏବଂ ରେଳ ଖେଳପଡିଆ ଠାରୁ ଏକତା ଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆରପିଏଫ୍ ମଣ୍ଡଳ ସୁରକ୍ଷା ଅଧିକାରୀ ଏମ୍.ସମ୍ବାଶିବ ରାଓ, ସହାୟକ ସୁରକ୍ଷା ଅଧିକାରୀ ଏବଂ ଆରପିଏଫ ପୋଷ୍ଟ ଆଇଆଇସି ମୁନୁ କୁମାର ଶର୍ମା, ବିଦ୍ୟାଧର ସୂତାରଙ୍କ ସମେତ ବହୁ ଅଧିକାରୀ ଏବଂ ଯବାନ ଅଂଶଗ୍ରହଣ କରିଥିଲେ। ଏହି ଡେକୁ ସ୍ମରଣୀୟ କରିବା ପାଇଁ ଆରପିଏଫ ପକ୍ଷରୁ ଚାରାରୋପଣ, ଯୋଗ ସହିତ ସ୍ଥାନୀୟ ଅଞ୍ଚଳର ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା।



ଜଟଣୀ: ରେଜିଙ୍ଗ ଡେ’ ପାଳନ ଅବସରରେ ମଙ୍ଗଳବାର ଖୋର୍ଦ୍ଧାରୋଡ ମଣ୍ଡଳ ଆରପିଏଫ ପକ୍ଷରୁ ବାହାରିଥିବା ଏକତା ଦୌଡ଼।

## ବିଦେଶୀଙ୍କ ସାଇକେଲରେ ପର୍ଯ୍ୟଟନସ୍ଥଳୀ ଯାତ୍ରା

ପିପିଲି,୨୦।୯(ସ୍ୱ.ପ୍ର./ଡି.ଏନ୍.ଏ.)

ଓଡ଼ିଶାକୁ ପରିଭ୍ରମଣରେ ଆସିଥିବା ୪ଜଣ ବିଦେଶୀ ନାଗରିକ ସାଇକେଲ ଯୋଗେ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବୁଲିବାକୁ ବାହାରିଛନ୍ତି। ଫିଲିପାଇନ୍ସର ରେଲ, ଜର୍ମାନର ମିଷ୍ଟର ଥୋମାସ, ମିଷ୍ଟର ଫ୍ରାଙ୍କ, ମିସ୍ ଭେରୋନା ମଙ୍ଗଳବାର ଭୁବନେଶ୍ୱରରୁ ସାଇକେଲରେ ବାହାରି ଧଉଳି ଶାନ୍ତିସ୍ତୁପ ପରିଭ୍ରମଣ କରିଥିଲେ। ପରେ ସେମାନେ ପିପିଲିର ପ୍ରସିଦ୍ଧ ଚାନ୍ଦୁଆ ବଜାର ବୁଲିଥିଲେ। ଚାନ୍ଦୁଆ କାରୁକାର୍ଯ୍ୟ ଦେଖି ଆକର୍ଷିତ ହେବା ସହ ନିର୍ମାଣ ଶୈଳୀ ସମ୍ପର୍କରେ ବୁଝିଥିଲେ। ପିପିଲିରେ ସେମାନଙ୍କୁ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ, ରାଜକିଶୋର ସ୍ୱାଇଁ, ବିଜୟ କୁମାର ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ଦୁର୍ଗାମାଧବ ମିଶ୍ର, ପ୍ରତାପ ବାରିକ, ମନୋରଞ୍ଜନ ମହାପାତ୍ର, ସଞ୍ଜୟ କୁମାର ପ୍ରଧାନ, ପ୍ରଶାନ୍ତ ମହାରଣା, ବସନ୍ତ ଖଣ୍ଡାୟତରାୟ, ହେମନ୍ତ କୁମାର ସେଠୀ, ସାମାଜିକ ଗୁଣନିଧି ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ପ୍ରଧାନ ପ୍ରମୁଖ ଫୁଲତୋଡା ଦେଇ ସ୍ୱାଗତ କରିବା ସହ ଚାନ୍ଦୁଆ ଉପହାର ଦେଇଥିଲେ। ପରେ ସେମାନେ ସେଠାରୁ କୋଣାର୍କକୁ ସାଇକେଲରେ ଯାତ୍ରା କରିଥିଲେ। ଏହି ବିଦେଶୀ ନାଗରିକମାନେ କୋଣାର୍କରୁ ମେରାଇନ ଡ୍ରାଇଭ୍ ରାସ୍ତା ଦେଇ ପୁରୀ, ସାତପଡା, ରମ୍ଭା ଦେଇ କୋରାପୁଟ ଅଭିମୁଖେ ଯାତ୍ରା କରିବେ ବୋଲି ପ୍ରକାଶ କରିଥିଲେ। ଭୁବନେଶ୍ୱର ସାଇକେଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବର ସଦସ୍ୟ ଅଜୟ କୁମାର ନନ୍ଦ ସେମାନଙ୍କୁ ଏଥିରେ ସହଯୋଗ କରୁଛନ୍ତି।

# ‘କାବ୍ୟ ମଧ୍ୟରେ ନାଟକ ଶ୍ରେଷ୍ଠ’



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

## ପରମାନନ୍ଦ କଲେଜରେ ଆଲୋଚନାଚକ୍ର

ବୋଲଗଡ଼,୨୦।୯(ଡି.ଏନ୍.ଏ.)

ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ କଲେଜ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଶାକୁନ୍ତଳେ ନାଟ୍ୟକଳା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭ ପୂର୍ବରୁ ଅନୁଷ୍ଠାନର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ଆୟୋଜିତ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଡ.ଗୀତାଞ୍ଜଳି ତ୍ରିପାଠୀ ପୌରୋହିତ୍ୟ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଗାୟତ୍ରୀ ବରାଡ଼ ଓ ସାଥୀମାନେ ସ୍ତୋତ୍ରପାଠ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ପ୍ରାଧ୍ୟାପିକା ଡ. ଅନସୂୟା ପୃଷ୍ଟି ଆଲୋଚନାଚକ୍ରର ନିର୍ଯାସ ପାଠ କରିଥିଲେ। ଛାତ୍ରୀ ସନ୍ଧ୍ୟାରାଣୀ ସୁବୁଦ୍ଧି, ଲକ୍ଷ୍ମୀପ୍ରିୟା ବେହେରା ସନ୍ଦର୍ଭ ପାଠ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗର ଆସୋସିଏଟ ପ୍ରଫେସର ଡ.ବ୍ରଜସୁନ୍ଦର ମିଶ୍ର ମୁଖ୍ୟ ବକ୍ତା ଓ ପିପିଲି ମହାବିଦ୍ୟାଳୟ ସଂସ୍କୃତ ବିଭାଗର ପ୍ରାଧ୍ୟାପିକା ସୁନନ୍ଦା ତ୍ରିପାଠୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ କାବ୍ୟ ମଧ୍ୟରେ ନାଟକ ଶ୍ରେଷ୍ଠ ଏବଂ ନାଟକମାନଙ୍କ ମଧ୍ୟରେ କାଳିଦାସଙ୍କ ରଚିତ ଅଭିଜ୍ଞାନ ଶାକୁନ୍ତଳମ ଶ୍ରେଷ୍ଠତମ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରାଧ୍ୟାପକ ହେମନ୍ତ ମହାପାତ୍ର, ଜୟନ୍ତ କୁମାର ବିଶ୍ୱାଳ, କର୍ମୋଦୟ ଛୋଟରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଜ୍ୟୋତିଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଡିସେମ୍ବର ୧୮ରେ ‘ରୋଜା’ର ବାର୍ଷିକୋତ୍ସବ

ଜଟଣୀ,୨୦।୯(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଟ୍ରାଫିକ କଲୋନୀସ୍ଥିତ ରେଲୱେ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ରୋଜା ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବୈଠକରେ ସଂସଦ ସଭାପତି ଡ.ସଞ୍ଜୟ ଦାସ ସଭାପତିତ୍ୱ କରିଥିଲେ। ରୋଜାର ବାର୍ଷିକ ଉତ୍ସବ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ଡିସେମ୍ବର ୧୮ରେ ପ୍ରତିବର୍ଷ ଭଳି ବାର୍ଷିକ ଉତ୍ସବ ପାଳନ କରିବା ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ରୋଜାର ନୂତନ ପଦାଧିକାରୀ ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ନୂତନ ସଭାପତି ଭାବେ ପ୍ରସନ୍ନ କୁମାର ମହାନ୍ତି, ସମ୍ପାଦକ ପ୍ରଣତି ସ୍ୱାଇଁ, ସହ-ସମ୍ପାଦକ ଅଲତାଫ ହୁସେନ ଓ ପ୍ରଦୀପ ତ୍ରିପାଠୀ, କୋଷାଧ୍ୟକ୍ଷ ସୁନୀଲ ପାଢ଼ୀ ପ୍ରମୁଖ ମନୋନୀତ ହୋଇଥିଲେ। ସମୀକ୍ଷକ ଅରୁଣ କୁମାର ମହାନ୍ତି, ଉପଦେଷ୍ଟା ଡ. ଗୌରୀପ୍ରସାଦ ସିଂ, ଡ.ତପନ କୁମାର ମିଶ୍ର, ବିଶ୍ୱନାଥ ପଟ୍ଟନାୟକ, ଶିଶିର ପାଢ଼ୀ, ଦିଲୀପ ପାଣିଗ୍ରାହୀ, ସସ୍ମିତା ପ୍ରଧାନ, ଜାକିରୁଦିନ ସାହା, ଡି. ରମେଶ ବାରିକ, କାକୋଲି ମୁନସୀଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ବାର୍ଷିକ ଉତ୍ସବ ମୁଖ ପତ୍ର ‘ଆମ ସ୍କୁଲ’ ପାଇଁ ଅକ୍ଟୋବର ୨୦ ସୁଦ୍ଧା ବିଭିନ୍ନ ଲେଖା ପଠାଇବା ପାଇଁ ସମ୍ପାଦିକା ପ୍ରଣତୀ ସ୍ୱାଇଁ ନିବେଦନ କରିଛନ୍ତି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ୯ ଦଫା ଦାବିରେ ଗାର୍ଡ କାଉନସିଲଙ୍କ ଧାରଣା

ଜଟଣୀ,୨୦।୯(ଡି.ଏନ୍.ଏ.)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ମଣ୍ଡଳ ଗାର୍ଡ କାଉନସିଲ ପକ୍ଷରୁ ମଙ୍ଗଳବାର ୯ଦଫା ଦାବିରେ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ଅଖିଳ ଭାରତୀୟ ରେଲୱେ ଗାର୍ଡ କାଉନସିଲ ଡାକରାରେ ଏହି ଧାରଣା ଦିଆଯାଇଥିଲା। ଅତିକମରେ ୧୨୦ କିଲୋମିଟରକୁ ଭତ୍ତା ପ୍ରଦାନ, ପୂର୍ବ ଲାଇନ ବକ୍ସ ପ୍ରଚଳନ, ସମସ୍ତ ରନିଙ୍ଗ ରୁମମାନଙ୍କରେ ସୁସ୍ୱାଦୁ ଏବଂ ପୁଷ୍ଟିକର ଖାଦ୍ୟ ପ୍ରଦାନ, ବକେୟା ଓଟି ଏବଂ ମାଇଲେଜର ଏରିଅର ପ୍ରଦାନ ସହିତ ସମସ୍ତ ବ୍ରେକ ଭ୍ୟାନମାନଙ୍କରେ ଟ୍ରେନ ମ୍ୟାନେଜରଙ୍କ ପାଇଁ ଉପଯୁକ୍ତ ବସିବା ବ୍ୟବସ୍ଥା ଭଳି ୯ଦଫା ଦାବି ରହିଛି। ଏହି ଅବସରରେ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଜରିଆରେ ଏକ ଦାବିପତ୍ର ସଙ୍ଗଠନ ପକ୍ଷରୁ ରାଲଓେ , ମହାପ୍ରବନ୍ଧକଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ସଙ୍ଗଠନର ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କେନ୍ଦ୍ରୀୟ ସହାୟକ ସାଧାରଣ ସମ୍ପାଦକ ସନ୍ତୋଷ ନିଶଙ୍କ କହିଛନ୍ତି।


ଖୋର୍ଦ୍ଧାରୋଡ୍ ମଣ୍ଡଳ ଗାର୍ଡ କାଉନସିଲ ପକ୍ଷରୁ ୯ଦଫା ଦାବିରେ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ଏସ୍‌ଏଚ୍‌ଜିକୁ ଅଣଦେଖା, ଆନ୍ଦୋଳନ ଚେତାବନୀ

ବୋଲଗଡ,୨୦।୯(ଡି.ଏନ୍.ଏ.)

- ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ
- ପୋଖରୀ ନିଲାମର ପୁନର୍ବିଚାର ନ ହେଲେ ଆନ୍ଦୋଳନ ଚେତାବନୀ

ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସଏଚଜି)ଙ୍କୁ ବିକାଶରେ ସହଭାଗିତା, ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନ ଏବଂ ସ୍ୱରୋଜଗାରକ୍ଷମ ହେବା ଲାଗି ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ବିଭିନ୍ନ ଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି। ପଞ୍ଚାୟତ ସ୍ତରରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ଏସଏଚ୍‌ଜି ଗ୍ରୁପ ମାଧ୍ୟମରେ କରିବା ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ଖୋର୍ଦ୍ଧା ଜିଲା ବୋଲଗଡ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ଅନ୍ତର୍ଗତ କୋଚିଲା ଗାଡିଆ, ଦହିଦି ଗାଡିଆ ଏବଂ ଯୋଡା ପୋଖରୀ ନିଲାମରେ ଏସଏଚଜିକୁ ଅଣଦେଖା କରାଯାଇଛି ବୋଲି ବୋଲଗଡ ପଞ୍ଚାୟତସ୍ତରୀୟ ସଂଘ ତଥା ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ଶୈଳବାଳା ବାହିନୀପତି ଅଭିଯୋଗ ଆଣିବା ସହ ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଅଧିକାରୀ ସୌମ୍ୟରଞ୍ଜନ ରାୟ କୁହନ୍ତି, ବ୍ଲକ ଅଞ୍ଚଳର ୧୯ଟି ପଞ୍ଚାୟତରେ ନିଲାମଯୋଗ୍ୟ ୪୭୫ଟି ପୋଖରୀ ମଧ୍ୟରୁ ୬୮ଟିରୁ ଉର୍ଦ୍ଧ୍ୱ ମହିଳା ଏସଏଚଜି ଉପକୃତ ହୋଇଛନ୍ତି । ୨୫ ହେକ୍ଟର ପୋଖରୀ ମହିଳା ଏସଏଚଜିକୁ ଦେବାକୁ ଲକ୍ଷ୍ୟଧାର୍ଯ୍ୟ ଥିଲାବେଳେ ପ୍ରାୟ ୬୦ ହେକ୍ଟର ପୋଖରୀ ପ୍ରଦାନ କରାଯାଇଛି। ବୋଲଗଡ ପଞ୍ଚାୟତ ପରିପ୍ରେକ୍ଷୀରେ ସଂଘ ଓ ମିଶନ ଶକ୍ତିର ସହମତିରେ ମନୋନୀତ ଏସଏଚଜିର ନାମ ବିଡିଓଙ୍କ ଜରିଆରେ ପଞ୍ଚାୟତକୁ ଚିଠି ମାଧ୍ୟମରେ ସୁପାରିଶ ନ ଥିବାରୁ ବ୍ୟବସ୍ଥା ଅନୁଯାୟୀ ଖୋଲା ନିଲାମ ହୋଇଥିଲା। ତେଣୁ ଏସଏଚଜିକୁ ଅଣଦେଖା କରାଯାଇନାହିଁ। ଅନ୍ୟପଟେ ଏହି ନିଲାମର ପୁନର୍ବିଚାର କରା ନ ଗଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ମହାସଂଘର ସଭାନେତ୍ରୀ ବାହିନୀପତି।


ବୋଲଗଡ଼: ନନ୍ଦିଘୋଷ ସମ୍ମିଳନୀ କକ୍ଷରେ ଭାସ୍କର ମହାପାତ୍ରଙ୍କ ସ୍ମୃତିସଭାରେ ଯୋଗ ଦେଇଥିବା ଅତିଥିମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୯।୨୦୨୨

| ୨,୬୮,୮୬୩ ଟଙ୍କା | |
|---|---|
| ସୁନା | ୫.୭୦୦ ଗ୍ରାମ |
| ରୁପା | ୨୫୯ ଗ୍ରାମ |

## ସଂକ୍ଷେପରେ

### ବଟି ଆଦାୟ କରି ୨ ଗିରଫ

ପୁରୀ ଅଫିସ, ୨୦।୯ -ବାସେଳି ସାହି ଥାନା ଅଞ୍ଚଳରେ ଦୋକାନୀମାନଙ୍କଠାରୁ ବଟି ଆଦାୟ କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗୋଖା ସାହିର ସୁବାସ ବେହେରା (୪୦) ଏବଂ ଲୋକନାଥ ରୋଡ ଷଣ୍ଡ ଜାଗା ନିକଟର ପ୍ରଭାକର ମହାନ୍ତି (୨୮) । ପୋଲିସ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଛୁରି, ଗୋଟିଏ ବାଡି ଏବଂ ନଗଦ ୨୦୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ମଶାଣିଚଣ୍ଡୀ ଛକସ୍ଥିତ ମାଛ ମାର୍କେଟ ପରିସରରେ ଦୁଇଜଣ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଦେଖାଇ ବିଭିନ୍ନ ଦୋକାନୀ ଏବଂ ମାଛ ବିକାଳିଙ୍କଠାରୁ ବଟି ମାଗୁଥିଲେ। ବିଶେଷ ସୂତ୍ରରୁ ପୋଲିସ ଖବରପାଇ ଉକ୍ତ ସ୍ଥାନରେ ଚଢାଉ କରି ଦୁଇଜଣଙ୍କୁ ଗିରଫ କରିଥିଲେ।

### ଦିବ୍ୟାଙ୍ଗ ଲକ୍ଷ୍ମୀଙ୍କୁ ଇଲେକ୍ଟ୍ରି ସିଲେଇ ମେଶିନ ପ୍ରଦାନ

#### ପ୍ରତିଶ୍ରୁତି ରଖିଲେ ଜିଲା ପରିଷଦ ଉପାଧକ୍ଷ

କୋଣାର୍କ,୨୦।୯(ଡି.ଏନ୍.ଏ.)- କୋଣାର୍କ ଥାନା ଅଧୀନ ଅବଦାନ ପଞ୍ଚାୟତ ଯଦୁପୁର ଗ୍ରାମର ସ୍ୱର୍ଗତ ଧ୍ରୁବ ମୁଦୁଲିଙ୍କ ଭିନ୍ନକ୍ଷମ ଝିଅ ଲକ୍ଷ୍ମୀ ମୁଦୁଲିଙ୍କୁ ମଙ୍ଗଳବାର ଏକ ଇଲେକ୍ଟ୍ରି ସିଲେଇ ମେଶିନ ମିଳିଛି। ପ୍ରତିଶ୍ରୁତି ମୁତାବକ ପୁରୀ ଜିଲାପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ ମଙ୍ଗଳବାର ତାଙ୍କୁ ଏହି ମେଶିନ ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ପୁରୀ ଜିଲାପରିଷଦ ଉପାଧକ୍ଷ ନାୟକ ଗତ ପଞ୍ଚାୟତ ଇଲେକ୍ସନ ସମୟରେ ବିଜେଡି ପକ୍ଷରୁ କ୍ୟାମ୍ପେନିଂ କରୁଥିଲେ। କ୍ୟାମ୍ପେନିଂବେଳେ ଯଦୁପୁର ଗ୍ରାମରେ ଭିନ୍ନକ୍ଷମ ଲକ୍ଷ୍ମୀଙ୍କୁ ଭେଟିଥିଲେ। ସେତେବେଳେ ତାଙ୍କୁ ଏକ ସିଲେଇ ମେଶିନ ଯୋଗେଇଦେବେ ବୋଲି ଉପାଧକ୍ଷ ପ୍ରତିଶ୍ରୁତି ଦେଇଥିଲେ। ତେବେ ମଙ୍ଗଳବାର ନାୟକ ଗ୍ରାମକୁ ଯାଇ ତାଙ୍କୁ



ଏକ ସିଲେଇ ମେଶିନ ଦେଇଛନ୍ତି। ନାୟକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଉପାଧକ୍ଷ ନାୟକ ଜଣେ ସୁସଂଗଠକ, ପରୋପକାରୀ ଓ ଦରଦୀ ରାଜନେତା ଭାବେ ସମଗ୍ର କାକଟପୁର ନିର୍ବାଚନ ମଣ୍ଡଳୀର ଘରେ ଘରେ ପରିଚିତ। କାର୍ଯ୍ୟକ୍ରମରେ ଅବଦାନ ଗ୍ରାମପଞ୍ଚାୟତର ଲକ୍ଷ୍ମୀପ୍ରିୟା ସେଣ, ସମିତି ସଭ୍ୟା ଶାନ୍ତିପ୍ରିୟା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପରମ୍ପରା ବ୍ୟବସ୍ଥା ପୂର୍ବଭଳି ଅକ୍ଷୁଣ୍ଣ ରହୁ



ଶ୍ରୀମନ୍ଦିର ଉତ୍ତରଦ୍ୱାର ମେଘନାଦ ପାଚେରି ପାର୍ଶ୍ୱରେ ବ୍ରାହ୍ମଣମାନେ ଖରାରେ ଶ୍ରଦ୍ଧାଳୁଙ୍କ ଶ୍ରାଦ୍ଧ କରୁଛନ୍ତି ।

ପୁରୀ ଅଫିସ,୨୦।୯

### ଶ୍ରୀକ୍ଷେତ୍ରରେ ପିତୃପୁରୁଷଙ୍କ ଶ୍ରାଦ୍ଧ କରିବା ପ୍ରସଙ୍ଗ

ହିନ୍ଦୁଧର୍ମର ଚାରି ଧାମ ମଧ୍ୟରେ ଶ୍ରୀଜଗନ୍ନାଥ ଧାମ ପୁରୀ ହେଉଛି ଅନ୍ୟତମ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଦେଶର ବିଭିନ୍ନ ସ୍ଥାନରୁ ଭକ୍ତ ପୁରୀକୁ ଆସିଥାନ୍ତି। ସେହିପରି ମହାପ୍ରଭୁଙ୍କ କ୍ଷେତ୍ରରେ ଶ୍ରାଦ୍ଧ ଦେଲେ ପିତୃପୁରୁଷ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବର୍ଷକ ବାରମାସ ଭକ୍ତମାନେ ପୁରୀ ଆସି ଶ୍ରାଦ୍ଧ ଦେବା ସହ ପିଣ୍ଡଦାନ କରିଥାନ୍ତି। ବିଶେଷକରି ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ବା ମହାଳୟା ପର୍ଯ୍ୟନ୍ତ ୧୫ ଦିନକୁ ପିତୃପକ୍ଷ ବୋଲି କୁହାଯାଏ। ଏହି ଅବସରରେ ପୂର୍ବରୁ ଶ୍ରୀମନ୍ଦିର ବାଇଶି ପାହଚରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରୁଥିଲେ। ମାତ୍ର କରୋନା ସମୟରେ ମନ୍ଦିର ଭକ୍ତଙ୍କ ପାଇଁ ବନ୍ଦ ରହିବା ସହ ବାଇଶ ପାହଚରେ ଶ୍ରାଦ୍ଧ ଦେବା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ପରେ କରୋନା କଟକଣା ହଟିବା ପରେ ଭକ୍ତଙ୍କ ଯିବା ଆସିବାରେ ସମସ୍ୟା ଥିବା ଦର୍ଶାଇ ବାଇଶ ପାହାଚରେ ଶ୍ରାଦ୍ଧ ଦେବା ଉପରେ କଟକଣା ଜାରି କରାଯାଇଛି। ଫଳରେ ବ୍ରାହ୍ମଣମାନେ ଶ୍ରୀମନ୍ଦିର ଉତ୍ତରଦ୍ୱାର ପାର୍ଶ୍ୱରେ ଥିବା ମେଘନାଦ ପାଚେରିରେ ବସି ଶ୍ରାଦ୍ଧ ଦେଉଛନ୍ତି। ଫଳରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଉଭୟ ଶ୍ରଦ୍ଧାଳୁ ଏବଂ ବ୍ରାହ୍ମଣ। ତେବେ ବିଗତ ବର୍ଷ ପ୍ରଶାସନ ପକ୍ଷରୁ ଉତ୍ତରଦ୍ୱାର ନିକଟରେ ଏକ ଅସ୍ଥାୟୀ ଶେଡ୍ ନିର୍ମାଣ କରାଯାଇଥିବାରୁ ସେଠାରେ ବ୍ରାହ୍ମଣମାନେ ବସି ଶ୍ରାଦ୍ଧ ଓ ପିଣ୍ଡଦାନ କରିଥିଲେ। କିନ୍ତୁ ଚଳିତବର୍ଷ ଉକ୍ତ ସ୍ଥାନରେ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ କୌଣସି ପ୍ରକାର ବ୍ୟବସ୍ଥା କରାଯାଇନାହିଁ। ଫଳରେ ଖରା, ବର୍ଷାରେ ବହୁ ଅସୁବିଧାରେ ଶ୍ରାଦ୍ଧ କରୁଛନ୍ତି। ଅପରପକ୍ଷେ ରାସ୍ତାପାର୍ଶ୍ୱରେ ଶ୍ରାଦ୍ଧ କରାଯାଉଥିବାରୁ ଯାତାୟାତରେ ମଧ୍ୟ ବହୁ ସମସ୍ୟା ଦେଖାଯାଉଛି। ତେଣୁ ଶ୍ରୀମନ୍ଦିର ପରିସରରେ ଶ୍ରାଦ୍ଧ କରିବା ପାଇଁ ନିର୍ଦ୍ଦିଷ୍ଟ ଜାଗା ଯୋଗାଇଦେବାକୁ ବ୍ରାହ୍ମଣମାନେ ଦାବି କରିଛନ୍ତି। ଏ ନେଇ ଜଣେ ବ୍ରାହ୍ମଣ କହିଛନ୍ତି, ଏହି ସମସ୍ୟା ବିଷୟରେ ପ୍ରଶାସନକୁ ଜଣାଇ ଦିଆଯାଇଛି। ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟ ସରିଲେ ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

“ ପୁରୀ ହେଉଛି ଏକ ତୀର୍ଥକ୍ଷେତ୍ର। ଦେଶ ତଥା ଦେଶ ବାହାରୁ ଭକ୍ତମାନେ ପୁରୀ ଆସି ଦାନ ଧର୍ମ, ଶ୍ରାଦ୍ଧ, ଅସ୍ଥି ବିସର୍ଜନ କରିଥାନ୍ତି। ଶ୍ରୀମନ୍ଦିର ବାଇଶ ପାହଚରେ ଶ୍ରାଦ୍ଧ ତଥା ପିଣ୍ଡଦାନ କରିବା ଶାସ୍ତ୍ରୀୟ ପରମ୍ପରା ନ ଥିଲେ ମଧ୍ୟ ତାହା ଏକ ସାମାଜିକ ପରମ୍ପରାରେ ପରିଣତ ହୋଇଥିଲା। ଶ୍ରାଦ୍ଧ ତଥା ପିଣ୍ଡଦାନ କାର୍ଯ୍ୟ କରି ଶତାଧିକ ବ୍ରାହ୍ମଣ ନିଜର ଜୀବନ ନିର୍ବାହ କରୁଥିଲେ। ମାତ୍ର କରୋନା କଟକଣା କାରଣରୁ ସେମାନେ ଜୀବିକା ହରାଇଛନ୍ତି। ମାତ୍ର କରୋନା ପ୍ରଭାବ କମିବା ପରେ ପ୍ରଶାସନ ପକ୍ଷରୁ ଶ୍ରାଦ୍ଧ ପାଇଁ କୌଣସି ବ୍ୟବସ୍ଥା କରାଗଲା ନାହିଁ। ଯଦି ବାଇଶ ପାହାଚରେ ଏପରି ଶ୍ରାଦ୍ଧ କରିବା ବ୍ୟବସ୍ଥା ନ ଥିଲା, ତେବେ ପୂର୍ବରୁ ପ୍ରଶାସନ କାହିଁକି ବ୍ରାହ୍ମଣଙ୍କଠାରୁ ଟଙ୍କା ନେଇ ରସିଦ୍ କାଟି ବାର୍ଷିକ ଲାଇସେନ୍ସ ଦେଉଥିଲା। ଅପରପକ୍ଷେ ପଞ୍ଚତୀର୍ଥ ପୁଷ୍କରିଣୀରେ ଶ୍ରାଦ୍ଧ କରିବା ସମ୍ଭବପର ହେବ ନାହିଁ। ବାଇଶ ପାହାଚରେ ପିଣ୍ଡ ଦେବା ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସ ସହ ଜଡ଼ିତ। ତେଣୁ ବାଇଶ ପାହାଚରେ ଶ୍ରାଦ୍ଧ ଓ ପିଣ୍ଡଦାନ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦେବା ଆବଶ୍ୟକ। ଭାରତବର୍ଷର ଅନ୍ୟ ତୀର୍ଥ ସ୍ଥାନରେ ଶ୍ରାଦ୍ଧ ଓ ପିଣ୍ଡଦାନ ପାଇଁ ସେଠାକାର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ତଥା ସ୍ଥାୟୀ ବ୍ୟବସ୍ଥା ରହିଛି। ତେଣୁ ପୁରୀରେ ମଧ୍ୟ ସରକାରଙ୍କ ପକ୍ଷରୁ ସ୍ଥାୟୀ ବ୍ୟବସ୍ଥା କରାଯାଉ। ଅପରପକ୍ଷେ ପରମ୍ପରାର ବ୍ୟବସ୍ଥା ପୂର୍ବଭଳି ଅକ୍ଷୁଣ୍ଣ ରହିବା ଉଚିତ।

**–ଡ. ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**

“ ପିତୃପକ୍ଷ ଅବସରରେ ଶ୍ରୀମନ୍ଦିର ଉତ୍ତରଦ୍ୱାର ପାର୍ଶ୍ୱ ମେଘନାଦ ପାଚେରି ନିକଟରେ ବ୍ରାହ୍ମଣମାନେ ବସି ଯେଉଁଭଳି ଶ୍ରାଦ୍ଧ ଓ ପିଣ୍ଡଦାନ କରୁଛନ୍ତି, ସେ ସ୍ଥାନ ଉପଯୁକ୍ତ ନୁହେଁ। ଏଥିପ୍ରତି ପ୍ରଶାସନ ପକ୍ଷରୁ ଏକ ସ୍ଥାୟୀ ବ୍ୟବସ୍ଥା କରାଯାଉ। ପୂର୍ବରୁ ବାଇଶ ପାହାଚରେ ଶ୍ରାଦ୍ଧ ଦିଆଯାଉଥିଲା। ମାତ୍ର କରୋନା ସମୟରୁ ସେଠାରେ ଉକ୍ତ କାର୍ଯ୍ୟ ସବୁ ବନ୍ଦ ରହିଛି। ବାଇଶ ପାହାଚରେ ଶ୍ରାଦ୍ଧ ଦେବା ନେଇ କୌଣସି ଶାସ୍ତ୍ରୀୟ ମାନ୍ୟତା ନାହିଁ। ଶ୍ରୀକ୍ଷେତ୍ରର ତୀର୍ଥ ପଞ୍ଚ ପୁଷ୍କରିଣୀରେ ଶ୍ରାଦ୍ଧ ଓ ପିଣ୍ଡଦାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉ।

**–ଦିଲୀପ ବରାଳ, ସାମାଜିକ କର୍ମୀ**

“ ଏବେ ପିତୃପକ୍ଷ ଚାଲିଥିବାରୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ କରିଥିଲି। ମାତ୍ର ବାହାରେ ହେଉଥିବାରୁ ବହୁ ସମସ୍ୟାରେ କରିବାକୁ ପଡିଲା। ଖରା ଏବଂ ବର୍ଷାରେ ଶ୍ରାଦ୍ଧ କରିବାକୁ ପଡୁଛି। ଇଚ୍ଛା ନ ଥାଇ ମଧ୍ୟ ରୋଡ୍ ଉପରେ ବସି ଶ୍ରାଦ୍ଧ କରିବାକୁ ପଡିଲା। ଏଥିପାଇଁ ପ୍ରଶାସନ ଦୃଷ୍ଟିଦେବାର ଆବଶ୍ୟକ ରହିଛି। ଯେପରି ଭକ୍ତମାନେ ଆସି ସୁବିଧାରେ ଶ୍ରାଦ୍ଧ କରିପାରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ସ୍ଥାୟୀ ବ୍ୟବସ୍ଥା କରାଯାଉ। ଶ୍ରୀମନ୍ଦିର ପରିସର ହେଉ ଅବା ଶ୍ରୀମନ୍ଦିର ବାହାରେ ପ୍ରଶାସନ ପକ୍ଷରୁ ସ୍ଥାୟୀ ବ୍ୟବସ୍ଥା କରାଯାଉ। ଶ୍ରଦ୍ଧାଳୁମାନଙ୍କ ଆସ୍ଥା ଓ ବିଶ୍ୱାସ ଉପରେ ପ୍ରଶାସନ ଏପରି କୁଠାରାଘାତ କରିବା ଗ୍ରହଣଯୋଗ୍ୟ ନୁହେଁ।

**–ବିଜୟ କୁମାର ମିଶ୍ର, ଶ୍ରଦ୍ଧାଳୁ**

## ୩୦ରେ ନେହେରୁ ଯୁବ କେନ୍ଦ୍ରର ଯୁବ ଉତ୍ସବ

ପୁରୀ ଅଫିସ,୨୦।୯

ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଚଳିତ ମାସ ୩୦ତାରିଖରେ ଆୟୋଜିତ ହେବ ଯୁବ ଉତ୍ସବ। ଏହାକୁ ଶୃଙ୍ଖଳିତ ଭାବେ ପାଳନ କରିବାକୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅତିରିକ୍ତ ଜିଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି ଯୁବବର୍ଗ ମଧ୍ୟରେ ଏହି ପ୍ରତିଯୋଗିତା ଓ ଯୋଗଦାନ ପାଇଁ ଉତ୍ସାହ ଥିବାରୁ ଏହାକୁ ସୁନ୍ଦର ଭାବେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଏହି ଉତ୍ସବ ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହେବ। ଇଂଲିଶ୍ ବା ହିନ୍ଦୀରେ କବିତା ଲିଖନ, ଚିତ୍ରାଙ୍କନ, ଫଟୋଗ୍ରାଫି, ବକ୍ତୃତା, ଲୋକ ନୃତ୍ୟ ଓ ଯୁବ ସମ୍ବାଦ ବିଷୟକୁ ନେଇ ଆଲୋଚନା ବକ୍ତୃତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସକାଳ ୯ ଟାଠାରୁ ନାମ ପଞ୍ଜୀକରଣ ପରେ ଲୋକ ନୃତ୍ୟ ଓ ଯୁବ ସମ୍ବାଦ ଆଲୋଚନା ବକ୍ତୃତା ପ୍ରତିଯୋଗିତା ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। ସେହିପରି ଅନ୍ୟ ସମସ୍ତ ପ୍ରତିଯୋଗିତା ପୁରୀ ଯୁଥ ହଷ୍ଟେଲରେ ଅନୁଷ୍ଠିତ ହେବ। ଏହି ବୈଠକରେ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର ଜୋଷୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ସଂଗଠକ ରାଜେଶ କୁମାର ମହାନ୍ତି, ବଦ୍ରି ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ଓ ଅନ୍ୟ ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସାଇକେଲରେ ଓଡିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଯାଉଥିବା ୪ ବିଦେଶୀଙ୍କୁ ପିପିଲି ଟୋଲଗେଟ୍ ନିକଟରେ ଖବରଦାତା ସଂଘ ଓ ସାମାଜିକ କର୍ମୀମାନେ ମଙ୍ଗଳବାର ଚାନ୍ଦୁଆ ପ୍ରଦାନ କରୁଛନ୍ତି ।

## ସାଇକେଲରେ ବିଦେଶୀଙ୍କ ପର୍ଯ୍ୟଟନସ୍ଥଳୀ ଯାତ୍ରା

ପିପିଲି,୨୦।୯(ସ୍ୱ.ପ୍ର./ଡି.ଏନ୍.ଏ.)

ଓଡ଼ିଶାକୁ ପରିଭ୍ରମଣରେ ଆସିଥିବା ୪ଜଣ ବିଦେଶୀ ନାଗରିକ ସାଇକେଲ ଯୋଗେ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବୁଲିବାକୁ ବାହାରିଛନ୍ତି। ଫିଲିପାଇନ୍ସର ରେଲ, ଜର୍ମାନୀର ମିଷ୍ଟର ଥୋମାସ, ମିଷ୍ଟର ଫ୍ରାଙ୍କ, ମିସ୍ ଭେରୋନା ମଙ୍ଗଳବାର ଭୁବନେଶ୍ୱରରୁ ସାଇକେଲରେ ବାହାରି ଧଉଳି ଶାନ୍ତିସ୍ତୁପ ପରିଭ୍ରମଣ କରିଥିଲେ। ପରେ ସେମାନେ ପିପିଲିର ପ୍ରସିଦ୍ଧ ଚାନ୍ଦୁଆ ବଜାର ବୁଲିଥିଲେ। ଚାନ୍ଦୁଆ କାରୁକାର୍ଯ୍ୟ ଦେଖି ଆକର୍ଷିତ ହୋଇଥିଲେ। ପିପିଲିରେ ସେମାନଙ୍କୁ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ, ରାଜକିଶୋର ସ୍ୱାଇଁ, ବିଜୟ କୁମାର ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ଦୁର୍ଗାମାଧବ ମିଶ୍ର, ପ୍ରତାପ ବାରିକ, ମନୋରଞ୍ଜନ ମହାପାତ୍ର, ସଞ୍ଜୟ କୁମାର ପ୍ରଧାନ, ପ୍ରଶାନ୍ତ ମହାରଣା, ବସନ୍ତ ଖଣ୍ଡାୟତରାୟ, ହେମନ୍ତ କୁମାର ସେଠୀ, ସାମାଜିକ ଗୁଣନିଧି ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ପ୍ରଧାନ ପ୍ରମୁଖ ଫୁଲତୋଡା ଦେଇ ସ୍ୱାଗତ କରିବା ସହ ଚାନ୍ଦୁଆ ଉପହାର ଦେଇଥିଲେ। ପରେ ସେମାନେ କୋଣାର୍କକୁ ସାଇକେଲରେ ଯାତ୍ରା କରିଥିଲେ। ଏହି ବିଦେଶୀ ନାଗରିକମାନେ କୋଣାର୍କରୁ ମେରାଇନ ଡ୍ରାଇଭ୍ ରାସ୍ତା ଦେଇ ପୁରୀ, ସାତପଡା, ରମ୍ଭା ଦେଇ କୋରାପୁଟ ଅଭିମୁଖେ ଯାତ୍ରା କରିବେ ବୋଲି ପ୍ରକାଶ କରିଥିଲେ। ଭୁବନେଶ୍ୱର ସାଇକେଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବର ସଦସ୍ୟ ଅଜୟ ନନ୍ଦ ସେମାନଙ୍କୁ ଏଥିରେ ସହଯୋଗ କରୁଛନ୍ତି।

## ବିଜେଡିର ମିଶ୍ରଣ ପର୍ବ

ନିମାପଡ଼ା,୨୦।୯(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ତୁଳସୀପୁରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ଏକ ଦଳୀୟ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବିଜେଡି ନିମାପଡ଼ା ବ୍ଲକ ସଭାପତି ଅଶୋକ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ପରିଡ଼ା, ପଞ୍ଚାୟତ ପର୍ଯ୍ୟବେକ୍ଷକ ପ୍ରଭାତ ଦାଶ, ବିଜେଡି ନେତା ମହେନ୍ଦ୍ର ମହାପାତ୍ର, ସୁବାସ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ପ୍ରଦୀପ୍ତ ଦାଶ, ନାରାୟଣ ବେହେରାଙ୍କ ନେତୃତ୍ୱରେ ପଞ୍ଚାୟତର ଆମ୍ଭୋରୋ, ବିଲସାହି, ମୁଣ୍ଡତୋଳା, ଆମ୍ଭୋରୋ ଦଳିତ ସାହିର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ମନ୍ତ୍ରୀ ଦାଶ, ଦଳର ବ୍ଲକ ସଭାପତି ସାହୁ ଦଳରେ ସାମିଲ ହୋଇଥିବା ନୂତନ କର୍ମୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ, ନିର୍ମଳ ଶାସନ ଦକ୍ଷତା, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଦାଶଙ୍କ ଦୃଢ ନେତୃତ୍ୱ, ଶକ୍ତିଶାଳୀ ସାଂଗଠନିକ ସ୍ଥିତି ଉପରେ ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା ନୂତନ କର୍ମୀମାନେ ମତ ରଖିଥିଲେ। ମିଶ୍ରଣ ଦ୍ୱାରା ଚାରିଛକ ଜୋନ ଓ ପଞ୍ଚାୟତରେ ବିଜେଡି ଅଧିକ ଶକ୍ତିଶାଳୀ ହେବ ବୋଲି ମନ୍ତ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ଏହି ପର୍ବରେ ୨ ଶହ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ତହସିଲଦାରଙ୍କୁ ଦାବି ଜଣାଇଲା ନୀଳାଚଳ କୃଷକ ମହାସଂଘ

କଣାସ,୨୦।୯(ସ୍ୱ.ପ୍ର.):

### ଦୟାନଦୀ ଖନନ କାର୍ଯ୍ୟରେ ଅନିୟମିତତା

କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟନଦୀ ଦୟା ଓ ତା’ର ଶାଖା ନଦୀଶଯ୍ୟା ଦୀର୍ଘବର୍ଷ ହେଲା ପୋତି ହୋଇ ପଡିଥିଲା। ଫଳରେ ନଦୀ ଫୁଲି କଣାସରେ ବନ୍ୟାର ଆତଙ୍କ ସୃଷ୍ଟି ହେଉଛି। ବିଭିନ୍ନ ଦାବି ପରେ କିଛି ଦିନ ପୂର୍ବରୁ ନଦୀଖନନ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ଏହି କାର୍ଯ୍ୟରେ ଅନିୟମିତତା ଯୋଗୁ ନୀଳାଚଳ କୃଷକ ମହାସଂଘ କର୍ମକର୍ତ୍ତା ତହସିଲଦାର ସ୍ମୃତିରଞ୍ଜନ ଶତପଥୀଙ୍କୁ ଏନେଇ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ମୁତାବକ, ନଦୀଶଯ୍ୟାରେ ମାଟି ଯୋଗୁ ଏହାର ଖନନ ପାଇଁ ମହାସଂଘ ପକ୍ଷରୁ ବାରମ୍ବାର ଦାବି ପରେ ଆନ୍ଦୋଳନାତ୍ମକ ପନ୍ଥା ନିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବାରୁ ଦୟାନଦୀ ଓ ଲୁଣାନଦୀ ଖନନ ନିମନ୍ତେ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରି ଠିକାଦାର ନିଯୁକ୍ତ କରିଥିଲେ। ଲୁଣାନଦୀ ଖନନବେଳେ କେତେକ ଅନିୟମିତତା ହେବାରୁ କୃଷକ ମହାସଂଘ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଏନେଇ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିୟମାନୁଯାୟୀ, ଖନନ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ହୋଇଥିଲା। ତେବେ ୪ ଦିନ ହେବ ଠିକାଦାର ଦୟାନଦୀ ଖନନ କାର୍ଯ୍ୟ ଆରମ୍ଭ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ, ନଦୀରୁ ଖୋଳା ଯାଉଥିବା ମାଟିକୁ ନଦୀରେ ନ ପକାଇ ନଦୀବନ୍ଧରେ ପକାଇବାକୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ଏଠାରେ ଠିକାଦାରମାନେ ନଦୀ ଖୋଳି ମାଟି ନଦୀ ମଧ୍ୟରେ ପକାଉଛନ୍ତି। ଫଳରେ ଅସରାଏ ବର୍ଷା ହେଲେ ମାଟିରେ ପୁଣି ନଦୀଶଯ୍ୟା ପୋତି ହୋଇ ପଡିବ। ଏନେଇ ସଂଘ ସଭାପତି କେଦାରଶ୍ୱର ପରିଡ଼ା ଓ କେତେକ କର୍ମକର୍ତ୍ତା ଖନନ ସ୍ଥଳକୁ ଯାଇ କାର୍ଯ୍ୟ ଦେଖିବା ପରେ ଠିକାଦାରଙ୍କୁ ପ୍ରତିବାଦ କରିବା ସହ ତହସିଲଦାରଙ୍କୁ ଭେଟିଛନ୍ତି। ଖନନ କାର୍ଯ୍ୟକୁ ସ୍ଥଗିତ ରଖି ରାଜ୍ୟ ସରକାର ଏହାର ଅନୁସନ୍ଧାନ କରନ୍ତୁ ବୋଲି ଦାବି କରିଛନ୍ତି।

## ଗୀତିଗ୍ରନ୍ଥ ଇନ୍ଦ୍ରମଣି ଭଜନମାଳା ଲୋକାର୍ପିତ

ପୁରୀ ଅଫିସ,୨୦।୯

କବି ଇନ୍ଦ୍ରମଣି ସାହୁଙ୍କ ରଚିତ ଗୀତିଗ୍ରନ୍ଥ ଇନ୍ଦ୍ରମଣି ଭଜନମାଳାର ଲୋକାର୍ପଣ ଉତ୍ସବ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖସ୍ଥ ରାଧାବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ଚେତନାଚକ୍ର ସଭାପତି ସାହିତ୍ୟିକ କାଞ୍ଚନାରାୟଣ ମହାନ୍ତି ଏବଂ ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଅତିଥି ରୂପେ ଯୋଗଦେଇ ଇନ୍ଦ୍ରମଣି ଭଜନମାଳାର ପ୍ରଥମ ଓ ଦ୍ୱିତୀୟ ଭାଗକୁ ଉନ୍ମୋଚନ କରି ଲେଖକଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। କଣ୍ଠଶିଳ୍ପୀ ରତ୍ନାକର ବେହେରା ପୁସ୍ତକରୁ ଗୁରୁବନ୍ଦନା ଓ ଶରୀର ତତ୍ତ୍ୱ ଭଜନ ଗାନ କରିଥିଲେ। ଆବାହକ ପୁଷ୍ପେନ୍ଦ୍ର ସାହୁ ସ୍ୱାଗତ କରିଥିବାବେଳେ ସମରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



କବି ଇନ୍ଦ୍ରମଣି ସାହୁଙ୍କ ରଚିତ ଗୀତିଗ୍ରନ୍ଥ ଭଜନମାଳାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## କୋଣାର୍କକୁ ସ୍ୱଚ୍ଛତା, ପ୍ଲାଷ୍ଟିକମୁକ୍ତ କରିବାକୁ ପ୍ରୟାସ

କୋଣାର୍କ,୨୦।୯(ଡି.ଏନ୍.ଏ.)

ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପ ଆନୁକୂଲ୍ୟରେ କୋଣାର୍କଠାରେ ସ୍ୱଚ୍ଛତା ଓ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ସହାୟତାରେ ଅନୁଷ୍ଠାନର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ ଏଥିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତ ପର୍ଯ୍ୟଟନ ମନ୍ତ୍ରଣାଳୟର ଭୁବନେଶ୍ୱର ଶାଖା ସହ-ନିର୍ଦ୍ଦେଶକ ରଶ୍ମି ସୋନିଆ ତିର୍କୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପର୍ଯ୍ୟଟକଙ୍କୁ ପରିମଳ ଅଭ୍ୟାସ ଓ ସ୍ୱଚ୍ଛତା ଉପରେ ସଚେତନତା ସୃଷ୍ଟି ସହ କୋଣାର୍କକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକମୁକ୍ତ ରଖିବା ପାଇଁ ସାମୂହିକ ପ୍ରଚେଷ୍ଟା ଜରୁରୀ ବୋଲି ତିର୍କୀ ମତ ଦେଇଥିଲେ। ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ସପ୍ତାହବ୍ୟାପୀ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ଭୁବନେଶ୍ୱର ଶାଖାର ପର୍ଯ୍ୟଟନ ସୂଚନା ଅଧିକାରୀ ଜଗନ୍ନାଥ ବେହେରା ଯୋଗଦେଇ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ନିଜର କର୍ମ ସ୍ଥଳୀ, ପର୍ଯ୍ୟଟନ ସ୍ଥଳୀ, ଐତିହ୍ୟ ସ୍ଥଳୀ ଓ ସ୍ମାରକୀ ସ୍ଥଳୀକୁ ପରିଷ୍କାର ଓ ପ୍ଲାଷ୍ଟିକମୁକ୍ତ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବାଉଁଶ ତିଆରି ଡଷ୍ଟବିନର ବ୍ୟବହାର ଉପରେ କଣ୍ଢେଇ ନାଚ ଓ ଚଢେଇ ନାଚ ମାଧ୍ୟମରେ ସଚେତନତା କରାଯାଇଥିଲା। କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖ, ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ପରିସର, ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ପୀଠଠାରେ ବାଉଁଶ ତିଆରି ଡଷ୍ଟବିନ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସହନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା, ମାନସ, ପୂଜାଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ନାଟ୍ୟଦୀପ ଅନୁଷ୍ଠାନ ପକ୍ଷରୁ କୋଣାର୍କରେ ସ୍ୱଚ୍ଛତା ଓ ପ୍ଲାଷ୍ଟିକମୁକ୍ତ ସଚେତନତା କରାଯାଉଛି ।


ଷୋଳପୂଜା ଅବସରରେ ମଙ୍ଗଳବାର କଟକ ଚଣ୍ଡୀଙ୍କ ସିଦ୍ଧେଶ୍ୱରୀ ବେଶ।


ଗଡ଼ଚଣ୍ଡୀଙ୍କ କମଳା ବେଶ।


ଝାଞ୍ଜିରୀମଙ୍ଗଳାଙ୍କ ସରସ୍ୱତୀ ବେଶ।


ବାସନ୍ତୀ ଦୁର୍ଗାଙ୍କ ବଗଳାମୁଖୀ ବେଶ।


ପିଠାପୁରସ୍ଥିତ ଧାକୁଲେଇଙ୍କ ବୈଷ୍ଣବୀ ବେଶ।


ବାଙ୍କୀ ଚର୍ଚ୍ଚିକାଙ୍କ ପୀଠରେ ଷୋଳପୂଜାର ଚତୁର୍ଥ ଦିନ।

## ‘ପରିବାର ଶିଶୁର ପ୍ରଥମ ସାଧନ କେନ୍ଦ୍ର’



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ, ୨୦।୯**

### ପିଲାଙ୍କ ପାଇଁ ଦିନଟିଏ ଜିଲାସ୍ତରୀୟ ବୈଠକ

ପରିବାର ଶିଶୁର ପ୍ରଥମ ସାଧନ କେନ୍ଦ୍ର। ପରିବାର ମଧ୍ୟରେ ଉତ୍ତମ ପରିବେଶ ସୃଷ୍ଟି କରି ସ୍ନେହ, ଶ୍ରଦ୍ଧା, ଭକ୍ତିଭାବ ଉଦ୍ରେକ କଲେ ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ତର୍ନିହିତ ଗୁଣର ବିକାଶ ଦିଗରେ ସୁପ୍ରଭାବ ପଡିବ। ଏଥିସହ ଶିଶୁର ମାନସିକତା ପରିପକ୍ୱ ହେବାରେ ବାଧା ସୃଷ୍ଟି ହେବ ନାହିଁ ବୋଲି ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଶାଖା ପକ୍ଷରୁ ପିଲାଙ୍କ ପାଇଁ ଦିନଟିଏ ଜିଲାସ୍ତରୀୟ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମିଶ୍ର ଅଧ୍ୟକ୍ଷତା କରି ବାଲ୍ୟବିବାହର କାରଣ ସହ ଏଥିରୁ ନିବୃତ୍ତ ରହିବା ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ଗୁରୁତ୍ୱ ଦେଇଥିଲେ। କ୍ଲିବଲିଙ୍ଗ ଶିଶୁମାନଙ୍କ ଥଇଥାନ ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସ୍ୱତନ୍ତ୍ର ଭାବେ ଶିଶୁଯତ୍ନ କେନ୍ଦ୍ର କାର୍ଯ୍ୟକାରିତା ପାଇଁ ସରକାରଙ୍କୁ ଅବଗତ କରାଯିବାକୁ ସେ କହିଥିଲେ। ସେହିପରି ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ କହିଥିଲେ, ଶିଶୁଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଭାଗୀଦାରି ବିଭାଗ ନିଷ୍ଠାର ସହ କାର୍ଯ୍ୟ କଲେ କଟକ ଜିଲା ସମଗ୍ର ରାଜ୍ୟରେ ବାଲ୍ୟବିବାହ ନିରୋଧ ଏବଂ ଶିଶୁଶ୍ରମିକ ନିରୋଧ କାର୍ଯ୍ୟରେ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି ସେ କହିଥିଲେ। ସେହିପରି ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ମନ୍ଦାକିନୀ ଜେମା କହିଥିଲେ, କଟକ ଜିଲା ପ୍ରଶାସନ ତ୍ରୟମାସିକ ବୈଠକ କରାଇ ପିଲାଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ଟ୍ରାଫିକ ଏସିପି ଆଶୁତୋଷ ମିଶ୍ର ଯୋଗଦେଇ ଶିଶୁ ଯୌନ ନିର୍ଯାତନା ବନ୍ଦ କରିବା ପାଇଁ ଦୋଷୀକୁ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା କରିବା ନିମନ୍ତେ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଅଭୟ କୁମାର ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ, ଶିଶୁମଙ୍ଗଳ ସମିତି ସଦସ୍ୟ ଅମିୟ ଭୂଷଣ ବିଶ୍ୱାଳ, ଜିଲା ପ୍ରକଳ୍ପ ସଂଯୋଜିକା ନିବେଦିତା ପାଣିଗ୍ରାହୀ, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା କାର୍ଯ୍ୟକ୍ରମ ଅଧିକାରୀ ମଞ୍ଜୁଲତା ନାୟକ ଧନ୍ୟବାଦ ଦେଇଥିଲେ।

## ବାର୍‌ହା ଆକ୍ରମଣରେ ୪ ଆହତ

**କଣ୍ଟାପଡା, ୨୦।୯(ଡି.ଏନ୍.ଏ.)**

- ଅଞ୍ଚଳବାସୀ ଆତଙ୍କିତ
- କାବୁ ପାଇଁ ବନ ବିଭାଗର ଉଦ୍ୟମ
- ସାମିଲ ହେଲେ ନନ୍ଦନକାନନର ଟ୍ରାଙ୍କୁଲାଇଜର ଟିମ୍

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଲିପଡା ଗ୍ରାମରେ ମଙ୍ଗଳବାର ସକାଳେ ଏକ ଜଙ୍ଗଲୀ ବାର୍‌ହା ଆକ୍ରମଣରେ ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମିଳିଥିବା ସୂଚନା ଅନୁଯାୟୀ, ବାଲିପଡା ଗ୍ରାମର କିରଣ ମଲ୍ଲିକଙ୍କ ସ୍ତ୍ରୀ ଲିଜା(୩୦) ମଙ୍ଗଳବାର ସକାଳେ ବାସନ ମାଜୁଥିବାବେଳେ ବାର୍‌ହାଟି ତାଙ୍କୁ ହଠାତ୍ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇ ଚିତ୍କାର କରିବାରୁ ପଡୋଶୀ ମନୋଜ ମଲ୍ଲିକ(୪୨) ଏକ ଠେଙ୍ଗାଧରି ମହିଳାଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ହେଲେ ବାର୍‌ହାଟି ତାଙ୍କୁ ଆକ୍ରମଣ କରି ଆହତ କରିଥିଲା। ଉଭୟଙ୍କ ଚିତ୍କାର ଶୁଣି ଅନ୍ୟ ଜଣେ ପଡୋଶୀ ପ୍ରଦୀପ୍ତ ମଲ୍ଲିକ(୫୫) ସେମାନଙ୍କୁ ଉଦ୍ଧାର କରିବା ପାଇଁ ଆସି ବାର୍‌ହା ଆକ୍ରମଣରେ ଲହୁଲୁହାଣ ହୋଇଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚି ହୋହଲ୍ଲା କରିବାରୁ ବାର୍‌ହା ପଳାଇ ଯାଇଥିଲା। ଆହତମାନଙ୍କୁ ପ୍ରଥମେ ମଇଧରପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଲିଜାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଘଟଣା ପ୍ରଚାର ହେବା ପରେ ବଡଓ୍ୱାଉବରାଇ ଗ୍ରାମର ରଞ୍ଜନ ମଲ୍ଲିକ(୨୭) ବାଲିପଡା ଗ୍ରାମକୁ ବାର୍‌ହା ଦେଖିବାକୁ ଆସିଥିବାବେଳେ ବାର୍‌ହାଟି ତାଙ୍କୁ ମଧ୍ୟ ଆକ୍ରମଣ କରି ଗୁରୁତର କରିଥିଲା। ଫଳରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଏ ସମ୍ପର୍କରେ ଫୁଲନଖରା ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ସାହୁ କହିଛନ୍ତି, ବାର୍‌ହାକୁ କାବୁ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏଥିରେ ଏକ ସ୍ୱତନ୍ତ୍ର ଟିମ୍ ସହ ନନ୍ଦନକାନନରୁ ଆସିଥିବା ଟ୍ରାଙ୍କୁଲାଇଜର ଟିମ୍ ସାମିଲ ହୋଇଛନ୍ତି। ରାତିରେ ପାଟ୍ରୋଲିଂ କରାଯାଇ ବାର୍‌ହା ଗତିବିଧି ଉପରେ ନଜର ରଖାଯାଇଛି।

## ସଂକ୍ଷେପରେ

### ଚୋରି, ୪ ଅଭିଯୁକ୍ତ କୋର୍ଟ ଚାଲାଣ

**ଖୁଣ୍ଟୁଣୀ,୨୦।୯(ଡି.ଏନ୍.ଏ.):** ଚୋରି ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କଣ୍ଟାଣିଆ ଗ୍ରାମର ପ୍ରମୋଦ ସ୍ୱାଇଁ, ରବୀନ୍ଦ୍ର ମଙ୍ଗୁଆଳ, ହଜାରୀ ଖିଲାର ଓ ଅକ୍ଷୟ ଦେହୁରୀ। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, କଣ୍ଟାଣିଆ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ ଘରେ ନ ଥିବାବେଳେ ଅଭିଯୁକ୍ତମାନେ ଗତ ୧୪ ତାରିଖ ରାତିରେ ତାଙ୍କ ଘରର ତାଲା ଭାଙ୍ଗି କାଠକଟା ମେଶିନ ସହ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏ ସମ୍ପର୍କରେ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ଗୀତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୩୦/୨୨) ରୁଜୁ କରିଛି।

### ୬୬ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

**କଟକ ଅଫିସ, ୨୦।୯:** ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ଛକଠାରେ ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇ ଏକ କାର୍ ସହ ୬୬ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳର ଜିତୁ ନାୟକ(୨୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କାର୍ (ନଂ. ଓଆର୍୧୯ଏଚ୍-୨୨୨୨)ରେ ଫୁଲବାଣୀରୁ ଯାଜପୁରକୁ ଗଞ୍ଜେଇ ଚାଲାଣ ହେଉଥିଲା। ଖବରପାଇ ସ୍କ୍ୱାଡ୍‌ର ଏକ ଟିମ୍ ତ୍ରିଶୁଳିଆ ଛକ ନିକଟରେ ଜଗି ରହିଥିଲା। କାର୍‌ଟି ପହଞ୍ଚିବା ପରେ ଅବକାରୀ ଟିମ୍ ଯାଞ୍ଚ କରିବାକୁ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬ ଲକ୍ଷ ୬୦ହଜାର ଟଙ୍କା ହେବ ବୋଲି ସ୍କ୍ୱାଡ୍ ପକ୍ଷରୁ ସୂଚନା ଦିଆଯାଇଛି।

### ରାସ୍ତାରୁ ଗୋରୁ ହଟାଇବାକୁ ପୋଲିସର ଅଭିଯାନ

**କଟକ ସଦର, ୨୦।୯(ଡି.ଏନ୍.ଏ.):** ୪୨ ମୌଜାର ମୁଖ୍ୟରାସ୍ତାରେ ପ୍ରତିଦିନ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଗୋରୁପଲ ଶୋଇ ରହୁଛନ୍ତି। ଏଥିଯୋଗୁ ଗାଡି ଚଳାଚଳରେ ସମସ୍ୟା ସହ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ୪୨ ମୌଜା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ମାଲିକମାନେ ନିଜ ଗୋରୁକୁ ସନ୍ଧ୍ୟା ପୂର୍ବରୁ ଘରକୁ ନେଇଯିବା ପାଇଁ ସୋମବାର ସନ୍ଧ୍ୟାରୁ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ନଚେତ୍ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ସୂଚନା ଦେଇଛନ୍ତି।

### ଆସାମରୁ ଅପହୃତା ଯୁବତୀ ଉଦ୍ଧାର

**କଟକ ଅଫିସ,୨୦।୯:** ଆସାମରୁ ଅପହରଣ ହୋଇଥିବା ଜଣେ ଯୁବତୀଙ୍କୁ କଟକ ରେଳଷ୍ଟେଶନରୁ ସୋମବାର ରାତିରେ ଉଦ୍ଧାର କରାଯାଇଛି। ଆସାମ ପୋଲିସଠାରୁ ସୂଚନା ପାଇ କଟକ ରେଳସୁରକ୍ଷା ବଳ(ଆର୍‌ପିଏଫ୍) କଟକ ରେଳଷ୍ଟେଶନରେ ତନଖି କରିଥିଲା। ଯୁବତୀ ଜଣଙ୍କୁ ଆସାମରୁ ଅପହରଣ କରି ତମ୍ୱରମ ଏକ୍ସପ୍ରେସ୍‌ରେ ଚେନ୍ନାଇ ନିଆଯାଉଥିବା ଜଣାପଡିଥିଲା। ଉକ୍ତ ଟ୍ରେନ୍ ରାତି ପ୍ରାୟ ୧ଟାରେ କଟକ ରେଳଷ୍ଟେଶନରେ ପହଞ୍ଚିଥିଲା। ଆର୍‌ପିଏଫ୍ କର୍ମଚାରୀ ଟ୍ରେନ୍‌ର ସମସ୍ତ ବଗି ତନଖି କରିବା ପରେ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ପରେ ଆସାମ ପୋଲିସକୁ ଜଣାଇଥିଲେ। ଆସାମ ପୋଲିସ ଯୁବତୀଙ୍କ ପରିବାର ଲୋକଙ୍କୁ ସଙ୍ଗରେ ନେଇ ମଙ୍ଗଳବାର ଏଠାରେ ପହଞ୍ଚିଥିଲା। ଆର୍‌ପିଏଫ୍ ପକ୍ଷରୁ ଯୁବତୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।



କଟକ କଳାବିକାଶ କେନ୍ଦ୍ର ମିନିହଲ୍‌ରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଶିଳ୍ପୀ ରବି ରଥଙ୍କ ଦ୍ୱାରା ପ୍ରସ୍ତୁତ ମହାତ୍ମା ଗାନ୍ଧୀଙ୍କ ମୃଣ୍ମୟ ପ୍ରତିକୃତି।

## ବିଜ୍ଞାନ କର୍ମଶାଳା, କୁଇଜ ପ୍ରତିଯୋଗିତା

**କଟକ ଅଫିସ, ୨୦।୯**

କଟକସ୍ଥିତ ଖାନ୍‌ନଗର ସରକାରୀ ହାଇସ୍କୁଲରେ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀର ମଙ୍ଗଳବାର ଥିଲା ଦ୍ୱିତୀୟ ଦିନ। ଏହି ଦିବସରେ ବିଜ୍ଞାନ କର୍ମଶାଳା, କୁଇଜ୍ ଓ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ସହାୟତାରେ ଅନୁଷ୍ଠିତ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡକୁ ସଂଯୋଜକ ହିମାଂଶୁ ଶେଖର ଶତପଥୀ ସଂଯୋଜନା କରିଥିଲେ। ଏଥିସହ ସେମିନାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ସିଇଆର୍‌ଟି ଡିଇଏସ୍ଏମ୍‌ର ପ୍ରଫେସର ରବୀନ୍ଦ୍ରନାଥ ପରାସର ଓ ଏସ୍‌ସିଇଆର୍‌ଟିର ଦିଲ୍ଲୀପ କୁମାର ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ ରାଉତ, ଦୀପ୍ତିମୟୀ ଶୁଭଦର୍ଶିନୀ, ସୋନାମିକା ରାୟ, ଅକ୍ଷୟ ନନ୍ଦ, ପ୍ରଧାନ ଶିକ୍ଷୟିତ୍ରୀ ଡ. ଅନୁସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବିସ୍ଥାପିତ ହେବେ ୫୦ ତଫସିଲଭୁକ୍ତ ଜନଜାତି ପରିବାର

**କଟକ ସଦର, ୨୦।୯(ଡି.ଏନ୍.ଏ.)**

- ପ୍ରତି ବିସ୍ଥାପିତଙ୍କୁ ୪ ଡିସିମିଲ ଜାଗା ଦିଆଯିବ
- ଆପତ୍ତି ଅଭିଯୋଗ ଥିଲେ ତହସିଲ କାର୍ଯ୍ୟାଳୟରେ ଜଣାଅ

୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ କନ୍ଦରପୁର ପଞ୍ଚାୟତର ସିଦ୍ଧେଶ୍ୱରପୁର ମୌଜାରୁ ୫୦ ତଫସିଲଭୁକ୍ତ ଜନଜାତି ପରିବାର ବିସ୍ଥାପିତ ହେବେ। ଖୁବ୍‌ଶୀଘ୍ର ସେମାନଙ୍କୁ ପରମହଂସ ପଞ୍ଚାୟତ ରଘୁନାଥପୁର ଗ୍ରାମର ବାଲିକାନ୍ତିଆ ନିକଟରେ ସ୍ଥାପିତ କରିବା ପାଇଁ କଟକ ଜିଲା ପ୍ରଶାସନ ନିଷ୍ପତି ନେଇଛି। ଏଠାରେ ଥିବା ଅନାବାଦୀ କିସମ ଜାଗାରୁ ପ୍ରତି ବିସ୍ଥାପିତଙ୍କୁ ୪ ଡିସିମିଲ ଲେଖାଏ ଜାଗା ଦିଆଯିବ। ଏହାବାଦ୍ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଗାଇ ଦିଆଯିବ। ନିରୂପିତ ଜାଗା ଉପରେ ସ୍ଥାନୀୟ ଅଞ୍ଚଳର କାହାର ଆପତ୍ତି ଅଭିଯୋଗ ଥିଲେ ତୁରନ୍ତ କଟକ ସଦର ତହସିଲ କାର୍ଯ୍ୟାଳୟରେ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। କନ୍ଦରପୁର ଲେଭଲ କ୍ରସିଂ ନିକଟରେ ବହୁ ଦିନରୁ ବସବାସ କରୁଥିବା ଏହି ପରିବାରଗୁଡିକୁ ବିସ୍ଥାପିତ କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ନିଷ୍ପତ୍ତି ଗ୍ରହଣ କରିଛନ୍ତି। କାରଣ ଉକ୍ତ ଜାଗା ପ୍ରାଧିକରଣର। ଅପରପକ୍ଷରେ ଅନାବାଦୀ ଜାଗାକୁ ବାସପୋଯୋଗୀ କରିବା ପାଇଁ ମଧ୍ୟ କ୍ଷତିଗ୍ରସ୍ତ ପରିବାରଗୁଡିକୁ ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ରହିଛି ବୋଲି କଟକ ସଦର ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ବାପା ଆଣିଲେ ହତ୍ୟା ଅଭିଯୋଗ

### କେନାଲରୁ ଯୁବକଙ୍କ ମୃତଦେହ ଜବତ

**କଣ୍ଟାପଡା, ୨୦।୯(ଡି.ଏନ୍.ଏ.)**

ନିଆଳି ଡିଷ୍ଟ୍ରିବ୍ୟୁଟାରୀ କେନାଲରୁ ଓଲଟପୁର ପୋଲିସ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଅଡଶପୁର ବେଢ଼ାସାହିର ରାଜ କୁମାର ବିଶ୍ୱାଳ(୨୨)। ତାଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରି ଫିଙ୍ଗି ଦେଇଥିବା ତାଙ୍କ ବାପା ରଘୁନାଥ ବିଶ୍ୱାଳ ଓଲଟପୁର ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଦଫା ୩୦୨ ଅନୁଯାୟୀ, ପୋଲିସ ଏକ ହତ୍ୟା ମାମଲା(ନଂ.୧୦୦/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ସୋମବାର ବେଢ଼ାସାହିରେ ଗଣେଶ ଭସାଣି ହୋଇଥିଲା। ପରେ ସାହିର ସମସ୍ତ ପିଲା ଘରକୁ ଫେରି ଆସିଥିଲେ। ହେଲେ ରାଜକୁମାର ଘରକୁ ଫେରି ନ ଥିଲେ। ପରିବାର ସଦସ୍ୟ ଓ ସାହିଲୋକ ଚାରିଆଡେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ରାଜକୁମାରଙ୍କ ମୃତଦେହ କେନାଲରେ ଭାସୁଥିବା ଖବରପାଇ ଘରଲୋକ ସେଠାରେ ପହଞ୍ଚିଥିଲେ। ପରେ ଅଡଶପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ପାଣିରୁ ମୃତଦେହ ଉଦ୍ଧାର କରିଥିଲେ।

## ‘ଦେଶସେବାରେ ସାମିଲ ହୁଅନ୍ତୁ ଛାତ୍ରୀଛାତ୍ର’

**ଚୌଦ୍ୱାର,୨୦।୯(ଡି.ଏନ୍.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ କାୟାକଳ୍ପ ପକ୍ଷରୁ ସ୍ଥାନୀୟ ସରକାରୀ ମ୍ୟୁନିସପାଲ ହାଇସ୍କୁଲରେ ଅମୃତ ମହୋତ୍ସବ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସେଣ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ତଥା ଅବସରପ୍ରାପ୍ତ ପୋଲିସ ଅଧିକାରୀ ରାଜ କିଶୋର ସ୍ୱାଇଁ ପ୍ରତିଯୋଗିତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇବା ସହ ଭଲ ପାଠ ପଢ଼ି ଦେଶସେବାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାକୁ ତ୍ରିଲୋଚନ ଦାଶ, ଗୁରୁଜନ ଖୁଣ୍ଟିଆ ପରିଚାଳନା କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗୀତା ସାହୁ ଧନ୍ୟବାଦ ଦେଇଥିଲେ।



ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ରେଜିଙ୍ଗ ଡେ’ ପାଳନ ଅବସରରେ ମଙ୍ଗଳବାର କଟକ ଆର୍‌ପିଏଫ୍ ପକ୍ଷରୁ ସ୍ଥାନୀୟ ରେଲ୍‌ୱେ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିର।

## ପରିମଳ ବ୍ୟବସ୍ଥା ତଦାରଖ କରିବେ କ୍ଲଷ୍ଟର ସଂଯୋଜକ

**କଟକ ଅଫିସ, ୨୦।୯**

### ୩ ଦିନିଆ ତାଲିମ ଶିବିର ଉଦ୍‌ଘାଟିତ

ପରିମଳ ବ୍ୟବସ୍ଥା ତଦାରଖ କରିବା ପାଇଁ ୩୦ କ୍ଲଷ୍ଟର ସଂଯୋଜକ ଏବଂ ଅନ୍ୟ ବିଶେଷଜ୍ଞଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ନିୟୋଜିତ କରାଯାଇଛି। ଉକ୍ତ କ୍ଲଷ୍ଟର ସଂଯୋଜକମାନଙ୍କ ତାଲିମ ନିମନ୍ତେ ସିଏମ୍‌ସି କାଉନ୍‌ସିଲ ହଲ୍‌ରେ ୩ ଦିନିଆ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ଦିନଗୁଡ଼ିକରେ କ୍ଲଷ୍ଟର ସଂଯୋଜକମାନଙ୍କୁ କଟକ ସହରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଘରୋଇ ସ୍ୱେରେଜ୍ ଏବଂ ଜଳ ସଂଯୋଗର ସୁବିଧା ସମ୍ପର୍କରେ ତାଲିମ ଦିଆଯିବ। ପ୍ରଥମେ ସମସ୍ତ କ୍ଲଷ୍ଟର କୋଅର୍ଡିନେଟର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ପରିଦର୍ଶନ କରି ବର୍ଜ୍ୟବସ୍ତୁରୁ ଖତ ପ୍ରସ୍ତୁତ ପ୍ରଣାଳୀ ବୁଲି ଦେଖିଥିଲେ। ଏହାପରେ ବିଜୁଭବନ ସମ୍ମେଳନ କକ୍ଷରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଲ ପଓ୍ୱନ କଲ୍ୟାଣ ଯୋଗଦେଇ ସିଏମ୍‌ସିର କଠିନ ବର୍ଜ୍ୟବସ୍ତୁ ପରିଚାଳନାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏଥିରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଡେପୁଟି କମିଶନର ସଞ୍ଜିବିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଜାଇକା ଏବଂ ଓଡ଼ିଶା ଇଣ୍ଟିଗ୍ରେଟେଡ୍ ସାନିଟେସନ ଇମ୍ପ୍ରୁଭମେଣ୍ଟ ପ୍ରୋଜେକ୍ଟରେ କାର୍ଯ୍ୟ କରିବାକୁ ଏହି କ୍ଲଷ୍ଟର ସଂଯୋଜକମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ଜାଇକା ପକ୍ଷରୁ ମାସିକ ଦରମା ପାଇବେ। ସିଏମ୍‌ସି ଏବଂ ଜାଇକାର ମିଳିତ ସହଯୋଗରେ କାମ କରିବେ। ସିଏମ୍‌ସି ଅନ୍ତର୍ଗତ ୱାର୍ଡଗୁଡିକ ଉପରେ ସେମାନେ ନଜର ରଖିବା ସହ ଘରୋଇ ଜଳ ନିଷ୍କାସନ, ଘରୋଇ ଜଳ ସଂଯୋଗ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରିବେ ବୋଲି ଜଣାପଡିଛି।



ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ବିଭିନ୍ନ ଶିକ୍ଷକ ସଂଘର ପ୍ରତିନିଧି

ଭୁବନେଶ୍ୱର, ୨୦।୯(ବ୍ୟୁରୋ)- ରାଜ୍ୟର ବିଭିନ୍ନ ଶିକ୍ଷକ ସଂଘର ପ୍ରତିନିଧିମାନେ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ତାଙ୍କ ଲୋକସେବା ଭବନସ୍ଥ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟିଛନ୍ତି। ଓଷ୍ଟା, ନିଖିଳ ଉତ୍କଳ ପ୍ରାଥମିକ ସ୍କୁଲ ଶିକ୍ଷକ ଫେଡେରେଶନ, ଉତ୍କଳ ସଂସ୍କୃତ ମହାସଂଘ, ନିଖିଳ ସଂସ୍କୃତ ମହାମଣ୍ଡଳମ୍, ନିଖିଳ ଓଡ଼ିଶା ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ତଥା ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନ ଯୋଜନା ଶିକ୍ଷକ ସଂଘ, ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ, ନିଖିଳ ଓଡ଼ିଶା ଉର୍ଦ୍ଦୁ ପାର୍ସିଆନ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ସେମାନଙ୍କ ଅନୁଷ୍ଠାନର ଦାବି ସମ୍ପର୍କରେ ଜଣାଇଥିଲେ। ସଂଘଗୁଡ଼ିକର ପ୍ରତିନିଧିମାନେ ମନ୍ତ୍ରୀ ଦାଶଙ୍କ ସହ ଆଲୋଚନା କରିବା ପରେ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ସେପଟେ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ସଫଳ ହୋଇଥିବାରୁ ଦାବିଗୁଡ଼ିକ ପୂରଣ ହେବ ବୋଲି ଶିକ୍ଷକ ସଂଘଗୁଡ଼ିକ ଆଶାବ୍ୟକ୍ତ କରିଛନ୍ତି। ଏହି ଆଲୋଚନା ସମୟରେ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍., ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଓସେପା) ଅନୁପମ ଶାହା, ବିଭାଗୀୟ ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନନ୍ଦ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ଅତିରିକ୍ତ ସଚିବ ଧରମ ହାଂସଦା, ସମ୍ବିତ କୁମାର ନାୟକ, ବିଭାଗୀୟ ବରିଷ୍ଠ ଅଧିକାରୀ ଖଗେନ୍ଦ୍ର କୁମାର ପାଢ଼ୀ, ଅନୁଶାସନ ସଚିବ ବିଚିତ୍ରାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ୧୦୨ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ ଅଫିସ,୨୦।୯- ପୁରୀ ଟାଉନ ଥାନା ପକ୍ଷରୁ ଆମ ପୋଲିସ ବୈଠକ ଓ ରକ୍ତଦାନ ଶିବିର ଟାଉନ ଥାନା ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ଏସ୍‌ପି ଡ. କନୱର ବିଶାଲ ସିଂହ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ପୋଲିସ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଉକ୍ତ ଶିବିରରେ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଥାନା ପରିସରରେ ଏକ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ପି ସିଂହଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ସହ ସମସ୍ୟାର ସମାଧାନ ଉପରେ ଆଲୋଚନା ହୋଇଥିଲା। ଉକ୍ତ ରକ୍ତଦାନ ଶିବିର ଏବଂ ବୈଠକରେ ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଟ୍ରାଫିକ ଡିଏସ୍‌ପି ମୋନାବ୍ରତା ଶତପଥୀ, ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଥାନା ଅଧୀନରେ ଥିବା ବିଭିନ୍ନ ସାହିର ବାସିନ୍ଦା ଉପସ୍ଥିତ ଥିଲେ।

# ବାଗେଡ଼ିଆ ଧର୍ମଶାଳାକୁ ଦଖଲ କଲା ପ୍ରଶାସନ

- ଅନ୍ତେବାସୀଙ୍କ ରହିବା ନେଇ ଉଠୁଛି ପ୍ରଶ୍ନ
- ପୂର୍ବରୁ ବଗଲା ଧର୍ମଶାଳା ଦଖଲକୁ ନେଇଥିଲା

ପୁରୀ ଅଫିସ, ୨୦।୯



ପ୍ରଶାସନ ପକ୍ଷରୁ ନୋଟିସ ଲଗାଯାଇଛି ।



ବାଗେଡିଆ ଧର୍ମଶାଳା

ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଥିବା ବାଗେଡ଼ିଆ ଧର୍ମଶାଳାକୁ ଜିଲା ପ୍ରଶାସନ ନିଜ ଦଖଲକୁ ନେଇଛି। ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ସକାଳେ ଜିଲା ପ୍ରଶାସନ ସରକାରୀ ଖାତାରେ ରହିଥିବା ଏହି ଧର୍ମଶାଳାର ଜାଗା ଓ ଘରକୁ ଦଖଲ କରିନେଇଛି। ଏହି ଧର୍ମଶାଳାଟି ୪୬ ଡିସିମିଲ ପରିମିତ ଜାଗାରେ ହୋଇଥିବା ବେଳେ ଜି ପ୍ଲସ୍୨ର ନିର୍ମାଣ ରହିଥିଲା। କିନ୍ତୁ ସରକାରୀ ଖାତାରେ ଥିବା ଏହି ଧର୍ମଶାଳାକୁ ବ୍ୟବସାୟୀକରଣ ଭାବରେ ଲଗାଯାଇଥିବାରୁ ୧୯୯୦ରେ ଏନେଇ ତହସିଲଦାର କୋର୍ଟ ଓ ପରେ ୧୯୯୮ରେ ଏଡିଏମ କୋର୍ଟରେ ମାମଲା ରୁଜୁ ହୋଇଥିଲା। ତେବେ ୨୦୨୧ ମସିହାରେ କୋର୍ଟ ମାମଲାର ଶୁଣାଣି କରି ବାଗେଡିଆ ଧର୍ମଶାଳାକୁ ସରକାରୀ ଖାତାକୁ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମଙ୍ଗଳବାର ପୁରୀ ତହସିଲଦାରଙ୍କ ଉପସ୍ଥିତିରେ ଉକ୍ତ ଧର୍ମଶାଳାକୁ ପ୍ରଶାସନ ନିଜ ଦଖଲକୁ ନେଇଛି।

ସୂଚନା ଅନୁଯାୟୀ, ବାଗେଡିଆ ଧର୍ମଶାଳା ଚୁକ୍ତିନାମା ଖିଲାପ କରିବା ଅଭିଯୋଗକୁ ନେଇ ଧର୍ମଶାଳାକୁ ପ୍ରଶାସନ ନିଜ ଅଧୀନକୁ ନେଇଛି। ତେବେ ଜିଲା ପ୍ରଶାସନ ଧର୍ମଶାଳାକୁ ନିଜ ଦଖଲକୁ ନେବା ପରେ ଧର୍ମଶାଳା ପରିସରରେ ଏକ ନୋଟିସ୍ ମାରିଛି। ଯେଉଁଥିରେ ଉଲ୍ଲେଖ ରହିଛି, ପ୍ରଶାସନର ବିନା ଅନୁମତିରେ ପ୍ରବେଶ ନିଷେଧ। ତେବେ ବାଗେଡିଆ ଧର୍ମଶାଳା ପରିସରରେ ସିଂହଦ୍ୱାର ଥାନା, ଆରଆଇ ଅଫିସ ଚାଲୁଛି। ସେହିପରି ଧର୍ମଶାଳାରେ ବାହାରୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକମାନେ ସୁଲଭ ମୂଲ୍ୟରେ ରହୁଥିଲେ। ମାତ୍ର ଧର୍ମଶାଳାର ଟ୍ରଷ୍ଟ ବୋର୍ଡ ଏହି ନିୟମ ଉଲ୍ଲଂଘନ କରି ଧର୍ମଶାଳାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ଲଗାଇବା ନେଇ ଅଭିଯୋଗ ହୋଇଥିଲା। ତେବେ ଧର୍ମଶାଳା ଟ୍ରଷ୍ଟ ବୋର୍ଡ ନିୟମ ଉଲ୍ଲଂଘନ କରିଥିବା ହେତୁ ଧର୍ମଶାଳାକୁ ଜିଲା ପ୍ରଶାସନ ନିଜ ଅଧୀନକୁ ନେଇ ମଙ୍ଗଳବାର ସବୁ ରୁମକୁ ସିଲ୍ କରିଛି। ଖାତା ନଂ. ୬୬୧ ଦୋଳମଣ୍ଡପ ସାହିର ମୌଜା ୧ରେ ଥିବା ଏହି ୪୬.୫୦୦ ଡିସିମିଲ ଜମିକୁ ଜିଲା ପ୍ରଶାସନ ନିଜ ଅଧୀନକୁ ନେଇଥିବା ପୁରୀ ତହସିଲଦାର କ୍ଷୀରୋଦ କୁମାର ବେହେରା କହିଛନ୍ତି। ଏହି ଧର୍ମଶାଳା ସରକାରୀ ଜମି ଉପରେ ହୋଇଥିଲା। ଯେଉଁଟା କି ସରକାର ଟ୍ରଷ୍ଟ ବୋର୍ଡକୁ ଧର୍ମଶାଳା ଚଳେଇବାକୁ ଦେଇଥିଲେ। କିନ୍ତୁ ଧର୍ମଶାଳାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ଲଗାଇବା ନେଇ ସରକାରଙ୍କ ଦୃଷ୍ଟିରେ ପଡିଥିଲା । ଏନେଇ କୋର୍ଟରେ କେସ୍ ହୋଇଥିଲା। ତେବେ ସେହି କେସ୍‌ର ଫଳାଫଳ ଅନୁଯାୟୀ ଜିଲା ପ୍ରଶାସନ ଧର୍ମଶାଳାକୁ ନିଜ ଦଖଲକୁ ନେଇଛି। ଧର୍ମଶାଳାର ସମସ୍ତ ଘରକୁ ସିଲ୍ କରାଯାଇଛି। ତେବେ ଧର୍ମଶାଳା ପରିସରରେ ଚାଲିଥିବା ସିଂହଦ୍ୱାର ଥାନା ଏବଂ ଆରଆଇ କାର୍ଯ୍ୟାଳୟ ପୂର୍ବଭଳି ଚାଲିବ। ଲୋକମାନେ ସେଠାକୁ ଆସିପାରିବେ ମାତ୍ର ଧର୍ମଶାଳାରେ କାର୍ଯ୍ୟ ଥିଲେ ପ୍ରଶାସନକୁ ଜଣାଇବାକୁ ପଡିବ ବୋଲି ତହସିଲଦାର ବେହେରା କହିଛନ୍ତି।

ଅପରପକ୍ଷେ ବଡଆଖଡା ମଠକୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଉଚ୍ଛେଦ କରାଯିବା ପରେ ସେଠାରେ ରହୁଥିବା ଅନ୍ତେବାସୀଙ୍କୁ ମଠ ପକ୍ଷରୁ ବାଗେଡିଆ ଧର୍ମଶାଳାରେ ରଖାଯାଇଥିଲା। ସେମାନେ ସେବେଠାରୁ ଧର୍ମଶାଳାରେ ରହିଆସୁଥିଲେ। ମାତ୍ର ଧର୍ମଶାଳା ପ୍ରଶାସନ ହାତକୁ ଯିବା ପରେ ସେମାନେ କୁଆଡେ ଯିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏନେଇ ଜଣେ ଅନ୍ତେବାସୀଙ୍କ କହିବା ଅନୁଯାୟୀ, ତାଙ୍କ ଘର ବ୍ରହ୍ମପୁର ହୋଇଥିବା ବେଳେ ସେ ଦୀର୍ଘବର୍ଷ ହେବ ପୁରୀ ଆସି ବଡଆଖଡା ମଠରେ ରହି ମଠର ସେବା କରୁଥିଲେ। ତେବେ ମଠ ଭାଙ୍ଗିବା ପରେ ମଠ ତାଙ୍କୁ ଆଣି ବାଗେଡିଆ ଧର୍ମଶାଳା ପରିସରରେ ରଖିଥିଲେ। ମାତ୍ର ଏବେ ଧର୍ମଶାଳାକୁ ପ୍ରଶାସନ ସିଲ କରିନେଇଛି। ତେଣୁ ସେମାନଙ୍କ ରହିବା ପାଇଁ ସ୍ଥାନ ନାହିଁ। ମଠ ତାଙ୍କୁ ଯେଉଁଠାରେ ରଖିବ ସେ ସେଠାରେ ରହିବେ ବୋଲି କହିଛନ୍ତି। ତେବେ ପୂର୍ବରୁ ବଗଲା ଧର୍ମଶାଳାକୁ ପ୍ରଶାସନ ଭାଙ୍ଗି ନିଜ ଦଖଲକୁ ନେଇଥିବା ବେଳେ ଏବେ ବାଗେଡ଼ିଆ ଧର୍ମଶାଳାକୁ ପ୍ରଶାସନ ନିଜ ଅଧୀନକୁ ନେଇଛି। ପୂର୍ବରୁ ଭକ୍ତମାନେ ସୁଲଭ ମୂଲ୍ୟରେ ଧର୍ମଶାଳାଗୁଡିକରେ ରହୁଥିଲେ। ମାତ୍ର ଧର୍ମଶାଳାଗୁଡିକ ଭାଙ୍ଗିଦିଆଯିବା ଫଳରେ ଯାତ୍ରୀମାନେ ରହିବାକୁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏବେ ବାଗେଡିଆ ଧର୍ମଶାଳା ପ୍ରଶାସନ ହାତକୁ ଯିବା ପରେ ଯାତ୍ରୀମାନେ ଆଗାମୀ ଦିନରେ ଅନେକ ସମସ୍ୟାର ସମ୍ମୁଖୀନ ହେବେ। ଯଦି ସରକାର ଧର୍ମଶାଳାରେ ଯାତ୍ରୀମାନଙ୍କ ରହିବା ପାଇଁ ସୁବିଧା କରନ୍ତେ ତେବେ ଭଲ ହୁଅନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଶ୍ରୀମନ୍ଦିର, ଏକାମ୍ର, କୋଣାର୍କ ପ୍ରକଳ୍ପକୁ ମିଳିଲା ଏନ୍‌ଓସି

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଭୁବନେଶ୍ୱର ଏକାମ୍ର ପ୍ରକଳ୍ପ ଏବଂ କୋଣାର୍କ ପ୍ରକଳ୍ପ ପାଇଁ ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷ (ଏନ୍‌ଏମ୍‌ଏ) ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ଦେଇଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ରାଜ୍ୟ ସଂସ୍କୃତି ବିଭାଗକୁ ଅବଗତ କରାଯାଇଛି। ପ୍ରତିବନ୍ଧିତ ଅଞ୍ଚଳରେ ହେଉଥିବା ନିର୍ମାଣ କାର୍ଯ୍ୟକୁ ଅନୁମତି ଦିଆଯାଇଛି। ଏନ୍‌ଏମ୍‌ଏ କଟକଣା ରହିଥିବାରୁ ଉକ୍ତ ଅଞ୍ଚଳରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇପାରୁ ନ ଥିଲା। ଏହି କଟକଣାକୁ ହଟାଇବା ପାଇଁ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ (ଓବିସିସି) ପକ୍ଷରୁ ଏନ୍‌ଏମ୍‌ଏ ନିକଟରେ ଏକ ସଂଶୋଧିତ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର) ଦାଖଲ କରାଯାଇଥିଲା। ଏହାକୁ ତର୍ଜମା କରାଯିବା ପରେ ଏନ୍‌ଏମ୍‌ଏ ପକ୍ଷରୁ ଏନ୍‌ଓସି ପ୍ରଦାନ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ନିର୍ମାଣ ହେଉଥିବା କ୍ଲକ୍ ରୁମ୍, ମିନି କ୍ଲକ୍ ରୁମ୍, ସେଲ୍‌ଟର ପାଭେଲିୟନ, ମହିଳା ଟଏଲେଟ, ସେବାୟତ ଟଏଲେଟ, ଇଲେକ୍ଟ୍ରିକାଲ ରୁମ, କିଓସ୍କୋ, ପୋଲିସ ସର୍ଭିସ ସେଣ୍ଟର, ଫାଷ୍ଟ ଏଡ୍ ସେଣ୍ଟର, ଏଟିଏମ୍ ଇତ୍ୟାଦି ନିର୍ମାଣ କ୍ଷେତ୍ରରେ ରହିଥିବା ବାଧା ଦୂର ହୋଇଛି। ସେହିପରି ଏକାମ୍ର ପ୍ରକଳ୍ପ ପାଇଁ ଲିଙ୍ଗରାଜ ମଲ୍ଟିମୋଡାଲ ହବ୍, କେଦାରଗୌରୀ ପାର୍କ, ଲିଙ୍ଗରାଜ ଏଣ୍ଟ୍ରାନ୍ସ ପ୍ଲାଜା, ହେରିଟେଜ ପାର୍କ, କେଦାରଗୌରୀ ପ୍ଲାଜା, ଅନନ୍ତ ବାସୁଦେବ ପ୍ଲାଜା ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରିବାକୁ ଏନ୍‌ଏମ୍‌ଏ ଏନଓସି ଦେଇଛନ୍ତି। ସେହିପରି କୋଣାର୍କ ପ୍ରକଳ୍ପ ପାଇଁ ମଧ୍ୟ ଏନ୍‌ଓସି ଦେଇଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଆଶୀର୍ବାଦ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅକ୍ଳାନ୍ତ ଉଦ୍ୟମ ଯୋଗୁ ଆଜି ଏହା ସମ୍ଭବ ହୋଇଛି। ଏଥିସହିତ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ପୂର୍ତ୍ତ ସଚିବ, ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନର ମଧ୍ୟ ଏ ଦିଗରେ ଅନେକ ଉଦ୍ୟମ କରିଛନ୍ତି। ଏନ୍‌ଓସି ଦେଇଥିବାରୁ ସ୍ଥାନୀୟ ବିଧାୟକ ଭାବେ ସେ ଏଥିପାଇଁ ଏନ୍‌ଏମ୍‌ଏକୁ ଧନ୍ୟବାଦ ଦେଇଛନ୍ତି।

## ନିଶା ବିରୋଧୀ ନେଇ ଶୋଭାଯାତ୍ରା

କଣାସ,୨୦।୯(ସ୍ୱ.ପ୍ର.):

ମଦ ସମେତ ସମସ୍ତ ବେଆଇନ ନିଶା କାରବାର ବିରୋଧରେ ମଙ୍ଗଳବାର କଣାସ ବ୍ଲକ ବକୁ ପଞ୍ଚାୟତର ବକୁଠାରେ ଏକ ସତ୍ୟାଗ୍ରହ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟାରେ ମହିଳା ଓ ଯୁବକମାନେ ସାମିଲ ହୋଇ ଗ୍ରାମ ପରିକ୍ରମା କରି ମଦ ଦୋକାନ ଆଗରେ ପିକେଟିଂ କରିଥିଲେ। ରାଜ୍ୟ ପୂଜ୍ୟପୂଜା ସଂସଦ ପକ୍ଷରୁ ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବ ଏହାର ନେତୃତ୍ୱ ନେଇଥିଲେ। ଆନ୍ଦୋଳନରେ ଶାନ୍ତିଲତା ସ୍ୱାଇଁ, ଟିଙ୍କିନା ଉଦୟସିଂ ଓ ନାରଖାରୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମଦ ଓ ଅନ୍ୟାନ୍ୟ ନିଶା କାରବାରକୁ ତୁରନ୍ତ ବନ୍ଦ କରିବେ ବୋଲି ବେଆଇନ ମଦ କାରବାର କରୁଥିବା ମଦ ବ୍ୟବସାୟୀ ଆସି ସମସ୍ତଙ୍କ ଆଗରେ କହିଥିଲେ। ଗୋଟିଏ ଗ୍ରାମ ଗୋଟିଏ ପଞ୍ଚାୟତ ମଦମୁକ୍ତ ହେଲେ ଜିଲା ଓ ରାଜ୍ୟ ମଦମୁକ୍ତ ହୋଇପାରିବ ବୋଲି ଜଗଦ୍ଦେବ ସତ୍ୟାଗ୍ରହୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବକୁ ଗ୍ରାମ ନିଶାମୁକ୍ତ ନ ହେବା ପର୍ଯ୍ୟନ୍ତ ବିଶ୍ରାମ ନ ନେବାକୁ ପ୍ରୟାସ ସଂଗଠନର ନେତା ବିଶ୍ୱଜିତ ବଡଜେନା ଆହ୍ୱାନ ଦେଇଥିଲେ। ସମୀର ଚମ୍ପତି ସମସ୍ତ ସତ୍ୟାଗ୍ରାହୀଙ୍କୁ ଧନ୍ୟବାଦ ଜଣାଇଥିଲେ। ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁସାରେ ବକୁ ମହାବୀର ଦେବ ପୀଠରୁ ନିଶା ନିବାରଣ ଅଭିଯାନର ଶୁଭାରମ୍ଭ ହୋଇଛି।



ନିଶା କାରବାର ବିରୋଧରେ ବକୁ ଗ୍ରାମରେ ବାହାରିଥିବା ଶୋଭାଯାତ୍ରା ।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



ବିଜ୍ଞାନ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ।

କଣାସ,୨୦।୯(ସ୍ୱ.ପ୍ର.):

କଣାସ ବ୍ଲକ କଣାସଠାରେ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ କଣାସ ମଣ୍ଡଳ ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ ଯୋଗଦେଇଥିଲେ। ଦୟାବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ରତ୍ନାକର ସାହୁ, ଗୌରୀଶଙ୍କର ପାତ୍ର, ବିଚାରକ ରୂପେ ସହଶିକ୍ଷା ଅଧିକାରୀ ସୂର୍ଯ୍ୟକାନ୍ତ ନାୟକ, ଜଙ୍କିଆ ଗଡଶାହି ବିଦ୍ୟା ନିକେତନ ପ୍ରଧାନ ଶିକ୍ଷକ ବିଭୂତିଭୂଷଣ ମହାପାତ୍ର, ସିଆର୍‌ସିସି ସସ୍ମିତା ଜାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷକ ପ୍ରଦୀପ୍ତ ସ୍ୱାଇଁ ଓ ଅକ୍ଷୟ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସେମିନାରରେ ବିଦ୍ୟାଳୟର ଛାତ୍ରୀ ସ୍ୱାତିଶ୍ରୀ ରାଉତ, ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଇତିଶ୍ରୀ ଭୁଜବଳ, ଲୋପାମୁଦ୍ରା ସାହୁ ଯଥାକ୍ରମେ ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥିରେ ସ୍ୱାତିଶ୍ରୀ ଜିଲାସ୍ତରୀୟ ବିଜ୍ଞାନ ସେମିନାର ମନୋନୀତ ହୋଇଛନ୍ତି।

## ଖବରକାଗଜ ବିତରକ ଜୁମନଙ୍କ ପରଲୋକ

ଡେଲାଙ୍ଗ,୨୦।୯(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅଞ୍ଚଳରେ ପ୍ରଥମ ଖବର କାଗଜ ଏଜେନ୍ସି ଓ ବିତରକ ଭାବେ କାର୍ଯ୍ୟ କରୁଥିବା ଜୁମନ ଖାଁଙ୍କ ସୋମବାର ପରଲୋକ ଘଟିଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଦୀର୍ଘ ୫୦ ବର୍ଷ ଧରି ବିଭିନ୍ନ କାଗଜର ଏଜେନ୍ସି ନେବା ସହିତ ବିତରକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଦେହାନ୍ତରେ ଡେଲାଙ୍ଗ ହାଟ ବ୍ୟବସାୟୀ ସଂଘ ପକ୍ଷରୁ ମଙ୍ଗଳବାର ବଜାର ବନ୍ଦ କରାଯାଇଥିଲା। ସେ ଜଣେ ମେଳାପୀ, ପରୋପକାରୀ ଓ ସାମାଜିକ କର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ। ଏନେଇ ଡେଲାଙ୍ଗ ସାମ୍ବାଦିକ ସଂଘ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହିତ ଶୋକବ୍ୟକ୍ତ କରିଛନ୍ତି।

## ଦଶମ ବିଶ୍ୱକର୍ମା ମହୋତ୍ସବ ଉଦ୍‌ଯାପିତ

ପିପିଲି,୨୦।୯(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ବ୍ଲକ ଅଞ୍ଚଳରେ ସିଦ୍ଧେଶ୍ୱର ଦେବ ରାଜମିସ୍ତ୍ରି ସଂଘ ପକ୍ଷରୁ ସ୍ଥାନୀୟ ଜୟପୁର ଛକରେ ଆୟୋଜିତ 'ଦଶମ ବାର୍ଷିକ ପିପିଲି ବିଶ୍ୱକର୍ମା ମହୋତ୍ସବ-୨୦୨୨'ର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସଂଘ ସଭାପତି ମହେନ୍ଦ୍ର କୁମାର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଗୋଇନ୍ଦା ବିଭାଗର ଡିଏସ୍‌ପି ଶରତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ମାନବାଧିକାର କର୍ମୀ ଶ୍ରୀଅଖଣ୍ଡ, ଅନ୍ୟତମ ଅତିଥି ଭାବେ ପିପିଲି ଏନ୍‌ଏସିର ପୌରାଧ୍ୟକ୍ଷ ସେକ୍ ବାବୁ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ, ବିଜୟ କୁମାର ମହାପାତ୍ର, ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଗୁଣନିଧି ପ୍ରଧାନ, ଯୁବ ସାମାଜିକ କର୍ମୀ ଶଶାଙ୍କ ଶେଖର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସଂଘର ସମ୍ପାଦକ ବିନୋଦ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ସଂକ୍ଷିପ୍ତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅଞ୍ଚଳର ୧୪ଜଣ ବରିଷ୍ଠ ରାଜମିସ୍ତ୍ରିଙ୍କୁ 'ପିପିଲି ବିଶ୍ୱକର୍ମା ରାଜମିସ୍ତ୍ରି ଗୌରବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଡିଏସ୍‌ପି ଶରତ କୁମାର ସାହୁ, ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଗୁଣନିଧି ପ୍ରଧାନ ଓ ଶଶାଙ୍କଶେଖର ମହାନ୍ତିଙ୍କୁ 'ପିପିଲି ବିଶ୍ୱକର୍ମା ସେବା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସ୍ଥାନୀୟ ମଠସାହିସ୍ଥିତ ପଲ୍ଲବୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ଓ ଲୋକନୃତ୍ୟ ପରିବେଷିତ ହୋଇଥିଲା।



ପିପିଲି ବ୍ଲକ ଅଞ୍ଚଳରେ ସିଦ୍ଧେଶ୍ୱର ଦେବ ରାଜମିସ୍ତ୍ରି ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି ।

# ଅବ୍ୟବସ୍ଥାରେ ଏକାଧିକ ବିଦ୍ୟାଳୟ

**ସତ୍ୟବାଦୀ ବ୍ଲକ**

- ୮୨ ବିଦ୍ୟାଳୟରେ ଖେଳପଡ଼ିଆ, ୫୭ରେ ପାଚେରି ନାହିଁ
- ଶିକ୍ଷକ ବଦଳିକୁ ନେଇ ବଢ଼ୁଛି ଅସନ୍ତୋଷ

ସାକ୍ଷୀଗୋପାଳ, ୨୦।୯(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ଅବିରତ ଉଦ୍ୟମ ଜାରି ରଖିଛନ୍ତି। ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ପିଲାମାନେ କିଭଳି ବିଦ୍ୟାଳୟ ତଥା ଶିକ୍ଷା ବ୍ୟବସ୍ଥା ସହ ଯୋଡି ହୋଇ ରହିବେ ସେଥିପାଇଁ ଅନେକ ଖସଡ଼ା ପ୍ରସ୍ତୁତ କରାଯିବା ସହ ୫-ଟି ଜରିଆରେ ବିଦ୍ୟାଳୟକୁ ଯୋଡ଼ି ସ୍ମାର୍ଟସ୍କୁଲ କରିବା ଭଳି ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଛି। ହେଲେ ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ଥିବା ବିଦ୍ୟାଳୟଗୁଡ଼ିକ ପ୍ରତି ସେଭଳି ଆଖିଦୃଶିଆ ଉନ୍ନତି କରାଯାଇ ନ ଥିବାବେଳେ ଅନେକ ଅବ୍ୟବସ୍ଥା ହୋଇ ପଡ଼ିରହିଛି। ସଦ୍ୟତମ ତଥ୍ୟ ଅନୁଯାୟୀ ସତ୍ୟବାଦୀରେ ଅଧିକାଂଶ ବିଦ୍ୟାଳୟ ଏବେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପାଠପଢ଼ା ଚାଲିଛି। ଅନେକ ବିଦ୍ୟାଳୟର ପାଚେରି ନ ଥିବା ବେଳେ ଭିତ୍ତିଭୂମିର ଅଭାବ ରହିଛି। ବିଦ୍ୟାଳୟ ପରିସର ବଡ଼ ଘାସ ଓ ଅନାବନା ଗୁଳ୍ମରେ ପରିପୂର୍ଣ୍ଣ ରହିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଅଧୀନରେ ରହିଛି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୧୨୭। ହାଇସ୍କୁଲ ସଂଖ୍ୟା ୨୫ ଓ ଗୋଟିଏ ଆଦର୍ଶ ବିଦ୍ୟାଳୟ ରହିଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ ଛାତ୍ରୀଛାତ୍ରଙ୍କ ସଂଖ୍ୟା (୧ ରୁ ୮)୧୦,୩୫୧। ଛାତ୍ରୀଛାତ୍ରୀଙ୍କ ଅନୁଯାୟୀ ୪୦୦ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଶିକ୍ଷା ବିଭାଗର ନିୟମ ଅନୁଯାୟୀ ୨୦୧୧ ପରଠାରୁ ୪୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏବେ ବି (ଓଟିଇଟି) ପାସ୍ କରିନାହାନ୍ତି। ଏହାବ୍ୟତୀତ ବ୍ଲକରେ ଥିବା ୧୫୩ ସ୍କୁଲ ମଧ୍ୟରୁ ୧୩ଟି ବିଦ୍ୟାଳୟରେ ଏବେ ବି ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ୨୦ଟି ବିଦ୍ୟାଳୟରେ ପିଲାମାନେ ଶୌଚ ପାଇଁ ପରିସ୍ରାଗାର ଓ ପାଇଖାନାର ସୁବିଧା ନାହିଁ। ୮୨ ବିଦ୍ୟାଳୟରେ ଖେଳପଡ଼ିଆ ନାହିଁ। ୫୭ ବିଦ୍ୟାଳୟରେ ନିଜସ୍ୱ ପାଚେରି ନ ଥିବାବେଳେ ୩ଟି ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ। ଏପରିକି ଏକାଧିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ବିଦ୍ୟାଳଗୁଡ଼ିକରେ ଏଭଳି ଅନେକ ଅବ୍ୟବସ୍ଥା ଥିବାବେଳେ ଅନ୍ୟପଟେ ଶିକ୍ଷକଙ୍କ ବଦଳି ଯୋଗୁ ମଧ୍ୟ ଛାତ୍ରୀଛାତ୍ରଙ୍କ ପଢ଼ାରେ ନାନା ବାଧା ସୃଷ୍ଟି ହେଉଛି। ଚଳିତ ମାସରେ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଅନୁଯାୟୀ, ବ୍ଲକରେ କନିଷ୍ଠ ବର୍ଗ ଓ ଅଧିକାଂଶ ବିଜ୍ଞାନ ଶିକ୍ଷକଙ୍କୁ ପଦୋନ୍ନତି କରାଯାଇ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଉଛି। ଫଳରେ ବଦଳି ଶିକ୍ଷକଙ୍କ ପଦବୀ ନ ପୂରଣ ହେଉଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି। ଆଉ ଅଳ୍ପଦିନ ପରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଥିବାବେଳେ ଶିକ୍ଷା ବିଭାଗର ଏଭଳି ଅଦଳବଦଳ ନୀତିକୁ ଅଭିଭାବକ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉ କି, ନିକଟରେ ଏହି ବ୍ଲକର ଜଣେ ଶିକ୍ଷକଙ୍କ ବଦଳିକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ବିରୋଧ କରି ବିଦ୍ୟାଳୟରେ ତାଲା ପକାଇ ବିକ୍ଷୋଭ କରିଥିଲେ। ପରେ ଉକ୍ତ ଶିକ୍ଷକଙ୍କ ବଦଳି ବାତିଲ କରାଯାଇ ମୂଳ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଏ ସମସ୍ୟା ସମ୍ପର୍କରେ ବିଇଓ ଭବମ ପ୍ରଧାନ କହିଛନ୍ତି, ବିଇଓ ପଦବୀରେ ଭାରପ୍ରାପ୍ତ ଦାୟିତ୍ୱରେ ଥିବାବେଳେ ମଙ୍ଗଳବାର ହିଁ ସମ୍ପୂର୍ଣ୍ଣ ଦାୟିତ୍ୱ ମିଳିଛି। ତେଣୁ ଏବେ ବ୍ଲକର ପ୍ରତିଟି ବିଦ୍ୟାଳୟର ସମସ୍ୟାକୁ ଅନୁଧ୍ୟାନ କରାଯାଇ ଖୁବ୍‌ଶୀଘ୍ର ଉଚିତ ପଦକ୍ଷେପ ନିଆଯିବ। ଏଥିସହ ମୌଳିକ ସମସ୍ୟା ଥିବା ବିଦ୍ୟାଳୟଗୁଡ଼ିକ ପ୍ରାଥମିକତା ଦିଆଯାଇ ସମାଧାନ କରାଯିବ ବୋଲି ବିଇଓ କହିଛନ୍ତି।



ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ସେପ୍ଟେମ୍ବର, ୨୦୨୨



## ସଂକ୍ଷେପରେ

### ଦୀପ୍ତିରେଖା ମିସେସ୍ ଓଡ଼ିଶା

ଭୁବନେଶ୍ୱର,୨୦।୯(ବ୍ୟୁରୋ): 'ଜଣେ ମହିଳା ଅନେକ କିଛି କରିପାରିବ। ନିଜକୁ ସୀମିତ ନ ରଖି ଆଗକୁ ବଢ଼ିବା ଆବଶ୍ୟକ। ମୁଁ ଡିଜିଟାଲ ଇଣ୍ଡିଆରେ ବିଶ୍ୱାସ ରଖେ। ଦିନ ଆସିବ ମୁଁ ସମସ୍ତଙ୍କ ପାଖେ ପହଞ୍ଚିପାରିବି' ବୋଲି ନିକଟରେ ଜୟପୁରରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ମିସେସ୍ ଓଡ଼ିଶା ଟାଇଟାଲ ହାସଲ କରିଥିବା ଦୀପ୍ତିରେଖା ପଟ୍ଟନାୟକ କହିଛନ୍ତି। ସେ ମୁମ୍ବାଇରେ ୧୩ ବର୍ଷ ଧରି କାମ କରୁଥିଲେ। କୋଭିଡ୍ ପାଇଁ ୱାର୍କ ଫ୍ରମ୍ ହୋମ୍ ପାଇଁ ଘରେ ରହି ୨ବର୍ଷ ହେବ କାମ କରୁଛନ୍ତି। ସେ ନିଜର ଏନ୍‌ଜିଓ ମାଧ୍ୟମରେ ଶିକ୍ଷା, ଦକ୍ଷତା ଓ ନାରୀଙ୍କ ଉନ୍ନତି ନିମନ୍ତେ ପ୍ରୟାସ ଚଳାଇଛନ୍ତି। ପ୍ରଥମେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ସେ ସିଟି ଉଇନର ଭାବେ ମିସେସ୍ ଭୁବନେଶ୍ୱର ଆୱାର୍ଡ ଜିଣିଥିଲେ। ଏହା ତାଙ୍କୁ ପ୍ରେରଣା ଦେଇଥିଲା। ଏଭଳି ସେ ଲୋକଙ୍କ ପାଖେ ପହଞ୍ଚି ବିଭିନ୍ନ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବେ ବୋଲି କହିଛନ୍ତି।

### ସମ୍ପ୍ରସାରଣ ହେବ ଟଙ୍କପାଣି ରାସ୍ତା

ଭୁବନେଶ୍ୱର,୨୦।୯(ବ୍ୟୁରୋ): ଗଙ୍ଗୁଆ ନାଳଠାରୁ ସାଇମନ୍ଦିର ଛକ ପର୍ଯ୍ୟନ୍ତ ହୋଇଥିବା ବେଆଇନ ଜବରଦଖଲ ଉଚ୍ଛେଦ କରାଯାଇଛି। ରାସ୍ତାର ସମ୍ପ୍ରସାରଣ ପାଇଁ ବିଡିଏ ପକ୍ଷରୁ ବୁଲ୍‌ଡୋଜର ଲଗାଇ ଉଚ୍ଛେଦ କରାଯାଇଛି। ଆର୍ ଆଣ୍ଡ ବି ରିକ୍ୟୁଜିଶନ୍ କ୍ରମେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଟଙ୍କପାଣି ରୋଡ୍ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ କରିଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଗୋଟିଏ ସେକ୍ସନ ମହିଳା ଫୋର୍ସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡିଏ ଲିଆସନିଂ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ବଡ଼ଗଡ଼ ଆଇଆଇସି ତୃପ୍ତିରଞ୍ଜନ ନାୟକ ଉପସ୍ଥିତ ଥିଲେ।

### ସୁମନ ଚଟ୍ଟୋପାଧ୍ୟାୟଙ୍କ ଆଗୁଆ ଜାମିନ ଆବେଦନ ଖାରଜ

**ଠକେଇ ମାମଲା**

କଟକ ଅଫିସ,୨୦।୯:ଠକେଇ ମାମଲାରେ ସିବିଆଇ ଦ୍ୱାରା ଗିରଫ ଭୟରେ ବଙ୍ଗୀୟ ଯୁବକ ସୁମନ ଚଟ୍ଟୋପାଧ୍ୟାୟ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ। ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କ ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରି ଚଟ୍ଟୋପାଧ୍ୟାୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ବେଆଇନ ଭାବେ ଆର୍ଥିକ କାରବାର ଜରିଆରେ ଲୋକମାନଙ୍କୁ ଆକର୍ଷଣୀୟ ପୁରସ୍କାର ଓ ସ୍କିମ୍ ପ୍ରଦାନ କରି ବହୁ ଅର୍ଥ ଠକାମି କରିଥିବା ନେଇ ଭୁବନେଶ୍ୱର ସିବିଆଇ ସ୍ୱତନ୍ତ୍ର କୋର୍ଟରେ ଚଟ୍ଟୋପାଧ୍ୟାୟଙ୍କ ନାମରେ ମାମଲା ବିଚାରାଧୀନ ରହିଛି। ସିବିଆଇ କୌଣସି ମୁହୂର୍ତ୍ତରେ ତାଙ୍କୁ ଗିରଫ କରିବାର ଆଶଙ୍କା ଥିବାରୁ ସେ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଦେବାଶିଷ ପଣ୍ଡା ଓ ସିବିଆଇ ପକ୍ଷରୁ ସାର୍ଥକ ନାୟକ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଚଟ୍ଟୋପାଧ୍ୟାୟ ଶାରଦା ଗ୍ରୁପ୍ ସମେତ ଅନ୍ୟ ଦୁଇଟି ସଂସ୍ଥାରୁ ୫ କୋଟି ଋଣ ଆଣି ଠକେଇ କରିଥିବା ମାମଲାରେ ଅଭିଯୁକ୍ତ ଅଛନ୍ତି।

# ଦେଶୀମଦ ପ୍ରସ୍ତୁତିର ପେଣ୍ଠ ସାଲିଆସାହି

**ଚଢ଼ାଉ କରି ଭାଟି ଭାଙ୍ଗିଲା ପୋଲିସ**

- ୬ ମହିଳା ଅଟକ, ଫେରାର ହୋଇଗଲେ ପୁରୁଷ
- ୪୨୦ ଲିଟର ମଦ, ୧୪ ହଜାର ଲିଟର ପୋଚ ଜବତ
- ଏକ ଗ୍ଲାସ୍ ମଦକୁ ୧୦ ଟଙ୍କା

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ଦେଶୀମଦ ପ୍ରସ୍ତୁତିର ପେଣ୍ଠସ୍ଥଳୀ ପାଲଟିଛି। ବିଭିନ୍ନ ସମୟରେ ଅବକାରୀ ଟିମ୍ ଓ କମିଶନରେଟ ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ବହୁ ପରିମାଣର ଦେଶୀମଦ ଜବତ କରାଯାଉଛି। ଭାଟି ଭଙ୍ଗାଯିବା ସହ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଉଛି। ଏହି ବେଆଇନ୍ ମଦ କାରବାର ମାମଲାରେ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଉଥିଲେ ମଧ୍ୟ ପୋଲିସକୁ ଚ୍ୟାଲେଞ୍ଜ ଦେଇ ପୁଣି ମଦ ପ୍ରସ୍ତୁତ ହେଉଛି। ଏପରି ସ୍ଥିତିରେ ପାର୍ବଣ ପାଇଁ ବିପୁଳ ପରିମାଣର ଦେଶୀମଦ ପ୍ରସ୍ତୁତ ହେଉଥିବା ଜଣାପଡ଼ିବା ପରେ ମଙ୍ଗଳବାର କମିଶନରେଟ ପୋଲିସ ସାଲିଆସାହି ଇଡ୍‌କୋ ବସ୍ତିରେ ଚଢ଼ାଉ କରିଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ୨ଜଣ ଏସିପି, ୪ଜଣ ଇନ୍ସପେକ୍ଟର, ୧୨ଜଣ ଏସ୍‌ଆଇ/ଏଏସ୍‌ଆଇ ଏବଂ ୪ ପ୍ଲାଟୁନ୍ ଫୋର୍ସ ପୂର୍ବାହ୍ନ ପ୍ରାୟ ୧୦ଟାରେ ଇଡ୍‌କୋ ବସ୍ତିରେ ଚଢ଼ାଉ କରିଥିଲେ। ମଦ ପ୍ରସ୍ତୁତିରେ ସମ୍ପୃକ୍ତ ଥିବା ପୁରୁଷମାନେ ଚଢ଼ାଉ ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ଫେରାର ହୋଇଯାଇଥିଲେ। ପୋଲିସ ଯାଞ୍ଚ କରି ମଦଭାଟି ଖୋଜିଥିଲା। ପୋଲିସ ଟିମ୍ ଗୋଟିଏ ପରେ ଗୋଟିଏ ମୋଟ ୧୦ଟି ଘରେ ଚଢ଼ାଉ କରିଥିଲା। ସେଠାରେ ମଦଭାଟି ଭାଙ୍ଗିବା ସହ ଏକାଧିକ ହାଣ୍ଡିରେ ଥିବା ରନ୍ଧାମଦକୁ ଆଣି ବାହାରେ ଢ଼ାଳି ଦେଇଥିଲା। ପୋଲିସ ୪୨୦ ଲିଟର ଦେଶୀ ମଦ ଜବତ କରିବା ସହ ୧୪ ହଜାର ଲିଟର ପୋଚ ନଷ୍ଟ କରିଛି। ଏଥିସହ ବହୁ ମଦ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ଏହାପରେ ପୋଲିସ ୬ଜଣ ମହିଳାଙ୍କୁ ସେଠାରୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ନୟାପଲ୍ଲୀ ଥାନାରେ ଓଡ଼ିଶା ଅବକାରୀ ଆକ୍ଟର ଦଫା ୫୨ (ଏ) (ଆଇ)ରେ ଏକ ମାମଲା (ନଂ. ୬୧୬/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ଡିସିପି ସିଂ କହିଛନ୍ତି। ସାଲିଆ ସାହିରେ ମଦ ଗ୍ଲାସ୍‌କୁ ୧୦ ଟଙ୍କା ବିକ୍ରି କରାଯାଉଥିବା ଜଣାପଡ଼ିଛି।


ପୋଲିସ ଅଧିକାରୀ ଜଣେ ମହିଳାଙ୍କୁ ପଚରାଉଚରା କରୁଛନ୍ତି ।


ରନ୍ଧା ଦେଶୀମଦ ପୋଚକୁ ପୋଲିସ ବାହାରେ ଆଣି ନଷ୍ଟ କରୁଛି ।

**ପୋଲିସକୁ ଚକ୍‌ମା ଦେବାକୁ ଥିଲା ଗୁପ୍ତ ରାସ୍ତା**

ବିଭିନ୍ନ ସମୟରେ ପୋଲିସ ଚଢ଼ାଉରୁ ବର୍ତ୍ତିବା ପାଇଁ ମଦ ବ୍ୟବସାୟୀମାନେ ନୂଆ ନୂଆ କୌଶଳ ଆପଣାଇଥିଲେ। ଦେଶୀଭାଟିକୁ ଯିବା ପାଇଁ ପ୍ରାୟ ୩ ଫୁଟ ଉଚ୍ଚତାର ଏକ ଗୁପ୍ତ ରାସ୍ତା କରିଥିଲେ। ସେହି ବାଟ ଦେଇ ମଦ ବ୍ୟବସାୟୀମାନେ ଭାଟି ଭିତରକୁ ପ୍ରବେଶ କରୁଥିଲେ। ପୋଲିସ ଚଢ଼ାଉ ବେଳେ ଉକ୍ତ ଗୁପ୍ତ ରାସ୍ତା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା।

**'କାମ ନ ମିଳିବାରୁ ମଦ ବିକୁଛୁ'**

ମଦ ପ୍ରସ୍ତୁତିରେ ସମ୍ପୃକ୍ତ ଜଣେ ମହିଳା ଏହା ଦ୍ୱାରା ଭୁଲ କରୁଛନ୍ତି ବୋଲି ଗଣମାଧ୍ୟମକୁ କହିଛନ୍ତି। ପେଟ ପାଇଁ ଏହା କରୁଛୁ, ଏବେ ଡେକ୍‌ଚି ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ଗାଁକୁ ପଳାଇବୁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ସାର୍ ଆମକୁ କାମ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ କାମ ନ ଦେବାରୁ ମଦ ବିକିବା ପାଇଁ ବାଧ ହୋଇଥିଲୁ।


ଭୁବନେଶ୍ୱର ଟଙ୍କପାଣି ରୋଡ ଅଞ୍ଚଳରେ ମଙ୍ଗଳବାର ବେଆଇନ ଦୋକାନକୁ ବିଡିଏ ପକ୍ଷରୁ ଭଙ୍ଗାଯାଇଛି ।

## ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଅଭିଭାବକ ମହାସଂଘର ଆଲୋଚନା

**ଘରୋଇ ସ୍କୁଲ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଖୋଲାଯାଉ**

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଗତ ୧୨ ତାରିଖ ଦିନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ୟୁନିଟ୍-୧ ସ୍ଥିତ ବାସଭବନ ସମ୍ମୁଖରେ ୭ ଦଫା ଦାବି ନେଇ ଆମରଣ ଅନଶନ କରାଯାଇଥିଲା। ଦାବିଗୁଡ଼ିକ ସମ୍ପର୍କରେ ୨୦ ତାରିଖରେ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଏକ ତିନି ଜଣିଆ ପ୍ରତିନିଧି ଦଳ ମନ୍ତ୍ରୀ ଦାସଙ୍କୁ ଭେଟି ଆଲୋଚନା କରିଛନ୍ତି। ରାଜ୍ୟରେ ଘରୋଇ ସ୍କୁଲ ସମସ୍ୟାର ସମାଧାନ, ଅଭିଯୋଗ ଶୁଣାଣି ତଥା ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ଦାବି କରିଛନ୍ତି। ସରକାରୀ ସ୍ତରରେ ଏକ ବୈଠକ କରାଯାଇ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ଘରୋଇ ସ୍କୁଲରେ ଦିଆଯାଉଥିବା ସୁବିଧା ସୁଯୋଗ ଅନୁସାରେ ଫି' ନିର୍ଦ୍ଧାରଣ କରିବା ପାଇଁ ଯେଉଁ ରିଜୋଲ୍ୟୁସନ ରହିଛି ତାହାକୁ ପାଳନ କରିବାକୁ ସଙ୍ଘ ଦାବି କରିଥିଲା। କରୋନା ସମୟରେ ସୁପ୍ରିମକୋର୍ଟ ଦେଇଥିବା ସ୍କୁଲ ଫି' ଛାଡ଼ ନିର୍ଦ୍ଦେଶର କାର୍ଯ୍ୟକାରିତା ନେଇ ରିପୋର୍ଟ ଦାଖଲ କରିବାକୁ ବିଭାଗକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସଂଘର ଅନ୍ୟ ଏକ ଦାବି ଥିଲା, ସ୍କୁଲ ବ୍ୟାଗ ଓଜନ ଓ ଏନସିଇଆରଟି ପୁସ୍ତକ ଲାଗୁ କରିବା ପାଇଁ ଥିବା ନିୟମକୁ କଡ଼ାକଡ଼ି କରିବା। ମନ୍ତ୍ରୀ ଦାଶ ଅଭିଭାବକ ସଂଘର ଏହି ସମସ୍ତ ଦାବିଗୁଡ଼ିକ ସମ୍ପର୍କରେ ତର୍ଜମା କରି ପଦକ୍ଷେପ ନେବାକୁ ସଚିବ ଓ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମନ୍ତ୍ରୀଙ୍କ ସହ ଆଲୋଚନା ସକାରାତ୍ମକ ହୋଇଛି ଓ ଆଗାମୀ ଦିନରେ ଅନେକ ସଫଳତା ମିଳିବ ବୋଲି ମହାସଂଘର ଅଧ୍ୟକ୍ଷ ଭଟ୍ଟ କହିଛନ୍ତି।

## 'କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦିଆଯାଉ'

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ସ୍ମାର୍ଟ ହେଉଛି ସ୍କୁଲ। ନାମଲେଖା, ମେଧାବୃତ୍ତି ପରୀକ୍ଷା, ଏନ୍‌ରୋଲମେଣ୍ଟ, ମାଟ୍ରିକ ପରୀକ୍ଷା ଫର୍ମ ପୂରଣ, ଓଇଏସ ପରୀକ୍ଷା, ଏଚ୍‌ଆରଏମ୍‌ଏ, ଇନ୍ସ୍ପାୟାର ଆୱାର୍ଡ, ମୋ ସ୍କୁଲ ଅଭିଯାନ ଆଦି ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ କରାଯାଉଛି। ବିଦ୍ୟାଳୟଗୁଡ଼ିକରେ ମଧ୍ୟ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ପ୍ରାୟ ୪୦୦୦ ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ମଙ୍ଗଳବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ପକ୍ଷରୁ ଏହି ଦାବି ରଖାଯାଇଛି। ୨୦୧୪ ମସିହାରେ ନିଯୁକ୍ତି ସମୟରେ ଦିଆଯାଇଥିବା ଶିକ୍ଷାଗତ ଯୋଗ୍ୟତା, ବୟସ ସୀମା, ଓଆରଭି ଆକ୍ଟକୁ ବଳବତ୍ତର ରଖି କୌଣସି ନୂତନ ନିୟମ ଲାଗୁ ନ କରି ଏବଂ କୌଣସି ପରୀକ୍ଷା ପଦ୍ଧତି ନ ରଖି ସରକାରଙ୍କ ଦ୍ୱାରା ନୂତନ ଭାବେ ହେବାକୁ ଯାଉଥିବା କମ୍ପ୍ୟୁଟର ଶିକ୍ଷକ ପଦବୀରେ ୪୦୦୦ କମ୍ପ୍ୟୁଟର ଶିକ୍ଷକଙ୍କୁ ପ୍ରଥମ ଅଗ୍ରାଧିକାର ଭିତ୍ତିରେ ତୁରନ୍ତ ପୁନଃ ନିଯୁକ୍ତି ଦେବାକୁ ଦାବି କରିଛି ସଂଘ। ଏହି ନିଯୁକ୍ତିକୁ କୌଣସି ବେସରକାରୀ ସଂସ୍ଥାକୁ ଟେକି ଦିଆ ନ ଯାଇ ସରକାରୀସ୍ତରରେ ନିଯୁକ୍ତି ଦିଆଯାଉ ଏବଂ ପ୍ରତି ହାଇସ୍କୁଲରେ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ କରାଯାଉ ବୋଲି ସଂଘ ପକ୍ଷରୁ ଦାବି ରଖାଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ନିଷ୍ପତ୍ତି ନିଆ ନ ଗଲେ କମ୍ପ୍ୟୁଟର ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବେ ଓ ଏଥିପାଇଁ ବିଭାଗୀୟ ମନ୍ତ୍ରୀ, ଶିକ୍ଷା ସଚିବ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ


ଗିରଫ ୨ ଅଭିଯୁକ୍ତ ଏବଂ ଜବତ ବାଇକ୍ ଓ ମୋବାଇଲ ।

**୨ ଗିରଫ: ୨ ବାଇକ୍, ଟଙ୍କା ଜବତ**

ଭୁବନେଶ୍ୱର ୨୦।୯(ବ୍ୟୁରୋ)

ରାଜଧାନୀରେ ନିଶା କାରବାର ରୋକିବା ପାଇଁ ଅପରେଶନ ହ୍ୱାଇଟ୍ ସ୍ୱାଇଡର ଅଭିଯାନକୁ କମିଶନରେଟ ପୋଲିସ ଜୋର୍‌ଦାର କରିଛି। ମଙ୍ଗଳବାର ଖଣ୍ଡଗିରି ଥାନା ପୋଲିସ ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଓଳାସିଂ ଗ୍ରାମର ସଂଗ୍ରାମ କେଶରୀ ବେହେରା ଓରଫ ବିଶୁ (୨୪) ଓ ରାକେଶ କୁମାର ସିଂ ଓରଫ ଉଗୁଲା (୨୫)। ଅଭିଯୁକ୍ତଦ୍ୱୟଙ୍କଠାରୁ ୧୦୦ ଗ୍ରାମ ବ୍ରାଉନସୁଗାର ସମେତ ୨ଟି ବାଇକ, ୩ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ. ୪୮୪/୨୦୨୨) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଚେଷ୍ଟା କରୁଛି।

ସୂଚନା ଅନୁଯାୟୀ, ଷ୍ଟେଟ୍ ଲେଭଲ ଫାର୍ମ ମେଶିନାରି ଟ୍ରେନିଂ ଆଣ୍ଡ୍ ଟେଷ୍ଟିଙ୍ଗ୍ ଇନ୍‌ଷ୍ଟିଚ୍ୟୁଟ ସାମ୍ନାରେ ମଙ୍ଗଳବାର ସକାଳେ ଅଭିଯୁକ୍ତଦ୍ୱୟ ବ୍ରାଉନସୁଗାର ବିକ୍ରି କରୁଥିଲେ। ଏନେଇ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା।

## ୩୫୪୦ ମାମଲାରୁ ୨୧୮୨ ସମାଧାନ

ଭୁବନେଶ୍ୱର ୨୦।୯ (ବ୍ୟୁରୋ)

କମିଶନରେଟ ପୋଲିସ ଓ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭେଲପ୍‌ମେଣ୍ଟ (ଆଇ.ଏସ୍.ଡି.)ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ'କୁ ୮ ବର୍ଷ ପୂରିଛି। ୨୦୧୪ ସେପ୍ଟେମ୍ବର ୪ରୁ ଭୁବନେଶ୍ୱର ଡିସିପି ଅଫିସ ଏବଂ କଟକ ମହିଳା ଥାନାରେ ଏହି କେନ୍ଦ୍ର ଜରିଆରେ ବହୁ ମହିଳାଙ୍କୁ ନ୍ୟାୟ ଦିଆଯାଉଛି। 'ମାଧ୍ୟମ'ର ସଫଳତା ଏବଂ ୮ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପୋଲିସ କମିଶନରେଟ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ୮ ବର୍ଷର ରିପୋର୍ଟ ଉପସ୍ଥାପନ କରିଥିଲେ।

ରିପୋର୍ଟ ଅନୁଯାୟୀ, ଗତ ୮ବର୍ଷ ମଧ୍ୟରେ କଟକ ଓ ଭୁବନେଶ୍ୱରରେ ଥିବା ୨ଟି 'ମାଧ୍ୟମ' କେନ୍ଦ୍ରରେ ମୋଟ ୪୬୨୧ ଜଣ ମହିଳା ଅଭିଯୋଗ କରିଥିଲେ। ସେଥିମଧ୍ୟରୁ ୩୫୪୦ଟି ଅଭିଯୋଗକୁ ପଞ୍ଜୀକରଣ କରାଯାଇ କାଉନସିଲିଂ କରାଯାଇଥିଲା। ୨୧୮୨ଟି ମାମଲା ଆପୋସ ବୁଝାମଣାରେ ସମାଧାନ କରାଯାଇଛି। ପଞ୍ଜୀକୃତ ମାମଲା ମଧ୍ୟରୁ ୩୧୯୭ଟି ପାରିବାରିକ ହିଂସା ସମ୍ପର୍କିତ ଥିଲା। ଅନ୍ୟାନ୍ୟ ଅଭିଯୋଗ ମଧ୍ୟରେ ୧୨୫ଟି ମିଥ୍ୟା ପ୍ରତିଶ୍ରୁତି ଦ୍ୱାରା ବିବାହ ସମ୍ବନ୍ଧୀୟ ହୋଇଥିବା ବେଳେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା, ସାଇବର କ୍ରାଇମ, ଅପହରଣ ଆଦି ଅଭିଯୋଗ ରହିଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, 'ମାଧ୍ୟମ' ହିଂସା ପୀଡ଼ିତା ମହିଳାଙ୍କୁ ଉପଯୁକ୍ତ ନ୍ୟାୟ ଦେବାରେ ସଫଳ ହୋଇଛି। ଥାନା ଅପେକ୍ଷା 'ମାଧ୍ୟମ'ରେ ମାମଲା ପଞ୍ଜିକୃତ କରିବା ଦ୍ୱାରା ଶୀଘ୍ର ନ୍ୟାୟ ମିଳିପାରୁଛି ବୋଲି ପ୍ରିୟଦର୍ଶୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, କଟକ ଡିସିପି ପୀନାକ ମିଶ୍ର, ଟୁଇନ୍ ସିଟିର ସମସ୍ତ ଥାନାଧିକାରୀ ଓ 'ମାଧ୍ୟମ'ର କର୍ମକର୍ତ୍ତା ଯୋଗଦେଇଥିଲେ।



ମାଧ୍ୟମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

- ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ'କୁ ୮ ବର୍ଷ
- ପାରିବାରିକ ହିଂସା ସମ୍ପର୍କିତ ମାମଲା ଅଧିକ

## 'କ୍ରୀଡ଼ା ପ୍ରତି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଯାଉଛି'

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ସହରୀ ଜୀବନଶୈଳୀକୁ ସମୃଦ୍ଧ କରିବା ପ୍ରୟାସରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଦ୍ୱାରା ବିଦ୍ୟାଳୟ ଖେଳପଡ଼ିଆ ବିକାଶ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ମଙ୍ଗଳବାର ୟୁନିଟ୍-୬ ବାଳିକା ଉଚ୍ଚ ବିଦ୍ୟାଳୟରେ ଖେଳ ପଡିଆକୁ ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ମେୟର ସୁଲୋଚନା ଦାସ କହିଲେ, ସରକାରଙ୍କ ସମସ୍ତ ସୁବିଧା ବିଦ୍ୟାଳୟକୁ ପହଞ୍ଚାଇବା ଏବଂ ଶିଶୁଙ୍କ ଶିକ୍ଷା ବ୍ୟତୀତ ସେମାନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ଠିକ୍‌ରେ ପରିଚାଳିତ କରିବାର ଏକ ଅନୁଷ୍ଠାନ ହେଉଛି ବିଦ୍ୟାଳୟ। ସ୍ମାର୍ଟସିଟି ତରଫରୁ ଏହି କାର୍ଯ୍ୟକ୍ରମ ଏକ ଉଦାହରଣ ବୋଲି ସେ ମତ ଦେଇଥିଲେ। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ବର୍ତ୍ତମାନ ରାଜ୍ୟ ସରକାର ଖେଳକୁ ଯେଭଳି ଗୁରୁତ୍ୱ ଦେଉଛନ୍ତି ତାହାର ସନ୍ଦେଶ ସାରା ବିଶ୍ୱ ଜାଣୁଛି। ଆଗକୁ ଆସୁଥିବା ହକି ଏବଂ ଜୁନିୟର ଫୁଟ୍‌ବଲ୍ ସରକାରଙ୍କ ଉତ୍ତମ ପରିଚୟ। ଯାହା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ଆଗେଇବାର ବାର୍ତ୍ତା ଦେବ। ଏଥିପାଇଁ ସ୍ମାର୍ଟସିଟି ତରଫରୁ ଖେଳପଡ଼ିଆର ବିକାଶ କରାଯାଇ ଉତ୍ସାହିତ କରାଯାଉଛି। ଏହି ପ୍ରକଳ୍ପ ପୂର୍ବତନ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂଙ୍କ ସମୟରେ ଆରମ୍ଭ ହୋଇଥିଲା। ସମସ୍ତ ସ୍କୁଲ୍‌ରେ କାର୍ଯ୍ୟ ସମାପ୍ତ ହୋଇଥିବା ବିଏସ୍‌ସିଏଲ୍‌ର ସାଧାରଣ ପ୍ରଶାସକ କମଲ୍‌ଜିତ୍ ଦାସ୍ ସୂଚନା ଦେଇଥିଲେ।

ଏହି ଖେଳପଡ଼ିଆରେ ଖୋଖୋ, କବାଡି, ଭଲିବଲ୍, ବ୍ୟାଡ୍‌ମିଣ୍ଟନ କୋର୍ଟ ସହ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ଖେଳ ଉପକରଣ ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମ ଅନୁଯାୟୀ ସିଟିଜ୍ ଅଧୀନରେ ସୁସ୍ଥ ସମୃଦ୍ଧ ବାତାବରଣ, ସୌନ୍ଦର୍ଯ୍ୟକରଣ, ପାର୍କ, ଖେଳ ପଡ଼ିଆ, ଜଳାଶୟ, ସର୍ବସାଧାରଣ ସ୍ଥାନରେ ବିକାଶ କରାଇ କଳା, ସଂସ୍କୃତି ଏବଂ ସାମାଜିକ କାର୍ଯ୍ୟକ୍ରମର ପ୍ରୋତ୍ସାହନ ସହ ବ୍ୟବସ୍ଥିତ ଖେଳର ମାନ ବୃଦ୍ଧି ପାଇଁ ବ୍ୟବସ୍ଥା ସହିତ ମନୋରଞ୍ଜନକୁ ଗୁରୁତ୍ୱ ଦିଆଯାଇଛି। ଉଦ୍‌ଘାଟନ ପରେ ମେୟର, କମିଶନର, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସ୍ଥାନୀୟ କର୍ପୋରେଟର ପୁଷ୍ପା ରାଉତ ବ୍ୟାଡ୍‌ମିଣ୍ଟନ୍ ଖେଳି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ସିଏଲ୍‌ର ସାମାଜିକ ପ୍ରକଳ୍ପ ଅଧିକାରୀ ଦୀପ୍ତିରାଣୀ ସାହୁ, ବ୍ଲକ୍ ଶିକ୍ଷାଧିକାରୀ ପ୍ରଜ୍ଞାପାରମିତା ଜେନା ଏବଂ ପ୍ରଧାନ ଶିକ୍ଷୟିତ୍ରୀ (ଇନ୍‌ଚାର୍ଜ) ଅରୁନ୍ଧତୀ ସାମନ୍ତରାୟ ଉପସ୍ଥିତ ଥିଲେ।



ଭୁବନେଶ୍ୱର ୟୁନିଟ୍-୬ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

- ବିଦ୍ୟାଳୟ ଖେଳପଡ଼ିଆ ବିକାଶ କାର୍ଯ୍ୟର ଶୁଭାରମ୍ଭ
- ୟୁନିଟ୍-୬ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଉଦ୍‌ଘାଟିତ

# ସାଲିଆସାହି ଦେଶୀମଦ ଭାଟି ଭାଙ୍ଗିଲା

**ପାର୍ବଣ ପୂର୍ବରୁ ଚଢ଼ାଉ**

- ଫେରାର ହୋଇଗଲେ ପୁରୁଷ, ୬ ମହିଳା ଅଟକ
- ୪୨୦ ଲିଟର ମଦ, ୧୪ ହଜାର ଲିଟର ପୋଚ ଜବତ
- ଏକ ଗ୍ଲାସ୍ ମଦକୁ ୧୦ ଟଙ୍କା

ଭୁବନେଶ୍ୱର ୨୦।୯(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ଦେଶୀମଦ ପ୍ରସ୍ତୁତିର ପେଣ୍ଠସ୍ଥଳୀ ପାଲଟିଛି। ବିଭିନ୍ନ ସମୟରେ ଅବକାରୀ ଟିମ୍ ଓ କମିଶନରେଟ ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ବହୁ ପରିମାଣର ଦେଶୀମଦ ଜବତ କରାଯାଉଛି। ଭାଟି ଭଙ୍ଗାଯିବା ସହ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଉଛି। ଏହି ବେଆଇନ୍ ମଦ କାରବାର ମାମଲାରେ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଉଥିଲେ ମଧ୍ୟ ପୋଲିସକୁ ଚ୍ୟାଲେଞ୍ଜ ଦେଇ ପୁଣି ମଦ ପ୍ରସ୍ତୁତ ହେଉଛି। ଏପରି ସ୍ଥିତିରେ ପାର୍ବଣ ପାଇଁ ବିପୁଳ ପରିମାଣର ଦେଶୀମଦ ପ୍ରସ୍ତୁତ ହେଉଥିବା ଜଣାପଡ଼ିବା ପରେ ମଙ୍ଗଳବାର କମିଶନରେଟ ପୋଲିସ ସାଲିଆସାହି ଇଡ୍‌କୋ ବସ୍ତିରେ ଚଢ଼ାଉ କରିଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ୨ଜଣ ଏସିପି, ୪ଜଣ ଇନ୍ସପେକ୍ଟର, ୧୨ଜଣ ଏସ୍ଆଇ/ଏଏସ୍ଆଇ ଏବଂ ୪ ପ୍ଲାଟୁନ୍ ଫୋର୍ସ ପୂର୍ବାହ୍ନ ପ୍ରାୟ ୧୦ଟାରେ ଇଡ୍‌କୋ ବସ୍ତିରେ ଚଢ଼ାଉ କରିଥିଲେ। ମଦ ପ୍ରସ୍ତୁତିରେ ସମ୍ପୃକ୍ତ ଥିବା ପୁରୁଷମାନେ ଚଢ଼ାଉ ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ଫେରାର ହୋଇଯାଇଥିଲେ। ପୋଲିସ ଯାଞ୍ଚ କରି ମଦଭାଟି ଖୋଜିଥିଲା। ପୋଲିସ ଟିମ୍ ଗୋଟିଏ ପରେ ଗୋଟିଏ ମୋଟ ୧୦ଟି ଘରେ ଚଢ଼ାଉ କରିଥିଲା। ସେଠାରେ ମଦଭାଟି ଭାଙ୍ଗିବା ସହ ଏକାଧିକ ହାଣ୍ଡିରେ ଥିବା ରନ୍ଧାମଦକୁ ଆଣି ବାହାରେ ଢ଼ାଳି ଦେଇଥିଲା। ପୋଲିସ ୪୨୦ ଲିଟର ଦେଶୀ ମଦ ଜବତ କରିବା ସହ ୧୪ ହଜାର ଲିଟର ପୋଚ ନଷ୍ଟ କରିଛି। ଏଥିସହ ବହୁ ମଦ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ଏହାପରେ ପୋଲିସ ୬ଜଣ ମହିଳାଙ୍କୁ ସେଠାରୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ନୟାପଲ୍ଲୀ ଥାନାରେ ଓଡ଼ିଶା ଅବକାରୀ ଆକ୍ଟର ଦଫା ୫୨ (ଏ) (ଆଇ)ରେ ଏକ ମାମଲା (ନଂ. ୬୧୬/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ଡିସିପି ସିଂ କହିଛନ୍ତି। ସାଲିଆ ସାହିରେ ମଦ ଗ୍ଲାସ୍‌କୁ ୧୦ ଟଙ୍କା ବିକ୍ରି କରାଯାଉଥିବା ଜଣାପଡ଼ିଛି।



ପୋଲିସ ଅଧିକାରୀ ଜଣେ ମହିଳାଙ୍କୁ ପଚରାଉଚରା କରୁଛନ୍ତି ।



ରନ୍ଧା ଦେଶୀମଦ ପୋଚକୁ ପୋଲିସ ବାହାରେ ଆଣି ନଷ୍ଟ କରୁଛି ।

**ପୋଲିସକୁ ଚକ୍‌ମା ଦେବାକୁ ଥିଲା ଗୁପ୍ତ ରାସ୍ତା**

ବିଭିନ୍ନ ସମୟରେ ପୋଲିସ ଚଢ଼ାଉରୁ ବର୍ତ୍ତିବା ପାଇଁ ମଦ ବ୍ୟବସାୟୀମାନେ ନୂଆ ନୂଆ କୌଶଳ ଆପଣାଇଥିଲେ। ଦେଶୀଭାଟିକୁ ଯିବା ପାଇଁ ପ୍ରାୟ ୩ ଫୁଟ ଉଚ୍ଚତାର ଏକ ଗୁପ୍ତ ରାସ୍ତା କରିଥିଲେ। ସେହି ବାଟ ଦେଇ ମଦ ବ୍ୟବସାୟୀମାନେ ଭାଟି ଭିତରକୁ ପ୍ରବେଶ କରୁଥିଲେ। ପୋଲିସ ଚଢ଼ାଉ ବେଳେ ଉକ୍ତ ଗୁପ୍ତ ରାସ୍ତା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା।

**‘କାମ ନ ମିଳିବାରୁ ମଦ ବିକୁଛୁ’**

ମଦ ପ୍ରସ୍ତୁତିରେ ସମ୍ପୃକ୍ତ ଜଣେ ମହିଳା ଏହା ଦ୍ୱାରା ଭୁଲ କରୁଛନ୍ତି ବୋଲି ଗଣମାଧ୍ୟମକୁ କହିଛନ୍ତି। ପେଟ ପାଇଁ ଏହା କରୁଛୁ, ଏବେ ଡେକ୍‌ଚି ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ଗାଁକୁ ପଳାଇବୁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ସାର୍ ଆମକୁ କାମ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ କାମ ନ ଦେବାରୁ ମଦ ବିକିବା ପାଇଁ ବାଧ ହୋଇଥିଲୁ।

## ସଂକ୍ଷେପରେ

### ମନ୍ଦିରରୁ ଚୋରି, ୨ କୋର୍ଟ ଚାଲାଣ

ସାଲେପୁର,୨୦।୯(ଡି.ଏନ.ଏ.): ମନ୍ଦିରରୁ ଚୋରି କରିବା ଅଭିଯୋଗରେ ସାଲେପୁର ପୋଲିସ ଦୁଇଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ସିମଲପଡ଼ା ଗ୍ରାମର ଏମ୍.ଡି. ମାର୍ଗୁ ଓ ଏସ୍.କେ. ଇବ୍ରାର ନତକାଇ ପଞ୍ଚାୟତର ଶକ୍ତିଶ୍ୱର ମନ୍ଦିର ନିକଟସ୍ଥ ତ୍ରିନାଥ ମନ୍ଦିର ଓ ରାମକୃଷ୍ଣପୁର ରାମେଶ୍ୱରୀ ମନ୍ଦିରର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ପରେ ସେମାନେ ରାମକୃଷ୍ଣପୁର ଅର୍ଜୁନ ମାହାରାର ଅନନ୍ତ ଗୋସ୍ୱାମୀ ମନ୍ଦିରରୁ ଲୁଟ୍ ପାଇଁ ଉଦ୍ୟମ କରୁଥିବା ବେଳେ ଜଣେ ବ୍ୟବସାୟୀ ସିସି କ୍ୟାମେରାରେ ଦେଖିପାରି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପହଞ୍ଚି ଦୁଇଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

### ‘ସୁନେତ୍ର’ କାର୍ଯ୍ୟକ୍ରମ

ବାଙ୍କୀ, ୨୦।୯ (ସ୍ୱ.ପ୍ର): ‘ସୁନେତ୍ର’ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ସ୍କୁଲରେ ପ୍ରଥମ ଶ୍ରେଣୀଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରି ମାଗଣାରେ ଚଷମା ପ୍ରଦାନ କରାଯିବା ପାଇଁ ବ୍ଲକସ୍ତରୀୟ ବୈଠକ ବିଡିଓଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅମରେଶ ସାହୁ ପରିଚାଳନା କରିଥିଲେ। ବ୍ଲକ ଅତିରିକ୍ତ ବିଡିଓ ଶୁଚିସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ମାନଭଞ୍ଜନ ଦଳେଇ, ଚକ୍ଷୁର ରୋଗ, ଚକ୍ଷୁର ଯତ୍ନ ଓ ଏହାର ପ୍ରତିକାର ଉପରେ ଆଲୋଚନା କରିଥିଲେ। ଏହି ସଭାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ଦେଉରୀ, ଆକାଉଟାଣ୍ଟ ଆଶିଷ ବିଭୂତି ରାୟ, ଆୟୁଷ ଡାକ୍ତରବୃନ୍ଦ ଏବଂ ସମସ୍ତ ବିଦ୍ୟାଳୟର ସିଆରସିସିମାନେ ଅଂଶଗ୍ରହଣ କରିଥିଲେ।

### ଜନଶକ୍ତି ପାର୍ଟି ପକ୍ଷରୁ ଗାନ୍ଧୀ ବାର୍ତ୍ତା ପ୍ରଚାର

ମାହାଙ୍ଗା, ୨୦।୯ (ସ୍ୱ.ପ୍ର)-ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳଠାରେ ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟ ସଭାପତି ପ୍ରଦୀପ ଦାଶଙ୍କ ନେତୃତ୍ୱରେ ଗାନ୍ଧୀ ବାର୍ତ୍ତାର ପ୍ରଚାର ଓ ସଚେତନତା ପାଇଁ ପଦଯାତ୍ରା ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଅଶୋକ କୁମାର ରାଉତ, ପ୍ରତାପ ରୁଦ୍ର ପଣ୍ଡା, ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ, ଅଶୋକ ଦାଶ, ମାତାଜି ବାରିକ, ନରେଶ ସାହୁ, ନାରାୟଣ ମଲିକ, କେଶବ ବିଶ୍ୱାଳ, ଇଂ. ସମରେନ୍ଦ୍ର ଜେନା, ସୁନୀଲ ସାହୁ, ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଗାଁକୁ ଗାଁ ବୁଲି ଗାନ୍ଧୀ ବାର୍ତ୍ତା ପ୍ରଚାର ପତ୍ର ମାଧ୍ୟମରେ ସଚେତନତା କରିଥିଲେ। ଏହାର ମୂଳ ଲକ୍ଷ୍ୟ ହେଉଛି ଗଣତନ୍ତ୍ର ସୁଦୃଢ଼ କରିବା, ମାନବିକତା ଆଇନକୁ ସୁଦୃଢ଼ କରିବା, ଲୋକମାନଙ୍କ ମଧ୍ୟରେ ଭାଇଚାରା, ସାମାଜିକ ନ୍ୟାୟ ଓ ଏକତା ପ୍ରତିଷ୍ଠା କରିବା ବୋଲି ରାଜ୍ୟ ସଭାପତି ଦାଶ ମତବ୍ୟକ୍ତ କରିଛନ୍ତି। ପରେ ଝାଡେଶ୍ୱରପୁର, ଆପିଲୋ, ଗୋତରା, ଭଦ୍ରେଶ୍ୱର, ଉମର ଆଦି ଗ୍ରାମ ବୁଲି ଗାନ୍ଧୀ ବାର୍ତ୍ତା ପ୍ରଚାର କରିଥିଲେ।

### ରୋଗୀ ସୁରକ୍ଷା ସପ୍ତାହ ପାଳିତ

ତିଗିରିଆ,୨୦।୯ (ଡି.ଏନ୍.ଏ): ରୋଗୀ ସୁରକ୍ଷା ସପ୍ତାହ ଅବସରରେ ତିଗିରିଆ ବ୍ଲକ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ବିଶ୍ୱବିକାଶ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିନ୍ଧାଣିମା ସରପଞ୍ଚ ସୁଜାତା ଜେନା ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବେ ଯୋଗଦେଇଥିବା ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଡାକ୍ତର ମନୋରଞ୍ଜନ ପଣ୍ଡାଙ୍କୁ ସରପଞ୍ଚ ଶ୍ରୀମତୀ ସ୍ୱାଇଁ ଓ ସମିତି ସଭ୍ୟା ସୋନାଲି ସେଠ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ସୌଭାଗ୍ୟ କର, ଡାକ୍ତର ଦୀପକ ଜେନା, ଜନସ୍ୱାସ୍ଥ୍ୟ ଅଧିକାରୀ ବିଦ୍ୟୁତପ୍ରଭା ନନ୍ଦ, ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ ତ୍ରିଲୋଚନ ବାରିକ, ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ଗଗନ ବିହାରୀ ସାହୁ, ଅଶାନ୍ତି ଦେବୀ, ଅକ୍ଷୟ ଭୂଜବଳ, ସଞ୍ଜୟ କୁମାର ପରିଡ଼ା, ଶ୍ରୀକାନ୍ତ ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ଟ୍ରକ ଚାଳକ ଗିରଫ

ତିଗିରିଆ, ୨୦।୯(ଡି.ଏନ୍.ଏ)

ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଗ୍ରାମରେ ଦୁଇଭାଇଙ୍କୁ ରାସ୍ତା ଉପରେ ମାରଣାସ୍ତ୍ରରେ ଆକ୍ରମଣ ଏବଂ ପରେ ଗାଡ଼ି ଚଢ଼ାଇ ହତ୍ୟା କରିବା ଘଟଣାରେ ଅନ୍ୟତମ ଅଭିଯୁକ୍ତ ତଥା ଟ୍ରକ ଚାଳକ ଜିତେନ୍ଦ୍ର ମଲ୍ଲିକଙ୍କୁ ଦୀର୍ଘ ୩ ମାସ ପରେ ମଙ୍ଗଳବାର ପୋଲିସ ଗିରଫ କରିଛି। ଏନେଇ ତିଗିରିଆ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ବିଶି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ୭ରେ ଭିରୁଡ଼ା ଗରପଡ଼ା ଶବରସାହିର ଶରତ ଦେହୁରୀ ଏବଂ ଭାଇ ଲକ୍ଷ୍ମଣ ଦେହୁରୀଙ୍କୁ ସଂଘବଦ୍ଧ ଆକ୍ରମଣ କରାଯିବା ପରେ ଟ୍ରକ ଚଢ଼ାଇ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଜୀବନାନନ୍ଦ ମଲ୍ଲିକ, ଅନ୍ୟ ଅଭିଯୁକ୍ତ ରଜତ ମଲ୍ଲିକ, ଚନ୍ଦନ ମଲ୍ଲିକ, ମିହିର ମଲ୍ଲିକଙ୍କୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୂର୍ବରୁ ଗିରଫ କରିଥିଲା।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସହ ପୋଲିସ ଅଧିକାରୀ।

**ଭିରୁଡ଼ା ଡବଲ୍ ମର୍ଡର ଘଟଣା**

ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା, ଖଣ୍ଡା ଓ ଟ୍ରକକୁ ମଧ୍ୟ ପୋଲିସ ଜବତ କରିଥିଲା। ଏହି ମାମଲାରେ ଫେରାର ଥିବା ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ପୋଲିସ କାନପୁର ଥାନା ଅନ୍ତର୍ଗତ ରଷିପଡ଼ା ଗ୍ରାମର ଏକ କୁକୁଡ଼ା ଫାର୍ମରୁ ଗିରଫ କରିଛି। କାନପୁର ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ଏହି ଚଢ଼ାଉରେ ସହଯୋଗ କରିଥିଲେ। ଜିତେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଚିତ୍ରା ଜେନା ସୂଚନା ଦେଇଛନ୍ତି।

# ୬୮୯ ଦିବ୍ୟାଙ୍ଗ ଚିହ୍ନଟ

**ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ବଡ଼ମ୍ବା,୨୦।୯(ଡି.ଏନ୍.ଏ.)

ବଡ଼ମ୍ବା ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ବଡ଼ମ୍ବା ବୈକୁଣ୍ଠନାଥ ସଦନରେ ମହିଳା ସଂଘକୁ ଋଣ ପ୍ରଦାନ ଏବଂ ପୁଷ୍ଟିକର ଖାଦ୍ୟ ମେଳା ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଉଭୟ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବ୍ଲକର ପ୍ରାୟ ୬୮୯ ଜଣ ଦିବ୍ୟାଙ୍ଗଙ୍କୁ ଚୟନ କରାଯାଇଥିଲା। ଏଥିରେ ମାନପୁର ଗ୍ରାମର ୨ ଜଣ ଶାରୀରିକ ଅକ୍ଷମ ଜୟକୃଷ୍ଣ ବେହେରା ଓ ଲକ୍ଷ୍ମୀଧର ସାହୁଙ୍କୁ ବିଧାୟକ ମିଶ୍ର ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ପରେ ବ୍ଲକ ଜୀବିକା ମିଶନ ପକ୍ଷରୁ ଋଣ ବଣ୍ଟନ ମେଳା ହୋଇଥିଲା। ସରକାରଙ୍କ ପକ୍ଷରୁ ବିଧାୟକ ମିଶନ ଶକ୍ତି ଜରିଆରେ ବିଭିନ୍ନ ପଞ୍ଚାୟତର ମହିଳା ସଂଘକୁ ୨କୋଟି ୩୧ଲକ୍ଷ ଟଙ୍କା ଆର୍ଥିକ ଋଣ ସହାୟତା ପ୍ରଦାନ କରିଥିଲେ। ପୋଷଣ ମାସର ପୁଷ୍ଟିକର ଖାଦ୍ୟ ସୁରକ୍ଷା ଯୋଜନାରେ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ଖାଦ୍ୟର ପସରା ଖୋଲିବା ସହ ଉନ୍ନତ ଖାଦ୍ୟ ଖାଇବାକୁ ବିଧାୟକ ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ଉପଜିଲାପାଳ ହେମନ୍ତ ସ୍ୱାଇଁ, ବଡ଼ମ୍ବା ବ୍ଲକ ଉପାଧ୍ୟକ୍ଷ ସ୍ୱର୍ଣ୍ଣଲତା ବେହେରା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ଜୟଶ୍ରୀ ବରାଳ, ନୟନା ସାହୁ, ସିଡିପିଓ ପ୍ରମିଳା ଦେଇ, ଜୀବିକା ମିଶନର ବ୍ଲକ ଅଧିକାରୀ ମୋନାଲିସା ତ୍ରିପାଠୀଙ୍କ ସହ ସମସ୍ତ ବ୍ୟାଙ୍କର ଅଧିକାରୀ ଯୋଗଦେଇ ଥିଲେ। ଏବିଡିଓ ଯାଜ୍ଞସେନୀ ସେଣ ଧନ୍ୟବାଦ ଦେଇଥିଲେ।

# ସୁମନ ଚଟ୍ଟୋପାଧ୍ୟାୟଙ୍କ ଜାମିନ ଆବେଦନ ଖାରଜ

କଟକ ଅଫିସ,୨୦।୯

**ଠକେଇ ମାମଲା**

ଠକେଇ ମାମଲାରେ ସିବିଆଇ ଦ୍ୱାରା ଗିରଫ ଭୟରେ ବଙ୍ଗୀୟ ଯୁବକ ସୁମନ ଚଟ୍ଟୋପାଧ୍ୟାୟ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ। ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କ ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରି ଚଟ୍ଟୋପାଧ୍ୟାୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ବେଆଇନ ଭାବେ ଆର୍ଥିକ କାରବାର ଜରିଆରେ ଲୋକମାନଙ୍କୁ ଆକର୍ଷଣୀୟ ପୁରସ୍କାର ଓ ସ୍କିମ୍ ପ୍ରଦାନ କରି ବହୁ ଅର୍ଥ ଠକାମି କରିଥିବା ନେଇ ଭୁବନେଶ୍ୱର ସିବିଆଇ ସ୍ୱତନ୍ତ୍ର କୋର୍ଟରେ ଚଟ୍ଟୋପାଧ୍ୟାୟଙ୍କ ନାମରେ ମାମଲା ବିଚାରାଧୀନ ରହିଛି। ସିବିଆଇ କୌଣସି ମୁହୂର୍ତ୍ତରେ ତାଙ୍କୁ ଗିରଫ କରିବାର ଆଶଙ୍କା ଥିବାରୁ ସେ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଦେବାଶିଷ ପଣ୍ଡା ଓ ସିବିଆଇ ପକ୍ଷରୁ ସାର୍ଥକ ନାୟକ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଚଟ୍ଟୋପାଧ୍ୟାୟ ଶାରଦା ଗ୍ରୁପ୍ ସମେତ ଅନ୍ୟ ଦୁଇଟି ସଂସ୍ଥାରୁ ୫ କୋଟି ଋଣ ଆଣି ଠକେଇ କରିଥିବା ମାମଲାରେ ଅଭିଯୁକ୍ତ ଅଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବିକଲା ଯୁବ କଂଗ୍ରେସ



ଯୁବ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି ।

ବାଙ୍କୀ,୨୦।୯(ସ୍ୱ.ପ୍ର)

**ସ୍ମାର୍ଟସ୍କୁଲ ପାଚେରି ଭୁଶୁଡ଼ି ଗାଈ, ମେଣ୍ଢା ମୃତ୍ୟୁ ଘଟଣା**

ରୂପାନ୍ତରଣ ହୋଇଥିବା ବାଙ୍କୀ ବ୍ଲକ ବୈଦ୍ୟେଶ୍ୱର ଉଦୟନାଥ ଉଚ୍ଚବିଦ୍ୟାଳୟର ପାଚେରି ଭୁଶୁଡ଼ି ଗାଈ, ଛେଳି ଓ ମେଣ୍ଢାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କାଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବାଙ୍କୀ ଯୁବ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଉପଜିଲାପାଳଙ୍କୁ ସାକ୍ଷାତ କରି ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଦିଆଯିବାକୁ ଦାବିପତ୍ର ଦେଇଛନ୍ତି। ବାଙ୍କୀ ଯୁବ କଂଗ୍ରେସ ସଭାପତି ବିଭୂତି ଭୂଷଣ ଦଳସିଂହ ରାୟ, ଉପସଭାପତି ସୋମନାଥ ପଣ୍ଡା, ହରିରାଜପୁର ସରପଞ୍ଚ ପ୍ରତିନିଧି ଅଂଶୁମାନ ବେଉରା, ସୁନୀଲ କୁମାର, ଆକାଶ ବେଉରା, ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୫୭ଲକ୍ଷ ଟଙ୍କା ବ୍ୟୟରେ ଉଦୟନାଥ ଉଚ୍ଚବିଦ୍ୟାଳୟ ସ୍କୁଲକୁ ରୂପାନ୍ତରଣ କରାଯାଇଥିଲା। କିନ୍ତୁ ପାଚେରି ଭୁଶୁଡ଼ିବାରୁ ଏହା ନିମ୍ନମାନର କାର୍ଯ୍ୟ ହୋଇଥିବା ଦର୍ଶାଉଛି ବୋଲି ପ୍ରତିନିଧିମଣ୍ଡଳୀ ଉପଜିଲାପାଳଙ୍କ ପାଖରେ ଅଭିଯୋଗ କରିଥିଲା।

# ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ

ବାଙ୍କୀ,୨୦।୯(ସ୍ୱ.ପ୍ର)

**ଭାଜପା ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ**

ବାଙ୍କୀ ଭାଜପା ବ୍ରହ୍ମପୁରା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ପଥୁରୀପଡ଼ା ମହାବେରଣା ମନ୍ଦିର ପରିସରରେ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି ମୁଖ୍ୟ ଅତିଥି, ଜିଲା ଉପସଭାପତି ଆଲୋକଚନ୍ଦ୍ର ମହାନ୍ତି, ଜିଲା ସମ୍ପାଦିକା ସୁଜାତା ପରିଡା, ବାଙ୍କୀ ବିଧାନସଭା କ୍ଷେତ୍ର ସଂଯୋଜକ ତଥା ଜିଲା କୃଷକ ମୋର୍ଚ୍ଚା ସଭାପତି ଉତ୍କଳମଣି ମନ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସଭାପତି ପ୍ରକାଶ ବେହେରାଙ୍କ ଅନୁମୋଦନ କ୍ରମେ ବ୍ରହ୍ମପୁରା ମଣ୍ଡଳ ସଭାପତି ଭାବେ ବିଜୟ କୁମାର ବରାଳ ଓ ପ୍ରଭାରୀ ଭାବେ ସଂଗ୍ରାମ ବିଭୂତି ରାୟଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ସାଧାରଣ ସମ୍ପାଦକ ସଞ୍ଜୟ ଦଳେଇ, ପ୍ରଭାତ ପ୍ରଧାନ, କେଶବ ପ୍ରଧାନ, ପ୍ରଭାତ ନାୟକ, ଅମର ନାୟକ, ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଡମପଡ଼ା ବ୍ଲକ ଗୋପାଳପୁର ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ସଭାପତି ବିପ୍ରବର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଆଲୋକ ମହାନ୍ତି ଯୋଗଦେଇ ସଂଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ନରଗାଙ୍ଗ, ତୁଳସୀପୁର, ଢ଼ୁଁସର, ରଗ, ଗୋପାଳପୁର, ବିଲିପଡା, ଶିମିଳିପୁର, ହରିରାଜପୁର ପଞ୍ଚାୟତରେ ଥିବା ମୋଟ ୩୭ଟି ବୁଥକୁ ସଶକ୍ତ କରିବା ନିମନ୍ତେ ପ୍ରଭାରୀ ମହାନ୍ତି ଗୁରୁତ୍ୱାରୋପ କରିଥିଲେ। ବିଚିତ୍ର ନନ୍ଦ ରାଉତ, ଗଣେଶ୍ୱର ଜେନା, ଅକ୍ଷୟ କୁମାର ନାୟକ, ରଞ୍ଜନ କୁମାର ବେହେରା, ତପନ ଛାଟୋଇ, ଅନିରୁଦ୍ଧ ପଣ୍ଡାଙ୍କ ସମେତ ଯୁବମୋର୍ଚ୍ଚା ସଭାପତି ସୁନୀଲ କୁମାର ସାହୁ, ମହିଳା ମୋର୍ଚ୍ଚା ସଭାପତି ଗୀତାରାଣୀ ପଣ୍ଡା, ସମ୍ପାଦକ ମାନସୀ ନାୟକ ଓ ବିନୋଦିନୀ ରାଉତ ପ୍ରମୁଖ ଯୋଗଦେଇଥିଲେ।

# କେନାଲ ବନ୍ଧରେ ଘଳିଆ, ଲୋକେ ଆତଙ୍କିତ

ସାଲେପୁର,୨୦।୯(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା କେନାଲର ତେନ୍ତୋଳ ନିକଟରେ ଘଳିଆ ସୃଷ୍ଟି ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଛନକା ପଶିଛି। ପ୍ରଶାସନ ପକ୍ଷରୁ ଘଳିଆକୁ ବନ୍ଦ କରିଦିଆଯାଇଛି। ଦୀର୍ଘ ବର୍ଷ ହେବ କେନ୍ଦ୍ରାପଡ଼ା କେନାଲର ଉଭୟ ପାର୍ଶ୍ୱ ବନ୍ଧର କିଛି ସ୍ଥାନରେ ଦୁର୍ବଳ ଥିବାବେଳେ ଜଳସମ୍ପଦ ବିଭାଗ ପକ୍ଷରୁ ଏହାକୁ ମରାମତି କରାଯାଇନାହିଁ। ଅପରପକ୍ଷରେ ବହୁ ସ୍ଥାନରେ ମୂଷା ପଶି ଘଳିଆ ସୃଷ୍ଟି ହେଉଛି। ପ୍ରତିବର୍ଷ କେନାଲରେ ଭରପୂର ପାଣି ଆସିବା ପରେ ଘଳିଆ ପଡୁଥିବାରୁ ଲୋକେ ଆତଙ୍କିତ ହୋଇପଡୁଛନ୍ତି। ଚଳିତ ବର୍ଷ ବିଭିନ୍ନ ସ୍ଥାନରେ ୧୦ରୁ ଉର୍ଦ୍ଧ୍ୱ ଘଳିଆ ପଡିଥିବା ବେଳେ ପ୍ରଶାସନ ପକ୍ଷରୁ ମରାମତି କରାଯାଉଛି। ବାରବୋଡ଼ିଆଠାରୁ କେନ୍ଦୁପାଟଣା ପର୍ଯ୍ୟନ୍ତ ବନ୍ଧର ଉଭୟ ପାର୍ଶ୍ୱରେ ଦୁର୍ବଳ ସ୍ଥାନଗୁଡ଼ିକୁ ମରାମତି କରିବା ପାଇଁ ଦାବି ହେଉଛି।



# ୩୫୪୦ ମାମଲାରୁ ୨୧୮୨ ସମାଧାନ

ଭୁବନେଶ୍ୱର ୨୦।୯ (ବ୍ୟୁରୋ)

- ମହିଳା ସହଯୋଗ କେନ୍ଦ୍ର ‘ମାଧ୍ୟମ’କୁ ୮ ବର୍ଷ
- ପାରିବାରିକ ହିଂସା ସମ୍ପର୍କିତ ମାମଲା ଅଧିକ

କମିଶନରେଟ ପୋଲିସ ଓ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭେଲପ୍‌ମେଣ୍ଟ (ଆଇ.ଏସ୍.ଡି.)ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ମହିଳା ସହଯୋଗ କେନ୍ଦ୍ର ‘ମାଧ୍ୟମ’କୁ ୮ ବର୍ଷ ପୂରିଛି। ୨୦୧୪ ସେପ୍ଟେମ୍ବର ୪ରୁ ଭୁବନେଶ୍ୱର ଡିସିପି ଅଫିସ ଏବଂ କଟକ ମହିଳା ଥାନାରେ ଏହି କେନ୍ଦ୍ର ଜରିଆରେ ବହୁ ମହିଳାଙ୍କୁ ନ୍ୟାୟ ଦିଆଯାଉଛି। ‘ମାଧ୍ୟମ’ର ସଫଳତା ଏବଂ ୮ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପୋଲିସ କମିଶନରେଟ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ୮ ବର୍ଷର ରିପୋର୍ଟ ଉପସ୍ଥାପନ କରିଥିଲେ।




ମାଧ୍ୟମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ରିପୋର୍ଟ ଅନୁଯାୟୀ, ଗତ ୮ବର୍ଷ ମଧ୍ୟରେ କଟକ ଓ ଭୁବନେଶ୍ୱରରେ ଥିବା ୨ଟି ‘ମାଧ୍ୟମ’ କେନ୍ଦ୍ରରେ ମୋଟ ୪୬୨୧ ଜଣ ମହିଳା ଅଭିଯୋଗ କରିଥିଲେ। ସେଥିମଧ୍ୟରୁ ୩୫୪୦ଟି ଅଭିଯୋଗକୁ ପଞ୍ଜୀକରଣ କରାଯାଇ କାଉନସିଲିଂ କରାଯାଇଥିଲା। ୨୧୮୨ଟି ମାମଲା ଆପୋସ ବୁଝାମଣାରେ ସମାଧାନ କରାଯାଇଛି। ପଞ୍ଜୀକୃତ ମାମଲା ମଧ୍ୟରୁ ୩୧୯୭ଟି ପାରିବାରିକ ହିଂସା ସମ୍ପର୍କିତ ଥିଲା। ଅନ୍ୟାନ୍ୟ ଅଭିଯୋଗ ମଧ୍ୟରେ ୧୨୫ଟି ମିଥ୍ୟା ପ୍ରତିଶ୍ରୁତି ଦ୍ୱାରା ବିବାହ ସମ୍ବନ୍ଧୀୟ ହୋଇଥିବା ବେଳେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା, ସାଇବର କ୍ରାଇମ, ଅପହରଣ ଆଦି ଅଭିଯୋଗ ରହିଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ‘ମାଧ୍ୟମ’ ହିଂସା ପୀଡ଼ିତା ମହିଳାଙ୍କୁ ଉପଯୁକ୍ତ ନ୍ୟାୟ ଦେବାରେ ସଫଳ ହୋଇଛି। ଥାନା ଅପେକ୍ଷା ‘ମାଧ୍ୟମ’ରେ ମାମଲା ପଞ୍ଜିକୃତ କରିବା ଦ୍ୱାରା ଶୀଘ୍ର ନ୍ୟାୟ ମିଳିପାରୁଛି ବୋଲି ପ୍ରିୟଦର୍ଶୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, କଟକ ଡିସିପି ପିନାକ ମିଶ୍ର, ଟୁଇନ୍ ସିଟିର ସମସ୍ତ ଥାନାଧିକାରୀ ଓ ‘ମାଧ୍ୟମ’ର କର୍ମକର୍ତ୍ତା ଯୋଗଦେଇଥିଲେ।